
# ବେଦାନ୍ତା

Spreading Knowledge Amongst Mankind.....

ଜାନୁୟାରୀ - ୨୦୧୯ JANUARY - 2019



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ,

ସ୍ମୃତି, ରଙ୍ଗମଞ୍ଚର ପ୍ରଚ୍ଛଦପଟରେ ପ୍ରେରିତ କରୁଥିବା ଶବ୍ଦ ପରି ସ୍ମୃତି ସର୍ବଦା ମନୁଷ୍ୟର ମସ୍ତିଷ୍କରେ ଏକ ପ୍ରେରଣା ଦାୟିନୀ ତରଙ୍ଗ ସୃଷ୍ଟିକରେ ଯଦ୍ଵାରା ମନୁଷ୍ୟର ହୃତପିଣ୍ଡ ସର୍ବଦା କର୍ମତତ୍ପର ହୋଇ ସେହି ସ୍ମୃତିର ସହାୟତାରେ ଗଢିଦିଏ ଅତୀତର ଅନେକ ଅଭୁଲା ସ୍ମାରକୀ ।

କିଛି ସ୍ମୃତି ଧୋଇଯାଏ.....

କିଛି ସ୍ମୃତି ବହିଯାଏ.....

କିଛି ସ୍ମୃତି କହିଯାଏ......

ଆଉ କିଛି ରହିଯାଏ......

ସବୁଦିନ ପାଇଁ......

ଚିରଦିନ ପାଇଁ......

ଅଭୁଲା ସ୍ମୃତି ହୋଇ ହୃଦୟର ଗହ୍ଵରରେ......

ପୁରୁଣା ପେଟେରାରେ ବନ୍ଦ ପୁରୁଣା ପୋଥିପରି ପୁରୁଣା ହୋଇ ମଧ୍ୟ ପେଟେରା ଖୋଲିବା ମାତ୍ରେ ପୁନଃ ମହକିଯାଏ ସେହି ପୁରୁଣା ସ୍ମୃତିର ସୁଗନ୍ଧଭରା ଦିନ ।

ଆଉ, ଆଖି ବନ୍ଦ ମାତ୍ରେ ପୁନଃ ସଜଳ ହୋଇଉଠେ ମନ, ମସ୍ତିଷ୍କ, ହୃଦୟରେ ବିଛେଇଦିଏ ନୂଆ ସ୍ୱପ୍ନର ଚଦର......

କିଛି ସ୍ମୃତି ଚୁପ୍ ହୋଇ କହିଦିଏ ମନକଥା......

ଆଉକିଛି ଆକୁଳ ହୃଦୟର ବ୍ୟଥାରେ ଚଦର ତଳେ ଲୁଚିହୋଇ ବହିଯାଏ ନିରନ୍ତର ଅଶ୍ରୁର ନିର୍ଝରିଣୀ ଧାର.......

ସ୍ମୃତି ସେହି ପୁରୁଣା ଦିନର, ସ୍ମୃତି ସେହି କାଲିର, ସ୍ମୃତି ସେହି ଆଜିର । ଗ୍ରୀଷ୍ମର ପ୍ରଖର ଉଷ୍ମତାରେ ବାଳ- ସୁଲଭ ମନ ଯେପରି ବର୍ଷାର ପ୍ରଥମ ସ୍ପର୍ଶ ପାଇଁ ଆକୁଳ ମନରେ ଘଡିକୁ ଘଡି ବାଦଲକୁ ଚାହେଁ, ରିମ୍ ଝିମ୍ ବର୍ଷାର ପ୍ରଥମ ଟୋପା ପାଇବା ମାତ୍ରେ ହିଁ ତାର ଶୁଷ୍କ ମନ ଉଲ୍ଲସିତ, ପ୍ରଲ୍ଲବିତ ହୋଇ ନୃତ୍ୟ କରିବାକୁ ଆରମ୍ଭ କରେ । ଶୀତର ସେହି କାକର, କୁସୁମ ଫୁଲ, ସୋରିଷ ଫୁଲର ସୌନ୍ଦର୍ଯ୍ୟ, ସୁଗନ୍ଧ, ଅନୁଭବ ହୁଏ ପୃଥିବୀ ରାଣୀ ହଳଦିଆ ଚାଦର ଘୋଡିହୋଇ ବସିଛି । ସ୍ନେହ, ପ୍ରେମ, ପ୍ରୀତିର ଅନେକ ରୂପ, ଏକ ସୁଖଦ ଅନୁଭବ, ଅନୁଭୂତିର ଅଲୌକିକ ଆନନ୍ଦ ଯାହାକୁ ଦେଖିହୁଏ ନାହିଁ, କେବଳ ଅନୁଭବ କରିହୁଏ ।

ମାଟିର ସ୍ମୃତି । କହିବାକୁ ଗଲେ, ମାଟିର ମହିମା ଅପାର । ମାଟିର ଗଭୀରତାକୁ କିଏ ବା ମାପିଛି । ସୃଷ୍ଟିର ସର୍ଜକ ପଞ୍ଚତତ୍ତ୍ୱରୁ ଏକ ହେଉଛି ମାଟି । ଲୋକ ପରମ୍ପରା, ଲୋକ ସଂସ୍କୃତି, ଲୋକମାନସ ସବୁ ଏହି ମାଟିରୁ ସୃଷ୍ଟି । ମାଟିର ସୃଜନ ସାମର୍ଥ ଅପରିମୟ । ଅନେକ ରୂପ ରଙ୍ଗରେ ଭରା ସୁବାସିତ ଉର୍ବର ଶକ୍ତିରେ ପରିପୂର୍ଣ୍ଣ, ବଟ ବୃକ୍ଷର ବିଶାଳତା, ଦେବଦାରୁର ଉଚ୍ଚତା, ଶିରିଷର ସୁଗନ୍ଧ ଏବଂ ଅନେକ ବୃକ୍ଷମାନଙ୍କୁ ରଙ୍ଗ ରୂପରେ ପରିପୂର୍ଣ୍ଣ କରୁଛି । ସୋରିଷରୁ ଗଛ ଉତ୍ପନ୍ନ କରିବାର ଶକ୍ତି, ଗୋଲାପକୁ ରଙ୍ଗ, ସୁଗନ୍ଧ ସବୁ ଏହି ମାଟିର ସାମର୍ଥ । ମାଟିରେ ହିଁ ଜଳ, ମାଟିରେ ହିଁ ସୁନା, ରୁପାର ଖଣିଜ ପଦାର୍ଥ ସୁରକ୍ଷିତ ରହିଛି । ସତ କହିବାକୁ ଗଲେ, ମାଟିରେ ହିଁ ମନୁଷ୍ୟ ତାର ବିକାଶର ମୂଳଦୁଆ ସ୍ଥାପନ କରି ଜୀବନ ପାଇଁ ନୂଆ ନୂଆ ପନ୍ଥା ଉଦଘାଟିତ କରିଛି ।

ମାଟିର ସୃଜନ ଲୋକଙ୍କ ମଙ୍ଗଳକାମନା ହେତୁ । ସେଇଥିପାଇଁ ତ ମାଟିର ଗଣେଶ, ସରସ୍ୱତୀ, ଦୂର୍ଗା, ଲକ୍ଷ୍ମୀ ମୂର୍ତ୍ତି ପୂଜନ ଏବଂ ଘର ଅଗଣା ମାଟିର ଲିପାପୋଛାରେ ଯେମିତି ସାରା ସଂସାର ପବିତ୍ର ହୋଇଉଠେ । ମାଟିରେ ହିଁ ରାଗ, ଅନୁରାଗ, ବିରାଗ । ମାଟିରେ ହିଁ ରୂପ, ଅରୂପର ଆକାରରେ ନିରାକାରର ଏକାକାର ହୋଇଯିବାର ସିଦ୍ଧତା, ମାଟିରେ ହିଁ ଜନ୍ମ ନେଇ ମାଟିରେ ହିଁ ମିଳେଇ ଯିବାର ସତ୍ୟତା, ମାଟିର ବ୍ୟାପକ ପରିଦୃଶ୍ୟ ଅବଲୋକନ କରି ସେଥିରେ ତାଦାତ୍ମ୍ୟ ସ୍ଥାପିତ କରି ଚନ୍ଦନର ସୁପ୍ତଧାରା ପ୍ରବାହିତ ହୋଇଥାଏ । ସେଇଥିରୁ ହିଁ ଆମର ଅସ୍ତିତ୍ୱ ସମ୍ଭବ । ମାଟିରୁ ଜନ୍ମ, କଳା, ସଂସ୍କୃତି, ସଂସ୍କାର, ସଙ୍ଗୀତ, ସଶକ୍ତ, ପ୍ରଶସ୍ତ ଏବଂ ଦୀର୍ଘାୟୁ ହୋଇଥାଏ ।

ମାଟିର ମଣିଷ ମନକୁ ଦିଗ୍- ଦିଗନ୍ତ ପର୍ଯ୍ୟନ୍ତ ପ୍ରସାରିତ କରିବାର କ୍ଷମତା ପ୍ରତ୍ୟେକ ମନୁଷ୍ୟ ମନରୁ ଉତ୍ପନ୍ନ ଭାବନାର ସୌରଭକୁ ସ୍ୱାଗତ କରିବା ଭାରତୀୟ ଜୀବନ ଦର୍ଶନର ପରିଚୟ ।

ସ୍ୱପ୍ନର ଚଦର, କୋମଳ ହସ ସହିତ ଆଶାର ଆକାଶ । ଆଖିରେ ସାହସ ଏବଂ ନିଜପ୍ରତି ବିଶ୍ୱାସର ଜାଦୁଗରୀ ସ୍ପର୍ଶ । ଲକ୍ଷକୁ ଅତିକ୍ରମ କରିବାର ଦୃଢ ପ୍ରତିଜ୍ଞା, ଆକାଶକୁ ଛୁଇଁବାର ଚେଷ୍ଟା, ସଫଳତାର ନୂଆ ସୀମା, ନକ୍ଷେତ୍ରର ଆରପଟେ ଯେଉଁଠି ସ୍ୱପ୍ନଟି ସତ ହେବାର ସତତ୍ ଚେଷ୍ଟା । ମଧୁର- ମଧୁର ଜୀବନରେ ଯଦି ଖୁସିର ପ୍ରଜାପତି ଉଡି ଉଡି କେତେବେଳେ ଏ ଫୁଲରେ ତ କେତେବେଳେ ସେ ଫୁଲରେ ବସେ । ସୁନ୍ଦର ରଙ୍ଗରେ ବନିଥିବା ଛବିଟି ଯେମିତି ସୂର୍ଯ୍ୟ କରଣରେ ଚକମକ୍ କରୁଛି, ସାତ ରଙ୍ଗର ମେଳ, ମନ ଯେମିତି ଖରାର ସ୍ପର୍ଶ ପାଇଁ ନାଚଉଠେ, ଝିଲମିଲ ଖରାର ସ୍ପର୍ଶରେ ମନର ଅନ୍ଧାର ଯେପରି କୌଣସି ଏକ କୋଣରେ ଲୁଚଯାଏ, ଅବଶାଦ ପ୍ରକଟର ସମୟ ନାହିଁ । ଆକାଶରେ ହାଲକା ଧଳା ବାଦଲ, ସୁନେଲୀ ରଙ୍ଗର କରଣ କେତେବେଳେ ପ୍ରଜାପତି ପଙ୍ଖ ଉପରେ ପଡୁଛି ତ କେତେବେଳେ ଗଛ ପତ୍ରର ଫାଙ୍କରୁ ବାହାରି ଫୁଲର ପାଖୁଡା ଉପରେ ପଡୁଛି । ଆଉ କେତେବେଳେ ହଲିହଲି ଘାସର ଗାଲିଚ୍ଛ ଉପରେ ଯାଇ ଶୟନ କରୁଛି । ସ୍ୱପ୍ନ, ଉଜ୍ଜ୍ୱଳ

କରଣ, ସୁନ୍ଦର ଫୁଲର ରଙ୍ଗରେ ରଙ୍ଗୀନ ମନର ଝରକା ଖୋଲି ଜୀବନର ଅନ୍ଧାରକୁ ଦୂରେଇ ଦିଏ ।

ପୁଣି ଏକ ନୂଆ ଦିନ, ନୂଆ ବର୍ଷ ଆମକୁ ନୂଆ ରାସ୍ତା ଦେଖାଉଛି । ବିତି ଯାଇଥିବା ବର୍ଷରେ ଆମେ କଣ ହାରିଲୁ, କଣ ପଛରେ ରହିଗଲା, କଣ ପାଇଲୁ ଭୁଲିକରି ନୂଆ ଆରମ୍ଭ କରିବା । ସଫଳତାର ନୂଆ ରାସ୍ତାରେ ଆଗକୁ ବଢି ଜୀବନରେ ହସ ଖୁସି ଆନନ୍ଦକୁ ସ୍ୱାଗତ କରିବା । ଏହି ଆଶା ନେଇ ଅସରନ୍ତି ଶୁଭକାମନା ସହ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ।

ଆପଣଙ୍କ ସ୍ନେହ, ପ୍ରେମ, ଅନୁରାଗକୁ ନେଇ ଏଥର ବେଦାନ୍ତୀ ସଂଖ୍ୟାରେ ଗଳ୍ପ, କବିତା, ଭ୍ରମଣ କାହାଣୀ, ଶିଶୁ ବିଭାଗର ସମ୍ଭାର ବେଶ୍ ଆକର୍ଷକ ହୋଇପାରିଛି ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ନୂଆବର୍ଷର କାହାଣୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧ |
| ଦୁଃଖି ଝିଅର ଦୁଃଖ କଥା | ଅନୁସୂୟା ମିଶ୍ର | ୧୫ |
| ପୁଣି ଥରେ ନୂଆ ବରଷ | ଶାନ୍ତିଲତା ମିଶ୍ର | ୧୭ |
| ଅଧାଭଙ୍ଗା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୮ |
| ଚେନାଏ ସ୍ମୃତି | ସସ୍ମିତା ମହାନ୍ତି | ୨୦ |
| ନୁଆବର୍ଷ | କାର୍ତ୍ତିକ ପାଣିଗ୍ରାହୀ | ୨୨ |
| ସମୟର ସୋହ | ଅମ୍ବିକା ସ୍ୱାଇଁ | ୨୫ |
| ହିସାବ ନିକାସ | ଡ଼ଃ. ଦୀପାଞ୍ଜଳି ସାହୁ | ୨୬ |
| ଶେଷ ଗୁରୁବାର | ପରମିତା ମିଶ୍ର | ୨୮ |
| ଦୁଃଖ ପାଇଁ ପଦେ | ଆଶୁତୋଷ ମେହେର | ୩୨ |
| ଆଗ୍ନେୟ ପୌରୁଷ | ବ୍ରଜନାରାୟଣ ପାଣିଗ୍ରାହୀ | ୩୩ |
| ଶଙ୍ଖ | ସାଗରିକା ମହାନ୍ତି | ୩୫ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୩୬ |
| ତମକୁ ଭୁଲି ଯିବା ପାଇଁ | ନୀଳମାଧବ କର | ୪୫ |
| ପଉଷ ଶୀତ | ବିଦ୍ୟାଧର ସେଠୀ | ୪୬ |
| ଶୀତ; ଦରଚହ୍ଲା ଝିଅ | ସତ୍ୟବ୍ରତ ସାହୁ | ୪୭ |
| ଅଲିଭା ଦାଗ | ସୁଲୋଚନା ପଟ୍ଟନାୟକ | ୪୮ |
| ଗାଁ ଟି ମୋର | ଡ଼ଃ ଅମ୍ରେଶ ପଟ୍ଟନାୟକ | ୫୪ |

| | | |
|---|---|---|
| ଗୋଟିଏ ଗଛର ମୂଲ୍ୟ | କେ.ନିର୍ମଳ | ୫୬ |
| ସ୍ୱପ୍ନ ଓ ଜୀବନ | ସଚ୍ଚିଦା ନନ୍ଦ ବାରିକ | ୫୭ |
| କୋରାପୁଟର ମାଳି( ଧାରାବାହିକ) | ଅଶୋକ ବିଶ୍ୱାଳ | ୬୦ |
| ସ୍ୱପ୍ନ....ଏକ ଅଭିମାନ ମନର.... | ସ୍ମିତା ତ୍ରିପାଠୀ | ୭୦ |
| ଆ କା ମା ବୈ | ସନ୍ତୋଷ ପଟ୍ଟନାୟକ | ୭୩ |
| ଫାଲ୍ଗୁନ ପରଶ | ରାଜବାଲା ତ୍ରିପାଠୀ | ୭୪ |
| ହାସ୍ୟକବି ସମ୍ମେଳନ | ଡକ୍ଟର ବିଜ୍ଞାନୀ ଦାସ | ୭୫ |
| ମାନବ ସେବା ହିଁ ମାଧବ ସେବା | ଅରୁଣ କୁମାର ମହାନ୍ତି | ୮୫ |
| ତୋ ଚରଣେ ମିନତି | ଆର୍ତ୍ତତ୍ରାଣ ଖୁଣ୍ଟିଆ | ୮୬ |
| ଥୁଣ୍ଟା | ଦେବବ୍ରତ ଜେନା | ୮୭ |
| ଜଳକା | ସୁଷମା ପରିଜା | ୮୮ |
| ମୁଁ ଯଦି | ପ୍ରେମଶିଳା ରାଉତ | ୯୪ |
| କେହି ସାନବଡ଼ ନୁହେଁ | ହରେରାମ ପଣ୍ଡା | ୯୫ |
| ଏଇ ମୋର ଗାଁ | ପର୍ଶୁରାମ ଶାଗରିଆ | ୯୬ |
| ବ୍ରାହ୍ମଣ : ସଂଜ୍ଞା, ଶଙ୍କା, ଭ୍ରାନ୍ତି ଓ ମନୁସ୍ମୃତି | ପ୍ରତିଭା ପ୍ରିୟଦର୍ଶିନୀ | ୯୭ |
| ଘୁଙ୍ଗୁଡ଼ି | ଇଂ. ସାରଦା ପ୍ରସାଦ ପରିଡା | ୧୦୩ |
| ପହିଲି ଶୀତ ର ଛୁଆଁ | ସିପ୍ରା ନାମତା | ୧୦୫ |
| କହିବି କେମିତି | ଅଜୟ କୁମାର ବେହେରା | ୧୦୭ |
| ଆଉ ଏକ ପୁରୁଣା ଗଳ୍ପ.. ନଇ ପାଣି ନଇ କ ଯା... | ସୁବଳ ମହାପାତ୍ର | ୧୦୯ |
| ମୋ ଭାରତ ମାଆ | ଡମ୍ବରୁଧର ବାଗ | ୧୧୨ |
| ଶୀତ | ଚନ୍ଦ୍ର ଶେଖର ଗୋ | ୧୧୪ |

| | | |
|---|---|---|
| ଜହ୍ନ ରାତି | ଅନଲ୍ କୁମାର ମହାରଣା | ୧୧୬ |
| ଅଣୁ ଗଳ୍ପ:<br>ମା'ମାନଙ୍କୁ ସବୁ କଥା ଜଣା | ଶଶଧର ମହାପାତ୍ର | ୧୧୭ |
| ବିଦାୟ | ସାଗର ପ୍ରଧାନ | ୧୨୩ |
| ବାପା | ସତ୍ୟବ୍ରତ ପ୍ରଧାନ | ୧୨୪ |
| ଭିନ୍ନ ଏକ ସାରଥି | ଜଗନ୍ନାଥ ତରେଇ | ୧୨୫ |
| କାଳି | ସୀତାରାମ ଦାଶ | ୧୨୬ |
| ଲୁହ | ସୌମ୍ୟ ରଞ୍ଜନ ପାଲ | ୧୨୯ |
| ଜୀବନ ଖେଳ | ଶଙ୍କର୍ଷଣ କର | ୧୩୦ |
| ହେ ନବବର୍ଷ | ଶାନ୍ତନୁ କୁମାର କର୍ଣ୍ଣ | ୧୩୧ |
| ବାହୁଦା ନଇର ଏପାଖେ ସେପାଖେ | ପ୍ରିୟବ୍ରତ ପାତ୍ର | ୧୩୨ |
| ଦୋଷୀ କିଏ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୪ |
| ଅମୁଲ୍ୟ ସମ୍ପଦ- 'ପ୍ରେମ' | ସସ୍ମିତା ସାହୁ | ୧୪୫ |
| ପେଟର୍ କାଜେ ତୋ | ଜ୍ୟୋତିର୍ାଦିତ୍ୟ ପୁଝାରୀ | ୧୪୭ |
| କ୍ଷୁଦ୍ରଗପ- 'ସୁଦର୍ଶନ ବାବା'<br>ପ୍ରେମ କଥା | ବିନୟ ମହାପାତ୍ର<br>ରାଜଶେଖର ସି. "ଚମା" | ୧୪୮<br>୧୫୭ |
| ପରିଚୟ | ଅଜୟ କୁମାର ମହାନ୍ତି | ୧୫୯ |
| ଦେବୀ କେବେ ଆସିବ | ବିଷ୍ଣୁ ନାରାୟଣ ମହାନନ୍ଦ | ୧୬୦ |
| ଶିଶୁର ବୋଝଶିକ୍ଷା-<br>ବେପରୁଆ ବାଆପରି | ନରେନ୍ଦ୍ର ସାହୁ<br>ରାଜେଶ ପୂଜାରୀ | ୧୬୨<br>୧୬୫ |
| ଅପହଞ୍ଚ ଦୂରତ୍ୱ | ଖଗେଶ୍ୱର ବାଗ | ୧୬୬ |
| କବିର କଳ୍ପନା | କବି ପ୍ରସାଦ | ୧୬୭ |

| | | |
|---|---|---|
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନନ୍ତ ପଣ୍ଡା | ୧୬୮ |
| ମୁକ୍ତି ଗୃହେଁ | ଶୁଭସ୍ମିତା ବେହେରା | ୧୭୩ |
| ପରିଚତର ପ୍ରିୟ ପତ୍ର | ସନ୍ତୋଷ କୁମାର ମହାନ୍ତି | ୧୭୪ |
| ଦାଦନ | ତରଙ୍ଗ ଚଣ୍ଡି | ୧୭୫ |
| ପରିଚୟ | ଲିନା ରାଣୀ ଧଳ ମଙ୍ଗରାଜ | ୧୭୬ |
| ଆଦିମ ପ୍ରବୃତ୍ତି | ପ୍ରଫୁଲ୍ଲ କୁମାର ନାହାକ | ୧୭୮ |
| ଅଭିମାନିନୀ ପ୍ରେମିକା | ଜୟପ୍ରକାଶ ଦୁରିଆ( ରମଣ) | ୧୭୯ |
| ଚନ୍ଦ୍ର ସେ ପ୍ରେମିକାର | ଧିରେନ୍ ବାଗ | ୧୮୧ |
| ଏକାମୁଁ | ପ୍ରକାଶ ସାହୁ | ୧୮୨ |
| ତମେ ମୋର ପ୍ରିୟତମ | ଭଗିରଥୀ ଯାନୀ | ୧୮୬ |
| ଭୁଲି ମୁଁ ପାରିବିନାହିଁ | ପ୍ରଶାନ୍ତ କୁମାର ନାଥ | ୧୮୭ |
| ପ୍ରଭୁ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୮୮ |
| ମାତୃଭକ୍ତିର ଅନ୍ୟ ଏକରୂପ | ଆକାଶ କୁମାର ଭୋଳ | ୧୮୯ |
| ତୁମେ ପାଖେ ଥିଲେ | ପ୍ରକାଶ କୁମାର ଗୁନ୍ଦ | ୧୯୧ |
| ତୁମେ ତ ଅବର୍ଣ୍ଣନୀୟ | ପ୍ରଶାନ୍ତ କୁମାର ପଧାନ | ୧୯୨ |
| ସାଧୁଜନ | ହରିହର ତ୍ରିପାଠୀ | ୧୯୩ |
| ମନେପଡ଼ | ପ୍ରଭାତ ବିଶ୍ୱାଳ | ୧୯୪ |
| ମୋ ପରି କିଏ ହେବ | ରୋହିତ୍ ମାଝୀ | ୧୯୭ |
| ମୋ ପ୍ରେମିକା | ପ୍ରିୟବ୍ରତ କର | ୧୯୮ |
| ବଁକ୍ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୯୯ |
| ଝରା ଫୁଲ | କେଶରୀ ପ୍ରସାଦ ମହାନ୍ତି | ୨୦୦ |
| କୋଶଲୀ ଭାଷାର ସାମ୍ବିଧାନିକ | ଏମ୍. ବିଜୟ କୁମାର | ୨୦୩ |

| | | |
|---|---|---|
| ମୋତେ ଭଲ ଲାଗେ ବୋଲି | ରାମ କଲତା | ୨୦୪ |
| କାହା ପାଇଁ ଲେଖିବି | ଶିବାନନ୍ଦ ବନଛୋର | ୨୦୫ |
| ଆସ୍ତିକବାଦ କେତେ ଲାଭଦାୟକ? | ବାଲ୍ମୀକ ନାୟକ | ୨୦୭ |
| ମନ କେ କର ପଏରଛା<br>ଶୀତ ପାଇଁ ଗୀତଟିଏ | ବିନୋଦ ବିଶି<br>ଯମେଶ୍ୱର କହଲସିଂହ | ୨୧୪<br>୨୧୫ |
| ଇଏ ପୁରୁଷଙ୍କ କାହାଣୀ | ଶିଶିର କୁମାର ପଣ୍ଡା | ୨୧୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୧୭ |
| ପୁସ୍ତକ ପରିଚୟ | ସନାତନ ମହାକୁଡ | ୨୨୦ |

## ଶିଶୁ ବିଭାଗ

| | | |
|---|---|---|
| ଆସ ନୂଆବର୍ଷ | ସତ୍ୟବ୍ରତ ସାହୁ | ୨୨୨ |
| ସମୟ କରନ ନଷ୍ଟ | ପ୍ରେମଶିଳା ରାଉତ | ୨୨୩ |
| ବଣଭୋଜି | ଚନ୍ଦ୍ର ଶେଖର ଗୋ | ୨୨୪ |
| ଛୁକୁଛୁକୁ ରେଳଗାଡ଼ି | ରାଜଶେଖର ସି "ଚମା" | ୨୨୫ |
| ଚଗଲା ପାରିଲା ବୁଝି | ପ୍ରଶାନ୍ତ କୁମାର ନାଥ | ୨୨୬ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୨୮ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୨୯ |

# ନୂଆବର୍ଷର କାହାଣୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ନୂଆବର୍ଷ ସମସ୍ତଙ୍କପାଇଁ ନୂଆ ସ୍ୱପ୍ନ ଓ ନୂଆ ଆଶା ନେଇ ଆସିଥାଏ । ଅତୀତର ଦୁଃଖ-ସୁଖକୁ ଭୁଲି ସମସ୍ତେ ଭବିଷ୍ୟତ ସ୍ୱପ୍ନରେ ବିଭୋର ହୁଅନ୍ତି । ଏହି ନୂଆବର୍ଷକୁ ପାଳନ କରିବାପାଇଁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାର ଉତ୍ସବ ପାଳନ କରାଯାଇଥାଏ ।

ତିବ୍ବତରେ ନୂଆବର୍ଷ ଆଗମନର ଘଣ୍ଟାକ ପୂର୍ବରୁ ଖରାପ ପ୍ରଭାବକୁ ଦୂର କରିବାପାଇଁ ସେମାନଙ୍କର ପାରମ୍ପରିକ ଦାନବ ନୃତ୍ୟର ଆୟୋଜନ ହୁଏ ।

ଜର୍ମାନୀରେ ନୂଆବର୍ଷର ପୂର୍ବ ସଂଧ୍ୟାରେ ଭବିଷ୍ୟତବାଣୀ ଶୁଣେଇବାର ପରମ୍ପରା ରହିଛି । ଥଣ୍ଡା ପାଣିରେ ପୂର୍ଣ୍ଣ ହୋଇଥିବା ଗୋଟିଏ ବାସନ ଭିତରେ ପଇସା ପକେଇ ଦିଆଯାଏ । ତାର ଆକୃତି, ରୂପ, ରଙ୍ଗ ଓ କୋଣ ଦେଖି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ଭବିଷ୍ୟତବାଣୀ ଶୁଣାଇଥାନ୍ତି । ଆଉ କେତେକ ଅଞ୍ଚଳରେ ନୂଆବର୍ଷ ଉପଲକ୍ଷେ ପିନଗିନ୍ ନାମକ ଏକ ମନୋରଞ୍ଜନ ପ୍ରଥା ପ୍ରଚଳିତ ହୁଏ । ଏଥିରେ ଜାନୁୟାରୀ ଏକ ତାରିଖରେ ଝିଅମାନେ ସେମାନଙ୍କ ବାପାଙ୍କଠାରୁ ୧୦୦୦ ପିନ୍ ବା ତାହାରି ମୂଲ୍ୟର ଉପହାର ନେଇଥାନ୍ତି ।

ନୂଆବର୍ଷ ଉପଲକ୍ଷେ ରୋମ ଅଧିବାସୀମାନେ ପରସ୍ପରକୁ ବିଭିନ୍ନ ପ୍ରକାର ଚନ୍ଦ୍ର ଉପହାର ଦିଅନ୍ତି । କମ୍ବଦନ୍ତୀ ଅନୁସାରେ କୌଣସି ବ୍ୟକ୍ତି ଜାନୁୟାରୀ ପହିଲା ବ୍ୟତୀତ ବର୍ଷର ଅନ୍ୟ କୌଣସି ଦିନରେ ଉପହାର ଦେଇପାରିବେ ନାହିଁ ।

ସ୍ପେନରେ ନୂଆବର୍ଷ ଆରମ୍ଭରେ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଏକ ଡଜନ ଅଙ୍ଗୁର ଖାଆନ୍ତି । ସେମାନେ ବିଶ୍ୱାସ କରନ୍ତି ଏହା କରିବାଦ୍ୱାରା ସେମାନଙ୍କ ଉପରେ ମନ୍ଦ ପ୍ରଭାବ ପଡିବନାହିଁ ।

ଆମେରିକା ଓ କାନାଡା ବାସୀମାନେ ଡିସେମ୍ବର ୩୧ ତାରିଖ ରାତିସାରା ଏକାଠି ହୋଇ ନାଇଟ୍ କ୍ଲବ ପାର୍ଟି ଇତ୍ୟାଦିରେ ମସଗୁଲ ରୁହନ୍ତି । ଠିକ୍ ରାତି ୧୨ଟାରେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ନୂଆବର୍ଷର ସ୍ୱାଗତ ଜଣାନ୍ତି ।

ଯୁକ୍ତରାଜ୍ୟ ଲଣ୍ଡନରେ ଡିସେମ୍ବର ୩୧ ତାରିଖର ବଡବଡ କୋଠାଘର ସବୁ ଆଲୋକରେ ସଜ୍ଜା ହୁଏ । ପିକେଡିଲ ସର୍କସ ରାତିସାରା ଖେଳ ପ୍ରଦର୍ଶନ କରୁଥାଏ । ସ୍ତ୍ରୀ- ପୁରୁଷ ରଙ୍ଗ-ବେରଙ୍ଗର ପୋଷାକ ପିନ୍ଧି ରାତିସାରା ନାଚଗୀତରେ ସମୟ କଟାନ୍ତି । ରାତି ୧୨ଟାରେ ସାଇରନ୍ ବାଜିବା ଭଳ ଉଚ୍ଚ ଶବ୍ଦ ହୁଏ । ତାର ଅର୍ଥ ପୁରୁଣା ବର୍ଷ ବିଦା ନେଲା ଓ ନୂତନ ବର୍ଷ ଆରମ୍ଭ ହେଲା ।

ବର୍ମାର ଲୋକମାନେ ନୂଆବର୍ଷ ଉପଲକ୍ଷେ "ଚନଜାନ୍" ଉତ୍ସବ ପାଳନ କରନ୍ତି । ଏହିଦିନ ସେମାନେ ତାଙ୍କର ଆରାଧ୍ୟ ଦେବତା ବୁଦ୍ଧ ମୂର୍ତ୍ତିକୁ ଶୁଦ୍ଧ ଓ ପବିତ୍ର ଜଳରେ ସ୍ନାନ କରି ପୂଜା କରନ୍ତି । ସ୍ତ୍ରୀ ଓ ପୁରୁଷମାନେ ପରସ୍ପରକୁ ଜଳ ସିଞ୍ଚନ୍ତି ।

ଜାପାନରେ ସ୍ତ୍ରୀ ଲୋକମାନେ ସେମାନଙ୍କର ଘରକୁ ନୂଆବର୍ଷ ଉପଲକ୍ଷେ ରଙ୍ଗ-ବେରଙ୍ଗ କାଗଜ ଓ ଫୁଲରେ ସଜାନ୍ତି । ଘରସଜା ସରିବା ପରେ କବାଟ ପାଖରେ ଛୋଟ- ବଡ ବାଉଁଶ ଖଣ୍ଡ ରଖି ତା ଉପରେ ସପୁରୀ ଓ ତାଳପତ୍ର ଗୋଟିଏ ଲେଖାଏଁ ରଖନ୍ତି । ସେମାନଙ୍କ ମତରେ ସପୁରୀ ଓ ତାଳପତ୍ର ଦୀର୍ଘ ଜୀବନର ପ୍ରତୀକ । ସେଇଦିନ ସକାଳୁ ସକାଳୁ ନଇ କମ୍ବା କୂଅରୁ ସଜ ପାଣି ଆଣି ସଭିଏଁ ପିଅନ୍ତି । ଏହା ଦୀର୍ଘାୟୁ କରେ ବୋଲି ସେମାନଙ୍କର ବିଶ୍ୱାସ ।

ପର୍ତ୍ତୁଗାଲରେ ଡିସେମ୍ବର ୩୧ ତାରିଖ ରାତି ୧୨ଟାରେ ଢୋଲ ଓ ବାସନ ବଜାଇ ନୂଆବର୍ଷକୁ ସ୍ୱାଗତ କରନ୍ତି ।

ସେହିପରି ଯୋଗୋସ୍ଲୋଭିଆରେ ବିଭିନ୍ନ ପ୍ରକାର ବାଣ ଫୁଟେଇ ନୂଆବର୍ଷକୁ ସ୍ୱାଗତ କରାଯାଏ । ଜାନୁଆରୀ ୧ ତାରିଖରେ ସେଠାକାର ଲୋକମାନେ ଘୁଷୁରି ଛୁଆର ଲାଞ୍ଜ ଧରନ୍ତି । ସେମାନଙ୍କର ବିଶ୍ୱାସ ଏଭଳ କରିବା ଦ୍ୱାରା ବର୍ଷର ପ୍ରତ୍ୟେକ କାର୍ଯ୍ୟ ଶୁଭ ହୁଏ ।

ସ୍କଟଲାଣ୍ଡରେ ନୂଆବର୍ଷ ଦିନ ପ୍ରତ୍ୟେକଙ୍କ ଘରେ ମିଠେଇ ତିଆରି ହୁଏ । ଏହି ପର୍ବକୁ ସେମାନେ (ହେଡ୍ ସେଲେ ଡେ) ନାମରେ ପାଳନ୍ତି । ଉତ୍ସବ ପାଳନ ସମୟରେ ଲାଲ କେଶଥିବା ପୁରୁଶ ବା ସ୍ତ୍ରୀ ଆସି ପହଞ୍ଚିଲେ ଅଶୁଭ ବୋଲି ମନେ କରନ୍ତି । କିନ୍ତୁ ଯଦି ଲମ୍ବା ଓ କଳା କେଶଥିବା ପୁରୁଶ କ ସ୍ତ୍ରୀ ଆସନ୍ତି, ତାହା ହେଲେ ତାକୁ ଶୁଭ ବୋଲି ମାନଥାନ୍ତି ।

ଇରାନରେ ନୂଆବର୍ଷକୁ "ନୌରଦ୍" ବୋଲି କହନ୍ତି । ପନ୍ଦର ଦିନ ପୂର୍ବରୁ ସେମାନେ ଗହମ ଓ ଯଅ ବୁଣି ରଖିଥାନ୍ତି । ନୂଆବର୍ଷ ବେଳକୁ ମଞ୍ଜି ଗଜା ହୋଇଯାଏ । ନୂଆବର୍ଷ ଦିନ ପରିବାର ଲୋକମାନେ ଖାଇବା ଟେବୁଲ ଚାରିପାଖରେ ବସି ଜଣଜଣ କରି ଗଜା ମଞ୍ଜିକୁ ପାଣି ଭର୍ତ୍ତିଥିବା ପାତ୍ରରେ ପକାନ୍ତି । ପାତ୍ର ଚାରିପଟେ ଗୋଟେ ଦର୍ପଣ, ଗୋଟିଏ ଅଣ୍ଡା ଗୋଟିଏ ମହମବତୀ ଓ ପଟେ ରୋଟି ରଖାଯାଏ । ଏହାକୁ ସେମାନେ ଖୁବ୍ ଶୁଭ ବୋଲି ମାନନ୍ତି ।

ଆସାମରେ ନୂଆବର୍ଷ ଦିନ ଗୃହପାଳିତ ପଶୁମାନଙ୍କୁ ପୂଜା କରି ଗୁଡ ଓ ବାଇଗଣ ଖୁଆନ୍ତି ।

ପଶ୍ଚିମବଙ୍ଗରେ ବୈଶାଖ ମାସର ପ୍ରତିପଦଠାରୁ ନୂଆବର୍ଷ ପାଳନ କରାଯାଏ । ସେଦିନ ସମସ୍ତେ ନିଜ ନିଜର କୁଳଦେବତାଙ୍କୁ ପୂଜା କରନ୍ତି ଓ ନୂଆ ବସ୍ତ୍ର ପରିଧାନ କରନ୍ତି ।

ବିହାରରେ ଚୈତ୍ରମାସଠାରୁ ନୂଆବର୍ଷ ଆରମ୍ଭ ହୁଏ । ପ୍ରତିପଦ ଦିନ ସେମାନେ ଭାଙ୍ଗ ପିଇ ଆନନ୍ଦ ମନରେ ବିହାରୀ ଅବିର ଖେଳନ୍ତି ।

ଉତ୍ତର ପ୍ରଦେଶରେ ଚୈତ୍ରମାସର ଶୁକ୍ଳ ପ୍ରତିପଦଠାରୁ ନୂଆବର୍ଷ ଆରମ୍ଭ ହୁଏ । ଏହିଦିନ ଝିଅମାନେ ନୂଆ ଶାଢ଼ୀ ପିନ୍ଧି ଗୁରୁଜନମାନଙ୍କୁ ପ୍ରଣାମ କରନ୍ତି ।

ଆନ୍ଧ୍ର ପ୍ରଦେଶର ଲୋକମାନେ ନିମପତ୍ର, କଞ୍ଚାଆମ୍ବ ଓ ଗୁଡରେ ବିଶେଷ ଭାବେ ତିଆରି ଖାଦ୍ୟ ଖାଆନ୍ତି । ଏହି ରାଜ୍ୟର ଲୋକମାନେ ନୂଆବର୍ଷକୁ "ଉଗାଡି" କହନ୍ତି ।

ମହାରାଷ୍ଟ୍ରରେ ଚୈତ୍ରମାସର ଶୁକ୍ଳପକ୍ଷରୁ ନୂଆବର୍ଷ ଆରମ୍ଭ ହୁଏ । ପ୍ରତ୍ୟେକ ଘର ଉପରେ ରେଶମ ରଙ୍ଗର ପତାକା ଉଡୁଥାଏ । ଏଠି ସମସ୍ତେ ଫୁଲର ମାଳ ପିନ୍ଧି ବୁଲନ୍ତି ।

ପଞ୍ଜାବୀମାନେ ବୈଶାଖୀ ଦିନକୁ ନୂଆବର୍ଷ ଭାବେ ପାଳନ କରିଥାନ୍ତି । ଏହି ଦିନ ସବୁଆଡେ ଯାତ୍ରା ହେଉଥାଏ ଓ କୃଷକମାନେ ଭାଙ୍ଗଡା ନୃତ୍ୟ କରନ୍ତି ।

ଓଡିଶାରେ ବୈଶାଖ ମାସ ପଣା ସଂକ୍ରାନ୍ତିକୁ ନୂଆବର୍ଷ ରୂପେ ପାଳନ କରାଯାଏ । ଏହିଦିନ ଓଡିଶାବାସୀ ପୁର୍ବପୁରୁଷମାନଙ୍କୁ ଓ ଦେବ ଦେବୀଙ୍କୁ ଜଳଦାନ କରନ୍ତି ଏବଂ ଗ୍ରାମରେ ନୂଆ ପଞ୍ଜିକା ପଢାଯାଏ ।

( ସଂଗୃହୀତ)

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଦୁଃଖି ଝିଅର ଦୁଃଖ କଥା



ଅନୁସୂୟା ମିଶ୍ର

ଦୁଃଖି ଝିଅଟିଏ ...
ଲୋକଦେଖାଣିଆ ହସର ଆଢୁଆଳେ
ଝାଉଁଳା ମନଟି ତାର
ଖୁବ୍ ବାରି ହୋଇଯାଏ,
ଦୁନିଆ ଆହା ଚୁ ଚୁ କରେ
କାନ୍ଧ ବଢ଼ାଏ,
ଆଖିବୁଜି ଢଳିପଡ଼େ ଝିଅଟି
ଢାଳିଦିଏ ପୁଞ୍ଜିଭୂତ ତା ପ୍ରାଣର ପର୍ସତକ,
ହାଲକା ହୋଇଯାଏ ।

ଦୁନିଆ ନିକଟତର ହୁଏ
ଜଡ଼େଇକି ଧରେ, ସୁରକ୍ଷାର ମନ୍ତ୍ର ପଢ଼େ
ଲୁହ ପୋଛିଦିଏ,
ଆଉ ଟିକେ ଆଶ୍ୱସ୍ତ ହୁଏ ଝିଅଟି
ଭୁଲିଯାଏ ଅଲୋଡ଼ା ଅତୀତକୁ ତାର
ଘୁଞ୍ଚି ଆସେ, ତୋଳିଦିଏ
ଆହତ ଦେହମନରେ ତାର
ବାକି ଯାହା ଥାଏ ।

ସମବେଦନାର ସୁରକ୍ଷା ବଳୟ ମଧ୍ୟେ
ଅଗ୍ରନକ ମୁଣ୍ଡ ଟେକେ
ହାସିଲ କରିବାର ଜିଦିଟିଏ,
ଅସହଜ ହୁଏ ଝିଅଟି
ଝାପସା ହୋଇଯାଏ ତା ଆଖି ଆଗରେ ସବୁକଛି
ଖୁବ୍ କାକୁତି ମିନତି ହୁଏ ସେ
ହାତ ଯୋଡ଼େ, ଧର୍ମର ଦ୍ୱାହି ଦିଏ
ହେଲେ, ଦୁନଆର ଯୁକ୍ତି..
କ୍ଷଣିକ ଉଷ୍ମତାର ଆବେଶରେ
ନଜତ୍ୱକୁ ସମ୍ପୂର୍ଣ୍ଣ ନଗାଡ଼ି ଦେଲା ପରେ
ଧର୍ମାଧର୍ମର ବିଗ୍ଯର ବା କେଉଁଠି ଥାଏ ? ?

ଆକାଶରୁ ଖସିପଡ଼େ ଝିଅଟି
ଚୁରମାର ହୋଇଯାଏ
ତାର ଆତ୍ମାରୁ ଆତ୍ମବିଶ୍ୱାସ ଯାଏଁ,
ଦୁନଆକୁ ଅଭିଶାପ ଦିଏ ସେ
ଭାଗ୍ୟକୁ ଦୋଷୀ ମଣେ
ଭଗବାନଙ୍କୁ ଅପାରଗ ବୋଲି କୁହେ
ନଃଶ୍ୱାସକୁ 'ଥୁ' କରିଦିଏ,
କନ୍ତୁ, କଥାଟିଏ
ଚରଦିନ ପାଇଁ ଅବୁଝା ରହିଯାଏ ତାର
ଅସରନ୍ତି ତା ଦୁଃଖ ପାଇଁ ଦାୟୀ କଏ ...!

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

# ପୁଣି ଥରେ ନୂଆ ବରଷ



ଶାନ୍ତିଲତା ମିଶ୍ର

ପୁଣିଥରେ ଆସିଗଲା ପ୍ରଭୁ! ନୂଆ ବରଷ, ତିନିଶହ ପଅଁଷଠି ଦିନ ପରେ
କେତେ ହସ କାନ୍ଦ ସୁଖ ଦୁଃଖ ସ୍ମୃତି ସବୁ ପକେଇ ପଛରେ
ସେ ବି ସେହିପରି ସାଉଁଟି ରଖିବ, ଆଉ କିଛି ନୂଆ ଅନୁଭୂତି ଜୀବନର
ହୁଏତ ଅନ୍ୟ ପଥ କିଛି ଦେଖେଇ ଶିଖାଇବ, ନୂଆ କୌଶଳ ବଞ୍ଚିବାର
ନିଷ୍ପାପ ନଥିଲା ଏ ଜୀବନ କେବେ, ତଥାପି ପ୍ରଭୁ କରିଅଛ କ୍ଷମା
ଜ୍ଞାନ ଶୂନ୍ୟ ପଥେ ଅଣ୍ଡାଳ ଅଣ୍ଡାଳ ଗ୍ଭଲୁ ଥିଲି, ଗ୍ଭଲୁ ଅଛି ଏ ପର୍ଯ୍ୟନ୍ତ
କର୍ମ କୁକର୍ମର ଧର୍ମ ଅଧର୍ମର, ଭେଦ ଭ୍ଵବ ନ ଜାଣି ପାରି
ବଞ୍ଚିବା ଲୋଭରେ ଯେ ପଥ ଦିଶିଲା, ସେ ପଥରେ ଗଲି ଚଳି
ରଙ୍ଗ ହୀନ ହେଉ ପଛେ ଏ ଜୀବନ, ଭଲ ପାଇ ବସିଥିଲି
ତା ପାଇଁ ପାପ ସମୁଦ୍ରକୁ ବିନା ନଉକାରେ, ଅତିକ୍ରମ କରୁଥିଲି
ପାଦ ଥକଲେ ବି ମନ ଉଡୁଅଛି ଏବେବି ଅନେକ ଉର୍ଦ୍ଧେ
ପ୍ରଭୁଙ୍କ ସନ୍ତୁଷ୍ଟି ନିମନ୍ତେ, ଗାଏ ଭଜନ, ବିଭିନ୍ନ ପ୍ରକାର ଶବ୍ଦେ
ସବୁ ବର୍ଷ ପରି ଏ ବର୍ଷ ବି ରାସ୍ତା କଢେଇ ନେବେ ହାତ ଧରି
ବାହୁ ପ୍ରସାରଇ ତୋଳି ନେବେ ହସ୍ତେ, ରଖି ସବୁ ମୋର ଅଳି
ବଞ୍ଚିବାରେ ଅଛି କେତେ ଯେ ଆନନ୍ଦ, ବଞ୍ଚିବା ଲୋକ ହିଁ ଜାଣେ
ପ୍ରଭୁଙ୍କ ଆଶୀଷ ବିନା ସେ କାମନା, କେବେ ପୁରଣ ହୋଇ ନ ପାରେ
ସବୁ ବର୍ଷ ପରି ଏ ବର୍ଷ ବି କଲି, ଶ୍ରୀପଦେ ହଜାରେ ନିବେଦନ
ଯଦି ଦୋଷ ତ୍ରୁଟି କିଛି କରିଥାଏ, ବିଷାଳ ହୃଦୟେ, ମନୁ ଦେବେ ବିସର୍ଜନ
ଆଗାମୀ ନୂଆ ବର୍ଷ, ସମସ୍ତଙ୍କ ପାଇଁ ଖୁସି ଆନନ୍ଦରେ ଭରି ଯାଉ
ଅଭିବାଦନ ଆଉ ଏ ପ୍ରାର୍ଥନା, ପ୍ରଭୁ! ସେ ବିଶାଳ ହୃଦୟେ ସ୍ଵୀକାର ହେଉ

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଅଧାଭଙ୍ଗା



ଭାସ୍କର ଚନ୍ଦ୍ର ଖଣ୍ଡା

ଜୀବନର ସ୍ରୋତରେ
ରହିଯାଏ ଯେବେ ବାକି କିଛି
ଅଙ୍କୁରିତ ଭାବନାର ଉତ୍କଣ୍ଠାରେ
ଅବା କିଛି ଦରଭଙ୍ଗା ସ୍ୱପ୍ନରେ
ପ୍ରକୃତିର ତାଣ୍ଡବରେ
ନଇଁ ପଡିଥିବା ଶାଖାରେ
ସାଉଁଟି ନେଇ ନିଜକୁ ସଜାଡି
ଆଗେଇବ ବୋଲି ସେଇ ପାହାଚକୁ ଚଢି
ପଥରୁ ସାଉଁଟି ନେଇ କିଛିଟା ଭଗ୍ନାବଶେଷ
କରିଥାଏ ଆଉଥରେ ଜୀଇବାର ପ୍ରୟାସ
ଅଧାଭଙ୍ଗା ଛିଣ୍ଡୁ ନଥିବା
ଜୀବନର ଦଉଡରେ
ଭୁଲି ଯାଇ ଅଧାଗଢ଼ା ଅଧାଭଙ୍ଗା ଅବଶୋଷ ।୧।

ସତରେ କେଡେ ବିଚିତ୍ରମୟ
ଶାମୁକାର ଗର୍ଭରେ ସଂଗୃହିତ ମୁକ୍ତାରେ
ବିସ୍ତାରିତ ବାଲୁକା ରାଶିରେ
କଇଁଛର ଅଣ୍ଡା ଭିତରେ
ଭରିଦେଇ ଅସରନ୍ତି ସ୍ୱପ୍ନ
ନଷ୍ଟ ହୁଏ ଯେବେ ତା ସନ୍ତାନ
ନିରବ ଦ୍ରଷ୍ଟା ସାଜେ ସେ

ଝଡ଼ିଯାଏ କଢି ଫୁଟିବା ଆଗରୁ
ଉଡି ଯାଇ ତା ନୀଡରୁ
ପ୍ରତୀକ୍ଷାରତ ଶାବକ ଠାରୁ
ଫେରେନା ଯଦି ସେଇ ମାଆ
ରହିଯାଏ ଚରଦିନ ଲାଗି
ଅଧାଗଢ଼ା ଅଧାଭଙ୍ଗା ସ୍ୱପ୍ନାବୋଶଷ ।୨ ।

ବିଧାତାଙ୍କ ଇଛା ଯାହା
ହୁଏନା ସେ କେବେ ଅଧାଭଙ୍ଗା
ସବୁବେଳେ ପୂର୍ଣ କୁମ୍ଭ ପରି
ସମୟର ସୁଅରେ ଯାଇଥାଏ ଭରି
ଅପ୍ରିୟ ସତ୍ୟ ସମ ସେ ନିଷ୍ଠୁର
ମଥାରୁ ପୋଛି ନିଏ କାହାର ସିନ୍ଦୂର
ବୁଡାଇ ସେ ଉଡାଜାହାଜକୁ ସମୁଦ୍ର ଗର୍ଭରେ
ଘଟୁଥାଏ ପ୍ରତି ମୂହୁର୍ତ୍ତରେ
ସତେ ଅବା କହିଥାଏ କାନେ
ଖର୍ବ ହେବ ଗର୍ବ ତୋର
ପଥ ଛାଡି ଅଧର୍ମର
ଗ୍ଭଲିବାକୁ ସେଇ ଧର୍ମପଥେ
ଭୁଲି ଯାଇ ଅଧାଗଢ଼ା ଅଧାଭଙ୍ଗା ଅବଶୋଷ ।୩ ।

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ଚେନାଏ ସ୍ମୃତି



ସସ୍ମିତା ମହାନ୍ତି

ଉତ୍ସବର ନଗରୀ କଟକ। ଦଶହରା ନସରୁଣୁ ସମସ୍ତଙ୍କ ସ୍ୱପ୍ନରେ ଆସିଯାଏ ବାଲିଯାତ୍ରା। ସତରେ ଏ ବାଲିଯାତ୍ରାର ଆକର୍ଷଣ ନିଆରା। ଯେତେ ଦେଖିଲେ ବି ମନ ପୁରେ ନାହିଁ ପୁଣି ଯିବାକୁ ଇଚ୍ଛା ହୁଏ।

ଏବର୍ଷ ମୁଁ ଓ ମୋ ଝିଅ ନେହା ଯାଇଥିଲୁ ବାଲିଯାତ୍ରା ଦେଖିବାକୁ। ତଳ ପଡିଆରେ ବୁଲୁ ବୁଲୁ ଗାନ୍ଧୀ ସ୍ମୃତି ବଜାରର ଗେଟ୍ ପାଖରେ ଗୋଟିଏ ଦୋକାନ ଆଗରେ ନେହା ହଠାତ୍ ଅଟକି ଗଲା ଓ କହିଲା - - -

"ମମି ଦେଖିଲ ମାଟିରେ ତିଆରି ତାଳ, ନଡିଆ, ଆମ୍ବ, ପଣସ, ବାଇଗଣ, କଖାରୁ ଇତ୍ୟାଦି ଘଡି କେଡେ ସୁନ୍ଦର ହୋଇଛି। ଚାଲ ଏଥିରୁ ଦୁଇ ତିନିଟା ନେବା, ଘର ବି ସଜେଇ ହେବ ଓ ତା ଭିତରେ ଆମେ କଏନ୍ ମଧ୍ୟ ରଖି ପାରିବା।"

ତା କଥା ଶୁଣି ମୁଁ ମୋ ପିଲାଦିନକୁ ଫେରିଗଲି। ପୂର୍ବ କାଳରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସାଧବ ପୁଅମାନେ ବୋଇତରେ ବିଭିନ୍ନ ପଦାର୍ଥ ଧରି ବାଣିଜ୍ୟ କାରବାର ପାଇଁ ଦୂର ଦେଶକୁ ଯାଉଥିଲେ । ତେଣୁ ପ୍ରତିବର୍ଷ ଏହି ଦିନ କଟକ ସହରର ମହାନଦୀ କୂଳରେ ଗଡଗଡିଆ ଘାଟଠାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପିଲାଦିନରୁ ପ୍ରତ୍ୟେକ ବର୍ଷ ଆମେ ଭାଇଭଉଣୀ ବାପା ବୋଉଙ୍କ ସହ ବାଲିଯାତ୍ରା ଦେଖିବାକୁ ଆସୁଥିଲୁ। ବୁଲାବୁଲି କରି ଖାଇପିଇ ଫେରିଲା ବେଳକୁ ଏମିତି ଘଡି କିଣୁଥିଲୁ। ସେତେବେଳେ କିନ୍ତୁ ଏମିତି ସୁନ୍ଦର ସୁନ୍ଦର ବିଭିନ୍ନ ଆକୃତିର ରଙ୍ଗବେରଙ୍ଗ ଘଡି ମିଳୁ ନଥିଲା। ପୋଡା ମାଟିରେ ତିଆରି ଗୋଲାକାର ଘଡି କିଣି ନେଇ ଆମେ ଭାଇଭଉଣୀ ତିନିହେଁ ସେଥିରେ ଆମକୁ ମିଳୁଥିବା ପଇସାରୁ କିଛି କିଛି ସଞ୍ଚୟ କରି ରଖୁଥିଲୁ। ଆମ ପିଲାବେଳେ ଆଜିକାଲି ପରି ପାଞ୍ଚଟଙ୍କିଆ କି ଦଶଟଙ୍କିଆ କଏନ୍ ନଥିଲା କି ଆମକୁ ବି ଏତେ ପଇସା କେହି ଦେଉ ନଥିଲେ। ଆମେ

ସେଥିରେ ଦଶ, କୋଡିଏ, ପଚଶ କି ପଗ୍ଚଶ ପଇସା ଓ କେବେ କେମିତି ଏକ ଟଙ୍କିଆ କଏନ୍ ଗଳେଇ ରଖୁଥିଲୁ। ବାଲିଯାତ୍ରା ପୂର୍ବ ଦିନ ସେହି ଘଡିକୁ ଭଙ୍ଗି ଯାହା ପଇସା ବାହାରୁଥିଲ୍ ତାକୁ ଆଣି ଯାତ୍ରାରେ ଖର୍ଚ୍ଚ କରୁଥିଲୁ। ଆମକୁ ମଧ ଘରକୁ ଆସୁଥିବା ବନ୍ଧୁ ବାନ୍ଧବଙ୍କ ଠାରୁ କିଛି ପଇସା ଯାତ୍ରା ଖର୍ଚ୍ଚ ହିସାବରେ ମିଳୁଥିଲ୍। ବାପା ଆମକୁ ଘଡି କିଣିଦେଇ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଶିଖଉ ଥିଲେ। ବାପା ଆମକୁ ବୁଝଉଥିଲେ ଯାହା ପଇସା ମିଳୁଛି ସବୁ ଖର୍ଚ୍ଚ ନକରି ସେଥିରୁ କିଛି କିଛି ସାଇତି ରଖିଲେ ଦରକାର ବେଳେ କାମରେ ଆସିବ। ବାପାଙ୍କ ଉପସ୍ଥିତିରେ ଆମ ତିନ ଭାଇ ଭଉଣୀଙ୍କ ଘଡି ଭଙ୍ଗାଯାଇ ପଇସା ଗଣା ହେଉଥିଲ୍। ଯାହାର ଅଧିକ ପଇସା ହେଉଥିଲ୍ ବାପା ତାକୁ ବାଲିଯାତ୍ରାରେ ଖର୍ଚ୍ଚ କରିବାକୁ ଦୁଇ ଟଙ୍କା ପୁରସ୍କାର ଦେଉଥିଲେ। ଏଇ ପୁରସ୍କାର ପାଇଁ ଆମେ ପରସ୍ପର ମଧରେ ପ୍ରତିଯୋଗିତା କରୁଥିଲୁ। ଏହାଦ୍ୱାର୍ ଆମେ ଅଧିକ ରୁ ଅଧିକ ପଇସା ସଂଚୟ କରୁଥିଲୁ ଏବଂ ଅଜାଣତରେ ଆମଭିତରେ ପ୍ରତିଯୋଗୀ ମନୋଭାବ ଉତ୍ପନ୍ନ ହେଉଥିଲ୍ ଯାହା ପରୋକ୍ଷ ଭାବରେ ଆମକୁ ଆଗକୁ ବଢିବା ପାଇଁ ସାହାଯ୍ୟ କରୁଥିଲ୍।

ସେତେବେଳେ ବାଲିଯାତ୍ରା ମାତ୍ର ତିନଦିନ ପାଇଁ ହେଉଥିଲ୍। କେବଳ ଉପର ପଡିଆରେ ଯାତ୍ରା ହେଉଥିଲ୍। ଆଜି ପରି ଏତେ ଦୋକାନ ବଜାର ମଧ ପଡୁନଥିଲ୍ କି ଏତେ ପ୍ରକାର ଦୋଳ ନଥିଲ୍। କଟକ ପ୍ରସିଦ୍ଧ ଦହିବର୍ ଆଳୁଦମ୍ ଏବଂ ଠୁଙ୍କାପୁରି ଖାଇବାକୁ ଦୂର ଦୂରାନ୍ତରୁ ଲୋକମାନେ ଆସୁଥିଲେ। କଂସା ପିତଳ ବାସନଠାରୁ ଆରମ୍ଭ କରି କୁଲ୍ ଛାଞ୍ଚୁଣି ପର୍ଯ୍ୟନ୍ତ ସବୁ ଜିନଷ  ଏଠାରେ ମିଳେ। ଆମେ ଯାତ୍ରା ବୁଲି ଦହିବର୍ ଆଳୁଦମ୍, ଗୁପ୍ଚୁପ୍, ପାମ୍ପଡ ଭଜା, ଠୁଙ୍କାପୁରି ଛେନା ତରକାରୀ ଖାଇ ଚକ୍ରୀଦୋଳରେ ବସି ବୁଲୁଥିଲୁ। ମାଟି କଣ୍ଢେଇ, ଘଡି, କାଗଜ ତିଆରି ଚକ୍ରୀ ଏବଂ ଗ୍ୟାସ ବେଲୁନ୍ କିଣି ମନ ଖୁସିରେ ରିକ୍ସାରେ ବସି ଘରକୁ ଫେରୁଥିଲୁ। ପୁଣି ମନେ ମନେ ଅପେକ୍ଷା କରୁଥିଲୁ ଆରବର୍ଷ ବାଲିଯାତ୍ରାକୁ।

ନେହାର ଡାକରେ ପ୍ରକୃତିସ୍ଥ ହେଲି, ସେ ଆଶ୍ଚର୍ଯ୍ୟହୋଇ କହୁଥିଲ୍ ମମି ତମେ ସୁନା ଗହଣା କି ଶାଢୀ କିଣିବାପରି ଏଇ ମାଟି ଜିନଷଗୁଡିକ କିଣିବାକୁ ବି ଏତେ ଭାବୁଛ ? ମୋ ମନକଥା ମନରେ ରଖି ହସିଦେଇ କହିଲି ପଗ୍ଚରୁଛୁ କଣ ତୋର ଯାହା  ଇଚ୍ଛା ହେଉଛି ନେ।

ମହାନଦୀ ବିହାର, କଟକ

# ନୁଆ ବର୍ଷ



କାର୍ତ୍ତିକ ପାଣିଗ୍ରାହୀ

ହେ ନୁଆବର୍ଷ....
ଶୁଣିଲି ତୁମେ ପୁଣି ଆସୁଛ...!
ଯଦିଓ ମୁଁ ଜାଣେ ଆସିବାଟା ତୁମ ଧ୍ରୁବସତ୍ୟ
ଠିକ ଜନ୍ମ ଆଉ ମୃତ୍ୟୁ ପରି....
ତଥାପି କେଜାଣି କାହିଁକି
ଲାଗୁଛି ତୁମର ଏହି ଆଗମନୀ
ଖୋଲିଦେବ ଅନେକ ରୁଦ୍ଧ କଣ୍ଠସ୍ୱର
ସମାଜର ପ୍ରତାରଣାର ନଗ୍ନ ମୁଖା
ଖୋଲିଦେବ ପରିବର୍ତ୍ତନ ଆଳରେ
ପ୍ରତାରକର ଅସଲ ଚେହେରା...
ବଦଳାଇ ଦେବ ସମୟର ସ୍ରୋତକୁ
ମୋଡ଼ି ମକଚ ଦେବାର ବୃଥା ଆସ୍ଫାଳନ ସବୁ

ଜୀବନର ଅଙ୍କା ବଙ୍କା ରାସ୍ତାରେ ଗ୍ଲି ଗ୍ଲି
ସଙ୍କୁଚିତ ଆଜି ପ୍ରତିଟି ଭାବନାର ଦ୍ୱାର
ନା କିଛି ଶବ୍ଦ ବାହାରକୁ ଆସିପାରୁଛି
ନା କିଛି ଚନ୍ଦ୍ରାଧାରା ଭିତରକୁ ଯାଇପାରୁଛି...
ଅନ୍ତର୍ଦ୍ୱନ୍ଦ୍ୱରେ ପେଶି ହୋଇ ହୋଇ
ବିଚରା ଅନ୍ତରଟା ବି ଅଣନିଃଶ୍ୱାସୀ ହୋଇଯାଉଛି
ବେଦନାର ଶବ୍ଦମାନେ ଛଟପଟ ହେଉଛନ୍ତି ସିନା

ନା ଲୁହ ହୋଇ ବୋହି ପାରୁଛନ୍ତି
ନା କୋହ ହୋଇ ବାହାରି ପାରୁଛନ୍ତି
କେବଳ ଆହାଃ ହୋଇ ରହିଯାଉଛନ୍ତି
ଓଠର ଆଢୁଆଳରେ...

କେଜାଣି କାହିଁକ ହାତ ବି ବିଦ୍ରୋହୀ ସାଜିଛି
ସେ ବି କଛି ଲେଖିବାକୁ ନାରାଜ
ବିଚରା କଲମ...,
କେବେ ଆଖିକୁ ଚାହୁଁଛି ତ କେବେ ନସ୍ତବ୍ଧ ଓଠକୁ,
କେବେ ଥର ଥର ହାତକୁ ନେହୁରା ହେଉଛି ତ
କେବେ ଫଡ଼ ଫଡ଼ ଉଡୁଥିବା ସାଧା କାଗଜକୁ,
କାରଣ ସେ ଜାଣି ତ ପାରୁଛି ମନର ଅସହାୟତାକୁ
କନ୍ତୁ ଜଣାଇ ପାରୁନ...
ସେ ବୁଝି ତ ପାରୁଛି ଆଖିର ଶୁନ୍ୟତାକୁ
କନ୍ତୁ ବୁଝାଇ ପାରୁନ...
ପଢ଼ି ତ ପାରୁଛି ଓଠର ନରବତାକୁ
କନ୍ତି କାହାକୁ ବି ପଢ଼ାଇ ପାରୁନ...
ଦେଖି ତ ପାରୁଛି ହାତର ବିବଶତାକୁ
କନ୍ତୁ ଦେଖାଇ ପାରୁନ...
କେବଳ ଚାହିଁ ରହୁଛି ସାଧା କାଗଜକୁ
କାରଣ ସେ ବି ଆଜି ଧାରା ପଡ଼ିଯାଇଛି,
ସେ ବି ନଃସ୍ୱ, ଅସହାୟ, ନଷ୍ପ୍ରଭ
ଭାବ ଓ ଭାବନା ବିନା...
ଚନ୍ତା ଓ ଚେତନା ବିନା...
ଶବ୍ଦ ଓ ସମ୍ଭାବନା ବିନା...

ହେ ନୂଆବର୍ଷ...
ତୁମେ କଣ ଭରି ପାରିବନ ମନରେ ତା
ହଜି ଯାଇଥିବା ଆତ୍ମପ୍ରତ୍ୟୟ...?
ତୁମେ କଣ ଝରାଇ ପାରିବନ ଶାଣିତ ମୁନରୁ
ଉର୍ଜାର ଓଜଃସ୍ୱିନୀ ସ୍ରୋତ...?
ତୁମେ କଣ ରଚ ପାରିବନ ସମାଜ ବୁକୁରେ
ଭାବନା, ଚେତନା ଓ ସମ୍ଭାବନାର
ନୂଆ ଏକ ଆଶ୍ୱାସନା...?
ତୁମ ଅପେକ୍ଷାରେ.....

ବେଦାନ୍ତୀର ଆଗାମୀ ସଂଖ୍ୟା ଫେବୃୟାରୀ ମାସ ୧ ତାରିଖରେ ପ୍ରକାଶ ପାଇବ ।

ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।

ଆପଣମାନଙ୍କ ଲେଖା ଜାନୁୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।

ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ - 9594993733

# ସମୟର ସୋନ୍ର
# ( ସନେଟ)



ଅମ୍ବିକା ସ୍ୱାଇଁ

ସମୟର ତାଳେ ତାଳେ ବନ୍ଧା ଏ ମଣିଷ ର ଜୀବନ
ସମୟ ଚକ୍ର ର ପାବନ୍ଧିରେ ବିତି ଥାଏ ତାର ଦିନ,
ସମୟ ଦିଏ ଆମକୁ ଦୁଃଖ, କଷ୍ଟ, ହର୍ଷ ଆନନ୍ଦ
ସମୟ ସ୍ରୋତରେ ଜୀବନରେ ଆସେ କେତେ ଭଲମନ୍ଦ ।।

କେତେବେଳେ ପାହାଡର ଗଦା ଗଦା ପଥର ର ବୋଝ
କେତେବେଳେ କୋମଳ ପରଶ ଭର୍ ଗୋଲ୍ପ ର ଶେଯ
କେତେବେଳେ ଲୋ୍ତକ ର ବନ୍ୟା ରେ ସୃଷ୍ଟି ହୁଏ ସାଗର
କେତେବେଳେ ସୁଖର ବରଷା ରେ ଭିଜି ଯାଏ ଶରୀର ।।

କେତେବେଳେ ଦୁଃଖର ବାର୍ତ୍ତା ଦେଇ ଛଡାଇ ନଏ ଖୁସି
କେତେବେଳେ ଆନନ୍ଦର ବାର୍ତା ଦେଇ ହୋଇଥଏ ସାଥୀ
କେତେବେଳେ ଜୀବନରେ ଘୋଟି ଆସେ ଉଆଁସୀ ଅନ୍ଧାର ଛାଇ
କେତେ ବେଳେ ତେଜଦୀପ୍ତ ଜହ୍ନ ପରି ଆସେ ପସର୍ ମେଲ୍ଇ ।।

ଏମତି ମିଶା ମିଶି ଫେଣ୍ଟା ଫେଣ୍ଟି ସମିଶ୍ରଣ ମଣିଷ ଜୀବନ
ଏମତି ଜୁଆର ଭଟ୍ଟା ପରି ଆସି ଯାଇ ବିତୁଥାଏ ଦିନ ।।।

ଭୁବନେଶ୍ୱର

# ହିସାବ ନିକାସ



ଡ଼ଃ. ଦୀପାଞ୍ଜଳି ସାହୁ

ବୈଶାଖ ପରି
ଏ ପୂର୍ଣ୍ଣଗର୍ଭା ନଦୀ କୁ
ନିଶ୍ଚିହ୍ନ କରି,
ଜ୍ୟେଷ୍ଠ ପରି ଶ୍ରେଷ୍ଠ ବନିଗଲ ।।

ଆଷାଢ଼ ପରି ଲୁହ ର ବନ୍ୟା ରେ
ଭାସିଗଲା ଭବିଷ୍ୟତ।

ଶ୍ରାବଣ କୁ ଦିନେ ପଚାରିଥିଲି ମୁଁ
ବରଷା ର ଋଣ ଦେଇ।
ହେଲେ ତୁମେ ଫେରିଗଲ
ଭାଦ୍ରବ ର ଶେଷ ବର୍ଷା ହୋଇ ।।

ଆଶ୍ୱିନ ରେ ସ୍ୱପ୍ନ ଦେଖିଥିଲି,
ନିର୍ମୂଳ ଲତା ଟେ ପରି।
କାର୍ତ୍ତିକ ର ପଟୁଆ ଡଙ୍ଗା ଚଢି,
ନୀଳ ଦାରିଆ ସେପାଖୁ ତୁମେ ଫେରିବ ।।

ମାର୍ଗଶିର ଝୋଟି ଆଙ୍କି,
ଧାନ ବେଣ୍ଟା ରେ ସଜାଇଛି।
ମୋ ମନର ଅଳନ୍ଦ ନୀଳୟ ।।

ପୌଷ ର କାକର ଭିଜା ସକାଳ ଭଳ,
ତୁମେ ଆସନ୍ତ ଗରମ ଗ୍ଲ କପ ଟେ ଧରି,
ମାଘ ର ବାଘୁଆ ଶୀତ ରେ ଦିଅନ୍ତ
ଉଷୁମ ପରଶ ।।

( ହେଲେ) ଫଗୁଣ ର କୋଇଲି ନୁହେଁ ଯେ
କୁହୁକୁହୁ ଗାଇଦେଲେ,
ମୁଠା ମୁଠା ଅବିର ଦେହ ରେ ଲେସି ହୋଇଯିବ ।।

ଚୈତ୍ର ର ଚଇତାଳ ରେ ଝରିଯିବ।
ପେନ୍ଥା ପେନ୍ଥା ବଉଳ,
ବାସ ଚହଟାଇ ।।

( ତୁମେ) ସତରେ କଣ ଛୁଇଁଯିବ,
ମୋ ମନର ନବୁଜ ନୀଳୟ?
ହେଲେ ଏସବୁ ବେକାର
ଭ୍ଵାନ୍ତର ର ପ୍ରହର ।।

ସାଧୁଗୌଡ଼ଏଶ୍ଵର ମହାବିଦ୍ୟାଳୟ
କନକପଡା, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଶେଷ ଗୁରୁବାର



ପରମିତା ମିଶ୍ର

ରାତି କଣେ ନ ପାହୁଣୁ ଆଜି ବୋଉ ମତେ ଉଠେଇ ସାରିଲାଣି। ମାଣବସା ଗୁରୁବାର ଆଜି। କେତେ କାମ ଅଛି। ବୋଉ କାନେ କାନେ କହୁଛି ସବୁ ଦେଖିକି ଶିଖୁ ଥା। ଆର ବରଷ କୁ ତୋ ଘରେ କରିବୁ। ନାକ ସୁଁ ସୁଁ କରି କହୁଥିଲା। ହୁଣ୍ଡି ଟା କଛି ଜାଣୁନ କେମିତି କରିବ କଣ। ମୋର ଆଖି ମଡେଇ ପଡୁଥାଏ। ମୁଁ ଆର ବର୍ଷ କୁ ଶାଶୁ ଘରେ ଏସବୁ କରିବି? ନା ରେ ବାବା କହି ମୁଁ ପୁଣି କମ୍ବଳ ଭିତରେ ପଶିଗଲି। ଦେଠେଇ, ବୋଉ କୁ କହିଲେ ତାକୁ ଶୋଇବାକୁ ଦେ ଲୋ। ଆଉ କଛିଦିନ ଟିକେ ଶାନ୍ତିରେ ଶୋଉ। ବୋଉ, ଖୁଡୀ, ଦେଠେଇ ସବୁ ମିଶି ଜାତି ଜାତିକା ପିଠା ପଣା ବନେଇଲେ। ନାନା ପ୍ରକାର ଧୂପ ଦୀପରେ ଘର ମହମହ ବାସୁଥିଲା। ହୁଳହୁଳ ରେ କମ୍ପୁଥିଲା ଚତୁର୍ଦିଗ। କଛି ସକାଳ ହେଲା ପରେ ଆମେ ସବୁ ବି ଉଠି ଗଲୁ। ଟିଭି ରୁ ଲକ୍ଷ୍ମୀ ପୁରାଣ ଶୁଭୁଥିଲା। ଝୋଟି ଉପରେ ଗେଣ୍ଡୁ ଫୁଲ ରଖିବା ମୋ କାମ। ଏରୁଣ୍ଡି ବନ୍ଧ ରେ ଝୋଟି ଦେବା ବି ମୋର। ଝୋଟି ପକେଇବା ରେ ମୋର ଭାରି ସରାଗ। ବୁଧବାର ରାତି ଅଧଯାଏଁ ମୁଁ, ମୋ ମିତ ରାନୁ ମିଶି ଝୋଟି ପକେଇଚୁ।

ଅଁଳା, ହଳଦୀ ଲଗେଇ, ମୁଣ୍ଡ ଧୋଇ, ଗାଧୁଆପାଧୁଆ ସାରି ମୁଁ ସବୁ ଝୋଟିରେ ଫୁଲ ରଖି ଆସିଲି। ବାଳ ଭୋଗ ପରେ ଆମେ ସବୁ ଜଳଖିଆ ଖାଇଲୁ। ତା ପରେ ରୋଷେଇ ରେ ଢେର୍ ଜିନଷ ରନ୍ଧା ହେଲା। କ୍ଷୀର, ସର ପୁଳ, ନାନା ତିଅଣ ସାଂଗରେ କେତେ ପ୍ରକାରର ଭଜା, ଖେଚୁଡି ଭୋଗ ଆଉ ନୁଆ ଗ୍ଵଉଳ, ଶାଗ, ପଣା ଓ ଛେନା ପୋଡ଼, ସାଙ୍ଗକୁ ରସଗୋଲା ର ପ୍ରସାଦ ଲଗା ଗଲା। ଆମେ ବଡ ଉତ୍ସୁକତା ରେ ଅପେକ୍ଷା କରି ବସିଥିଲୁ ଖରା ବେଳ ଭୋଜନ ପାଇଁ। ଠାକୁରାଣୀ ଙ୍କୁ ଭୋଗ ଲାଗିଲା ତାପରେ କଛି ସମୟ ଠାକୁର

ଘର କବାଟ ବନ୍ଦ କରି ଦିଆଗଲା। ତାପରେ ଆମେ ସବୁ ଖାଇବାକୁ ଗଲୁ। ଆମେ ସମସ୍ତେ ଖାଇଲା ବେଳକୁ ଜେଜେ ଆସି ମୋ ମୁଣ୍ଡ ରେ ହାତ ବୁଲାଇ କହିଲେ ଭଲ କ ଖାଇଦେ ଆର ବର୍ଷ କୁ କେଜାଣି କୋଉଠି ଥିବୁ। ଏ ଘରେ ତୋର ଶେଷ ମାଣବସା। ମୋ ବୋଉ "ମୋ ଝିଅ" କହି ଭେଁ କରି କାନ୍ଦି ପକାଇଲା ମୋର ଅଜାଣତରେ ମୋ ଆଖିରୁ ବି ଦୁଇ ଟୋପା ଲୁହ ଝରି ଯାଇଥିଲା। ମୁଁ କିନ୍ତୁ ଏତେ ଭଲ ଖାଇବାକୁ ବ୍ୟର୍ଥ କରିବାକୁ ଚାହୁଁ ନଥିଲି।

ଖାଇବା ସରିଲା ପରେ ଛାତ ଉପରେ ବୁଲୁଥିଲି ତ ନଜର ପଡିଲା ରାନୁ ମୋ ମିତ ତା ଘର ଛାତ ଉପରେ ବସିଛି ଏକା ଏକା। ପାଖକୁ ଯାଇ ଦେଖେତ ମୁହଁ ଟା ଶୁଖିଯାଇଛି। ମୁଁ ପଚାରିଲି ମିତ କଣ ହେଇଛି ମୋ ରାଣ, ସତ କହ। ମିତ କହିଲା ଜାଣିଛୁ ଝିଅ ମାନଙ୍କର କାଳେ କିଛି ଗୋତ୍ର ନଥାଏ। ଯୋଉ କୁଳ କୁ ବାହା ହୋଇ ଯାଆନ୍ତି ସେଠିକା ହୋଇ ଯାଆନ୍ତି। କିନ୍ତୁ ମୁଁ ଏବେ କୋଉ କୁଳର ନୁହଁ। ତଳେ ସବୁ ଭୋଗ ଖାଉଛନ୍ତି ମତେ ବୋଉ ଉପରେ ବସିବାକୁ କହିଚ। ପରେ ଖାଇବି। ମୋ ମୁଣ୍ଡ ରେ କିଛି ପଶୁ ନଥିଲା। ସେ ଆଉ କିଛି କହିଲା ବେଳକୁ ପଛ ପଟୁ ଜେଜେ ମାଆ ରଡି ପକେଇଲେ। ବାଡୁଅ ଝିଅ ଟା ଦେଖୁନୁ କାହା ପାଖରେ ବସିଛି। ଆସୁଛୁ ନା ଘରକୁ। ମତେ ଆଖି ଦେଖେଇ କହିଲେ ତତେ କେତେ ଥର ମନା କଲିଣି ସେଇଟା ଅଲକ୍ଷଣୀ ଟା, ଗେରସ୍ତ କୁ ଖାଇଛି, ତୁ ବାଡୁଅ ହେବୁ, ତା ପାଖକୁ ଯାଆନ। ମୁଁ ଜେଜେମାକୁ ଖତେଇ ହେଇ ଆସି ଗଲି। ମୁଁ ଫେରି ତ ଆସିଲି କିନ୍ତୁ ରାନୁ ର କଥା ମୋ ମନ ରେ ଘୁରି ଥିଲା। କାଲି ଠୁ ଏପର୍ଯ୍ୟନ୍ତ ରାନୁ ଘର ର ସବୁ କାମ କଲା। ଝୋଟି ପକା ଠୁ ନେଇକି ଭୋଗ ବନେଇବା ଆଉ ବାଢ଼ିବା ଯାଏଁ। ଆଉ ଭୋଗ ଖାଇଲା ବେଳକୁ ରାନୁ ହିଁ ଖାଇବନା। ଘର ର ଝିଅ କେମିତି ଏତେ ପର ହେଇ ପାରିବ!

ସନ୍ଧ୍ୟା ବେଳକୁ ସନ୍ଧ୍ୟା ଆଳତି ହେଲା ତା ସାଙ୍ଗକୁ ସନ୍ଧ୍ୟା ଭୋଗ ଲଗିଲା। ବୋଉ ମତେ ଲକ୍ଷ୍ମୀ ପୁରାଣ ପଢିବାକୁ କହିଲେ। ମୋ ମନ ଟିକେ ଭାରି ଥିଲା କିନ୍ତୁ ମୁଁ ପଢିଲି। ଜେଜେ ମାଆ, ବୋଉ ଦେଠେଇ, ଖୁଡି ସମସ୍ତେ ମୋ ଆଗରେ ବସିଗଲେ। କଥା ଶୁଣୁ ଶୁଣୁ ମଝିରେ ମଝିରେ ହୁଳହୁଳି ବି ଦେଉଥିଲେ। କଥା ସରିଲା। ଜେଜେମାଆ ଥଟ୍ଟା କରି କହିଲେ ଯୋ

ଯାଏଁ ହାଣ୍ଡିଶାଳ ମାଇପ ହାତରେ  ଅଛି ଗେରସ୍ତ କାନରେ ରହିବ ଯାଣିଥା। "ହୁଣ୍ଡି ଲୋ ଭଲକ ଗନ୍ଧି ଶିଖେ" ବୋଲି ମତେ କହି ଗ୍ଲଲିଗଲେ।

ସମସ୍ତେ ଗଲା ପରେ ମୋ ବୋଉ ମନ ଦୁଃଖ ରେ ବସିଥାଏ। ମୋ ବୋଉ ର କୋଳ ରେ ମୁଣ୍ଡ ରଖି ସେଇଠି କଛି କ୍ଷଣ ଗଡି ଗଲି। ବୋଉ ବହୁତ୍ କଛି ବୁଝାଇ କହୁଥିଲା ଏମିତି କରିବୁନ, କାହାକୁ ଜବାବ୍ ଉତ୍ତର ଦେବୁନ। ମୋ ମନରେ କଛି ପ୍ରଶ୍ନ ଆସୁଥିଲା, ପଗ୍ଲରିଲି ବୋଉ ତୁ ଶୁଣିଲୁ ନା ଲକ୍ଷ୍ମୀ ପୁରାଣ ରେ ବରଦାନ ରେ ସବୁଠି ପୁଅ ହିଁ ମାଗିଛନ୍ତି। ଲକ୍ଷ୍ମୀ ମାତା ନଜେ ସ୍ତ୍ରୀ ହୋଇ ଶ୍ରିୟା କୁ କନ୍ୟାରତ୍ନ ଭବ କହି ନାହାଁନ୍ତି। କେହି ମାଗି ନାହାନ୍ତି ମୋତେ ସହେ ଲକ୍ଷ୍ମୀ ପରି କନ୍ୟା ଦିଅ।| କଥା ମଝିରେ ବୋଉ କହିଲା ହଁ ଯେ ଆମର କନ୍ତୁ ଝିଅ ଆମକୁ  ଭାରି ପ୍ରିୟ। ଏସବୁ କଥା ମନରେ ପୁରାନ।

ମୁଁ ପୁଣି ପଗ୍ଲରିଲି ପୁରାଣ ରେ ଏମିତି କାହିଁକ ଲେଖା ହେଲା ବୋଉ ଯେ "ବିଭା ହେଲା ଝିଅଙ୍କୁ ବି ସୁଧା ନଦେବଇଁ।" ବିଭା ହେଲା ପରେ ମୁଁ କଣ ଏତେ ପର ହୋଇଯିବି  ଯେମିତି ତୋର କେବେ କୌଣସି ଝିଅ ନଥିଲା । ବୋଉ ସକସକ ହୋଇ କହିଲା ତୁ କଣ କହୁଛୁ। କାହିଁକ ଏସବୁ କହୁଛୁ ଲୋ।

ମୁଁ କହିଲି ଆର ବର୍ଷ କୁ ଯଦି ମୁଁ ଆମ ଘର ଗୁରୁବାର ପ୍ରସାଦ ମାଗିବି ତୁ ମତେ ଆଉ ଦେବୁନ?

ବୋଉ ମତେ ଧରି କହିଲା ସେ ଯୁଗ କଣ ଆଉ ଅଛି କ ଲୋ ଝିଅ। ତୁ ମୋ ଝିଅ ଥିଲୁ ଆଉ ସାରା ଜୀବନ ରହିବୁ। ବାହା ହେଲା ପରେ ତୁ ସେ ଘରର ଲକ୍ଷ୍ମୀ ହେବୁ। ଘରର ଲକ୍ଷ୍ମୀ ସାଆନ୍ତାଣୀ  ଶାଶୁ ଘରେ ହିଁ ଶୋଭା ପାଏ । ସେଠିକା ପ୍ରସାଦ ଉପରେ ତୋର ସବୁଠୁ ବଡ ଅଧିକାର ହେବ। ବୁଝିଲୁ!

ବାପା ହାତରେ ପରିବା ବ୍ୟାଗ୍ ଟାଏ ଧରି ଆସୁଥିଲେ। ପାଖରେ ବସି କହିଲେ ବାକ ରହିଲା ଲକ୍ଷ୍ମୀ ପୂଜା ର ପ୍ରସାଦ କଥା, ତୁ କେତେ ଦୂରରେ ରହିବୁ ଯେ! ତୋ ବୋଉ ନଦେଲେ ବି ସମାଜ ର ସବୁ ନୟମ ଭାଙ୍ଗି ତୋ ବାପା ତତେ ପ୍ରସାଦ ଦେବ। ବାପା ଆଲିଙ୍ଗନ କରୁ କରୁ ମତେ ଧିରେ କ କହିଲେ ରିନୁ ପାଇଁ ଭଲ ପ୍ରସ୍ତାବ ଟେ ଅଛି। ମୁଁ ଆଜି ତା ବାପା ସହ କଥାହେବି।

ମତେ ଟିକେ ଆଶ୍ୱସ୍ତ ଲାଗିଲା ମିତ ପାଇଁ। ଏତେ ଭଲ ବାପା, ମାଆ ଙ୍କୁ ପାଇ ମାଆ ଲକ୍ଷ୍ମୀ ଙ୍କ ଆଭିମୁଖ୍ୟ ହାତ ଟେକିଲି। ମୋ ବାପା, ମାଆ ଓ ଭାଇମାନେ ସାରା ଜୀବନ୍ ସୁଖ ରେ ରୁହନ୍ତୁ ବାସ୍।

ଏଇମିତି ମୋ ବାପାଘରେ ମୋ ଜୀବନର ଶେଷ ମାଣବସା ଗୁରୁବାର ଟି କଟିଗଲା।

ଆମ୍ବପୁଆ, ବ୍ରହ୍ମପୁର- ୧୦

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଦୁଃଖ ପାଇଁ ପଦେ



ଆଶୁତୋଷ ମେହେର

ଦୁଃଖ ଟା
ମୋ ପାଇଁ
ଜନ୍ମ ଜନ୍ମାନ୍ତର ସାଥୀ ।।

ସକାଳ ପାହାନ୍ତି ର ଆରୁଣୀମା ଠୁଁ
ସଂଜ ର ଅସ୍ତ ଅନୁରାଗ ଯାଏ
ଦୁଃଖ ସତେ ନଜର ଲାଗେ
ଏକାନ୍ତ ନଜର ।।

ଦୁଃଖ ଗପ ହୋଇ ଆସେ
ଦୁଃଖ ଗୀତ ହୋଇ ଆସେ
ନାନାବାୟା ଗୀତ, ଅବା
ଆଈ ମାଁ ଅସୁରୁଣୀ ଗପ ।।

ସେ ସବୁ ଯାହା କଛି ହେଉ
ଦୁଃଖ ମତେ ନଜର ଲାଗେ
ଏକାନ୍ତ ନଜର,
ହସ ର ସାଥୀ ଟି'ଏ
ଜୀବନ କୁ ଆଗେଇ ନେବାକୁ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଆଗ୍ନେୟ ପୌରୁଷ



ବ୍ରଜନାରାୟଣ ପାଣିଗ୍ରାହୀ

ଚର ସୂର୍ଯ୍ୟର ରାଜ୍ୟେ କଏ ସେ ଚମକ ଖେଳାଇ ଦେଲା,
କାହା ହୁଙ୍କାରେ ସନ୍ତ୍ରାସ ଘେରେ କେମିତି ଏକଥା ହେଲା ।।
ସୁପ୍ତ ମାଟିରେ ଦୃପ୍ତ କଣ୍ଠେ ଗାଇ ମୁକ୍ତିର ଗୀତ,
ଘନ ଅନ୍ଧାରେ ଯବନିକା ଟାଣି ଆଣିବ କଏ ପ୍ରଭାତ?
ଦୁର୍ଦ୍ଦମ ସେଇ ଅଗ୍ନି ଶିଖାକୁ କଏ ବା ପାରିଛି ରୋକ?
ଉଦ୍ଦାମ ସିଏ ଛୁଟେ ଉନ୍ମାଦେ କାହିଁ ତା'ର ଭୟଭୀତି ? ?
ଶାସନ କଳର ତୀକ୍ଷ୍ଣ ନଜର ସବୁ ବନ୍ଧନ ଫେରି,
ଦେଶ ଜନନୀର ବନ୍ଧନ ଏବେ ଖୋଲିବାକୁ ଯାଏ ଧାଇଁ ।।

ଧୂପ ଟିଏ ହୋଇ ସୁବାସ ବିଞ୍ଚି ଜଳିଯାଉ ପଛେ ଶେଷେ,
ଦେଖି ପାରିବନି ମାତୃଭୂମିକୁ ଆଉ ବନ୍ଦିନୀ ବେଶେ ।।
ଭୀମ ବିକ୍ରମେ ଏ ବେଳାରେ ପର୍ ଶକ୍ତି ସାହସ ଘେନି,
ଲଢ଼ିବାକୁ ହେବ ଶେଷ ସଂଗ୍ରାମ ବିଦ୍ରୋହ ଚେତାବନୀ ।।
କୁମାରିକା ଠାରୁ ହିମାଚଳ ପୁଣି ବିଶ୍ୱ ଉଠିଲା ଥରି,
ଦୁର୍ଗମ ପଥ ଲଙ୍ଘିଲେ ସୁଭାଷ ଯାଇଛି ସାଗର ପାରି ।।
ଦୁର୍ବାର ଏକ ମୁକ୍ତି ବାହିନୀ ସୂର୍ଯ୍ୟୋଦୟର ଦେଶେ
'କଦମ୍ କଦମ୍' ଆଗେଇ ଚାଲିଛି ଆଗ୍ନେୟ ନିର୍ଦ୍ଦେଶେ ।।

ତୂର୍ଯ୍ୟ ନାଦରେ ବର୍ମା ସୀମାରେ ଶୁଭିଲା 'ଦିଲ୍ଲୀ ଚଲୋ' !
'ଭାରତ ମାତା କ ଜୟ', 'ଜୟହିନ୍ଦ' ଝଙ୍କାରେ ଅନର୍ଗଳ ।।
ସ୍ୱାଧୀନତା ଅବା ଶହୀଦ ମୃତ୍ୟୁ - ଗୋଟିକୁ ନେବାକୁ ବରି,
ଆଜାଦ ହିନ୍ଦ ଫୌଜ ଛୁଟିଛି ଡାକେ ମା' ହାତ ଠାରି ।।
ରକ୍ତ ବଦଳେ ସ୍ୱାଧୀନତା ଭେଟି ଦେବାକୁ କରିଛି ପଣ,
ବିଶ୍ୱରେ କାହିଁ ତୁଳନା ତାହାର ଧନ୍ୟ ତା' ଅଭିଯାନ ।।
ମହା ବିପ୍ଳବୀ ନେତାଜୀ ସେ ପର୍ କହେ ଆଜି ଇତିହାସ,
ଭୀଷ୍ମ ଶପଥେ ସଂଗ୍ରାମେ ମାତେ ଆଗ୍ନେୟ ପୌରୁଷ ।।

ତଥାପି ସରିନ ସଂଗ୍ରାମ ତା'ର ଫେରିନ ମାଆର କୋଳେ,
ଅଗ୍ନିଗର୍ଭ ଇତିହାସ ଲେଖି ରହିଗଲା ଅନ୍ଧାରେ ।।
ମୁକ୍ତି ବାହିନୀ ଭାଙ୍ଗି ଯାଇଛି ଗଢୁଛି ସଂଗୋପନେ,
'କଦମ୍ କଦମ୍' ଆଗେଇ ଯିବାକୁ ପୁଣି ଶେଷ ସଂଗ୍ରାମେ ।।
ସବୁ ଅନ୍ଧାର କଟିଯିବ ଧୀରେ ନେତାଜୀ ଫେରିବେ ପୁଣି,
ଶକ୍ତି, ସାହସ, ତ୍ୟାଗ, ପ୍ରତୀକ୍ଷାର ଶୁଭିବ ସେ ପ୍ରତିଧ୍ୱନି ।।
ଅଗ୍ନି ଯୁଗର ଆହ୍ୱାନ ଶୁଣ, ଜନ୍ମ ଦିନରେ ତା'ର
ମାତୃଭୂମିର ଅନ୍ଧାର ନାଶି ଚାଲରେ ଆଗେଇ ଚାଲ ।।

ମଧୁବନ, ବାଲିଆପାଳ, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଶଙ୍ଖ



ସାଗରିକା ମହାନ୍ତି

ତୁମ ଆବର୍ତ୍ତମାନରେ ଆଜି ଶୋଇ ଯାଇଛି  ଗୋଟେ ଯୁଗ  ।
ଶୋଇ ଯାଇଛି ହୃଦୟର ସ୍ୱପ୍ନାୟିତ ପୁଲକ।
ତୁମ ନ ଫେରିବାର ଜିଦ ରେ ହାରି ଯାଇଛି ଆଉ ଗୋଟେ ମାନବର ସତ୍ତା  ।
ଢଳ ଯାଇଛି ଅସମୟରେ ସୂର୍ଯ୍ୟ  ।

କିନ୍ତୁ ଥକ ଯାଇନ ମୁଁ  ହାରି ଯାଇନ ମୋ ପ୍ରବୃତ୍ତି  ।
ତମେ ନ ଫେରିବା ଯାଏ ଦିବାନିଶି ଧ୍ୱନାୟିତ ହେବି,  ପୂର୍ଣ୍ଣ ପ୍ରଶାନ୍ତିରେ  ।
ସେଥିପାଇଁ ଲୋଡ଼ା ନାହିଁ ମୋତେ କେଉଁ ଏକ ଯୁଗପୁରୁଷର ଆହ୍ୱାନ  ।
ଲୋଡ଼ା ନାହିଁ ଆଉ କାହା ସମର୍ପଣ ଭାବ  ।
ମୁଁ ନିଜେ ହିଁ ଭକ୍ତି,  ନିଜେ ହିଁ ଶକ୍ତି  ।
ମୁଁ ନିଜେ ହିଁ ତୁମ  ପାଇଁ  ସମର୍ପିତ ଆସକ୍ତି  ।

ତମେ ଫେରି ଆସ କୃଷ୍ଣ,  ପୁରୁଷାର୍ଥର ଦୀକ୍ଷା ଦେବାକୁ ଥରଟିଏ ଫେରି ଆସ  ।
ମୋ ଧ୍ୱନୀରେ ସମ୍ମୋହିତ ହେଇ ତୁମେ ଫେରିଆସ  ।
ଥରେ ଦେଖିଯାଅ,  ତୁମ ଅନୁପସ୍ଥିତିରେ କେମିତି କାକର ପରି ମିଳେଇ ଗଲାଣି କେତେ
କେତେ ଦ୍ରୌପଦୀ ଙ୍କର ସ୍ୱରହୀନ ଆର୍ତ୍ତନାଦ  ।

ନବୀ ମୁମ୍ବାଇ,  ମହାରାଷ୍ଟ୍ର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ଵାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ । ଏହାକୁ ସଂଗ୍ରହ କରିବାକୁ ଲେଖକଙ୍କୁ ଲାଗିଥିଲା ଦୀର୍ଘ ୨୦ ବର୍ଷ । ଲେଖକ ତାଙ୍କର ଏହି ଅମୂଲ୍ୟ ପୁସ୍ତକଟିକୁ ବେଦାନ୍ତୀ ମାଧ୍ୟମରେ ଧାରାବାହିକ ହିସାବରେ ପ୍ରକାଶିତ କରିବା ପାଇଁ ରାଜି ହୋଇଥିବାରୁ ବେଦାନ୍ତୀ ପରିବାର ତରଫରୁ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କୁ ସାଧୁବାଦ ।)

- ଅରବିନ୍ଦ ମିଶ୍ର

**ପ୍ରଶ୍ନ - ୫ : ମଣିଷ ପୂନର୍ଜନ୍ମ ଲାଭ କରେ - ଏ ଉକ୍ତିର ଯଥାର୍ଥତା କେତେଦୂର ସତ୍ୟ?**

**- ଉତ୍ତର-**

- ବିଜ୍ଞାନ ଏବେ ବହୁଦୂର ଆଗେଇଥିଲେ ସୁଦ୍ଧା ପ୍ରାଣ ବା ଜୀବନର ସନ୍ଧାନ କେହି ପାଇନାହିଁ, କାରଣ ପ୍ରାଣ ଗୋଟିଏ ବସ୍ତୁ ନୁହେଁ । ତଥାପି ପ୍ରାଣର ଅସ୍ତିତ୍ୱ ଆମେ

ଅନୁଭବ କରୁଛୁ । ତେଣୁ ତାହା ହେଉଛି, "ନତ୍ୟଃ ସର୍ବଗତଃ ସ୍ଥାଣୁରଚଳୋୟଂ ସନାତନଃ" ( ଗୀତା) ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ମାନବ ନଜ ଜୀବନରେ ଦେବ ଓ ଦେବାତୀତ ହୋଇ ଯୋନଚକ୍ରରୁ ମୁକ୍ତି ଲଭି ପାରେ । ସଦନୁଷ୍ଠାନ, ସତ୍ ଚନ୍ତା, ସତ୍ସଙ୍ଗ ଓ ସ୍ୱାଧ୍ୟାୟର ଶାସ୍ତ୍ରାନୁସାରେ ତା'ର ଅଧୋଗତି ବା ଊର୍ଦ୍ଧ୍ୱଗତି ସମ୍ଭବ ପୁନର୍ଜନ୍ମ ହୁଏ । ସମ୍ଭାବନାକୁ ସାର୍ଥକ କରିବା କେବଳ ମନୁଷ୍ୟର ଅଧିକାର । ସଚ୍ଚିଦାନନ୍ଦସ୍ୱରୂପ ପୂର୍ଣ୍ଣବ୍ରହ୍ମ ତା'ର ହୃଦୟରେ ବିରାଜିତ, ଏହି ସଚେତନତାକୁ ସାର୍ଥକ କରିବା ପାଇଁ ତା'ର ଜନ୍ମ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଏ ବିଷୟରେ ମୋର କୌଣସି ଅଭିଜ୍ଞତା ନାହିଁ । ତେବେ ଅନେକ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ପୁନର୍ଜନ୍ମ ଅଛି ବୋଲି କହନ୍ତି; ଯଥା- ରାଜସ୍ଥାନ ବିଶ୍ୱବିଦ୍ୟାଳୟର ପ୍ରଫେସର ବାନାର୍ଜୀ । ତାଙ୍କ ସହିତ ମୋର ବହୁ ପତ୍ରାଳାପ ହୋଇଥିଲା ।

[ ଡ. ସଚ୍ଚି ରାଉତରାୟ]

- ପୁନର୍ଜନ୍ମ ବିଷୟରେ ମୋର କୌଣସି ଧାରଣା ନାହିଁ । ଶାସ୍ତ୍ରରୁ ପ୍ରତୀତ ହୁଏ ଯେ ପୁନର୍ଜନ୍ମ ହୁଏ । କନ୍ତୁ ତାହାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ମୁଁ ପାଇନାହିଁ । ତେବେ ରାଜସ୍ଥାନର ଜଣେ ମନୋବିଜ୍ଞାନୀ ପୁନର୍ଜନ୍ମ ହୁଏ ବୋଲି ପ୍ରମାଣ କରିଛନ୍ତି । ତାଙ୍କ ପ୍ରମାଣ ବିଷୟରେ ମୋର କୌଣସି ଧାରଣା ନାହିଁ ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ସତ୍ୟ । ବହୁ ପ୍ରତ୍ୟକ୍ଷ ପ୍ରମାଣ ସହିତ ଏ ସମ୍ପର୍କରେ ପୁସ୍ତକ ପ୍ରକାଶ ପାଇଗଲାଣି । ସେସବୁ ପଠନୀୟ । ଗୀତାରେ ଏକଥା ବାରମ୍ବାର କୁହାଯାଇଛି ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ଗୀତା କହେ, ଆତ୍ମା ଅବିନଶ୍ୱର ଓ / ଅବା ଦେହରେ ପ୍ରକଟିତ ହୁଏ, ତାହାକୁ ଯଦି ପୁନର୍ଜନ୍ମ ବୋଲି କୁହାଯାଏ ତା'ହେଲେ ମୁଁ ମାନିବି। ଅନ୍ୟ କୌଣସି ବିଷୟରେ ପୁନର୍ଜନ୍ମର ମୋର ଧାରଣା ନାହିଁ ।

[ ଜଷ୍ଟିସ୍ ନବକୁମାର ଦାସ]

- ଏହାର କୌଣସି ସତ୍ୟତା ପ୍ରତିପାଦିତ ହୋଇନାହିଁ । ଏହା କେବଳ ଅନ୍ଧବିଶ୍ୱାସ ।

[ ପ୍ରଫେସର ଗ୍ରଧାନାଥ ରଥ]

- ଏହା ମୁଁ ପ୍ରମାଣ କରିପାରିବି ନାହିଁ । କେବଳ ଉପଲବ୍ଧି କରେ ଓ ବିଶ୍ୱାସ କରେ ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ପୁନର୍ଜନ୍ମ ସତ୍ୟ । ମନୁଷ୍ୟ ଜନ୍ମ କୌଣସି ବାସନା ଉପରେ ନିର୍ଭର କରେ । ଜୀବ ମାନେ କୌଣସି କାମନା ନେଇ ବଞ୍ଚିଥାଏ, କାଳକ୍ରମେ କାମନା ନ ପୂରୁଣୁ ମରିଯାଏ। ସେହି କାମନାର ବଶବର୍ତ୍ତୀ ହୋଇ ପୁନର୍ଜନ୍ମ ଲାଭ କରେ । "ଯଂ ଯଂ ବାଽପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରଂ, ତଂ ତମେବୈତି କୌନ୍ତେୟ ସଦାତଦ୍ଭାବ ଭାବିତଃ ।"

[ ପଣ୍ଡିତ ଶ୍ରୀ ଯଜ୍ଞ ସୋମନାଥ ଦାଶ ଶର୍ମା]

- ପୁନର୍ଜନ୍ମ କଥାଟିର ମଧ୍ୟ ଅନେକ ସ୍ତର ରହିଛି । ଶରୀରର ମୃତ୍ୟୁ ପରେ ପୁନର୍ବାର ଜନ୍ମଲାଭ କରିବା - ମୋର ଏହି ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଅଭିଜ୍ଞତା ହୋଇ ନାହିଁ ।

[ ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- କୌଣସି ଶକ୍ତିର ବିନାଶ ହୁଏନାହିଁ ଏବଂ ଅଦଳବଦଳ ହେଉଥିବା ପଦାର୍ଥ ଓ ଶକ୍ତିର ସମଷ୍ଟି ସଦାବେଳେ ସମାନ। ଏହି ବିଜ୍ଞାନସମ୍ମତ ତଥ୍ୟ ( ଯାହା ମଧ୍ୟ ବେଦାନ୍ତଦର୍ଶନର ଅନୁକୂଳ) ବିଶ୍ୱାସ ଆଣିଦିଏ ମୋ ମନରେ ଯେ ମଣିଷ ପୁନର୍ଜନ୍ମ ଲାଭ କରେ ଏବଂ ଯେଉଁ ଦିଗକୁ ସେ ଟାଣିହୋଇ ଆସିଛି ଏ ଜନ୍ମର ବୁଦ୍ଧି ପ୍ରବୃତ୍ତି ସଂଘର୍ଷର ପରିଣାମ ଅନୁଯାୟୀ, ସେହି ଦିଗରେ ।

[ କିଶୋରୀ ଚରଣ ଦାସ]

- ସନାତନ ଧର୍ମ ଯେଉଁ ପୁନର୍ଜନ୍ମ ଉପରେ ଗୁରୁତ୍ୱ ଦେଇଆସିଛି, ଆଧୁନିକ ପାଶ୍ଚାତ୍ୟ ବୈଜ୍ଞାନିକମାନେ ମଧ୍ୟ ସେଥିରେ ବିଶ୍ୱାସ କରିବା ଲାଗି ପ୍ରସ୍ତୁତ ହେଲେଣି । ଏ ସମ୍ପର୍କରେ ଅନୁସନ୍ଧାନମୂଳକ ଗ୍ରନ୍ଥମାନ ମୁଁ ବିଦେଶରେ ଅଧ୍ୟୟନ କରିଛି ଏବଂ ସେଥିରେ ବିଶ୍ୱାସ ରଖିଛି ।

[ ଡ. ମନ୍ମଥ ନାଥ ଦାସ]

- ମୃତ୍ୟୁ ପରେ ଜନ୍ମ ଓ ଜନ୍ମ ପରେ ମୃତ୍ୟୁ ଏହାହିଁ ସୃଷ୍ଟିର ପର୍ଯ୍ୟାୟ । ଗୀତାର ଉକ୍ତି ଯଥାର୍ଥ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଏହାକୁ ପୃଥିବୀର ଦୁଇଟି ପ୍ରଧାନ ଧର୍ମ ହିନ୍ଦୁ ଓ ବୌଦ୍ଧ ଗ୍ରହଣ କରି ଆସିଛନ୍ତି ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ବୋଧହୁଏ ସତ୍ୟ । ଆତ୍ମା ଅବିନାଶୀ ବୋଲି ଆମର ଦୈବୀ ପରମ୍ପରା ଓ ବିଶ୍ୱାସ ରହିଆସିଛି । ଦେହର ମୃତ୍ୟୁ ଅଛି । ଆତ୍ମା ଅନ୍ୟ ଘଟରେ ଆଶ୍ରୟ ଗ୍ରହଣ କରେ । ତାହା ନ ହେଲେ ସଭ୍ୟତା ଓ ସଂସ୍କୃତିର କ୍ରମବର୍ଦ୍ଧମାନ ରୂପାନ୍ତରୀତ ବିକାଶ ସମ୍ଭବ ହୁଅନ୍ତା କି?

[ ପ୍ରଫେସର ପଠାଣି ପଟ୍ଟନାୟକ]

- ମୁଁ ପୁନର୍ଜନ୍ମରେ ବିଶ୍ୱାସ କରେ ।

[ ଡ. ଲଡୁକେଶ୍ୱର ଶତପଥୀ]

- ପୁନର୍ଜନ୍ମ ଥାଇପାରେ, କାରଣ ଶରୀର ନାଶଶୀଳ ହେଲେ ହେଁ ଆତ୍ମା ଅବିନଶ୍ୱର ।

[ ହରିହର ବାହିନୀପତି]

- ମଣିଷ ସଂସାରରୁ ମୁକ୍ତି ନ ପାଇବା ପର୍ଯ୍ୟନ୍ତ ଜନ୍ମମୃତ୍ୟୁର ଚକ୍ରରେ ପଡ଼ିଥାଏ । ମରଣ କାଳରେ ଯେଉଁ ଭାବର ଉଦ୍ରେକ ହୁଏ ତଦନୁସାରେ ସେ ଏକ ସୂକ୍ଷ୍ମ ଦେହକୁ ଆଶା କରେ । ଗୋଟିଏ ଦେହକୁ ଧରି ଆଉ ଗୋଟିକୁ ଛାଡ଼େ । ଏହାକୁ ତୃଣଜଳୌକା ନ୍ୟାୟ କହନ୍ତି । ଜୋକ ଗୋଟିଏ ତୃଣ ଧରିଲେ ପୂର୍ବ ତୃଣକୁ ଛାଡ଼େ ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମଣିଷର ପୁର୍ବଜନ୍ମ ଥାଇପାରେ, ନ ଥାଇ ବି ପାରେ । ମଣିଷ ମୃତ୍ୟୁ ପରେ ପୁନର୍ଜନ୍ମ ଲାଭ କରିପାରେ, ନ କରିପାରେ । ଏହାର ନିୟନ୍ତ୍ରଣରେ ତାହାର ସଂକଳ୍ପ ଓ କର୍ମରେ ଭାଗ ଅଛି । ଆଉ ମଧ୍ୟ ଅଜ୍ଞେୟ ଭାଗମାନ ରହିଛି ।

[ ପ୍ରଫେସର ହୃଦାନନ୍ଦ ରାୟ]

- ମଣିଷ ପୁନର୍ଜନ୍ମ ଲାଭ କରେନାହିଁ ।

[ ଶ୍ୟାମସୁନ୍ଦର ପାଢ଼ୀ , ଆଇ.ପି.ଏସ]

- ପୁନର୍ଜନ୍ମର କୌଣସି ବୈଜ୍ଞାନିକ ଭିତ୍ତି ମୁଁ ପାଇନାହିଁ, ତେଣୁ ମୋର ବିଶ୍ୱାସ ନାହିଁ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- ମୋକ୍ଷ ଲାଭ ପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ- ମୃତ୍ୟୁ ଚକ୍ରରେ ଘୂରୁଥାଏ । ପୂର୍ବଜନ୍ମ ନ ଥିଲେ ସଦ୍ୟଜାତ ଶିଶୁ ତାହାର କେଉଁ କର୍ମ କାରଣରୁ ବେଳେବେଳେ ଅକାଳ ମୃତ୍ୟୁ ବରଣ କରେ? ଦୁଇ ଯମଜ ସନ୍ତାନର ଗୁଣ- କର୍ମରେ ପାର୍ଥକ୍ୟ ଦେଖାଯାଏ । ପୂର୍ବବର୍ତ୍ତୀ ସଂସ୍କାର ନ ଥିଲେ ଜନ୍ମ ହେଉ ହେଉ ଶିଶୁ ହସିବା, କାନ୍ଦିବା, ଖାଇବା ଆଦି କାର୍ଯ୍ୟ କିପରି କରେ?

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଏ ବିଷୟରେ ବହୁ ଘଟଣାର ବୈଜ୍ଞାନିକ ଅନୁସନ୍ଧାନ ହୋଇଛି ଓ ଏହାର ଯଥାର୍ଥତା କ୍ରମଶଃ ଅଧିକରୁ ଅଧିକ ଉପଲବ୍ଧି ହେଉଛି । ପାଶ୍ଚାତ୍ୟ ମନୋବୈଜ୍ଞାନିକମାନେ ଏ ସମ୍ବନ୍ଧରେ ବର୍ତ୍ତମାନ ଖୁବ୍ ଗବେଷଣା ଚଳାଇଛନ୍ତି ଓ ସେସବୁର ଫଳାଫଳରୁ ପୁନର୍ଜନ୍ମର ପ୍ରତ୍ୟକ୍ଷ ପ୍ରମାଣ ମିଳୁଛି । ତେବେ, ବୈଜ୍ଞାନିକ ରୀତିରେ ଏ ଘଟଣାର କାର୍ଯ୍ୟକାରଣ ସମ୍ପର୍କ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପାଠ୍ୟପୁସ୍ତକକୁ ଆସିବା ଭଳି ସୂତ୍ର ( Law) ଆକାରରେ ମିଳନାହିଁ ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ଏ ସମ୍ବନ୍ଧରେ ମୁଁ ସନ୍ଦିହାନ । ଏଇ ଜନ୍ମ ମୋ ପାଇଁ ସତ୍ୟ । ଏଇଠି ମଣିଷ ସ୍ୱର୍ଗର ସୁଖ, ନର୍କର ଯନ୍ତ୍ରଣା ଭୋଗ କରେ ବୋଲି ମୋର ବିଶ୍ୱାସ ।

[ ଡ. ରେଖା ମହାନ୍ତି]

- ଏହାର ଯଥାର୍ଥତା ବିଜ୍ଞାନସମ୍ମତ ପଦ୍ଧତି ଦ୍ୱାରା ବିଚାର କରିବା ସମ୍ଭବ ନୁହେଁ । ଏହା ଗୋଟିଏ ବିଶ୍ୱାସର କଥା ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ସାଧାରଣତଃ ଏହା ସତ । ତେବେ 'ଆତ୍ମା' ବିଶେଷରେ ଏହାର ବ୍ୟତିକ୍ରମ ଘଟିପାରେ । ଶ୍ରୀ ଅରବିନ୍ଦଙ୍କର ଦର୍ଶନରେ ଏବଂ ପୂର୍ଣ୍ଣଯୋଗରେ ନୂତନ ସୃଷ୍ଟି ଉନ୍ମୋଚିତ ହେଲେ, ଜନ୍ମ- ମୃତ୍ୟୁର ଚକ୍ର ଏବଂ ପୁନର୍ଜନ୍ମର ଆବଶ୍ୟକତା ରହିବ ନାହିଁ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଏହା ସତ୍ୟ, ଏଥିପାଇଁ ଅଖଣ୍ଡନୀୟ ପ୍ରମାଣ ନ ଥିଲେ ମଧ୍ୟ କେତେକଙ୍କ ଜୀବନୀରୁ, ଘଟଣାବଳୀରୁ ଓ ଅନେକଙ୍କର ଅତି ବାଲ୍ୟକାଳରୁ ପ୍ରକଟିତ ଦିଗଦର୍ଶନରୁ ଓ ପ୍ରତିଭାରୁ ଏହାର ପରୋକ୍ଷ ପ୍ରମାଣ ମିଳଥାଏ ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ବିଜ୍ଞାନ ଦ୍ୱାରା ପ୍ରମାଣ କରାଯାଇପାରିବ ନାହିଁ । କିନ୍ତୁ ଦର୍ଶନ ଆଲୋଚନା ଦ୍ୱାରା କରାଯାଇପାରିବ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- କାଳ ଜୀବକୁ କାମନାରେ ଆବଦ୍ଧ କରି ଜନ୍ମଜନ୍ମାନ୍ତର ରୂପ ଦେହଚକ୍ରରେ ଘୂରାଉଥାଏ । ନଦୀ ଗଲେ ଯେପରି ଆତ୍ମା ପ୍ରକୃତିରେ କୌଣସି ବାଧା ଆସି ନ ଥାଏ, ସେହିପରି ମହାନଦ୍ୱାରେ ଆତ୍ମାର ପ୍ରକୃତି ମଧ୍ୟ ବଦଳେ ନାହିଁ । ଜୀବାତ୍ମାର ନୂତନ ଦେହ ଧାରଣ ହିଁ ଅତୀତ ଦେହର ଭିତ୍ତି ଉପରେ ଗଠିତ । ସର୍ପ କଞ୍ଚୁକ ବଦଳାଇବା ପରି ଜୀବ ତାହାର ଭୁକ୍ତ ଦେହକୁ ପରିତ୍ୟାଗ କରି ନୂତନ ଦେହ ଗ୍ରହଣ କରେ । ନିଜର ମୂଳ କେନ୍ଦ୍ର ସେହି ପରମାନନ୍ଦ ଭୂମିକାରେ ନ ମିଶିବା ପର୍ଯ୍ୟନ୍ତ ଜୀବାତ୍ମା କର୍ମ ଓ ସଂସ୍କାରଚକ୍ରରେ ବାହିତ ହୋଇ ଚତୁର୍ଦ୍ଦଶ ଲୋକରେ (ସପ୍ତସ୍ୱର୍ଗ ଓ ସପ୍ତ ନରକ) ରେ ବିଚରଣ କରେ । ପୁନର୍ଜନ୍ମର କାରଣ ହେଲା

କାମନା, ମୁକ୍ତିଲାଭ ପର୍ଯନ୍ତ ଜୀବ ତାହା ଭୋଗ କରୁଥାଏ, ଅର୍ଥାତ୍ ବାରମ୍ବାର ଜନ୍ମ ହୋଇଥାଏ । ଅନ୍ୟ ଅର୍ଥରେ କାମନା ନ ଥିଲେ ଜନ୍ମ ନାହିଁ ।

[ ଡ. ରତ୍ନାକର ସାହୁ]

- ପୁନର୍ଜନ୍ମ ନାହିଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ମାନସିକ ଶାନ୍ତି ପାଇଁ ଏଥିରେ ବିଶ୍ୱାସ କର୍‌ଯାଇପାରେ । ଏହା ପ୍ରକୃତରେ ସତ୍ୟ ନୁହେଁ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଏହା ସମ୍ପୂର୍ଣ୍ଣ ଯଥାର୍ଥ । ପୁନର୍ଜନ୍ମ ଭଳି କୌଣସି ଜନ୍ମ ବା ତା'ର କୌଣସି ଫଳ ନ ଥିଲେ ଜଣେ ଆଦୌ ଦୋଷ ନ କରି ଦଣ୍ଡ ପାଆନ୍ତା ନାହିଁ । ଖତଗଦାରେ ପଦ୍ମ ଫୁଟିଲା ଭଳି ନିତାନ୍ତ ଦରିଦ୍ର ଘରେ ଜନ୍ମ ହୋଇ ଜଣେ ବିରାଟ ଧନୀ ହୋଇପାରନ୍ତା ନାହିଁ । କମ୍ବା ବିନା ତାଲିମରେ ପାଞ୍ଚ ବର୍ଷର ପିଲା ବେଦପାଠ କରିପାରନ୍ତା ନାହିଁ । ଜୀବନରେ ଏମିତି ଅନେକ ଘଟଣା ଘଟେ, ଯାହା ମନୁଷ୍ୟର ପୂର୍ବଜନ୍ମ ସ୍ୱୀକାର କରିବାକୁ ବାଧ୍ୟ କରେ । ଯେହେତୁ ପୂର୍ବଜନ୍ମ ଅଛି ପୁନର୍ଜନ୍ମ ନିଶ୍ଚୟ ରହିବ । ମୃତ୍ୟୁ ପରେ ଆତ୍ମା, ମନ, ବୁଦ୍ଧି ଓ ଅହଂକାର ସହିତ ଅଦୃଶ୍ୟ ହୁଏ । ପରବର୍ତ୍ତୀ ଜୀବନରେ ତା'ର ପ୍ରାରବ୍ଧ କର୍ମ ଅନୁଯାୟୀ ତାକୁ ଯେଉଁ କର୍ମଫଳ ଭୋଗିବାକୁ ହେବ ତଦନୁଯାୟୀ ଆବଶ୍ୟକୀୟ ପରିବେଶ ଓ ପରିସ୍ଥିତି ଆସିବା ପର୍ଯ୍ୟନ୍ତ ସେ ଜନ୍ମ ନେବାକୁ ଅପେକ୍ଷା କରେ ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ସତ୍ୟ, ପ୍ରତିଦିନ ଫୁଲ ଫୁଟୁଛି । ତା' ଆରଦିନ ପୁଣି ଗଛରେ ସେଇ ଫୁଲ । ପ୍ରତିଦିନ ମଣିଷ ମରୁଛନ୍ତି, ପୁଣି ଜନ୍ମ ହୋଇ ଏ ଧରାକୁ ମଣ୍ଡିତ କରୁଛନ୍ତି । କର୍ମ ନେଇ ଜନ୍ମ । ଦୁର୍ଲ୍ଲଭ ଏ ମାନବ ଜୀବନ । ପୁନର୍ଜନ୍ମ ନ ଥିଲେ ଏ ବିଶ୍ୱ ନଥାନ୍ତା ।

ପୁନର୍ଜନ୍ମ ଜାମା ବା ବେଶ ବା ପରିଧାନ ବଦଳେଇଲା ପରି ଆତ୍ମା ତା'ର ଘଟ ପରିବର୍ତ୍ତନ କରେ । ବିଗତ ଜନ୍ମର ପ୍ରାରବ୍ଧକୁ ଏ ଜନ୍ମରେ ଉପଭୋଗ କରୁଛି ।

[ ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ]

- ଏହା ଏକ ସୂକ୍ଷ୍ମ ତତ୍ତ୍ୱର କଥା, ଏ ଉକ୍ତିର ଯଥାର୍ଥତଦା ସ୍ଥୂଳ ପ୍ରମାଣ ଦେଇ ବୁଝାଇ ହୁଏନା, ତଥାପି ଏହାର ଯଥାର୍ଥତା ରହିଛି । ଏହା ଦିବାଲୋକ ପରି ସତ୍ୟ ଓ ସ୍ୱଚ୍ଛ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ବାଇବେଲ୍ ଅନୁସାରେ ମଣିଷ ଦ୍ୱିତୀୟ ଥର ଜନ୍ମ ନଏନାହିଁ । କିନ୍ତୁ ଏହି ଜନ୍ମ ମଧ୍ୟରେ ମଣିଷର ପୁନର୍ଜନ୍ମ ହୋଇପାରେ । ମଣିଷ ଯେତେବେଳେ ନିଜର ଶାରୀରିକ ପ୍ରବୃତ୍ତି ଜାଗତିକ ସୁଖ- ସମ୍ଭୋଗ ଲାଳସା ଇତ୍ୟାଦିଠାରୁ ବିମୁଖ ହୋଇ ଆଧ୍ୟାତ୍ମିକ ଜୀବନରେ ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କରେ ତାହାହିଁ ତା'ର ପୁନର୍ଜନ୍ମ ଓ ଈଶ୍ୱରଙ୍କ ବାଣୀ ଓ ଆଦର୍ଶରେ ନିଜକୁ ପରିଚାଳିତ କଲେ ସେତେବେଳେ ପୁନର୍ଜନ୍ମ ହୁଏ ବୋଲି ମୁଁ ବିଶ୍ୱାସ କରେ ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ହିନ୍ଦୁ ଶାସ୍ତ୍ର ଅନୁସାରେ ଯେଉଁ ପୁନର୍ଜନ୍ମ କଥା କୁହାଯାଇଛି ସେଥିରେ ମୋର ବିଶ୍ୱାସ ନାହିଁ । ମଣିଷର ଏକମାତ୍ର ଜନ୍ମ । ସେ ମରଣ ପରେ ଅନ୍ୟ ଏକ ଘଟକୁ ଚାଲିଯାଏ ନାହିଁ । କାରଣ ମଣିଷର ଶରୀର ଓ ଆତ୍ମା ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି ଯାହା ଅବିଚ୍ଛେଦ୍ୟ । କିନ୍ତୁ ପୁନର୍ଜନ୍ମ ଯଦି ଆତ୍ମାର ନବୀକରଣ ବୋଲି ଧରାଯାଏ ତେବେ ମଣିଷର ପୁନର୍ଜନ୍ମ ହୁଏ । ଯେତେବେଳେ ସେ ପାପ ତ୍ୟାଗ କରି ଈଶ୍ୱରଙ୍କର ଶରଣାର୍ଥୀ ହୁଏ । ମନୁଷ୍ୟର ପ୍ରକୃତ ପୁନର୍ଜନ୍ମ ହୁଏ ଜଗତ୍ ଶେଷରେ ଯେତେବେଳେ ପ୍ରତ୍ୟେକ ଲୋକର ଧ୍ୱଂସପ୍ରାପ୍ତ ଶରୀରର ପୁନରୁତ୍ଥାନ ହୁଏ ଏବଂ ସେହି ଶରୀରରେ ତାଙ୍କ ଆତ୍ମାର ପୁନର୍ନ୍ୟାସ ହୁଏ । ଏହି ଶରୀର ଖ୍ରୀଷ୍ଟଙ୍କର ପୁନରୁତଥିତ ଗୌରବ ଅନୁରୂପ ହେବ ଏବଂ ସ୍ୱର୍ଗଧାମରେ ଅନନ୍ତ ଜୀବନ ପ୍ରାପ୍ତ ହେବ ।

[ ଡ. ଲୁଇ ସଭସୁନ୍ଦର, କାଥଲିକ୍]

- ସଂଖ୍ୟା ବିଚାରରେ ପୃଥିବୀର ଦୁଇଗୋଟି ସର୍ବବୃହତ୍ ଧର୍ମ, ଅର୍ଥାତ୍ ଖ୍ରୀଷ୍ଟ ଓ ଇସଲାମ ଧର୍ମରେ ପୁନର୍ଜନ୍ମର ବିଶ୍ୱାସ ନାହିଁ । ସଂଖ୍ୟାରେ ନିମ୍ନତର ଧର୍ମ ଅର୍ଥାତ୍

ହିନ୍ଦୁ ଓ ବୌଦ୍ଧଧର୍ମରେ ପୁନର୍ଜନ୍ମ ହେବା ନିଶ୍ଚିତ । ଅଧିକାଂଶ ଲୋକ ନିଜ ଧର୍ମଗତ ବିଶ୍ୱାସ ଧାରଣା କରିଥାଆନ୍ତି, ଭୁଲ ହେଉ ବା ଠିକ୍ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଡ. ରେଖା ମହାନ୍ତିଙ୍କ ମନ୍ତବ୍ୟ ଏଠାରେ ବେଶ୍ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ ଏଇ ଜନ୍ମ ମୋ ପାଇଁ ସତ୍ୟ । ଏଇଠି ମଣିଷ ସ୍ୱର୍ଗର ସୁଖ ଓ ନର୍କର ଯନ୍ତ୍ରଣା ଭୋଗ କରେ । ଏହି ଉକ୍ତି ଯଦି ସମସ୍ତଙ୍କର ଗ୍ରହଣୀୟ ହୁଏ ତେବେ ପୁନର୍ଜନ୍ମ ବିଶ୍ୱାସ ଅବିଶ୍ୱାସ ଆଉ ବିବଦମାନ ହେବନାହିଁ । ମାତ୍ର ନା! ପୁନର୍ଜନ୍ମ ଅଛି ବୋଲି ଅନେକେ ଗବେଷଣାରେ ଏହାର ସତ୍ୟତା ଉପଲବ୍ଧି କରିଛନ୍ତି । ତେବେ ଧର୍ମ ଦୃଷ୍ଟିକୋଣରୁ ଆମେ ହିନ୍ଦୁ ଧର୍ମାବଲମ୍ବୀମାନେ ନବଜନ୍ମରେ ବିଶ୍ୱାସ କରୁଥିବାବେଳେ ଖ୍ରୀଷ୍ଟ ଓ ମୁସଲମାନ ଧର୍ମର ଲୋକମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ନାହିଁ । ମୁନିଋଷିର ଦେଶ ଭାରତବାସୀମାନେ ପୁନର୍ଜନ୍ମରେ ସାଧାରଣତଃ ବିଶ୍ୱାସ ରଖିଥାଆନ୍ତି । ହିନ୍ଦୁ ମତରେ ଏହାକୁ ବିଶ୍ୱାସ କୁହାଯାଏ । ମାତ୍ର ଖ୍ରୀଷ୍ଟ ବା ଇସଲାମ ମତରେ ଏହା ଅନ୍ୟ ପ୍ରକାରର । ଏଣୁ ପୁନର୍ଜନ୍ମର ବାସ୍ତବିକ ସତ୍ୟତା ସାଧାରଣତଃ ଉପଲବ୍ଧ ହୁଏନାହିଁ । କେବଳ କ'ଣ ଗୋଟେ କହିଦେଇହେବ । ଯେହେତୁ ଆମ୍ଭେ ବିଶ୍ୱାସ ଅବିଶ୍ୱାସ ଦୋଛକରେ ଅଛୁ ତେଣୁ ସନ୍ଦିହାନ ହୋଇଯାଇଛୁ ।

( ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା
ଦୂରଭାଷ – 9861145687

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ତମକୁ ଭୁଲି ଯିବା ପାଇଁ



ନୀଳମାଧବ କର

ଏମିତିକା ଫୁଲଟିଏ
ମନାସି ମୁଁ ଖାସ ତମ ପାଇଁ
ଅନେକ ଦିନରୁ
ଝରକାର ରେଲିଂରେ
ଲତାଟାକୁ ଗୁଡ଼େଇ ଗୁଡ଼େଇ
ଘଣ୍ଟା ଘଣ୍ଟା ବିତେଇବା ପରେ
ନରେ୍ଳାରେ ତା ଆଗେ
ଦିନ ଦିନ
ଏବେ ସିଏ ଚୁପି ଚୁପି
କହୁଥିଲା - ପରଦା ସେକଡ଼ୁ
ପବନରେ ଦୋହଲି ଦୋହଲି
ଲାଜ ବୋଳା ହସ ଟିକେ
ଧାର ନେଇ ନବବଧୂ ଠାରୁ
କହୁଥିଲା
ତୁମକୁ ଭୁଲିଯିବା ପାଇଁ !
ତମ ପାଇଁ
ମୁଁ ମନାସିଥିବା ଫୁଲ ମୋତେ କହୁଥିଲା
ତୁମକୁ ଭୁଲି ଯିବା ପାଇଁ !

ଓଲଭରହାମ୍ପଟନ, ୟୁକେ

# ପଉଷ ଶୀତ



ବିଦ୍ୟାଧର ସେଠୀ

ପଉଷ ସଞ୍ଜୁଆ ଶୀତ
ବେଲ୍‌ଜୁକୀ ସତେ
ମାନ ମହତକୁ ଭୁଲି
ଭିଡିନଏ ମୋତେ ।
ସରମ ନାହିଁ ତ ଜମା
ସତେ ହିମରାଣୀ
ଆଈ ମା କୋଳେ ନାତିଟା
ଶୁଣୁଛି କାହାଣୀ ।
ବୁଢୀ ଅସୁରୁଣୀ ପୁଣି
ଅଲିଅଳୀ ଜେମା
ଅନନ୍ୟ ସୁନ୍ଦରୀ ଯାର
ନାହିଁତ ଉପମା ।
ଆମ ଗାଁ ରୁପାନାନୀ
ଯାଇଥିଲା ମେଳା
ଶଙ୍ଖା ଚୁଡି ଶାଢୀ ସଙ୍ଗେ
ଆଣିଥିଲା କୁଳା ।

ଆଉ ଦୁଇ ମାସ ପରେ
ତାର ବାହାଘର
ପାଦ ଚପିଚପି ଗ୍ଭଲେ
ମନ ଫରଫର ।
ସଞ୍ଜ ନଇଁଗଲା ପରେ
ଗ୍ଭତି ଆସେ ମାଡି
ହେମାଳ ପବନେ ଶୀତ
ଦେଉଛି କଗ୍ଭଡି ।
ଶୋଇପଡେ ନାତି ଶୁଣି
ନାନାବାୟା ଗୀତ
ନଦାଘ କ୍ଳିଷ୍ଟତା ନାହିଁ
ଭଲ ଲାଗେ ଶୀତ ।

ବ୍ୟକ୍ତିଗତ ସହାୟକ, ଜିଲ୍ଲା ପରିଷଦ
କାର୍ଯ୍ୟାଳୟ, ବାଲେଶ୍ଵର

# ଶୀତ; ଦରଚହ୍ଲା ଝିଅ



ସତ୍ୟବ୍ରତ ସାହୁ

ଶୀତ ଲାଗେ ଦରଚହ୍ଲା ଝିଅଟିଏ ପରି,
ତା' ପରଶେ ତନୁ, ମନ ଉଠେ ମୋ' ଶିହରି ।୦ ।
ଦରଚହ୍ଲା ଝିଅଟିର ହସ ମିଶା ଲାଜ
ମନକଥା ବୁଝିବା ତା' ନୁହଁଇ ସହଜ
ସେମିତି ଏ ଶୀତ ଆସି ଜଡାଇ ଧରିଛି ମୋତେ
କଛି ନ ପଗ୍ଭରି ।୧ ।
ଦରଚହ୍ଲା ଝିଅଟିଏ ଛୁଇଁଦିଏ ଯେବେ
ତାକୁ ନେଇ କେତେ କଥା ମନ ବସି ଭ୍ବେ
ସେମିତି ଏ ଶୀତ ଆଜି ଭ୍ବନାରେ ବୁଡାଇଛି
ତା' କଥା ସୁମରି ।୨ ।
ଦରଚହ୍ଲା ଝିଅଟିକୁ ମନ ଖୋଜୁଥାଏ
ପୀରତିରେ ବାନ୍ଧିବାକୁ ଗ୍ଭହିଁ ରହିଥାଏ
ସେମିତି ଏ ଶୀତ ଆଜି ପଣତେ ରଖିଛି ବାନ୍ଧି
ପାରୁ ନ ମୁଁ ଫେରି ।୩ ।
ଶୀତ ଲାଗେ ଦରଚହ୍ଲା ଝିଅଟିଏ ପରି
ତା' ପରଶେ ତନୁ, ମନ ଉଠେ ମୋ' ଶିହରି ।୦ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଅଲିଭା ଦାଗ



ସୁଲୋଚନା ପଟ୍ଟନାୟକ

ବିବେକ ଘରର ବଡ ପୁଅ । ତା' ଉପରେ ଘରର ସବୁ ଦାୟିତ୍ୱ । ବାପାଙ୍କ ଅବସର ନେବାର ଏ ଭିତରେ ଦଶ ବର୍ଷ ହୋଇଗଲାଣି । ଭାଗ୍ୟକୁ ସାନ ଦୁଇ ଭଉଣୀଙ୍କର ବାହାଘର ବି ସରିଯାଇଛି । ଦୁଇ ଭଉଣୀ ନିଜ ପରିବାର ସହିତ ଆମେରିକାରେ ରୁହନ୍ତି । ବିବେକ ବାଙ୍ଗାଲୋରରେ ରହିବାକୁ ସ୍ଥିର କରିଛି । ଆମେରିକାରେ ଛଅ ବର୍ଷ ରହିବା ପରେ ସିଏ ଫେରିଆସିଛି ତାର ନିଜ ଜନ୍ମ ଭୂମିକୁ । ସ୍ତ୍ରୀ ମନିକାର ଭାରତକୁ ଫେରିବାକୁ ଆଦୌ ଇଚ୍ଛା ନଥିଲା । ବିବେକର କଥା ଅନୁସାରେ ଦୁଇ ବର୍ଷ ପାଇଁ ଫେରିବାକୁ ଭାବି ସେମାନେ ରହିଗଲେଣି କିଛି ବର୍ଷ । ରହିବାରେ ବିଶେଷ ଅସୁବିଧା ନାହିଁ ଏଠି । ବଡ ସହର । ବଡ ବଡ କମ୍ପାନୀ, ବିଶେଷ କରି ଭାରତ ବର୍ଷର କଂପ୍ୟୁଟର କ୍ଷେତ୍ର ପାଇଁ ବାଙ୍ଗାଲୋର ଏବଂ ହାଇଦ୍ରାବାଦର ବିଶେଷ ପ୍ରସିଦ୍ଧି ଅଛି । ଆମେରିକାକୁ ଏ ଦୁଇ ସ୍ଥାନରୁ ବହୁ ସଂଖ୍ୟାରେ ଭାରତୀୟ ଚାକିରୀ ପାଇଁ ଯାଇଥାନ୍ତି । ଅଳ୍ପ କେତେ ବର୍ଷର ଚାକିରୀ ପରେ କେତେ ଜଣ ଆମେରିକାର ଜାତୀୟତାକୁ ଗ୍ରହଣ କରି ରହିଯାଆନ୍ତି, ଆଉ କିଛି ଲୋକ ରୋଜଗାରର ସୁବିଧା ନେଇ କିଛି ବର୍ଷ ଭିତରେ ସେଇ ପଇସାରେ ଭାରତରେ ଗୋଟାଏ ଦୁଇଟା ଘର କରି ଫେରି ଆସନ୍ତି । ବିବେକ କଥା ଅଲଗା । ଏକମାତ୍ର ସନ୍ତାନ ବୋଲି ନୁହେଁ, ଭାରତରେ ରହିବାକୁ ଖୁବ ପସନ୍ଦ କରେ ବୋଲି, ବିଶେଷ କରି ବାଙ୍ଗାଲୋରକୁ ପସନ୍ଦ କରିବା ହେତୁ ଫେରି ଆସିଛି ନିଜର ପୁରୁଣା କର୍ମ କ୍ଷେତ୍ରକୁ । ବାଙ୍ଗାଲୋରରେ ତାର ଥିଲା ପ୍ରଥମ ଚାକିରୀ। ଚାକିରୀର ପ୍ରଥମ ଦୁଇ ବର୍ଷରେ ସହରଟିକୁ ଉପଭୋଗ କରି ଭଲ ପାଇ ବସିଥିଲା ସିଏ ।

ରଘୁନାଥପୁରରୁ ହାଇସ୍କୁଲ ପାସ କରି ନୟାଗଡ କଲେଜରେ ଦୁଇ ବର୍ଷ ପଢିବାକୁ ହୋଇଥିଲା ବିବେକକୁ । ସପ୍ତମ ଶ୍ରେଣୀରୁ ବୃତ୍ତି ପାଇ ସିଏ ଭାରି ଖୁସି ଥିଲା ଏବଂ ପରିବାରରେ ସମସ୍ତଙ୍କର ଭାରି ପ୍ରିୟ ହୋଇପାରିଥିଲା । ଗୋଟିକିଆ ପୁଅ ବୋଲି ବାପା ମାଆଙ୍କର ସ୍ନେହ ଶ୍ରଦ୍ଧାରେ ପୋତି ହୋଇ ପଡୁଥିଲା ସିଏ । ବାପା ଦଶରଥ ମହାନ୍ତିଙ୍କର ସମସ୍ତ ନଜର କେବଳ ପୁଅ ପ୍ରତି ଥାଏ । ଝିଅ ମାନେ ପଢିଲେ ନ ପଢିଲେ ତାଙ୍କର ଯାଏ

ଆସେ ନ ଥାଏ । ଚନ୍ତା କେବଳ ସେମାନଙ୍କର ବାହାଘର କରିବା । ସେ ଚନ୍ତା ବି କଠିନ ହୋଇନଥିଲା, କାରଣ ଝିଅ ମାନେ ଥିଲେ ସୁନ୍ଦରୀ ଆଉ ଗୁଣବତୀ । ବଡ ଝିଅ ଭଲ ପାଇ ବାହା ହୋଇଥିଲା । ଝିଅ ଓ ଜୁଆଁଇ ଦୁହେଁ ଏକା କଲେଜରେ ପଢୁଥିଲେ । କ୍ୟାମ୍ପସ୍ ବଛାବଛିରୁ ସିଲେକ୍ଟ ହୋଇ ଏକା ଯାଗାରେ କାମ କରୁଥିଲେ ।

ଝିଅ ସୁମିତାକୁ ପ୍ରମୋସନରେ ଆମେରିକାକୁ ଯିବାକୁ ପଡିଥିଲା । ପରବର୍ତ୍ତୀ କାଳରେ ସ୍ୱାମୀଙ୍କ ପାଇଁ ସେଇଠି ଠିକଣା କରି ଦୁହେଁ ଚକାଗୋ ସହରରେ ରହୁଛନ୍ତି । ସ୍ୱାମୀ ଅଭିଜିତଙ୍କର ବଂଧୁ ସୁକୁମାରଙ୍କ ସହ ସାନ ଭଉଣୀ ବବିତାର ବାହାଘର ଯୋଗାଡିଥିଲେ ସେମାନେ । ବାହାଘର ପରେ ଏବେ ବବିତା ଓ ସୁକୁମାର ମଧ୍ୟ ଚକାଗୋରେ ରହୁଛନ୍ତି । ମନେ ପଡିଲେ ହସେ ସୁମିତା । ଦିନେ ସାନ ଭଉଣୀ ବବିତା କହୁଥିଲା ଏବଂ ଜିଦ ଧରିଥିଲା, "ଯଦି ବାହାହେବ ତେବେ ସିଏ ଅଭିଜିତ ଭାଇଙ୍କ ପରି ହୋଇଥିବ ଆଉ ଆମେରିକାରେ ରହୁଥିବ, ତାଙ୍କୁଇ ବାହା ହେବ । ବାପାଙ୍କର ଗେହ୍ଲା ଝିଅ ବୋଲି, ବାପାଙ୍କୁ କହୁଥିଲା, "ଯଉତୁକ ବାବଦରେ ଯାହା ଦବାକୁ ପଡିବ, ଆପଣ ଦେଇ ଦିଅନ୍ତୁ ଏବେ, ମୁଁ ଆମେରିକା ଗଲେ କୌଣସି ମତେ ସେ ପଇସା ଆପଣଙ୍କୁ ଫେରାଇ ଦେବି" । ଭାଗ୍ୟକୁ ତାର ଫେରେଇବା ଦରକାର ପଡିଲା ନାହିଁ । ବାହାଘର ହୋଇଗଲା ସୁରୁଖୁରୁରେ । ସୁକୁମାର ସେତେବେଳେ ମିନଆପଲିସରେ ରହୁଥିଲେ । ଏବେ ଚକାଗୋରେ ଗୋଟିଏ ବଡ କମ୍ପାନୀରେ ଯୋଗ ଦେଇଛନ୍ତି । ଚକାଗୋର ଡେଭନ୍ ସହରରେ ସେମାନେ ରୁହନ୍ତି । ଡେଭନରେ ଅନେକ ଓଡିଆଙ୍କ ସହ ଅନେକ ଅଣ ଓଡିଆ ଭାରତୀୟ ମଧ୍ୟ ରୁହନ୍ତି । ଏତେ ସଂଖ୍ୟକ ଭାରତୀୟଙ୍କ ଗହଳରେ ଡେଭନ୍ ମନେ ହୁଏ ଏକ ଛୋଟ ଭାରତୀୟ ସହର । ଜଣେ ଦୁଇଜଣ ଭାରତୀୟଙ୍କର ବ୍ୟବସାୟ ଅଛି । ବାକି ପ୍ରାୟ ସମସ୍ତ ଭାରତୀୟ ଡେଭନ୍ ବାସୀ କମ୍ପ୍ୟୁଟର କ୍ଷେତ୍ରରେ କାମ କରନ୍ତି । ଏପରିକି ସେମାନେ ସମସ୍ତେ ମିଶି ସେଠି ଗୋଟିଏ ଛୋଟିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ମାସକୁ ଥରେ ସେମାନେ ଏକାଠି ହୁଅନ୍ତି ମନ୍ଦିରରେ । ସରସ୍ୱତୀ ପୂଜା, ଗଣେଷ ପୂଜା ଇତ୍ୟାଦିରେ ଏକାଠି ହେବାର ସୁଯୋଗ ବି ମିଳଥାଏ । ସେଇ ସୁଯୋଗରେ ସେମାନେ ଭାରତୀୟ ବେଶ ପୋଷାକ ପିନ୍ଧି ପର ରକୁ ନଜର ସ୍ୱଛଳତା ଦେଖାଇବାର ସୁଯୋଗ ଉଠାନ୍ତି । ସୁମିତା ଓ ବବିତାଙ୍କର ସେଇ ଅବସରରେ ସମୟ କଟାଇବାକୁ ଅଧିକା ସୁଯୋଗ ମିଳଯାଏ । ବାପା ମାଆଙ୍କଠାରୁ ଦୂରରେ ରହିବାର ଦୁଃଖ ବି ଲାଘବ ହୋଇଥାଏ କଛିମାତ୍ରାରେ ।

ବିବେକର ନିଜ ଦେଶ, ନିଜ ସାଙ୍ଗ ସାଥି ଆଉ ପରିବାର ସହ ରହିବାରେ ତାର ଆନନ୍ଦ ଥାଏ । ଭାରତୀୟ ଖାଦ୍ୟ, ଚାଲିଚଳନରେ ତାର ରୁଚି । ଆମେରିକାରେ ଜୀବନଟା କେମିତି ଗୋଟାଏ ଯନ୍ତ୍ରଚାଳିତ ପରି ଜଣାପଡେ ତାକୁ । ସାଙ୍ଗ ସୁଖ ଥିଲେ ମଧ୍ୟ ସମସ୍ତେ କେମିତି ଜଗି ରଖି ଚଳନ୍ତି । ମନଖୋଲା କଥାବାର୍ତ୍ତା କରିବାରେ ଜଡତା ପରିଲକ୍ଷିତ ହୋଇଥାଏ । ଯିଏ ଯାହା କାମରେ ବ୍ୟସ୍ତ । ଦୁଇ ଭଉଣୀଙ୍କ ଭିତରେ ଏକ ନୀରବ ଖାପଛଡା ଭାବ ଅନୁଭବ କରେ ବିବେକ । କହିବାକୁ କିନ୍ତୁ ପାଟି ଖୋଲେନି । ଏଣେ ସ୍ତ୍ରୀ ମନିକାର ଭାରତୀୟ ଚଳଣିରେ ରୁଚି କମ । ଆମେରିକାର ବେଶ ପୋଷାକରେ ତାର ପସନ୍ଦ । ହାତରେ ଚୁଡି ବା ମୁଣ୍ଡର ସିନ୍ଦୁରର ଆବଶ୍ୟକତା ତାକୁ ମନେ ହୁଏ ପୁରୁଣା କାଳିଆ ଅଭିରୁଚି ପରି । ସିନ୍ଦୁର ଲଗାଇ ବା ଚୁଡି ଓ ଶାଢୀ ଗହଣା ପିନ୍ଧିଦେଲେ ଅଧିକା ଭାରତୀୟ କେହି ହୋଇଯାଏନା । ମନିକାକୁ ଜିନ ଉପରେ ଟିସାର୍ଟ ଖଣ୍ଡେ ଗଳାଇ ଦେଲେ ହାଲୁକା ଓ ଫୁର୍ତ୍ତି ଲାଗେ । ମନିକାର କହିବା କଥା "ଯେ ଦେଶେ ଯାଇ ସେ ଫଳ ଖାଇ" । ତା ଛଡା ପାଖରେ କୋଉ ଶାଶୁ ଶ୍ୱଶୁର ଅଛନ୍ତି ବା ମାନ୍ୟ ଗଣ୍ୟ ସାଇ ପଡିଶା ଅଛନ୍ତି ଯେ ମୁଣ୍ଡର ଓଢଣା ଦରକାର ? ଯାହାଙ୍କ ପାଇଁ ଏତେ କରିବ, ସେଇମାନେ ହିଁ ଭଲ କଲେ ବି ସବୁଥିରୁ କିଛି ଖୁଣ ବାହାର କରିଥାନ୍ତି ! ଆମେରିକାର ରହଣୀ ସମୟରେ ଥରେ ପାଖ ସହରର ଦେବିକା ଘରକୁ ସେମାନେ ଏକ ଶନିବାର ସଂଧ୍ୟା କଟାଇବାକୁ ଯାଇଥିଲେ । ଅନେକ ଓଡିଆ ପରିବାରଙ୍କୁ ଏକାଠି ଦେଖି ମନିକା ଖୁବ ଖୁସି ହୋଇଥିଲା । ସେଠିକୁ ମଲ୍ଲି ତାର ଶାଶୁଙ୍କୁ ନେଇ ଆସିଥିଲା । ମଲ୍ଲିର ଶାଶୁଙ୍କ ସହ କଥା ହେଲାବେଳେ ସିଏ କହିଲେ, "ସତ କଥା, ଜାମା ପଟା ଯାହା ପିନ୍ଧିଲେ ବି ଯଦି ହସିକି ପଦୁଟିଏ କଥା ହେବନି, ବ୍ୟବହାର ଭଲ ନାହିଁ, ତେବେ ସେ ଶାଢି ପିନ୍ଧାର, ମୁଠିଆ ମାରିବାର ଦରକାର କଅଣ" ? ସମସ୍ତଙ୍କ ମନକୁ ସେକଥା ଭଲ ଲାଗିଥିଲା । ମଲ୍ଲିର ଶାଶୁ, ମନୋରମା ମାଉସୀ କହିଥିଲେ, "ଝିଅ, ଆଜିକାଲି ଯୁଗ ବଦଳିଗଲାଣି ଓଡିଶାରେ । ଜିନ ଟିସାର୍ଟ ସବୁ ଚଳିଲାଣି । ଝିଅ ବୋହୁ ସମସ୍ତେ ସମାନ । ଯଦି ବାହା ହେଲା ଝିଅକୁ ସବୁ ଛାଡ, ବୋହୁ ପାଇଁ କଟକଣା କାହିଁକି ? ସମସ୍ତେ ପାଠପଢି ଚାକିରୀ କଲେଣି । ସମସ୍ତଙ୍କର ସମାନ ଅଧିକାର, ସମାନ ଦାବି" । ମନୋରମା ମାଉସୀଙ୍କର କଥାରେ ସମସ୍ତେ ଖୁସି ହେଉଥାନ୍ତି । ମଲ୍ଲି କିନ୍ତୁ ମନେ ମନେ ହସିଲା । ଫିକା ହସଟିଏ । ନିଜ କଥା, ଘରେ ଶାଶୁଙ୍କର କଟକଣା କଥା ସିଏ କେବଳ ଜାଣେ । କାହାକୁ କହିବାକୁ ତାର ମନ କହିଲା ନାହିଁ । ନିଜ ଘର କଥା ପଦାରେ ପକାଇ କିଛି ଲାଭ ନାହିଁ । କିନ୍ତୁ ଭାବୁଥାଏ ଲୋକମାନେ କେମିତି ଦୁଇ ପ୍ରକାର ହୋଇ ପାରନ୍ତି ?

ଘରେ ଗୋଟିଏ ପ୍ରକାର ଆଉ ବାହାରେ ସମସ୍ତଙ୍କ ସାମନାରେ ଯେମିତି ଏକ ଅଲଗା ମଣିଷ!! ସେତିକିବେଳକୁ ରୀନା କହିଲା, "ମଲ୍ଲିର ଭାଗ୍ୟ ଭଲ । ମାଉସୀଙ୍କ ଭଳିଆ ଶାଶୁ ସିଏ ପାଇଛି" ! ମଲ୍ଲି କହିଲା, "ନୁହଁ ଆଉ କଅଣ ? ତୁ ବୋଧେ ମୋ' ଭଗ୍ୟକୁ ଇର୍ଷା କରୁଛୁ" । ସମସ୍ତେ ହସିଲେ । ମନେ ମନେ ଗୁଡାଏ କଥା କହିଗଲା ମଲ୍ଲି । ମୁହଁରେ ମିଛି ମିଛିକା ହସରୁ କେହି କଛି ଜାଣିପାରୁନଥାନ୍ତି । କେହି ବିଶ୍ୱାସ ବି କରିବେନ ଜାଣିଲେ ! ରିନା ମଲ୍ଲିକୁ ଗ୍ୱହିଁଲା । ତା ଆଖିର କଥାକୁ ସିଏ ପଢିନେଲା ବୋଧେ । କହିଲା, ମଲ୍ଲି ଗ୍ୱଲ ଖାଇବା ଗରମ କରିବାକୁ ଆରମ୍ଭ କରିବା, ନହେଲେ ସମୟ ଜଣା ପଡିବନ । ଗପୁଥିଲେ ଗପ ସରିବନ । ଦୁହେଁ ଉଠିଲେ ।

ଗ୍ୱେଷେଇ ଘର ମଝିରେ ଗ୍ୱରିକୋଣିଆ ଆଇଲାଠଟିଏ । ମାର୍ବଲପଥରରେ ତିଆରି । ଖାଇବା ପଡଗିଲେ ପୋଛିବାରେ ଅସୁବିଧା ନାହିଁ । ପୋଛା କନାରେ ହାତ ବୁଲାଇଦେଲେ ସଫା ! ଆଇଲାଠ ଉପରେ ସମସ୍ତେ ପ୍ରସ୍ତୁତ ଖାଇବା ଆଣି ରଖିଥାନ୍ତି, ଭିତରେ ପ୍ଲେଟ କପ ସଜଡା ହୋଇ ରଖାଯାଇଥାଏ । ସେଥିରୁ ଦରକାର ମୁତାବକ ପ୍ଲେଟ ଆଣି ଉପରେ ରଖିଲା ରିନା। ପ୍ରସ୍ତୁତ ଖାଇବା ଆଲୁମିନିଅମ୍ ଟ୍ରେ ରେ ଥିବାରୁ ତାକୁ ଓଭନରେ ଗରମ କରିବାକୁ ରଖାଗଲା ଆଉ କଛି ମାଇକ୍ରୋୱେଭରେ ଗରମ କଲେ । ପାଖରେ ଥିବା ସର୍ଭର ଉପରେ ସମସ୍ତ ପାନୀୟ ଥୁଆ ହୋଇଥାଏ । କାଗଜ କପ୍ ପ୍ଲେଟ୍ ଆଉ କାଗଜର ରୁମାଲ ମଧ ସଜଡା ହୋଇଥାଏ । ପିଲା ମାନଙ୍କ ପାଇଁ ରିନା ପିଜା ବରାଦ କରିଥିଲା । ପିଲାଏ ଆସି ପ୍ଲେଟରେ ପିଜା ନେଇ ଗ୍ୱଲିଗଲେ ।

କଛି ପିଲା ନାନ୍ ଆଉ ଛୋଲେ ଅଥବା ଛେନା ତରକାରୀ ନେଲେ । ଆମେରିକାରେ ରହୁଥିବା ବା ବଢୁଥିବା ପିଲାମାନଙ୍କର ସାଧାରଣତଃ ଭାତ ଡାଲି ଘାଣ୍ଟରେ ରୁଚ ନଥାଏ । ମନୋରମା ଗ୍ୱେଷେଇ ଘରର ଗୋଟିଏ କୋଣରେ ଠିଆ ହୋଇ ଦେଖୁଥାନ୍ତି । ତାଙ୍କୁ ସବୁ ବିଚନ୍ ଲାଗୁଥାଏ । ଓଡିଶାରେ ଘରେ ଘରେ ସମସ୍ତେ ପିଲାଙ୍କୁ ଖାଇବା ବାଢି ଦେଇଥାନ୍ତି । ଏଠି ଯିଏ ଯାହା ହାତରେ ଚଉଦ ପା । ସମସ୍ତେ ନଜ ନଜ ଇଛାରେ ପ୍ଲେଟ ଭର୍ତ୍ତିକରି ନେଉଥାନ୍ତି । ଖାଇଲେ ନ ଖାଇଲେ ମାଆ ମାନଙ୍କର ଖାତିର ନ ଥାଏ । ଖାଦ୍ୟର ଅପମର୍ଯ୍ୟଦା ହେଲା ପରି ମନେ ହେଉଥାଏ ମନୋରମାଙ୍କୁ । ପାଟି ବନ୍ଦ କରି ସିଏ ଦେଖିପାରୁନଥାନ୍ତି । ପିଲାଙ୍କୁ ତାଗିଦା କରି କହୁଥାନ୍ତି ମଝିରେ ମଝିରେ । କେହି ତାଙ୍କ କଥା ଶୁଣିବାର ନାଁ ଧରୁ ନଥାନ୍ତି । ପିଲାଙ୍କ ପରେ ପୁରୁଷ ଲୋକମାନେ ଖାଇବା ନେଇ ସାରିବା

ପରେ ସ୍ତ୍ରୀଲୋକମାନଙ୍କର ପାଳ । ରିନା ଆସି ଗୋଟିଏ ପ୍ଲେଟରେ ଖାଇବା ଭର୍ତ୍ତି କରି ମନୋରମାଙ୍କୁ ସୋଫାରେ ବସାଇ ଦେଇ କହିଲା, "ମାଉସୀ ଆପଣ ଖାଆନ୍ତୁ, ଦରକାର ହେଲେ ମତେ ଡାକବେ" କହି ପ୍ଲାଷ୍ଟିକ୍ ଗ୍ଲାସରେ ପାଣି ଗ୍ଲାସେ ଦେଇ ଚାଲିଗଲା । ମନୋରମା ଭାବୁଥାନ୍ତି, ନଜ ବୋହୂଟା ସେଠି ଠିଆ ହୋଇଛି, ପଦୁଟାଏ ପଚାରିଲା ନାହିଁ ମଧ୍ୟ ।

ମନକା ସବୁ ନୀରବରେ ଲକ୍ଷ୍ୟ କରୁଥାଏ ସେଦିନ ଆମେରିକାର ସନ୍ଧ୍ୟା ଭୋଜି । ବାଙ୍ଗାଲୋର ଆଉ ଆମେରିକା ଭିତରେ ବିଶେଷ କଛି ଫରକ ଦେଖିନଥିଲା ସିଏ । ଖାଇବା ପିଇବା, ପିନ୍ଧିବାରେ କୌଣସି ତଫାତ ନଥିଲା । ଚାଲିଚଳଣରେ ସାମାନ୍ୟ ଫରକ ଥିଲା । ସେଠି ଲୋକମାନେ ଗଳ୍ପ ସ୍ୱଳ୍ପରେ ମଜା ନଅନ୍ତି, ଟିଭି ଆଉ ସିନେମା ଦେଖାଠାରୁ । ଗପ ଯେ କେଉଁଠୁ ଆରମ୍ଭ ହୋଇ କେଉଁଠି ଶେଷ ହୁଏ ତାର କେହି ଠିକଣା ରଖନ୍ତି ନାହିଁ । ଚାକରୀ ବିଷୟରେ ପୁରୁଷ ମାନେ କଥା ହେଲାବେଳେ ନାରୀ ମାନଙ୍କର ପିଲା ମାନଙ୍କର ପାଠ ପଢାର ବାହାଦୁରୀ ଓ ଗହଣା- ଶାଢୀର ବିଶେଷ ଚର୍ଚ୍ଚା ଚାଲିଥାଏ । ସେଠି ବୟସ୍କ ଲୋକମାନଙ୍କ ପାଇଁ ସମୟ ଦେବାକୁ କାହାର ବେଳ ନଥାଏ । ମନୋରମା ଏକୁଟିଆ ହୋଇ ଯାଉଥାନ୍ତି । ପାଖରେ ବସିଥିବା କେତେଜଣ ସ୍ତ୍ରୀଲୋକ ଟିକଏ ଜଗିରଖି କଥା ହେଉଥାନ୍ତି । ଆଉ ଚାରି ଛଅଜଣଙ୍କର କାହାକୁ ଖାତିର ନଥାଏ । ହସର ଅତଡା ଖସୁଥାଏ । ଓଡିଶାରୁ ଆସିଥିବା ବୟସ୍କ ଭଦ୍ରମହିଳାଙ୍କୁ କେମିତି ଲାଗୁଥିବ ସେମାନେ ଭାବୁନଥାନ୍ତି । ତାଙ୍କୁ ଅଣଆଡିଆ କରିଦେଇ ଯିଏ ଯାହା କାମରେ ବ୍ୟସ୍ତଥାନ୍ତି । ମନକା ମଝିରେ ମଝିରେ ତାଙ୍କୁ ଚାହୁଁଥାଏ । ଘରେ ଏକୁଟିଆ ବସିବାଠାରୁ ଏମିତି ଗହଳ ଚହଳ ହୁଏତ ତାଙ୍କୁ ଭଲ ଲାଗୁଥିବ ବୋଲି ସିଏ ଭାବୁଥାଏ । କନ୍ତୁ କେହି କଥା ପଦେ ନକହିଲେ, ପାଖରେ ଟିକଏ ନ ବସିଲେ କାହାକୁ ବା ଭଲ ଲାଗିବ ? ମନୋରମାଙ୍କର ସହଜେ ଖାଇବାରେ ଆଗ୍ରହ କମ୍ । ସୁଖିଲା ରୁଟି ଆଉ ସନ୍ତୁଳାରେ ସିଏ ହୁଏତ ଖୁସି ହୋଇଥାନ୍ତେ ! ଏଣେ ଆଇଁଷ ବାରଣ କାହାର ଏଠି ନାହିଁ । ଏକା ଚାମୁଚରେ ଛୁଆଁ ଛୁଇଁ ବଢାବଢିରେ କେହି ଫରକ ଜାଣି ପାରିବା ଭଳ ଜଣା ପଡୁ ନଥାଏ । ମନୋରମା ଦେଖୁଥାନ୍ତି, କଛି କହିବାକୁ ଉଚତ ମଣୁନଥାନ୍ତି କନ୍ତୁ ଭାବୁଥାନ୍ତି, ଏଠି ରହୁଥିବା ସ୍ତ୍ରୀଲୋକମାନଙ୍କର ସଂଠଣା ଗଲାକୁଆଡେ ? ପାଟି ଚୁପ୍‌କରି ବସି ସିଏ ଘରେ ଥିବା ୫୫ଇଞ୍ଚର ଟିଭିରେ ଚାଲୁଥିବା ଫୁଟ୍‌ବଲ ଖେଳକୁ ଅନାଇଥାନ୍ତି, ବୁଝନ୍ତୁ ନ ବୁଝନ୍ତୁ । ଦେଖିଲେ କଏ ହୁଏତ ଭାବିପାରେ ଯେମିତି ଖେଳକୁ ସିଏ ପିଇ ଯାଉଛନ୍ତି । ଆଖି ତାଙ୍କର ଟିଭିରେ ଥିଲେ ମଧ୍ୟ ମନର ପରଦାରେ ଜୀବନର ଅନେକ

ଘଟଣା ଗପ ପରି ଆସିଯାଉଥାଏ । ଏତେ ଗହଳ ଭିତରେ ସିଏ ନିଜକୁ ସଂପୂର୍ଣ୍ଣ ଏକୁଟିଆ ମନେ କରୁଥାନ୍ତି । ପୁଅକୁ ନେଇ କେତେ ଆଶା କେତେ ସ୍ୱପ୍ନ ସିଏ ଦେଖିଥିଲେ । ଏବେ ବୁଝୁଛନ୍ତି ସବୁ ସ୍ୱପ୍ନ ଫଳବତୀ ହୁଏ ନାହିଁ, ସବୁଘାଆରୁ ଦାଗ ଲିଭେ ନାହିଁ । କେଉଁ ଘାଆ ମନରେ ଅଲିଭା ଦାଗ ରଖିଦିଏ । ଦାଗ ତ ମନତଳେ ଦବି ହୋଇ ରହିଯାଏ । ନିଜ ଜୀବନରେ ଘଟିଯାଇଥିବା ମୁହୂର୍ତ୍ତ ସବୁ ଗଳ୍ପ ପରି ମନେ ହୁଏ । ଦିନ ମାସ ବର୍ଷ ବିତିଯାଏ। ପୁରୁଣା ଦିନ ସବୁ ଆସି ସାମାନାରେ ଠିଆ ହୁଅନ୍ତି । କାନ୍ଧରେ ହାତ ଦେଇ ହଲାଇ ଦିଅନ୍ତି ଅସ୍ତିତ୍ୱକୁ । ମନୋରମାଙ୍କୁ ତାଙ୍କ ନିଜ ଶାଶୁଙ୍କର ତାଡନା ମନେପଡେ । ମାନସୀକୁ ସ୍ୱାମୀଙ୍କର କର୍ମ ଜଡିତ ଜୀବନରେ ତାର ସ୍ଥାନ ନଥିବା ମନେପଡେ । ସୁମିତା ଆଉ ବବିତାଙ୍କୁ ଜୀବନକୁ "ଆଜିକୁ" ନେଇ ବଞ୍ଚିବାର ସୁଖ ଉପଭୋଗ କରିବାର ଏକମାତ୍ର ରାସ୍ତା ଭଲଲାଗେ । ଜୀବନର ନଦୀ କେଉଁଠି ସଂକୁଞ୍ଚିତ କେଉଁଠି ପ୍ରସାରିତ ହୋଇ ଆଗକୁ ଗଡିଗଲେ । କେତେବେଳେ ଉତ୍ଫୁଲିତ ଆଉ କେତେବେଳେ ମ୍ରିୟମାଣ । କେତେ ଖାଲ ଢିପ ଦେଇ ବର୍ଷା ଖରାର ଧୂପ ଭିତରେ ଶୀତର ପ୍ରତୀକ୍ଷାର ଆନନ୍ଦ ହିଁ ଆନନ୍ଦ ମନେହୁଏ । ପୁଣି ସୂର୍ଯ୍ୟ ଉଏଁ, ପୁଣି ଦିନଟିଏ ବିତିଯାଏ । ଜନ୍ମ ମୃତ୍ୟୁର ସତ୍ୟତାକୁ ଉଣ୍ଡୁଖେଇ ଦେଖିବାକୁ ସମୟ ମିଳେନା । ତଥାପି ବିତିଗଲା କାଲି ଉପରେ ଠିଆ ହୋଇଥାଏ ଆଜି, ଆସନ୍ତାକାଲିର ପ୍ରତୀକ୍ଷାରେ । ସ୍ଥାନ କାଳ ପାତ୍ରନେଇ ଆଦରିଯାଏ ଜୀବନ । ବାଙ୍ଗାଲୋର, ଓଡିଶା ଆଉ ଆମେରିକା ଏକ ହୋଇଯାଏ । ଚହ୍ନା ସ୍ଥାନ ଅଚହ୍ନା ହୋଇଯାଏ । ଅଲିଭା ଦାଗ ଲିଭେନା, ଭୁଲି ହୋଇଯାଏ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗାଁ ଟି ମୋର



ଡ଼ଃ ଅମ୍ରେଶ ପଟ୍ଟନାୟକ

ଗାଁ ଟି ମୋର ସଫାସୁତର  ଅଟଇ ଅତି ଆପଣାର
ଗାଁର ଚହ୍ନ ବର୍ଣ୍ଣ ନାହିଁ   ପାଲଟିଛି ଏବେ ସହର
ଗାଁର ଶୋଭ୍  ଅଟଇ ମନଲୋ୍ଭ ଗାଁ ମୁଣ୍ଡ ବରଗଛର ଆଭ୍
ପିଣ୍ଡାରେ ବସି ତାସ ଖେଳ ବର ଓହଳରେ ପିଲ୍ଂକ ଦଳ ବଢ଼ାଇ ଦିଏ ତା ଶୋଭ୍
ଗାଁ ଶେଷରେ ଭ୍ଗବତର ଟୁଙ୍ଗୀ
    ସମାବେଶରେ ପିଲ୍, ବୁଢ଼ା ଓ ଗୁଙ୍ଗି
ସଭିଏଁ ମିଳନ୍ତି ସଭିଏଁ ଶୁଣନ୍ତି ଅଟେ
        ଭିନ୍ନ ଭିନ୍ନ ତାଙ୍କ ଦୃଷ୍ଟି ଭଙ୍ଗୀ
ମାଟିର୍ସ୍ତାର ଅକାଳ ଚଡ଼କ
        ବଞ୍ଚିବେନ ଆଉ କାଉ ଓ ବକ
            ସମସ୍ତେ ମରିବେ ଭେ୍ଗିବେ ମରଣାନ୍ତକ
                ଏହାହିଁ କଂକ୍ରିଟ ଜଙ୍ଗଲ ର ସନ୍ତକ
ଚଷା ଭ୍ଇର ବାରବାଟୀ ଗୃଷ
        ଆଜିନାହିଁ ଯାଇଛି ଫସରଫାସ
ତଥାପି ମନରେ ବାନ୍ଧିଛି ସାହାସ
        ଦାଦନଖଟି ଯିବ ସୁର୍ଟ ଦେଶ
ମନରେ ଅନାବିଳ ପ୍ରେମ
            ଗାଁ ମାଟିର ଅଟେ ସମ୍ମାନ

ଏହାହିଁ ନର୍କ ଏହାହିଁ ସ୍ୱର୍ଗ ଜଣାପଡେ
ଫେରି ଦୂରଦେଶୁ ଖଟି ଦାଦନ
ବାପା, ମା, ଦାଦା, ଖୁଡି ସମସ୍ତେ ବସନ୍ତି ଯୋଡିଯୋଡି
କକେଇ, ଦେଢେଇ, ଭାଇ, ଭାଉଣୀ
ଜଣେ ଗଲେ ଆଉ ଜଣକୁ ଭିଡ଼ି
ଆଉ ନ ଶୁଭେ ଏ ଚଷାଭାଇର ଗୀତ
ଉଜୁଡି ଯାଇଛି ଯାର ସୁବର୍ଣ୍ଣ କ୍ଷେତ
ହାତକୁ ହାତ ବର୍ଷାରେ ଶିତ ବସନ୍ତ
ରାମାୟଣ, ମହାଭାରତ, ଗିତା ଓ ଭାଗବତ
ମନ୍ଦିରେ ଉଡ଼ଇ ନେତ ମର୍କଟ କେଶରୀଙ୍କ ଉତ୍ପାତ
ଆମ୍ବତୋଟା ଥିଲା ଶତଶତ ଯାହା ଗୋଚର ଭୂମି ରେ ପରିଣତ
ଯାହା ଗୋଚର ଭୂମି ରେ ପରିଣତ........

ବିଜ୍ଞାନ ଶିକ୍ଷକ
ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ
ପୋଲସରା, ଗଞ୍ଜାମ- ୭୬୧୧୦୫

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଗୋଟିଏ ଗଛର ମୂଲ୍ୟ



କେ.ନିର୍ମଳ

ଗୋଟିଏ ଗଛର ମୂଲ୍ୟ ଯେ ଅନେକ
ଜାଣିବାକୁ ବାକଅଛି,
ଆଜିର ମଣିଷ କଛି ବୁଝେ ନାହିଁ
ଭୁଲିଯାଏ ସବୁକଛି ।

ପୃଥିବୀ ଟା ଆଜି କଂକ୍ରିଟ୍ ଜଙ୍ଗଲ
ନାହିଁ ଆଉ ଗଛ ବୃଛ ।
ଭବିଷ୍ୟତ ପିଢି ବିକଳେ ମରିବେ
ପାଣିବିନା ଯେହ୍ନେ ମାଛ ।

ବେଳ ଥାଉ ଥାଉ ଚନ୍ତାକର ତୁମେ
ଭବିଷ୍ୟ ଅନ୍ଧାର ଘୋର ।
ଜନ ଶୂନ୍ୟ ଦିନେ ହେବେ ଏ ଧରିତ୍ରୀ
ନଥିବେ ନାରୀ କ ନର ।

ବେଳଥାଉ ବନ୍ଧ ବାନ୍ଧ ହେ ବାନ୍ଧବେ
ନୋହିଲେ ହେବ ପ୍ରଳୟ ।
ନଷ୍ଟେ ଦିନେ ଶସ୍ୟ ଶ୍ୟାମଳା ପୃଥିବୀ
ହୋଇବ ଅଗ୍ନି ବଳୟ ।

ଭଦ୍ରକ, ବାସୁଦେବପୁର ( ଜଗନ୍ନାଥ)

# ସ୍ୱପ୍ନ ଓ ଜୀବନ



ସଚ୍ଚିଦା ନନ୍ଦ ବାରିକ

ଦୁରୂହ ପ୍ରଶ୍ନଟିଏ
କନ୍ତୁ ଅଡୁଆ ନୁହେଁ....
ସ୍ୱପ୍ନରେ କଏ ଆସେ
ସ୍ତ୍ରୀ ନା ପ୍ରେମିକା !!

କେହି ଜଣେ କହିଥିଲେ
ପ୍ରେମ ଥରେ ହୁଏ ଜୀବନରେ
ଆଉ ସବୁ ପ୍ରେମ ପରି....
ଠିକ କଥା ତ
ପ୍ରେମ ସ୍ୱତଃସ୍ଫୁର୍ତ୍ତ
ଆଉ ସବୁ ବୁଝାମଣା ମାତ୍ର....

ଏମିତି ପ୍ରଶ୍ନରେ ଛାଁ ଛାଁ ଉତ୍ତର ଆସେ
ମନେପଡେ କେବଳ ମନର ମଣିଷ....

ଏଥିରେ ମନ ଋଣା କରିବାର କଛି ନାଇଁ
ପରିବାର ଅନୁଶାସନ ଶୃଙ୍ଖଳରୁ ବାହାରି
ନୂଆ ଜାଗାକୁ ଆସିଲେ
ଶୃଙ୍ଖଳ ଟିକେ ହୁଗୁଳା ହୁଏ
ଇଚ୍ଛା ପକ୍ଷୀ ଡେଣା ମେଲେ....
ନଜେ ନଜେ ପରିସ୍ଥିତି କୁ ସାମ୍ନା କଲାବେଳେ

ଅନେକ କଥା ରହିଯାଏ
ପରିବାର ଲୋକଙ୍କୁ କହି ହୁଏନ କ ବୁଝେଇ ହୁଏନ
ବାଧ୍ୟ ହୋଇ ବେଳେବେଳେ ମିଛ କହିବାକୁ ହୁଏ

ଏଇ ବ୍ୟସ୍ତତା ଭିତରେ ଶୂନ୍ୟତା ଆଉ ମିଛ ଭିତରେ ସତ
ଅନେକ ଅକୁହା କଥା ବୁଝିବାକୁ ବୁଝେଇବାକୁ
ମନେ ଖୋଜେ ଆଉ ଜେନ ସହୃଦୟ ମଣିଷଟିଏ....

ଯାହା ସହ କଟେ
କୈଶୋରରୁ ଯୌବନ
ସ୍ୱପ୍ନ ଦେଖିବା ଆଉ ହଜିଇବାରେ
ଭରସା କରିବା ହୃଦୟ ଭାଙ୍ଗିବା
ପୁଣି ଲୁହ ପିଇ ଆଗକୁ ଗୁଲିବାରେ....

କେତେଜଣଙ୍କ ଭାଗ୍ୟରେ ଥାଏ
ମନର ମଣିଷକୁ ଜୀବନସାଥି କରିବାର
ମହାର୍ଘ୍ୟ ମୂହୁର୍ତ୍ତ!!

ସ୍ୱପ୍ନ ଭାଙ୍ଗେ ହୃଦୟ ଭାଙ୍ଗେ
ମନଖୋଲି କାନ୍ଦି ପାରେନ ମଣିଷ....
ତଥାପି କେଉ କାଢି ହୁଏ ଯେ
ମନର ମଣିଷକୁ ହୃଦୟରୁ...!!
ଉପରକୁ ମନା କଲେ ବି
ସବୁଦିନ ଛାତି ତଳେ ସାଇତା ହୋଇ ରହେ

ଅନେକ କଛି ଆଉ ମନର ମଣିଷ....
ଜୀବନ ମୋଡ ବଦଳାଏ

ପରିସ୍ଥିତି ବି ବେଳେବେଳେ ଦାଉ ସାଧେ
ମନେ ପଡେ ପରିବାର ସାଇ ପଡିଶା
ଆଉ ପରିବାର ମାନ ସମ୍ମାନ....
ତା ପରେ
ସବୁ ତୁଛ ଲାଗେ
ଅନେକ କଛି ହଜିଲା ପରି ଲାଗେ
ଖୋଜିବାକୁ ଇଚ୍ଛା ହୁଏନ
ଆତଜଷ୍ଟ ମୋଡରେ ଜିଇଁବାକୁ
ନିଜତ୍ୱକୁ ବିକ ଦେବାକୁ
ବାଧ ହୁଏ ଅଲିଖିତ ଦସ୍ତାବିଜ ରେ କରିବାକୁ ସ୍ୱାକ୍ଷର

ବାପା ମାଙ୍କ ବାଧ ସନ୍ତାନ ଯେତେବେଳେ
ଏତେଦିନର ପ୍ରେମକୁ ଦୁଃସ୍ୱପ୍ନ ଭାବି
ଭୁଲିଯିବାକୁ ବାଧ....

ଆଉ ଶେଷରେ
ପ୍ରେମର ଘଟେ ଅପମୃତ୍ୟୁ
ସେ ମରେନାହିଁ
ତାକୁ ଜୋର କରି ମାରି ଦିଆଯାଏ
ଏକ ଅନାଗତ ଉତ୍ସବକୁ ଆଳ କରି....

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# କୋର୍‌ପୁଟର
# ମାଳ- ୪



ଅଶୋକ ବିଶ୍ୱାଳ

## ପଂଚପଟ୍ଟମାଳୀ ପାହାଡ ଉପରକୁ ଯାତ୍ରା

ପରଦିନ ଆମେ ପଞ୍ଚପଟ୍ଟମାଳୀ ପାହାଡ ଉପରକୁ ଯାତ୍ରାକଲୁ । ପଞ୍ଚପଟ୍ଟମାଳୀର ଅର୍ଥ ହେଉଛି ୫ ଟି ପାହାଡ । ଏଠି ପାହାଡର ଶୃଙ୍ଗକୁ ମାଳୀ କୁହାଯାଏ । ଏଠାକାର ଉଚ୍ଚତମ ପାହାଡମାନଙ୍କ ମଧ୍ୟରେ ଏହି ପଞ୍ଚପଟ୍ଟମାଳୀ ପାହାଡ ଅନ୍ୟତମ, ଦାମନଯୋଡି ସହରଠାରୁ ପ୍ରାୟ ୨୫ କ.ମି. ଦୂରରେ ପାହାଡର ଶୃଙ୍ଗ । ମୋର ଆଗରୁ ବିଶ୍ୱାସ ଥିଲା ପାହାଡର ଶୃଙ୍ଗ ଗୋଜିଆ ହୋଇ ଉପରେ ଶେଷ ହୋଇଯିବ ଆଉ ସେଠାରେ ଠିଆ ହେବା ପାଇଁ ସ୍ଥାନ ବି ନଥିବ । କିନ୍ତୁ ମୁଁ ଯାହା ଦେଖିଲି ତାହା ଥିଲା ସମ୍ପୂର୍ଣ୍ଣ ଭିନ୍ନ, ଉପରେ ଥିଲା ଏକ ବିସ୍ତୀର୍ଣ୍ଣ ସମତଳ କ୍ଷେତ୍ର । ଅନେକ କିଲୋମିଟର ଲମ୍ବା, ଯେମିତିକି ଏକ ବିଶାଳ ଫୁଟବଲ ପଡିଆ ତିଆରି କରାଯାଇଛି । ଉପରେ ଛୋଟ ଛୋଟ Phoenix ବା ଭୂମି ଖଜୁରୀ ଗଛ ଥିଲା । ଏହି ଅଞ୍ଚଳରେ ଏମିତି ଗଛ ଉଠେ । ଏମିତି ଗଛ ରହିବାର ଅର୍ଥ ହେଉଛି ବକ୍ସାଇଟ୍ ସବୁଆଡେ ଅଛି । ବକ୍ସାଇଟ୍ ମାଟିରେ Phoenix ଗଛ ହିଁ ବଢେ । ଏହି ଉପର ସମତଳ ଅଞ୍ଚଳରେ କିଛି ଅଂଶରେ ଖଣି ଥିଲା, ଅନ୍ୟ ଅଂଶକୁ କେହି ଛୁଇଁନଥିଲେ ।

ମୁଁ ମୋ ଆଗରେ ଥିବା ବିସ୍ତୃତ ଆକାଶକୁ ଦେଖି ଆଚମ୍ବିତ ହୋଇଗଲି, ଥିଲା ଗୋଟିଏ ଲମ୍ବା ଇନ୍ଦ୍ରଧନୁ, ସହରରେ ଦେଖାଯାଉଥିବା ଇନ୍ଦ୍ରଧନୁ ଭଳି ଛୋଟ ନୁହେଁ । ବହୁତ ବହୁତ ବଡ। ଲମ୍ବା ଧାନ କ୍ଷେତରେ ଦେଖାଯାଉଥିବା ଇନ୍ଦ୍ରଧନୁ ଠାରୁ ଆହୁରି ବଡ । ଏହି ବିଶାଳ ପାହାଡର ବିଶାଳ ଭୂମିରେ ଏହି ଇନ୍ଦ୍ରଧନୁର ଲାଗୁଥିଲା ଅତୀବ ସୁନ୍ଦର । ଧଳା ମେଘ ସବୁ ଭୂମି ଠାରୁ କିଛି ଉପରେ ଥିଲା, ଆଉ ଇନ୍ଦ୍ରଧନୁର ବାମ ଅଂଶକୁ ଧରି ରଖିଥିଲା । ଧାରରେ

ଠିକ୍ ମୋ ଦେଖିବାର ଆଗରେ, ଇନ୍ଦ୍ରଧନୁ ଗୋଟିଏ ପାହାଡ଼ରୁ ଆରମ୍ଭ ହୋଇଥିଲା, ଦେହରେ ଲାଗିରହିଥିଲା ଧଳା ବଉଦମାନ । ଇନ୍ଦ୍ରଧନୁର ଲାଲ୍ କମଳା ରଙ୍ଗ ଟିକଏ ଅସ୍ପଷ୍ଟ ହୋଇଯାଇଥିଲା ତଳ ଆଡକୁ କିନ୍ତୁ ଭିତରର ସବୁଜ ରଙ୍ଗ ବହୁତ ସ୍ପଷ୍ଟ ଥିଲା । ଏହି ଇନ୍ଦ୍ରଧନୁ ସ୍ପଷ୍ଟ ଏଇଥି ପାଇଁ ଦେଖାଯାଉଥିଲା କାରଣ ଆଗରେ ଥିଲା ବିଶାଳ ଘାସୁଆ ପଡିଆ । ଇନ୍ଦ୍ରଧନୁ ଏକ ବିଶାଳ ତୋରଣର ଆକାର ନେଇଥିଲା, ପରେ ଟିକଏ ଅଧିକ କଳା ମେଘମାନଙ୍କ ଉପର ଦେଇ ଚାଲିଯାଇଥିଲା । ପଛରେ ନୀଳ ଆକାଶ ଖୁବ୍ ସ୍ପଷ୍ଟ ଥିଲା। ସେଇ ନୀଳ ରଙ୍ଗ ଇନ୍ଦ୍ରଧନୁ ର ଗାଢ ନୀଳ ନଥିଲା । ଏହା ଥିଲା ପୁସିଆନ୍ ବ୍ଲୁ । ଆଉ ବାଇଗଣି ରଙ୍ଗ ଥିଲା ଭିତରର ଧାରରେ । ଏହି ରଙ୍ଗ ସବୁ ଅତି ସ୍ପଷ୍ଟ ଥିଲା । ପ୍ରକୃତିର ଏତେ ବଡ ତୋରଣ ସେତେ ଉଚ୍ଚତାରେ, ଏ ରୂପ ଥିଲା ଅତୁଳନୀୟ ।

ମୁଁ ଉପର ଭୂମିର ଏକ କଡକୁ ଆସିଲି । ତଳକୁ ଦେଖୁଥିଲି । ତଳେ ଥିଲା ଆଶ୍ଚର୍ଯ୍ୟ ଜନକ ଭାବେ ଲମ୍ବା ସୁନ୍ଦର ଉପତ୍ୟକା, ବହୁ ଚଉଡା ନୁହେଁ । ଛୋଟ ବଡ ପାହାଡ ଏଠି ସେଠି, ଚାଷଜମି ମଝିରେ ମଝିରେ, ଏକ ଅତି ମନୋରମ ଦୃଶ୍ୟ ଥିଲା ବିଶାଳ ଭୂଭାଗରେ । ମୁଁ ଅନେକ ଦିନ ତଳେ ଜାପାନର ଚାଷଜମିର ଫଟୋ ସବୁ ଦେଖିଥିଲି । ସେ ଫଟୋ ଗୁଡିକ ଅତୀବ ସୁନ୍ଦର ଲାଗୁଥିଲା । ଚାଷୀମାନେ ପ୍ରଥମେ ବିଚାର କରି ଭିନ୍ନ ଭିନ୍ନ ରଙ୍ଗର ଧାନ ଲଗାଇଥିଲେ । ଅଲଗା ଅଲଗା ପ୍ରଜାତିର । ଯେତେବେଳେ ଏକ ବିସ୍ତୃତ କୋଣରୁ ବା ଉଚ୍ଚରୁ ଫଟୋ ନିଆ ଯାଉଥିଲା ଅଜଣା ଅଶୁଣା ଛବିମାନ ବାହାରି ଆସୁଥିଲା; ଘୋଡା ଉପରେ ଏକ ଅଶ୍ୱାରୋହୀ, ଜଣେ ସନ୍ନ୍ୟାସୀ ଇତ୍ୟାଦି, ଆଗରୁ ବିଚାର କଲେ ଅତି ସୁନ୍ଦର ଛବି ବାହାରି ଆସେ । ମୋ ଆଗରେ ଆଜି ସେମିତି ସୁନ୍ଦର ଚିତ୍ର ଥିଲା । ଏବେ ଅମଳ ହୋଇଥିବା ଧାନ କ୍ଷେତ ସବୁ ଥିଲା ଅଳ୍ପ ସୁନେଲି ମାଟିଆ ରଙ୍ଗର, ଦୃଶ୍ୟପଟ୍ଟର ମଝିରେ। ଛୋଟ ଛୋଟ ଘାସୁଆ ଜମି ଥିଲା ସବୁଜ ରଙ୍ଗର । ନୂଆ କରି ହଳ ହୋଇଥିବା ଜମି ସବୁ ଥିଲା ଲାଲ୍ ରଙ୍ଗର । ଛୋଟ ଛୋଟ ପାହାଡରେ କିଛି ବଡ ଗଛ ନଥିଲା, ସେଠି ଥିଲା ଛୋଟ ଛୋଟ ଗଛମାନ ଯାହା ସେ ଜମିକୁ ଟିକଏ ହାଲକା ସବୁଜ ରଙ୍ଗ ଦେଉଥିଲା । ବଡ ପାହାଡଗୁଡାକରେ ମଧ୍ୟ ଅନେକ ଗଛ ନଥିଲା । କିଛି ବିଳମ୍ବରେ ଚାଲିଯାଇଥିବା ବର୍ଷା ଋତୁ ଆଣିଥିଲା ଉଜ୍ଜ୍ୱଳ ସବୁଜ ରଙ୍ଗ । ମୁଁ ସେହି ବିଶାଳ ପ୍ରକୃତିକୁ ଦେଖୁଥିଲି । ବର୍ଷାର ଶେଷ

ମେଘ ଗୁଡିକ ଉପରେ ଭାସିଯାଉଥିଲା । ନଭେମ୍ବର ମାସ, ଡେରି ହୋଇଗଲାଣି, ତଥାପି ବି ଶେଷ ବର୍ଷାର ମେଘ ସବୁ ଏହି ସୁନ୍ଦର ଜମି ଗୁଡିକ ଉପରେ ଲମ୍ବା ଛାଇ ପକେଇଥିଲା । ମୁଁ ସେଠି ଛାଇରେ ଦେଖିଲି ଏକ ଭୟଙ୍କର ଭାଲୁ । ମୁହଁ ବାହାର କରିଛି ଏକ ବଡ ପାହାଡରୁ। ସେ ଦୃଶ୍ୟପଟରେ ମୁଁ ସେମିତି ଅନୁଭବ କରୁଥିଲି । ତଳେ ବୋହି ଯାଉଥିବା ଝରଣାରୁ ପାଣି ପିଇବା ପାଇଁ ନଇଁ ଯାଇଛି । ଯେମିତି ଉପରେ ମେଘ ଭାସିଯାଏ, ନୂଆ ନୂଆ ଛବି ବାହାରି ଆସୁଥିଲା । ଛାଇର ଏ ନାଚ ମୋତେ ଏକ ନୂଆ ଦୁନିଆକୁ ନେଇଯାଉଥିଲା, ଭାବନା ବଦଳଯାଉଥିଲା ବହୁ ଜଲଦି । ମେଘ ତଳେ ତିଆରି କରୁଥିବା ଏ ଛାଇର ନାଚ ମୁଁ ପ୍ରକୃତିର ଉପର ହିଲ୍ ଟପ୍ ବାଲକୋନ, ପାହାଡର ଶୃଙ୍ଗରେ ବସି ଦେଖୁଥିଲି । ଅବିଶ୍ୱାସ କରୁଥିଲି ମୋର ଆଖିକୁ, ବିଶ୍ୱାସ କରିପାରୁନଥିଲି ।

ମୁଁ ପରଜାମାନଙ୍କର ବିଶ୍ୱାସ କଥା ଭାବୁଥିଲି । ସେମାନେ ଏଠି ଦେବତାର ରାଜ୍ୟରେ ଅଛନ୍ତି। ମୁଁ ମନେ ପକାଇଲି ଡଙ୍ଗର ଦେବୀର କାହାଣୀ, ସେ ଉଚା ପାହାଡମାନଙ୍କରେ ଥିବା ଠାକୁରାଣୀର କାହାଣୀ । ବିଶ୍ୱାସ କରନ୍ତି ସେମାନେ ପ୍ରକୃତିର ସବୁ ଶକ୍ତିକୁ, ସବୁ ପ୍ରକାର ଭୂମିର ଆକୃତିକୁ । ପ୍ରତି ଗଛ, ପ୍ରତି ଜଙ୍ଗଲ ହେଉଛି ଠାକୁର ଠାକୁରାଣୀର ସ୍ଥାନ । ଦେବୀ ଦେବତା ଲୋକଙ୍କର ମଙ୍ଗଳ ପାଇଁ ସେଠାରେ ଅଛନ୍ତି । ସେମିତି ଏକ କାହାଣୀ ମୋ ମନରେ ଆସିଲା । ସେମାନଙ୍କର ଜୀବନର କାହାଣୀ, କେତେ ଖୁସି ଅଛନ୍ତି ଏହି ଉଚ ଭୂମିରେ ।

## ଡଙ୍ଗରଦେବୀ ଆଉ ବଘ ମା'ର କାହାଣୀ

ଗୋଟିଏ ଗାଁରେ ଏକ ବୁଢା ଦମ୍ପତି ବାସ କରୁଥିଲେ । ସେମାନେ ଥିଲେ ଖୁବ୍ ଲୋଭୀ । ଛୁଆଟିଏ ନଥିଲା ତଥାପି ବି ସେମାନେ ଘରେ ସମ୍ପତ୍ତି ଏକାଠି କରି ରଖିଥିଲେ । ଗାଁ ସାରା ସେମାନଙ୍କୁ ଛି ଛାକାର କରୁଥିଲେ, କହୁଥିଲେ ସେମାନଙ୍କ ଲୋଭ ପାଇଁ ସେମାନେ ନିଃସନ୍ତାନ ଅଛନ୍ତି । ଯାହା ହେଉ ଭଗବାନ ସେମାନଙ୍କ ଉପରେ ଦୟା କଲେ । ସ୍ତ୍ରୀ ଗର୍ଭବତୀ ହେଲା । ଦିନେ ସେହି ଦମ୍ପତ୍ତି ଜଙ୍ଗଲକୁ ଜାଳ କାଠ ପାଇଁ ଗଲେ । ସେଠି ସ୍ତ୍ରୀକୁ

ପ୍ରସବ ଯନ୍ତ୍ରଣା ଆରମ୍ଭ ହେଲା ଆଉ ବୁଢୀ ଗୋଟିଏ ପୁଅ ଜନ୍ମ ଦେଲା । ଛୁଆର ନାହି କାଟିବା ପାଇଁ ଛୁରୀଟିଏ ଦରକାର, ସେ ସମୟରେ ସେମାନଙ୍କ ପାଖରେ ଛୁରୀଟିଏ ନଥିଲା।

ଲୋକଟି ଘରକୁ ଦୌଡିଗଲା । ଦେଖିଲା ତା ଘରେ ଅମାପ ସମ୍ପତ୍ତି ଆଉ ଶସ୍ୟ ଠୁଳ ହୋଇଛି । ସେ ଆଶ୍ଚର୍ଯ୍ୟ ହୋଇଗଲା, ଭଗବାନ ଦାନ ଦେଇଛନ୍ତି । ସେ ଜଲଦି ଜଙ୍ଗଲକୁ ଫେରିଗଲା ଆଉ ତା ସ୍ତ୍ରୀକୁ ଘରରେ ଏତେ ସମ୍ପତ୍ତି ଆସିବାର କଥା କହିଲା । ସ୍ତ୍ରୀ ବହୁତ ଖୁସି ହୋଇଗଲା । ହଠାତ୍ ଏକ ଦୈବିବାଣୀ ହେଲା । ଘରେ ଏତେ ସମ୍ପତ୍ତି ରହିବ ଯଦି ସେମାନେ ଛୁଆଟିକୁ ଜଙ୍ଗଲରେ ଛାଡି ଚାଲିଯିବେ । ଆଉ ଲୋଭୀ ବାପ, ମା ଛୁଆଟିକୁ ସେହି ଡଙ୍ଗରରେ ଛାଡିଦେଲେ, ଘରକୁ ଫେରିଗଲେ । ଛୁଆଟି ସେ ଜଙ୍ଗଲରେ ହାତେଗୋଡ ବାଡେଇ ଖେଳୁଥାଏ । ଡଙ୍ଗରଦେବୀ ( ଉଚ୍ଚ ଭୂମି ଆଉ ପାହାଡର ଠାକୁରାଣୀ) ସେ ବାଟେ ଆସୁଥାନ୍ତି, ଗୋଟିଏ ଛୋଟ ଛୁଆର କାନ୍ଦ ଶୁଣିଲେ ଆଉ ଛୁଆଟିକୁ ଏକା ପାଇଲେ । ଛୁଆଟିକୁ ନେଇ ଏକ ବାଘୁଣୀକୁ ଦେଲେ, ଆଉ ଛୁଆଟିକୁ ଭଲ ଭାବରେ ପାଳିବା ପାଇଁ କହିଲେ । ବାଘୁଣୀଟି ବଡ ଦୟାଳୁ ଥିଲା । ଛୁଆଟିକୁ ବହୁତ ଭଲ ଭାବରେ ଲାଳନ ପାଳନ କଲା । ସେ ଛୁଆଟିର ପାଇଁ, ଲୁଗା, ଖାଦ୍ୟ ପଦାର୍ଥ ଦରକାର, ତେଣୁ ଘର ବଜାର ଗୁଡିକ ଉପରେ ଚଢାଉ କରୁଥିଲା । ଧିରେ ଧିରେ ପୁଅଟି ବଡ଼ ହେଲା ଆଉ ବାହା ହେବା ବୟସର ହୋଇଗଲା । ପିଲାଟି ସବେବେଳେ ପାହାଡ ତଳକୁ ଅନାଏ, ଦେଖେ ତଳେ ତା ଭଳି ଲୋକମାନେ ଅଛନ୍ତି । ସେଇ ଲୋକମାନଙ୍କ କଥା ସେ ସବୁବେଳେ ଭାବୁଥିଲା । ଗାଁରେ କେତେ ଲୋକମାନେ ଅଛନ୍ତି । ତେଣୁ ଥରେ ସାହାସ କରି ବାଘ ମା'କୁ ତଳକୁ ତାର ଯିବାର ଇଛା କଥା କହିଲା । ବାଘ ମା' ଦୁଃଖର ସହିତ ରାଜି ହେଲା । ତା ହୃଦୟ ଭାଙ୍ଗି ପଡୁଥାଏ। ତଥାପି ସେ ପୁଅକୁ ତଳକୁ ଯିବା ପାଇଁ କହିଲା । ପୁଅଟି ତଳକୁ ଯାଉଥାଏ, ରାସ୍ତାରେ ଗୋଟିଏ ମାଙ୍କଡ଼ ଦେଖିଲା । ତା ଭଳି ମାଙ୍କଡଟି ମଧ ଗାଁକୁ ଯିବାକୁ ଇଛା କରୁଥିଲା । ମାଙ୍କଡ଼ର ଅନୁରୋଧ କଲା, ପିଲାଟି ରାଜି ହେଲା । ଚାଲିଲାବେଳେ ଗୋଟିଏ ସାଥୀ ହେଲେ ବାଟ ଜଣାପଡିବ ନାହିଁ । ମାଙ୍କଡଟି ରୂପ ବଦଳାଇପାରେ, ସେ ଗୋଟିଏ ଯୁବକର ରୂପ ନେଇଗଲା ଆଉ ଦୁଇ ଜଣ ସାଥୀରେ ଗାଁକୁ ଗଲେ । ମାଙ୍କଡ ଥିଲା ଏକ ଦୁଷ୍ଟ । ସବୁବେଳେ ଅନ୍ୟମାନଙ୍କୁ କଷ୍ଟରେ ପକାଏ, ହଇରାଣ କରେ ।

ସେମାନେ ଗାଁରେ ପହଁଞ୍ଚିଲେ । ଗାଁ ବାଲାଙ୍କ ସହ ବନ୍ଧୁତା କଲେ, ସେଠି ରହିବାକୁ ଇଛା କଲେ । ଗାଁରେ ଦୁଇଟି ସୁନ୍ଦର ଝିଅ ଦେଖିଲେ । ସେମାନଙ୍କୁ ବାହା ହୋଇଗଲେ ଆଉ ସେଇ ଗାଁରେ ରହିବାକୁ ଆରମ୍ଭ କଲେ। ବାଘର ପୁଅଟି ବଡ ପରିଶ୍ରମୀ ଥିଲା । ସେ ନଜର ଜମିରେ ଖୁବ୍ ପରିଶ୍ରମ କରେ । ସବୁବେଳେ ତାର ଭଲ ଫସଲ ହୁଏ । ମାଙ୍କଡଟି ଅନ୍ୟ ପଟେ ଖୁବ୍ ଅଳସୁଆ । ସବୁବେଳେ ନଜର ସମୟ ଗପସପ କରି ନଷ୍ଟ କରେ । ତେଣୁ ତାର ଫସଲ ମୋଟେ ଭଲ ହୁଏ ନାହିଁ । ସମସ୍ତେ ବାଘର ପୁଅକୁ ପ୍ରଶଂସା କରନ୍ତି, ମାଙ୍କଡକୁ ନିନ୍ଦା କରନ୍ତି । ତେଣୁ ମାଙ୍କଡଟି ଏଇ ଯୁବକ ଉପରେ ଇର୍ଷାନ୍ୱିତ ହେଲା ଆଉ ତାର କ୍ଷତି କରିବାକୁ ଚାହିଁଲା । ଦିନେ ରାତିରେ ସେହି ଯୁବକର କ୍ଷେତକୁ ଲୁଚ କରି ଗଲା, କେହି ଜଗିନଥିଲେ । ଆଉ ତାର ଫସଲକୁ କ୍ଷତି ପହଁଞ୍ଚାଇଲା । ଫଳରେ ସେ ବର୍ଷ ସେହି ଯୁବକର ଫସଲ ଭଲ ହେଲା ନାହିଁ । ଆଉ ତାର ବନ୍ଧୁ ବାନ୍ଧବମାନେ ଦୁଃଖି ହୋଇଗଲେ, ସମସ୍ତେ ତାକୁ ଅଳସୁଆ କହିଲେ । ତେଣୁ ଲୋକଟି ନିଷ୍ପତ୍ତି କଲା ଯିଏ ଏମିତି ନଷ୍ଟ କରୁଛି ତାକୁ ଦଣ୍ଡ ଦେବାକୁ ହେବ । ତା ପରେ ନଜ ଜମିକୁ ଧନୁ ତୀର ଧରି ଜଗିଲା । ଗୋଟିଏ ରାତିରେ ମାଙ୍କଡ ତା କ୍ଷେତରେ ପଶିଥାଏ । ଅନ୍ଧାରରେ ଏ ଯୁବକଟି ତା ପ୍ରତି ଶରସନ୍ଧାନ କଲା, ମାଙ୍କଡ ଦେହରେ ଶର ବାଜିଲା ଆଉ ମାଙ୍କଡଟି ମରିଗଲା । ଲୋକଟି ସେ ଚୋରର ଆଡକୁ ଦୌଡିଗଲା । ଦେଖିଲା ସେ ତାର ପୁରୁଣା ବନ୍ଧୁ ସେଇ ମାଙ୍କଡ । ଯେହେତୁ ଗାଁର ଏକ ଝିଅର ସ୍ୱାମୀ ମରିଯାଇଛି ଲୋକଟି ବିପଦର ଆଶଙ୍କା କଲା । ତେଣୁ ଡଙ୍ଗରକୁ ତା ସ୍ତ୍ରୀ ସହିତ ଫେରିଯିବା ପାଇଁ ଇଛା କଲା ।ତା ସ୍ତ୍ରୀ ରାଜି ହେଲା ଆଉ ସେମାନେ ପାହାଡ ଉପରକୁ ଚଢିଗଲେ । ଜଙ୍ଗଲକୁ ଚାଲିଗଲେ ଆଉ ଫେରିଗଲେ ଜଙ୍ଗଲର ବାଘ ମା' ପାଖକୁ। ବାଘ ମା' ବହୁତ ଖୁସି ହୋଇଗଲା । ସେମାନଙ୍କୁ ଭଲ ଘର ଦେଲା ଆଉ ସେମାନେ ବହୁତ ଖୁସି ହେଲେ । ଆଉ ସେଇଠୁ ଆରମ୍ଭ ହେଲା କନ୍ଧ ରାଜାମାନଙ୍କର ଜନ୍ମର କାହାଣୀ ।

ମୁଁ ଆଗରେ ଥିବା ବିଶାଳ ଛାତକୁ ଦେଖୁଥିଲି । ତିନୋଟି ପାହାଡର ଶ୍ରେଣୀ । ଚଉଡା ପ୍ରସସ୍ତ, ଛାତ ଲମ୍ବି ଯାଇଛି ସାମନ୍ତରାଳ ଭାବେ; ଏହି ତିନୋଟି ଶ୍ରେଣୀର ଉପର ଅଂଶ ଗୁଡିକ ଆଶ୍ଚର୍ଯ୍ୟଜନକ ଭାବରେ ସମତଳ । ଉଚା ନୀଚା ଜମି ପ୍ରାୟ ନାହିଁ । ମୁଁ ଭାବି

ପାରୁନଥିଲି ପାହାଡର ଉପରେ ଏତେ ସମତଳ ଜମି କେମିତି ବି ହୋଇପାରେ । କଛି ବଡ ଗଛ ନାହିଁ । ବଡ ବୁଦା ବି ନାହିଁ । ନାହିଁ କେମିତି ଅନେକ ଅନାବନା ଗଛ । ଖାଲି ଥିଲା ଛୋଟ ଛୋଟ ବୁଦା ଆଉ ଗୁଳ୍ମ । ଏ ପାହାଡମାନଙ୍କରେ ହାଲକା ଲାଲ୍ ଧୂସର ଝାପସା ରଙ୍ଗ ଥିଲା ହାଲକା ସବୁଜର ବର୍ଣାଳୀର ଆଗରେ । ପାହାଡର ଗଡାଣି ଅଂଶଗୁଡିକ ଛୋଟ ଛୋଟ ବୁଦାରେ ଭରି ଯାଇଥିଲା । ଏଠାକାର ଗଡାଣୀ ଏତେ ତୀଖ ନୁହେଁ । ସବୁଆଡେ ଛୋଟ ଛୋଟ ବୁଦା ଆଉ ସେହି ପାହାଡର ଅନେକ ଭାଙ୍ଗ, ଥିଲା ଯାହା ଅପେକ୍ଷାକୃତ ଗାଢ ସବୁଜ; ଏଠି ପାଣି ଅଧିକ ମାତ୍ରାରେ ମିଳେ ଆଉ ଏହି ଭାଙ୍ଗ ଦେଇ ପାଣି ପ୍ରବାହିତ ହୁଏ । ପ୍ରକୃତି ଏତେ ଉଚ୍ଚ ଭୂମିରେ ସୁନ୍ଦର ରୂପ ନେଇଥିଲା । ମୁଁ ମନେପକାଉଥିଲି ଉଚ୍ଚ ପୂର୍ବ ହିମାଳୟରେ ମୋର ଅନେକ ଯାତ୍ରା ସବୁ, ସେଇଠି ମୁଁ ଦେଖିଥିଲି ଭୂମିର ଅନେକ ଭିନ୍ନଭିନ୍ନ ରୂପ । ଅତି ତୀଖ ପ୍ରାୟ ତଳୁ ସିଧା, କଛି ଯଦି ତଳକୁ ପଡିଯାଏ, ତେବେ ଗଭୀର ଖାଇକୁ ଗ୍ଲିଯିବ । ସେଇ ଅଳ୍ପ ଗଡାଣିଆ ସ୍ଥାନରେ କଛି ମଣିଷ ବସତି ଥିଲା, ସେଠି ଲୋକମାନେ ଗୃଷବାସ କରି ରହୁଥିଲେ ସେଇ ଟିକଏ ଟିକଏ ସମତଳ ଜାଗାରେ । ଏଠାର ପାହାଡର ଧାରମାନ ଏମିତି ତୀଖ ନୁହେଁ । ଏଠିକାର ଭୂମିର ରୂପରେ କେମିତି ଏକ ଭିନ୍ନତା ଅଛି, ଦୁନଆଟା କଏ ଖଣ୍ଡିଆ କରିଦେଇନାହିଁ, ଦେଖିବାକୁ ଭଲ ଲାଗୁଛି । ଏତେ ଗୁଡିଏ ଉଚ୍ଚା ଉଚ୍ଚା ପାହାଡ, କନ୍ତୁ ଉପରେ ଏତେ ସମତଳ ଭୂମି, ଆଉ ପାହାଡର ଗଡାଣି ଗୁଡିକ ସବୁଜ । ମୁଁ ଭାରତର ଅନେକ ପ୍ରମୁଖ ହିଲ ଷ୍ଟେସନ୍ ବୁଲିଛି, ସିମଲା, ଦାର୍ଜିଲିଂ, ଗ୍ୟାଙ୍ଗଟକ, ସିଲଂ, ଉଟି; ସେମାନଙ୍କ ତୁଳନାରେ ଏଠିକାର ସୌନ୍ଦର୍ଯ୍ୟ କମ୍ କେବେ ବି ନହୋଇପାରେ, ଅନେକଠୁ ଅଧିକ ସୁନ୍ଦର ନଶ୍ଚିତ ଭାବେ । ଏତେ ଲମ୍ବା ମାଳଭୂମି ଏତେ ଉଚ୍ଚରେ ଅନ୍ୟଠି ଦେଖାଯାଏ ନାହିଁ । ଏଠି ଭଗବାନ୍ ନଜେ ରହନ୍ତି, ଏତେ ଉଚ୍ଚା ଜମିରେ କନ୍ଧମାନଙ୍କର ଦେବତା ରହନ୍ତି, ଏଠି ରହେ ଦାମନଯୋଡିର ଜୀବନ; ଏହି ସୁନ୍ଦର ଉଚ୍ଚ ଶ୍ରେଣୀ ମାଳରେ ।

ମୁଁ ସୌନ୍ଦର୍ଯ୍ୟର ପ୍ଲାବନରେ ଯେମିତି ବୁଡିଯାଇଥିଲି, ନୂଆ ନୂଆ ସୌନ୍ଦର୍ଯ୍ୟ ଛାଦିତ ଭୂମି ମତେ ଦେଖାଯାଉଥିଲା ସବୁଆଡେ । ଆଗରେ ଆଉ ଏକ ସୁନ୍ଦର ଭୂମି, ସେଠିବି ଗଛ ବୃକ୍ଷ ନାହିଁ, ଘାସ ଯୋଗୁ ସୁନ୍ଦର ସବୁଜ ହୋଇଯାଇଛି, ଭେଲଭେଟ ଭଳି ସୁନ୍ଦର ଘାସ,

ଆଗେଇ ଯାଇ ଅସ୍ପଷ୍ଟ ହୋଇଯାଇଛି, ହଜିଯାଇଛି ବହୁ ଦୂରରେ । ଲମ୍ବା ଗଡାଣି ସବୁ ସାଧାରଣ ଭାବରେ ତୀଖ । ମଝିରେ ମଝିରେ ଅଳ୍ପ କଛିଟା ଭାଙ୍ଗ ଯାହା କେବଳ ସେ ତୀଖତାରୁ ଟିକଏ ପରିବର୍ତ୍ତନ ଥିଲା । ଲାଗୁଥିଲା ଯେମିତି ସୁନ୍ଦରୀ ଏକ ଝିଅର ମୁହଁରେ ଥିବା ବିୟୁଟି ସ୍ପଟ୍, ସୌନ୍ଦର୍ଯ୍ୟର ତୀଳ ଚହ୍ନ ଭଳ ସୌନ୍ଦର୍ଯ୍ୟର ଗଭୀରତାକୁ ବଢାଇଦେବା ପାଇଁ ଥିଲା ସେଠି । ଥିଲା ହାଲକା କମଳା ଧଳା ରଙ୍ଗର ପ୍ରକାଶ, ଯେମିତି ଉପରେ ଏହି ଜମିର ରହସ୍ୟର ଗଭୀରତା ବଢ଼ାଇବା ପାଇଁ । ଆମେ ଠିଆ ହୋଇଥିବ ପାହାଡରେ ଭରି ଯାଇଥିଲା Phoenix ବା ଭୂମି ଖଜୁରୀ ବୁଦାମାନ । ମଝିରେ ମଝିରେ କଛି ଘାସ ଆଉ କଛି ଅଲଗା ଗୁଳ୍ମ ଥିଲା । କେତେ ଗୁଡିଏ ଲମ୍ବା ବାଇଗଣୀ ରଙ୍ଗର ଫୁଲ ଥିଲା, ସେଇ ଫୁଲ ଗୁଡିକ ଡାଳରୁ ବାହାରି ଥିଲା ଆଉ ଶେଷ ଆଡକୁ ଥିଲା ଫୁଲର ଗୁଛା । ଛୋଟ ଛୋଟ ଫୁଲ ଗୁଡିକ ସେ ଗୁଳ୍ମର ମୂଳରୁ ଆରମ୍ଭ ହୋଇ ଉପର ଆଡକୁ ଗ୍ଭଲି ଯାଇଥିଲା । ତଳେ ଲାଲ୍ ଧୂସରିଆ ଖୋଲା ପତ୍ର ଗୁଡିକ ଶିଉଳୀ ଆଛାଦିତ ହୋଇ ରହିଥିଲା । ପଥରର ରଙ୍ଗ କେମିତି ଅଲଗା ହୋଇଯାଇଥିଲା । ମୁଁ ସେଇ ଫୋନସ୍କ ବୁଦାକୁ ଅନାଇଲି । ଏଇ ବୁଦା ଗୁଡିକ ପଥରର ଖାଲି ଜାଗାରେ ବାର ବାର ଦେଖିବାକୁ ମିଳୁଥିଲା । ସମ୍ପୂର୍ଣ୍ଣ ଭୂମିକୁ ଆଛାଦିତ କରିନଥିଲା । ଏଠି ସେଠି ମିଳୁଥିଲା । ଏଗୁଡିକ ଛୋଟ ବୁଦା, ଖଜୁରୀ ଭଳ ପତ୍ର, କୁହାଯାଇପାରେ ଏହାକୁ ଭୂଇଁ ଖଜୁରୀ । ହାଲକା ସବୁଜ ରଙ୍ଗର ପତ୍ର ମୂଳରୁ ବାହାରି ଆସିଥିଲା । ଏଠି ପ୍ରଚୁର ପରିମାଣରେ ଫୋନସ୍କ ବୁଦା ଅଛି । ଏହି ଗଛର ମୂଳ ଭାଲୁମାନଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ । ପାହାଡ଼ର ସ୍ଲୋପରେ ମଧ୍ୟ ଏମିତି ଗଛ ଭରି ରହିଛି । ମୁଁ ଗୋଟିଏ ପଥରକୁ ଭଲ ଭାବରେ ଅନାଇଲି । ତା ଉପରେ ଅନେକ ଛୋଟ ଛୋଟ ଛିଦ୍ର ହୋଇଯାଇଛି ସବୁଆଡେ ଛିଦ୍ର, ରାସାୟନକ କ୍ଷୟ ଯୋଗୁ ଏମିତି ହୋଇଯାଇଛି । ଉପରେ ଭିନ୍ନ ରଙ୍ଗର ଶିଉଳୀ, ଲାଲ୍ ଧୂସରିଆ ତା ଉପରେ ଧଳା ଧଳା ପଟି ପଡିଛି ଯେମିତି ଲାଗୁଛି ଏକ ସମୁଦ୍ରର ବ୍ରେନ୍ କୋରାଲ । ଉପରେ ଉଠିଥିବା ଟିକଏ ଟିକଏ ଆବୁ, ଯାହା ଲାଗୁଛି ଯେମିତି ଅକ୍ଟୋପସର ହାତ ଉପରର ଆବୁ । ଏହି ବକ୍ସାଇଟ୍ ଭରି ରହିଥିବା ପଥୁରିଆ ଅଞ୍ଚଳରେ ଆମେ ଭିନ୍ନ ଭିନ୍ନ ଆକୃତି ଖୋଜି ପାଉଥିଲୁ । ପଥର ଅନେକ ଆକୃତି ।

ଆମେ ପଞ୍ଚପଟମାଳୀ ପାହାଡର ସମତଳ ଭୂମିରେ ଘୂରି ବୁଲୁଥିଲୁ, ପ୍ରାୟ ୨୫ କମି. ଲମ୍ବା, ଅବିଶ୍ଵାସନୀୟ ଭାବେ ଲମ୍ବା, କମଳା ଧୂସରିଆ ଆଭା ସେ ଭୂମିରୁ ବାହାରି ଆସୁଥିଲା। ଫୋନସ୍କ ଗଛ ଗୁଡିକ ସବୁଜ ଆଭା ଦେଉଥିଲା । ମୁଣ୍ଡ ଉପରେ କଳା ବଉଦ ଗୁଡିକ ଭାସି ଚାଲିଥିଲା । ଆମର ଆଗରେ ଜମିର ଆକାର ବଢି ବଢି ଚାଲିଥିଲା, ଅନ୍ୟ ପାହାଡରେ ବଉଦ ଗୁଡିକ ଛୁଇଁଯିବା ପର୍ଯ୍ୟନ୍ତ । ପୂର୍ବର ଲମ୍ବା ଇନ୍ଦ୍ରଧନୁ ଏପର୍ଯ୍ୟନ୍ତ ଆକାଶରେ କିଛି ଅଂଶରେ ଥାଏ, ଅନେକ ଉଜ୍ଜ୍ଵଳ ରଙ୍ଗ । ଆକାଶରେ ଅନେକ ମେଘ ଏକାଠି ହୋଇଗଲାଣି। ଇନ୍ଦ୍ରଧନୁର ଡ଼ାହାଣ ଅଂଶ ଅସ୍ପଷ୍ଟ ହୋଇ ଆସିଲାଣି ଦୂର ପାହାଡ଼ରେ । ଆଉ ଏପଟ ପାହାଡ଼ରେ ଗୋଟିଏ ଏକୁଟିଆ ଗଛ ଠିଆ ହୋଇଛି ପାହାଡ ଧାରରେ । ପଛରେ ଅଛି ଧଳା ଧଳା ବଉଦର ମାଳ, ଏକ କୁହେଳିକାମୟ ପରିବେଶ । ସେପଟେ ସବୁଜ ପାହାଡଗୁଡିକ ନଜର ରଙ୍ଗ ହରାଇ ବସିଲେଣି । ଗଛ ଗୁଡିକ ବର୍ତ୍ତମାନ ରହସ୍ୟମୟ ଲାଗୁଛନ୍ତି । ତଳେ ଧୂସରିଆ ଘାସ ତା ଉପରେ ଲାଲ୍ ପ୍ରକାଶ, ଗୋଟିଏ ଦୁଇଟି ପଥର ମୁଣ୍ଡ ଉଠାଇଛନ୍ତି ଜମିରୁ । ଆଉ ବଡ ଗଛ ନାହିଁ, ଫୋନସ୍କ ବୁଦା ମଧ୍ୟ ନାହିଁ, ଧାରରେ ଅଳ୍ପ ସବୁଜ ପତ୍ର ସହ ଏକୁଟିଆ ଗଛ, ଯେମିତି ଏକ ଯାଦୁକର ପରି ଯେମିତି ଠିଆ ହୋଇଛି। ଏ ଭୂମିର ଯାଦୁକର ଅନାଇ ରହିଛି ଦୂର ପାହାଡକୁ, ମନ୍ତ୍ର ଉଚ୍ଚାରଣ କରୁଛି । ଏ ଥିଲା ଏକ ପ୍ରହେଳିକାମ୍ୟ ରୂପ ପ୍ରକୃତିର । ପଞ୍ଚପଟମାଳରେ ପାହାଡର ଉପରେ ଭରି ରହିଛି କୁହେଳୀର ଭଣ୍ଡାର । କଡରେ ଏକ ଶୁଖିଲା ଗଛ, ସେହି ରହସ୍ୟମୟ ଗଛ ପାଖରେ, ଗୋଟିଏ ହାଲକା ପାଉଁଶିଆ କମଳା ରଙ୍ଗର ଇଗଲ ପକ୍ଷୀ ତା ଉପରେ ଥିଲା ଚୁପଚାପ୍ ବସି ରହିଥିଲା । ଏହାର ବିଶାଳ ମୁଣ୍ଡ ପ୍ରସସ୍ତ ଛାତି, ହାଲକା କଳା ରଙ୍ଗର ପଛ ପକ୍ଷମାନ ଧିରେଧିରେ ପତଳା ହୋଇଯାଇଥିଲା ପଛଆଡକୁ; ପକ୍ଷୀଟି ଅନାଇ ରହିଥିଲା ମେଘରେ ହଜିଯାଉଥିବା ପାହାଡ ଗୁଡିକୁ । ମୁଁ ସେହି ହଜିଯାଉଥିବା ଧଳା ମେଘକୁ ଅନାଇଥିଲି । ଏହା ଏକ ଯାଦୁକାରୀ ପ୍ରଭାବ ଯେମିତି, ଥିଲା ଜୀବନକୁ ପରିବର୍ତ୍ତନ କରିବାର ପ୍ରଭାବ, ଏକ ଆଶ୍ଚର୍ଯ୍ୟଜନକ ଘଟଣାକୁ ମୁଁ ଦେଖୁଥିଲି । ହଠାତ୍ ଗୋଟିଏ ବିଲୁଆ ସେଇ ରହସ୍ୟମୟ ଗଛର ବାମ ଆଡେ ଦେଖାଦେଲା । ଏହା ତଳେ ବସିରହିଥିଲା, ତାର ଧୂସରିଆ ରଙ୍ଗ ଏଠିକାର ଭୂମିରୂପରେ ମେଯିତି ଲୁଚ ଯାଉଥିଲା । ମୁଣ୍ଡ ଉପର ଆଡକୁ ହୋଇଯାଇଥିଲା । ଇଗଲ ଭଳି ସେଇ କୁହେଳିକାମୟ ପାହାଡ ଗୁଡିକୁ ଅନାଇ ରହିଥିଲା ।

ଏପଟେ ମେଘ ଗୁଡିକ ଅଧିକରୁ ଅଧିକ ଉପରକୁ ଉଠୁଥିଲେ । ସବୁଜ ପାହାଡ ଗୁଡିକ ବର୍ଷାର ମେଘ ତଳେ ଲୁଚ ଯାଉଥିଲେ । ଇଗଲଟି ନିଜର ବିଶାଳ ଡ଼େଣାକୁ ହଲାଇଲା ଜୋରରେ । ତା ପରେ ଉଡିଗଲା ସେଇ ଧଳା ବଉଦମାନଙ୍କ ଆଡକୁ । ଏଣେ ବିଲୁଆଟି ନିଜ ଜାଗାରୁ ଉଠି ଠିଆ ହେଲା । ତାପରେ ଆମ ବାମ ପଟେ ଥିବା ଫୋନସ୍କ ଗଛମାନଙ୍କ ଆଡକୁ ଖୁବ୍ ଜୋରରେ ଦୌଡିଲା । ହଠାତ୍ ଖୁବ୍ ଜୋରରେ ପବନ ବୋହିବାକୁ ଆରମ୍ଭ କଲା । ଏଣେ ମେଘ ଗୁଡିକ ଉପରକୁ ଉଠୁଥାଆନ୍ତି । ତଥାପି ବି ସେପଟେ ଇନ୍ଦ୍ରଧନୁ ଥାଏ। ରଙ୍ଗ ସମ୍ପୂର୍ଣ୍ଣ ଭାବେ ଲୁଚ ନଥାଏ ଆଉ ତଳେ ଧିରେ ଧିରେ ସେ ଯାଦୁକାରୀ ଗଛର ରଙ୍ଗ କଳା ହୋଇ ଆସୁଥାଏ ।

ମୁଁ ଅନ୍ୟ ଦିଗକୁ ଅନାଇଲି । ଏହି କୁହେଳୀମୟ ପରିବେଶ ବାହାରେ ବିଶାଳ ସମତଳ ଜମି ଅନ୍ୟ ପାହାଡ଼ରେ । ଫୋର୍ନିସ୍କ ଗଛର ଆଗରେ ଥିବା ଧୂସରିଆ ଜମିରେ ଲାଗି ରହିଛି କମଳା ରଙ୍ଗର ଆଭା । ସେହି ଉଠୁଥିବା ମେଘ ଗୁଡିକ ଧିରେ ଧିରେ ଦୂରକୁ ଗ୍ଭଲିଯାଉଛି । ଏଠି ଜମି ଉପରେ ଛୋଟ ଛୋଟ ପାଣିର ମନ୍ଦା ଗ୍ଭରିପଟେ ଗାଢ ସବୁଜ ରଙ୍ଗର ଗଛ । ମୁଁ ତଳକୁ ଅନାଇଲି । ଗୋଟିଏ ଅଜଣା ଆଶ୍ଚର୍ଯ୍ୟଜନକ ସୁନ୍ଦର ଫୁଲ ଛୋଟ ଫୁଲ ଥିଲା ଭୂମି ଉପରେ । ମୁଁ ତାର ନାଁ ଜାଣି ନଥିଲି କିନ୍ତୁ ଏହାର ଆକାର ମୋତେ ବିସ୍ମୟକର ଲାଗୁଥିଲା । ପାଖାପାଖି ୧୨ଟି ମାଂସଳ ସବୁଜର ଧଳା ରଙ୍ଗର ପାଖୁଡା, ଆଗକୁ ଗୋଲ ହୋଇଯାଇଥିଲା। ନରମ ଆଉ ଲମ୍ବା ଗୋଲାପି ରଙ୍ଗର ସ୍ପାଇକ୍ ସବୁ ବାହରି ଆସିଥିଲା । ବର୍ଷାର ପାଣି ସେ ସ୍ପାଇକର ଶେଷରେ ଲାଗି ରହିଥିଲା, ଆଉ ଝଲସୁ ଥିଲା ସୂର୍ଯ୍ୟକିରଣରେ। ମୁଁ ଆଗକୁ ଅନାଇଲି । ଇଗଲଟି ବର୍ତ୍ତମାନ ଏକ ବଡ ପଥର ଉପରେ ବସିଥିଲା । ଏହାର ମୁଣ୍ଡ ଉପରର ଆକାଶ ଆଡକୁ ବୁଲି ଯାଇଥିଲା । ବିଲୁଆଟି ହଠାତ୍ ସେ ଫୋନସ୍କ ଗଛମଧରୁ ବାହାରି ଆସିଲା ଆଉ ଖୁବ୍ ଜୋରରେ ଦୌଡିବାକୁ ଲାଗିଲା । ଛୋଟ ବୁଦବୁଦିଆ।। ଜଙ୍ଗଲ ଭିତରେ ହଜିଗଲା, ପୁଣି ଆଉ ଏକ ଆଶ୍ଚର୍ଯ୍ୟଜନକ ପଟ୍ଟଭୂମି। ମୁଁ ସେ ବିଲୁଆ ଆଡକୁ ଅନାଇଲି । ଏହାର ପତଳା ଶରୀର ପ୍ରତି ପଦକ୍ଷେପ ସହିତ ଡେଉଁଥିଲା । କଳା ବାଳ ଥିବା ମୋଟା ଲାଙ୍ଗୁଡ ଶରୀର ସହ ଲମ୍ବା ହୋଇ ସମାନ୍ତରାଳ ସହ ରହିଥିଲା । ଏହାର ମୁଣ୍ଡ ଟିକଏ ଉଠିଯାଇଥିଲା । ଛୋଟ ଛୋଟ କାନ

ଗୁଡିକ ଠିଆ ହୋଇଥିଲା । ଟିକଏ ପରେ ସେହି ବିଲୁଆଟି ବୁଦା ମୂଳେ ଲୁଚ ଗଲା । ଇଗଲଟି ପୁଣି ବିଲୁଆ ଯାଇଥିବା ଦିଗରେ ଆକାଶକୁ ଉଡିଗଲା ଆଉ ମେଘ ଭିତରେ ହଜିଗଲା ।

ମୁଁ ଏଠି ଜୀବନର ଖେଳ ଦେଖୁଥିଲି ଏକ ଆଶ୍ଚର୍ଯ୍ୟଜନକ ପାହାଡ ଉପରେ । ଧିରେ ଧିରେ ମୁଁ ଅଜାଣତରେ ପାହାଡର ଧାର ଆଡକୁ ଗ୍ଭଲିଯାଉଥିଲି, ମନ ଗ୍ଭହୁଁଥିଲା ଦୂରର ଭୂମିକୁ ଦେଖିବା ପାଇଁ । ହଠାତ ରହିଗଲି, ଆଗରେ ଗୋଟିଏ ଛୋଟ ପକ୍ଷୀ, ଆମେ ପାଖକୁ ଆସିଲୁ, କନ୍ତୁ ପକ୍ଷୀଟି ଉଡିଲା ନାହିଁ । ଏହାର ମୁଣ୍ଡ ଟିକେ ବୁଲିଗଲା । ସେ ଆମ ଆଡକୁ ଅନାଉଥିଲା । ତାର ଦୁନଆରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଜନ୍ତୁ । ପକ୍ଷୀଟି ଧୂସରିଆର ରଙ୍ଗର, ଉପରେ ଧଳା ଆଉ କଳା ରଙ୍ଗର ମନ୍ଦା ମନ୍ଦା ଥିଲା, ପେଟଟି ପାଉଁଶିଆ ଧୂସର । ଗୋଡ ଗୋଲାପି ରଙ୍ଗର । ଲାଗୁଥିଲା ଘରଚଟିଆ ଭଳ କନ୍ତୁ ଘର ଚଟିଆର ଗତି ବା କ୍ଷିପ୍ରତା ନଥିଲା, ଏ ପକ୍ଷୀଟି ଗୋଟିଏ ଭୂମିର ପକ୍ଷୀ । ଆମେ ପାଖକୁ ଆସିଲୁ । ଏହାର ଗୋଲିଆ ମୁଣ୍ଡ ଟିକଏ ଅଧିକ ଉଠିଲା । ପକ୍ଷୀଟି ସେହି ଘାସ ଜମିରୁ ଟିକଏ ଡେଇଁ ପଡିଲା, କନ୍ତୁ ଉଡିପାରିଲାନ । ଡେଇଁ ଡେଇଁ ଆମଠୁ ଦୂରକୁ ଗ୍ଭଲିଗଲା । ଏହା ମୁଣ୍ଡଟି ତଳକୁ କଲା । ପକ୍ଷୀଟିର ଛାଇ ଜମି ଉପରେ ପଡୁଥିଲା । ଟିକଏ ଦୂରରେ ପୁଣି ବିଲୁଆଟି ବାହାରି ଆସିଲା । ଫୋନସ୍କ ଗଛ ଆଗରେ ଠିଆ ହୋଇଥିଲା । ଶରୀର ଟିକେ ଲୁଚ ଯାଇଥିଲା । ତାର ଲମ୍ବା ମୁହଁ ବାହାରକୁ ଆସିଥିଲା ଆଉ ସେ ଆମକୁ ଦେଖି ଗ୍ଭଲିଥିଲା ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ସ୍ୱପ୍ନ....ଏକ ଅଭିମାନ ମନର....



ସ୍ମିତା ତ୍ରିପାଠୀ

ବିତି ଯାଇଛି କେତେ ଯେ ରାତି ଲୁହରେ ଲୁହରେ
ଆଜି ତୁ କାହିଁ ଫେରି ଆସୁ ବାର ବାର ସପନରେ...
ଖୋଜିବି ନାଇଁ ବୋଲି କହିଦେଲି ତତେ ଯେ ସବୁଦିନ ପାଇଁ
ଆଜି ତୁ କାହିଁ ପଶି ଆସୁଛୁ ଧସେଇ...
ହେଉଯାଇଛୁ ଏବେ ତୁ ହି ମୋର ସପନ
କଥା ଦେଇଥିଲି ଯାହାକୁ ଭଲ ପାଉଛି ବୋଲି ଦେଇ ମନ..
ତୋ ବିନୁ ରହି ନ ପାରିଲି ଯେବେ
ଆଜି ତୁ ଚାଲିଗଲୁ କହୁ କହୁ ସେବେ...
ଲୁହ ଝରି ଯାଉଥିଲା କୋହ ଉଠୁଥିଲା ନ ଦିଶିଲା ତତେ
ଆଜି କାହିଁ ପୁଣି ଆସିଛୁ ସେଇ ସପନର ପଥେ ପଥେ...
ଲିଭେଇ ଦେଲୁ ତ ମୋ ସିନ୍ଦୁର ହେଇଗଲୁ ତୁ ଆଉ କାହାର
ଆଜି ଚାଲିଯା ତୁ ସେଠି, ମୁଁ ରହିଯିବି ନେଇ ମୋ ମନର ରାଜକୁମାର...
ମିଛ ତ କହିଥିଲୁ ନ ଫେରିବି ଆଉ ଚାହିଁ
ଜୀବନର ପଥରେ ସପନ ଦେଖି କରିଥିଲି ଭୁଲ ମୁହିଁ..
ସପନରେ ତତେ ଖୋଜୁଥିଲି ନତି ଯେ ନ ବୁଝିପାରିଲୁ ତୁହି,
ଆଜି କାହିଁକି ଆସୁଛୁ ମୋ ମନକୁ ଧସେଇ..
ବାଲ୍ୟରୁ ଯୌବନ ଯାଏ ତ ଭଲ ପାଇଥିଲୁ ନ ଜାଣିଥିଲି ସେ ଥିଲ ମିଛ
ଆଜି ଯେବେ ଆସିଲା ସମୟ ତୁ ତ ସବୁ କରିଦେଲୁ ତୁଚ୍ଛ..

ସମୟର ଦ୍ୱାହି ଦେଇ ହସେଇ ଉଡେଇ ଦେଲୁ ସବୁ ପ୍ରେମ,
ଜଳାଞ୍ଜଳ ଦେଇଥିଲି ସବୁ ତୋରି ଲାଗି ଦେଇ ମନ..
ସବୁ ତ ଆଡେଇଦେଲୁ, ମୁହଁ ମୋଡିଦେଲୁ..
ଗ୍ଲି ତ ଗଲୁ ନ ଧରିଲି ତତେ ମୁଁ ଭିଡି..
ଆଜି କାହିଁ ମୋତେ କହୁ ଯାଉ ତୁ ମନେ ପଡି..
ସପନ ଦେଖିଥିଲି ତତେ ନେଇ ହେବାକୁ ସୁଯୋଗ୍ୟ ନାରୀ,
ନାରୀ ତ କରେଇଦେଲୁନ କରିଦେଲୁ ଦୁଃଖର ନାଉଚ..
ସୁଖ କଣ ଜାଣିବା ଆଗରୁ କରିଦେଲୁ ସବୁ ମିଛ,
ଆଜି କଣ ଭାବିଛୁ ପଦୁଟିଏ ରେ ମୁଁ ଭୁଲିଯିବି ସବୁ କଥା ପଛ.
ରଖ ହୋ ସବୁ ନାଟକ ରଖ ହୋ ଆଉ ନ ଦିଅ ଯନ୍ତ୍ରଣା,
ସହି ରହିଥିଲି ପଡି ରହିଥିଲି ସହି ସବୁ ଗଞ୍ଜଣା..
ଆଜି ତୁ ସପନରେ ଆସିଲୁ ବୋଲି କଣ ମାନନେବି ତତେ,
ଏତିକ ମନେ ରଖ ସପନରେ ନତି ମୁଁ ଖୋଜେ.
ସପନ ତ ସତ ହୁଏ ନାଇଁ ନ ହଉ ଏ ସତ
ହେଇଯାଉ ମିଛ ହେଇଯାଉ ଖେଳ ଘର,
ଦୁଃଖ ନାଇଁ ମୋର ହେଇ ଯାଇଛି ମୁଁ ପଥର..
ସପନ ଦେଖିଥିଲି ହାତ ଧରିବି ସବୁଦିନ ପାଇଁ ରହିଯିବି ତୋରି ହୃଦୟେ,
ଆଜି ତୁ ତ ଫିଙ୍ଗିଦେଲୁ ମୋତେ ଯେ, ରହିଯିବି ମୁଁ ଯେ ବିରହେ..
ସପନ ଦେଖି କରିଥିଲି ଭୁଲ,
ବିଶ୍ୱାସ କରି କରିଥିଲି ଭୁଲ..
ହଁ ସପନ ଦେଖି କରିଥିଲି ଭୁଲ
କରିଥିଲି....ଭୁଲ....
ମୋହ ମାୟା ରେ ଫସି କରିଥିଲି ଭୁଲ..
ସପନ ଘାଇଜରେ ବସି ସପନରେ ଖୋଜିଥିଲି

ସପନ ର ସେଇ ମନ ମଣିଷ କୁ ଗଢିବାକୁ ସଂସାର ସୁନା,
ଆଜି ସବୁ ସପନ ନିଜ ହାତରେ ଭଙ୍ଗି କରିଦେଲି ଚୁନା ଚୁନା...
ଆଉ ଶୁଭିବନି ଝଣ ଝଣ ଶବ୍ଦ,
କରିବନି ତତେ ଆଉ ବିରକ୍ତ..
ଆଉ ଶୁଭିବନି ମିନତିଟିଏ
ଖାଇବାକୁ ଟିକିଏ...
ଆଉ ରହିବନି ଅଭିମାନି ମନ
ନା ରଖିବ ମାନ...
ଆଉ ଫେରିବିନି କାହା ସପନରେ
ଆଉ ହେବିନି କାହା ରାଜକୁମାରୀ...
ଯାଉଛି ମୁଁ ଅଫେରା ରାଇଜକୁ ଜୀବନ ହାରି....

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆ କା ମା ବୈ



ସନ୍ତୋଷ ପଟ୍ଟନାୟକ

ସେ' କାଳ ଯାଇଛି ସ୍ମୃତିଟା ରହିଛି
ସାଧବାଣୀ ନାହିଁ ଆଉ
ଓଡିଆ ପୁଅଟା ବଣିଜ କରୁନ
ପ୍ରବାସ ସାଧୁଛି ଦାଉ....

ଉତ୍କଳର ରତ୍ନ ପଥର ସାଜିଛି ( ଖଣିଜଦ୍ରବ୍ୟ)
ମିଳୁନ ଉଚତ୍ ଭାଉ
ବିଶ୍ୱ ବଜାରଠୁ ଅତିବ ନଉନେ
ଶସ୍ତାରେ କଣୁଛି ସାଉ....

ବୋଇତ ଭସୁଛି ଧନ'ତ ଆସୁନ
ଆସୁଛି ଗୃଇନା ଦରବ
ସାଧବ ସାଜିଛି ଶାସକ ଆଜିର
ଲୁଟୁଛି ଦେଶର ସର୍ବ....

ଜନତା ପାଳୁଛି ପୁନେଇ ପରବ
ଗୁଣି ଇତିହାସ ଗାଥା
ପାଠୁଆ ବାବୁଟା ବଖାଣି ହଉଚ
ଇତିହାସ କାଳେ ମିଥ୍ୟା.....

ଅଳପ ବିଦ୍ୟାର ଗବେଷଣା ମୋର
କବା ବଖାଣିବି ଆଉ
ଆ କା ମା ବୈ କହି ପାନ ଗୁଆ ଥୋଇ
ଡଙ୍ଗାଟା' ମୋ ଭସିଯାଉ.....

ବେଗୁନଆପଡା ବ୍ଲକ୍, ତିରିଡା, ଗଞ୍ଜାମ

# ଫାଲ୍ଗୁନ ପରଶ



ରାଜବାଲା ତ୍ରିପାଠୀ

ପ୍ରିୟତମ ମୋର...
ଫାଲ୍ଗୁନ ର ଆଗମନୀ ବାର୍ତା ନେଇ
ତୁମେ ଯେବେ ପଦ ଥାପିଲ ମୋ ହୃଦୟ
ରାଜ୍ୟରେ।।
ଅପୂର୍ବ ଆନନ୍ଦ ନେଇ
ପ୍ରବାହିତ ହେଲେ ମୋ ସମସ୍ତ
ସ୍ନାୟୁ ମାନେ ତୁମ ଆଡ଼କୁ।।
ସମସ୍ତ ରକ୍ତ ବିନ୍ଦୁ ମୋ
ଉଲ୍ଲସିତ ହେଲେ
ତୁମ ପ୍ରୀତିମୟ ଉଷ୍ମତାରେ
ତୁମ ଦେହ ର ଛୁଆଁ ରେ।।
ଗଭୀର ଆଶ୍ଳେଷ ନେଇ
ତୁମେ ଯେବେ ଆଲିଙ୍ଗନ କଲ
ପୂର୍ଣ୍ଣ ହେଲା ମୋ ଭିତରେ
ଯେତେସବୁ ଅପୂର୍ଣ୍ଣ ଇଚ୍ଛା ।।
ଜାଗ୍ରତ ହେଲେ କେଉଁ କାଳରୁ
ସୁପ୍ତ ଯେତେ ଅଧୁରା ସ୍ୱପ୍ନସବୁ।।

ଅକସ୍ମାତ ଏକ ମଧୁର କୋଳାହଳରେ
ଅନ୍ତର ମୋ ମୁଖରିତ ହେଲା।।
ଦୁନିଆ ର ସବୁତକ ରଙ୍ଗ ନେଇ
ବୋଳି ଦେଲ ତୁମେ
ମୋ ସମଗ୍ର ଦେହରେ
ତୁମ ଓଠ ର ସ୍ପର୍ଶ ରେ
ଜୀବନ ମୋ ହେଲେ ରଙ୍ଗମୟ।।
ମାଟି ଠୁ ଆକାଶ ଯାଏଁ
ପାଣିରୁ ପବନ ଯାଏଁ
ମୋ ପୃଥିବୀ ହେଲା ତୁମମୟ।।

ସହାୟକ ପ୍ରଫେସର,
ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ହାସ୍ୟକବି ସମ୍ମେଳନ



ଡକ୍ଟର ବିଜ୍ଞାନୀ ଦାସ

ଜୁଲାଇ ମାସ ୨୦ ତାରିଖ । ଶୁକ୍ରବାର ଥିବାରୁ ଘରୁ କାମ କରୁଥିଲା ଗୀତା । ଗୀତାର ସ୍ୱାମୀ ଗୁରୁଚରଣଙ୍କର ମଧ ଆଜି ଛୁଟି ଥିଲା । ସିଏ ସକାଳୁ କିଛି ଡାକ୍ତରଙ୍କ ସହିତ ଆପଏଣ୍ଟମେଣ୍ଟ ରଖିଥିଲେ । ଉପରବେଳା ଫାଙ୍କା ଥିଲା । ତେଣୁ ଦୁହେଁ ଆଜିର ହାସ୍ୟ କବି ସମ୍ମେଳନରେ ଯୋଗଦେବା ପାଇଁ ଅତ୍ୟନ୍ତ ଉତ୍ସୁକ ଥିଲେ । ସେମିତି ଅନ୍ୟ କିଛି କ ଖାଲି କବିତାପାଠ ହୋଇଥିଲେ ହୁଏତ ସେମାନେ ଯିବା ପୂର୍ବରୁ ଦ୍ୱିତୀୟଥର ଚିନ୍ତା କରିଥାନ୍ତେ, କିନ୍ତୁ ହିନ୍ଦୁ ମନ୍ଦିର ପାଇଁ ଚାନ୍ଦା ଏକତ୍ରିତ କରିବାର ଉଦ୍ଦେଶ୍ୟ ପାଇଁ ଗୁରୁଚରଣ କବି ସମ୍ମେଳନରେ ଯୋଗଦେବା ପାଇଁ ମନ ବଳେଇଲେ ଓ ପଚାଶ ଡଲାର ଦେଇ ଦୁଇଟି ଟିକେଟ୍ କିଣିଆଣିଲେ । ସେ ଟିକେଟ୍‌ର ମୂଲ୍ୟ ସହିତ ରାତ୍ରଭୋଜନ ମଧ ସଂପୃକ୍ତ ଥିଲା ।

ଗୀତା ସକାଳୁ ଉଠି ନିଜ କାମରେ ଲାଗିଯାଇଥିଲା ଓ ଅପରାହ୍ନ ପାଞ୍ଚଟା ସୁଦ୍ଧା ସମସ୍ତ କାମ ସାରି ଦେଇଥିଲା । ପାଞ୍ଚଟା ପନ୍ଦରରେ ଘରୁ ବାହାରି ସେମାନେ ଠିକ୍ ଛଅଟା ବେଳକୁ ମନ୍ଦିରରେ ପହଞ୍ଚିଗଲେ । ହେଲେ ସେତେବେଳକୁ ମନ୍ଦିରରେ ଜମା ୨୦- ୨୫ ଜଣ ଲୋକ ଥାଆନ୍ତି । କବି ସମ୍ମେଳନର ଆବାହକ ମିଷ୍ଟର୍ ମେହେଟା, ଓ ଆମନ୍ତ୍ରିତ ଦୁଇ କବିଙ୍କ ସହିତ ଅନ୍ୟ କିଛି ଆୟୋଜକ ମହଜୁଦ୍ ଥିଲେ । କଣ କରିବେ ଭାବି ଗୀତା ଓ ଗୁରୁଚରଣ ମନ୍ଦିରର ପ୍ରାର୍ଥନା କୋଠରିରେ ପଶିଗଲେ ଓ ଠାକୁରଙ୍କୁ ଜୁହାର କରି ସେଇଠି କିଛି ସମୟ ଭିତରେ ବସିରହିଲେ । ଧୀରେଧୀରେ ଜଣଜଣ କରି ଲୋକମାନେ ପହଞ୍ଚୁଥିଲେ । ୬ଟା ୪୫ ବେଳକୁ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଶର୍ମାଜୀ ଡିନର୍ ପାଇଁ ଖାଦ୍ୟ ପଦାର୍ଥ, ଥାଳି, କାଗଜ ରୁମାଲ, ଚାମଚ ଇତ୍ୟାଦି ଆଣି ସଜେଇଲେ । ପହଞ୍ଚିଥିବା ବ୍ୟକ୍ତିମାନେ ସମସ୍ତେ ଖାଇବା ଆରମ୍ଭକଲେ । ସେ ଖାଇବାରେ କିଛି ସ୍ୱତନ୍ତ୍ରତା ନଥିଲା; ହିମାୟିତ ପରିବାପତ୍ରର ଗୋଟିଏ ମାତ୍ର ପରିବା ସନ୍ତୁଳା ସହିତ ଟିକେ ଡାଲି ଓ ଦହିବୁନ୍ଦି । ସିଏ ଯାହା ହେଉ, ଶୀଘ୍ର ହେଲେ କାର୍ଯ୍ୟକ୍ରମ ଆରମ୍ଭ ହୁଅନ୍ତା ?

କାର୍ଯ୍ୟକ୍ରମ ଆରମ୍ଭହେଲା ୭ଟା ୩୦ରେ, ନିର୍ଦ୍ଧାରିତ ସମୟର ଦେଢଘଣ୍ଟା ବିଳମ୍ବରେ । ଆବାହକ ମିଷ୍ଟର୍ ମେହେଟା ପ୍ରାରମ୍ଭିକ ସ୍ୱାଗତ ସମ୍ଭାଷଣ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପାଇଁ କିଛି ଦାତାଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କଲେ । ସେ ଦାତାମାନେ ସେଦିନର କାର୍ଯ୍ୟକ୍ରମ ପାଇଁ ଏକ ହଜାରରୁ ଊର୍ଦ୍ଧ୍ୱ ପରିମାଣର ଅର୍ଥ ଦାନ କରିଥିଲେ ।

ମନ୍ଦିରର ପୂଜକ ପିତାମ୍ବର ପଣ୍ଡିତ ତାପରେ ପ୍ରାରମ୍ଭିକ ମଙ୍ଗଳାଚରଣ ଶ୍ଳୋକ ଗାଇଲେ । ସେଥିରେ ସିଏ ଗଣେଷ ଓ ସରସ୍ୱତୀଙ୍କ ବନ୍ଦନା କରି ଶେଷରେ ଆବାହକଙ୍କୁ ମାଇକ୍ରୋଫୋନ୍ ଧରେଇଦେଲେ ।

ଆବାହକ ଏବେ ଭାରତରୁ ନିମନ୍ତ୍ରିତ ହୋଇ ଆସିଥିବା ଦୁଇଜଣ ବିଶିଷ୍ଟ କବିଙ୍କୁ ମଞ୍ଚ ଉପରକୁ ଆସିବା ପାଇଁ ଆବାହନ କଲେ । ସେ ଦୁଇଜଣ କବି ହେଲେ ଡକ୍ଟର୍ ସୁରେଶ ଅଗସ୍ତି ଓ ଡକ୍ଟର୍ କର୍ତ୍ତି କାଲେ । ତୃତୀୟ କବି ସର୍ଦ୍ଦାର ମନ୍‌ଜିତ୍ ସିଂହ ଆସି ପାରି ନଥିଲେ । ତାଙ୍କ ବଦଳରେ ସେମାନେ ଆଉ ଜଣେ କବିଙ୍କୁ ନିମନ୍ତ୍ରଣ କରିଥିଲେ ଯିଏ କି ନିୟୁର୍କ ପର୍ଯ୍ୟନ୍ତ ଆସିଥିଲେ, ହେଲେ ତାଙ୍କର ପିତାଙ୍କର ଦେହାନ୍ତ ଖବର ପାଇ ନିୟୁର୍କରୁ ଫେରି ଯାଇଥିଲେ । ତେଣୁ ତୃତୀୟ କବି ଭାବେ ଆବାହକ ସ୍ଥାନୀୟ କବି ବନ୍ଦନା ସିଂହଙ୍କୁ ମଞ୍ଚକୁ ନିମନ୍ତ୍ରଣ କଲେ । ତାପରେ ମଞ୍ଚର ପରିଚାଳନାର ଭାର ସିଏ ଅଗସ୍ତି ସାହେବଙ୍କୁ ଦେଇଦେଇ ମଞ୍ଚରୁ ବିଦାୟ ନେଲେ ଓ ଦର୍ଶକମାନଙ୍କ ମଧ୍ୟରେ ନିଜ ସ୍ଥାନରେ ବସିଗଲେ ।

ଏଇଟା ଗୀତା ଓ ଗୁରୁଚରଣଙ୍କ ପାଇଁ ଆମେରିକାରେ ହାସ୍ୟକବି ସମ୍ମେଳନର ପ୍ରଥମ ଅନୁଭୂତି ଥିଲା । ସେମାନେ ଅଲଗା ରକମର କବି ସମ୍ମିଳନୀ ହେବାର ଭାବିନେଇଥିଲେ । ସେଥିରେ ସେମାନେ ଭାବିଥିଲେ ଯେ ୧୫- ୨୦ କି ଅଧିକ କବି ନିଜ ହାସ୍ୟରସର କବିତା ପଢି ଶୁଣେଇବେ । ହେଲେ ଏ ସମ୍ମେଳନଟି ଅଲଗା ରକମର ଥିଲା । କେବଳ ମଞ୍ଚାସୀନ ସେ ତିନିଜଣ କବି ହିଁ ନିଜର ହାସ୍ୟରସର ରଚନା ପଢି ଶ୍ରୋତାମାନଙ୍କର ମନୋରଞ୍ଜନ କରାଇବେ ।

ଅଗସ୍ତି ସାହେବ ପ୍ରଥମେ ବନ୍ଦନା ସିଂହଙ୍କୁ ନିଜ ଗଜଲ ପଢି ଶୁଣେଇବାକୁ ଆବାହନ କଲେ। ବନ୍ଦନା ସିଂହଙ୍କ ଗଜଲ ଅତ୍ୟନ୍ତ ମନଛୁଆଁ ଥିଲା । ଦରଦୀ ମନର ଦରଦ ଓ ଅନୁଭବକୁ ସିଏ ଅତି ସୁନ୍ଦର ଭାଷାରେ ସଜାଇଥିଲେ । କରତାଳରେ ଶ୍ରୋତାମାନେ ତାଙ୍କ କବିତା ପ୍ରତି ନିଜନିଜର ମନୋଭାବନା ପ୍ରକାଶ କଲେ ।

ଗୁରୁଚରଣ ଫୁସ୍‌ଫୁସ୍ କରି ଗୀତାର କାନରେ ପଚାରିଲେ, "ଇଏ ପରା ହାସ୍ୟ କବି ସମ୍ମେଳନ । ହାସ୍ୟ କବିତା ନପଢି ସିଏ ଗଜଲ କାହିଁକି ପଢୁଛି ?"

ଗୀତା - "ମୁଁ କେମିତି ଜାଣିବି ? ହୁଏତ ପ୍ରଥମେ ଗଜଲ ପଢିବା ପରେ ଅନ୍ୟ ଦୁଇ କବି ହାସ୍ୟ କବିତା ଶୁଣେଇବେ ।"

ବନ୍ଦନାଙ୍କ ଲିଖିତ ୫-୬ ଟି ଗଜଲ ପରେ ଅଗସ୍ତି ସାହେବ ନିମନ୍ତ୍ରଣ କଲେ କର୍ଣ୍ଣ କାଲେଙ୍କୁ ।

ଡକ୍‌ଟର୍ କର୍ଣ୍ଣ କାଲେ ମଞ୍ଚରେ ମାଇକ୍ରୋଫୋନ୍ ଧରି ଠିଆ ହୋଇଯିବା ମାତ୍ରେ ସତେ ଯେମିତି ପରିବେଶଟି ଜୀବନ୍ତ ହୋଇଉଠିଲା । ସୌନ୍ଦର୍ଯ୍ୟ, ସ୍ୱର, କଣ୍ଠ, କହିବା ଶୈଳୀ ଓ ଲେଖାର ଶବ୍ଦ ସଂଯୋଜନା, ସବୁ ରକମର ପ୍ରତିଭାରେ ମଣ୍ଡିତ ଥିଲେ କର୍ଣ୍ଣ କାଲେ । ହାସ୍ୟ କବିତା ପଠିବା ବେଳେ ସିଏ ଏମିତି ନିଖୁଣ ଅଭିନୟ କରୁଥିଲେ ଯେ ସମସ୍ତେ ହସିହସି ବେଦମ୍ ହୋଇଯାଉଥିଲେ ।

ଗୀତା ସେ ଅଡିଟୋରିୟମରେ ଥିବା ଦର୍ଶକମଣ୍ଡଳୀଙ୍କୁ ଚାହିଁଲା । ସମସ୍ତେ ପ୍ରାୟ ଚାଳିଶିରୁ ଅଧିକ ବୟସର । ଶତକଡା ପଚାଶ ଭାଗ ହୁଏତ ପଚାଶରୁ ଅଧିକ । ପାଞ୍ଚ, ଛଅ ଜଣ କଲେଜ ପିଲା ବସିଥିଲେ, ସେମାନେ ହୁଏତ ବାପା, ମା' ଙ୍କ ପ୍ରରୋଚନାରେ ଆସିଥାନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଏକ କବିତା ପଢି ଶୁଣେଇଲେ କର୍ଣ୍ଣ କାଲେ । ଆଜିକାଲିର ପ୍ରେମ କେମିତି କ୍ଷଣସ୍ଥାୟୀ ଓ ପିଲାମାନେ କେମିତି ସେ ଭାବନାକୁ ଇଣ୍ଟରନେଟ୍, ଫେସ୍‌ବୁକ୍ ଓ ହ୍ୱାଟ୍‌ସ୍‌ଆପରେ ବାଣ୍ଟୁଛନ୍ତି ଓ ସେଇଭଳି ମିଡିଆରୁ ନିଜ ପ୍ରେମୀକୁ ପାଉଛନ୍ତି, ପୁଣି କ୍ଷଣକରେ ସେ ପ୍ରେମ ଜୁଆରରେ ଭଟ୍ଟା ପଡିଯାଉଛି, ସେସବୁକୁ ନେଇ ରଚନା କରିଥିଲେ ସିଏ ତାଙ୍କ କବିତା । ସମସ୍ତେ ମନଭରି ହସିଲେ ।

ଗୀତାର ସ୍ମୃତିରେ ଭାସିଆସିଲା ଗୋଟିଏ ମୁହଁ, ଚନ୍ଦ୍ରା ଅପାର । ଗୀତାର ଘରପାଖରେ ରହୁଥିବା ଗ୍ରାମ ବଡବାପାଙ୍କ ଝିଅ ଚନ୍ଦ୍ରା ଅପା, ସବୁବେଳେ ସିଏ ଯେମିତି ହସ ଲଡୁ ଖାଇଥାଏ । ଏତେ ଛୋଟବେଳୁ ବି ସିଏ ଏମିତି କବିତା ଛନ୍ଦିଦେବ ଓ ଗାଇଦେବ, ଶୁଣିଲା ଲୋକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କଟକ ରେଡିଓ ଷ୍ଟେସନ୍‌ର ସମସ୍ତ କାର୍ଯ୍ୟକ୍ରମ ସିଏ ଶୁଣେ । ସମସ୍ତ ଗୀତ, ନାଟକ, ଖବର ଶୁଣି, ତାକୁ ମନେ ରଖିଦିଏ । ଠିକ୍ ସମୟରେ ଠିକ୍ ମଣିଷକୁ ନେଇ ସିଏ ସବୁ ଉଦାହରଣ ଦେଇଦିଏ ଓ ନିଜେ ହାସ୍ୟ କବିତା ଗୁନ୍ଥିଦିଏ । ହେଲେ ତାର ସେଇ ଭଲ ଗୁଣଟା ପାଇଁ ତା' ଜୀବନରେ ବଡ ଦୁର୍ଘଟଣା ଆସିଗଲା ।

ସାହିର ବୀଣା ଖୁଡିଙ୍କର ବାପଘର ନଈ ଆର ପାଖରେ । ତାଙ୍କର ଭାଇଟିଏ ଥାଏ, ଶଙ୍କର୍ ମାମୁଁ । ଗୀତାଠାରୁ ୪- ୫ ବର୍ଷ ବଡ ସିଏ, ହେଲେ ମାନ୍ୟରେ ମାମୁଁ । ଚନ୍ଦ୍ରା ଅପା ବି ତାକୁ ମାମୁଁ ଡାକେ, ହେଲେ ଥଟ୍ଟା ପରିହାସ ହୁଏ । ସେଇ ଶଙ୍କର୍ ମାମୁଁ କୁଆଡେ ଚନ୍ଦ୍ରା ଅପାର ପ୍ରେମରେ ପଡିଗଲା ।

ଗୀତା ବାପାଙ୍କ ପାଖରେ କଟକରେ ରହି ପଢୁଥିଲା । ତେଣୁ ଗାଁର ପ୍ରତ୍ୟେକ କଥା ତ ନିଜେ ଅନୁଭବ କରିପାରେନ, ସାଙ୍ଗମାନଙ୍କ ଠାରୁ ଯାହା ଶୁଣେ । ପ୍ରକୃତରେ ଚନ୍ଦ୍ରା ଅପା ହିଁ ସବୁ ଗପେ, ହେଲେ ନିଜ କଥା ଆଉ କଣ ଗପିଥାଆନ୍ତା ?

ଶଙ୍କର୍ ମାମୁଁ ପ୍ରଥମେ ଚନ୍ଦ୍ରା ଅପାକୁ ପ୍ରଶଂସା କରୁଥିଲା । କହୁଥିଲା, "ଚନ୍ଦ୍ରା, ତୁ ନିଶ୍ଚୟ ଦିନେ ବଡ କବି ହେବୁ । ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁଙ୍କ ଭଳି ନାମ ଅର୍ଜନ କରିବୁ ।"

ଚନ୍ଦ୍ରା ଅପା ବି ଉତ୍ସାହିତ ହୋଇ କହୁଥିଲା, "ଆଛା ଶଙ୍କର୍ ମାମୁ, ତମେ ମୋ କବିତାକୁ ସବୁ ଗୀତ କରି ରେକର୍ଡ କରିଦେବ ତ ? ତାହେଲେ ମୋ ଗୀତର ରେକର୍ଡ ସବୁ ଗଣେଷ ପୂଜା, ସରସ୍ୱତୀ ପୂଜା ଓ ବାହାଘରରେ ମାଇକରେ ବାଜିବ ।"

ଶଙ୍କର୍ ମାମୁଁ କହୁଥିଲା, "ସତରେ ରେକର୍ଡ ବନେଇଦେବି । ପୁଣି ତୋରି କଣ୍ଠରେ । ଆଲୋ, ତୋ କଣ୍ଠ ତ ଲତା ମଙ୍ଗେଶକର କଣ୍ଠଠାରୁ ବି ସୁନ୍ଦର ।"

ଏମିତି ଗୀତା ବେଳେବେଳେ ଗାଁରେ ଥିବା ସମୟରେ ସେମାନେ ସମସ୍ତେ ମିଶି ଛୋଟ କବି ସମ୍ମେଳନ କରୁଥିଲେ । ଛୋଟ ପିଲାମାନେ ଯିଏ ଯାହା ସବୁ ଲେଖୁଥିଲେ, ପଢି ଶୁଣାଉଥିଲେ । କାହା ମନରେ ଆବିଳତା ନଥିଲା । ଚନ୍ଦ୍ରାଅପା ତ ସେ ସମ୍ମେଳନର ନେତ୍ରୀ । ଏମିତ ସବୁ ବର୍ଷ ଗଲେ । ଚନ୍ଦ୍ରାଅପା ପାଇଁ ହିଁ ଗୀତା ଲେଖାଲେଖି ଆରମ୍ଭ କରିଥିଲା । ତା ସ୍କୁଲରେ ଯେତେ ଯାହା ମଜାକଥା ସିଏ ଦେଖେ ଓ ଅନୁଭବ କରେ, ତାକୁ ଗୋଟିଏ ନୋଟ୍‌ଖାତାରେ ଟିପି ରଖିଥାଏ । ସେଇ ଘଟଣାକୁ ବେଳେବେଳେ ତା' ଭାଷା ଦେଇ ଛନ୍ଦିଦିଏ । ଗାଁକୁ ଗଲେ ଚନ୍ଦ୍ରାଅପାକୁ ଦେଖାଏ । ଚନ୍ଦ୍ରାଅପା ସେ ଲେଖା ସବୁକୁ ସଂଶୋଧନ କରିଦିଏ ଓ ଗୀତାକୁ ପ୍ରଶଂସା କରେ । "ସତରେ ସେ ମଦୁଆ ରିକ୍ସାବାଲା ଏମିତି ଭାଷାରେ କଥା କହେ ? ଆଉ ତା ପିଲାମାନେ କେମିତି ରୁହନ୍ତି ? ସେମାନେ ସ୍କୁଲ୍ ଯାଆନ୍ତି ନା ନାହିଁ? ସ୍କୁଲରେ ତ ସମସ୍ତେ ସେମାନଙ୍କୁ ନାନାକଥା କହୁଥିବେ ? ଆହା, ବିଚରା ପିଲାଗୁଡା। ତାଙ୍କ ଭାଗ୍ୟ ଖରାପ । ଏମିତି ବାପା ପାଇଛନ୍ତି ?" ଚନ୍ଦ୍ରାଅପାର କଥାରେ

ଦରଦ ଥାଏ । ତା' ଅନୁରୋଧରେ ଗୀତା ତାକୁ ଚଠୀବାପା ରିକ୍ସାବାଲା ବିଷୟରେ ଯାହା ସବୁ ଦେଖିଥାଏ ଓ ଶୁଣିଥାଏ, ଗପି ଗ୍ଲେ ।

ସେବର୍ଷ ଚନ୍ଦା ଅପାର ହାଇସ୍କୁଲ୍ ଶେଷ ବର୍ଷ । ପରୀକ୍ଷା ସରିଯାଇଥାଏ । ଗୀତା ରଜ ପାଇଁ ଗାଁକୁ ଯାଇଥାଏ । ରଜରେ ସେବର୍ଷ ବହୁତ ମଜାହେଲା । ସେବର୍ଷ ଗାଁ ଲୋକମାନେ ସମସ୍ତେ ଗ୍ନନ୍ଦା କରି ଗୋଟିଏ ଯାତ୍ରାଦଳଙ୍କୁ ଡାକଥିଲେ । ତିନଦିନ ଧରି ଯାତ୍ରା ହେଲା । ଅନ୍ୟ ସବୁ ଗାଁର ଯେଉଁମାନଙ୍କର ବନ୍ଧୁବାନ୍ଧବ ସବୁ ଥାଆନ୍ତି, ସେମାନେ ସମସ୍ତେ ଆସିଥାନ୍ତି। ଗାଁରେ ଯେମିତି ମହୋତ୍ସବ ଲାଗିଛି । ସେଥର ପିଲାମାନଙ୍କ କବି ସମ୍ମେଳନରେ ଅନେକ ପିଲା ହୋଇଗଲେ । ଯାହାର ଯାହା ମନକୁ ଆସିଲା, କବିତା ଛନ୍ଦି ଶୁଣେଇଲା ।

ସେଥର ଶଙ୍କର୍ ମାମୁଁ ମଧ ଗୋଟିଏ ନଜ ଲେଖା ପଢି ଶୁଣେଇଲା । ସେଇଟା ଗୋଟିଏ ପ୍ରେମ କବିତା ଥିଲା । ଶଙ୍କର୍ ମାମୁଁ ସେତେବେଳକୁ ଗୋଟିଏ ଗାଁ କଲେଜରେ ପଢୁଥାଏ । ପ୍ରଥମ ଥର ପିଲାମାନଙ୍କ ମେଳରେ ଗୋଟିଏ ପ୍ରେମ କବିତା ପଢାଗଲା । ସେ କବିତା ଶୁଣି ଚନ୍ଦା ଅପା ଲଜ୍ଜିତ ଦିଶିଲା ।

ତା ପରବର୍ଷ ଗୀତାର ଏକାଦଶ ଶ୍ରେଣୀ । ବାପା କଡା ନଜର ରଖିଥିଲେ, ଗୀତା ଯେମିତି ସ୍କୁଲରେ ପ୍ରଥମ ଶ୍ରେଣୀରେ ପାଶ୍ କରିବ । ତେଣୁ ଗୀତା ବର୍ଷକ ପର୍ଯ୍ୟନ୍ତ ଗାଁକୁ ଯାଇନଥିଲା। ଯେବେ ବର୍ଷକ ପରେ ଗଲା, ଚନ୍ଦା ଅପା ଆଉ ସେ ଚଳଚଞ୍ଚଳ ଚନ୍ଦା ଅପା ନଥିଲା । ଶଙ୍କର୍ ମାମୁଁର ମୃତ୍ୟୁ ହୋଇଥିଲା । ସିଏ ଆମ୍ବତୋଟାରେ ରସି ଦେଇ ଆତ୍ମହତ୍ୟା କରିଥିଲା । କେହିକେହି କହୁଥିଲେ, ଗାଁ ଲୋକ ମିଶି ଶଙ୍କର୍ ମାମୁଁକୁ ମାରିଦେଲେ, କାରଣ ସିଏ ଚନ୍ଦା ଅପା ସହିତ ପ୍ରେମ ସଂପର୍କ ରଖିଥିଲା । ଚନ୍ଦା ଅପା କୁଆଡେ କିଛିଦିନ ପାଗିଳ ହୋଇଯାଇଥିଲା । ତାକୁ ଶଙ୍କର୍ ମାମୁଁର ଭୂତ ଲାଗୁଥିଲା । ସିଏ ପ୍ରଳାପ କରୁଥିଲା ଓ ଏଣ୍ଡୁତେଣ୍ଡୁ ଗପି ତାକୁ କଏ ସବୁ କେମିତି ମାରିଦେଲେ ବୋଲି ବିଳବିଳୋଉଥିଲା । କେତେବେଳେ ପନକ ଧରି କାହାଘରେ ପଶି ସମସ୍ତଙ୍କୁ ମାରିବାକୁ ଧମକ ଦେଉଥିଲା । ତାକୁ କୁଆଡେ ଗୋଟିଏ ଗୁଣିଆ ଆଣି ସେ ଗୁଣିଆର କଡା ପହରାରେ ଅନେକ ଦିନ ପର୍ଯ୍ୟନ୍ତ ରଖାଗଲା । ତଥାପି ଶଙ୍କର୍ ମାମୁଁର ଭୂତ କୁଆଡେ ଏମିତି ଜିଦଖୋର ଥିଲା ଯେ ଚନ୍ଦାଅପାକୁ ଛାଡି ଯିବନ ବୋଲି ପଣ କରିଥିଲା । ଗୁଣିଆ ଅନେକ ମନ୍ତ୍ରଯନ୍ତ୍ର କରି ତାଠାରୁ ଶଙ୍କର୍ମାମୁଁର ଭୂତକୁ ଛଡେଇଥିଲା ଓ ତାକୁ ଗୋଟିଏ ବୋତଲ ଭିତରେ ବନ୍ଦ କରି ମାଟିରେ

ପୋତିଦେଇଥିଲା । ଗୁଣିଆର ପରାମର୍ଶରେ ଚନ୍ଦ୍ରାଅପାକୁ ତା ମାମୁଁଘରକୁ ପଠେଇ ଦେଇଥିଲେ । ତିନି- ଚାରି ବର୍ଷ ପରେ ଚନ୍ଦ୍ରାଅପାର ବାହାଘର ହୋଇଯାଇଥିଲା ।

ଡକ୍ଟର୍ କର୍ତ୍ତି କାଲେଙ୍କର ମୁହଁ ଠିକ୍ ଚନ୍ଦ୍ରାଅପାର ମୁହଁ ଭଳି ଦିଶୁଥିଲା । ଗୀତା ସେଠି ଥାଇ ବି ନଥିଲା । ସିଏ ଚନ୍ଦ୍ରାଅପାର ରାଇଜକୁ ଚାଲି ଯାଇଥିଲା । ଆଜି ଯଦି ଚନ୍ଦ୍ରା ଅପା ଠିକ୍ ପରିବେଶରେ ବଢିଥାଆନ୍ତା, ପାଠଶାଠ ପଢିଥାଆନ୍ତା, ଡକ୍ଟର୍ କର୍ତ୍ତି କାଲେଙ୍କଠାରୁ ବି ବଡ କବି ହୋଇ ବାହାରିଥାଆନ୍ତା । ସମସ୍ତେ ତାଳି ମାରୁଥିଲେ । ଗୀତାକୁ ଅନ୍ୟମନସ୍କ ଦେଖି ଗୁରୁଚରଣ କହିଲେ, "ତୁ ଶୋଇଲୁଣି ନା କଣ ? ସମସ୍ତେ ତାଳି ମାରୁଛନ୍ତି, ଆଉ ତୋର କିଛି ପ୍ରତିକ୍ରିୟା ନାହିଁ ।"

ଏବେ ସୁରେଶ ଅଗସ୍ତି ସାହେବ ନିଜ କବିତା ପଢି ଶୁଣେଇଲେ । ସେ କବିତାରେ ଗୋଟିଏ ମଜାକଥା ବ୍ୟାଖ୍ୟାନ କଲେ । ସିଏ ଯେତେବେଳେ ହିନ୍ଦି ସାହିତ୍ୟରେ ଡକ୍ଟରେଟ୍ ଉପାଧି ପାଇ ନିଜ ଘର ଗେଟରେ ନିଜ ନାଁ "ଡକ୍ଟର୍ ସୁରେଶ ଅଗସ୍ତି" ଲେଖି ଟଙ୍ଗେଇଲେ, ସେତେବେଳେ କେମିତି ସମସ୍ତେ ତାଙ୍କୁ ଡାକ୍ତର ଭାବି ସେମାନଙ୍କର ବିଭିନ୍ନ ରୋଗ ପାଇଁ ଔଷଧ ମାଗିବାକୁ ପହଞ୍ଚିଲେ ଓ ଅଗସ୍ତି ସାହେବ ସେମାନଙ୍କୁ କି କି ଔଷଧ ଦେଲେ, ସେ ବିଷୟର କବିତା ସିଏ ଅତ୍ୟନ୍ତ ମନୋରଞ୍ଜକ କରି ଶୁଣେଇଲେ । ଯଥା, ରାଜନେତାଙ୍କୁ ନିଦ ନହେବା ପାଇଁ ଔଷଧ, ପ୍ରେମୀ ମଣିଷଙ୍କୁ କାମରେ ମନ ନଲାଗିବାର ଔଷଧ, ମଦୁଆକୁ ମଦ ଛଡେଇବାର ଔଷଧ ଇତ୍ୟାଦି । ତାପରେ ଏମିତି ଗୋଟିଏ କବିତା ପଢିଲେ, ଯେଉଁଥିରେ କି ତାଙ୍କ ବିଷୟବସ୍ତୁକୁ କର୍ତ୍ତି କାଲେଙ୍କୁ ନେଇଆସିଥିଲେ । ସିଏ ତାଙ୍କ କବିତା ପଢୁଥିବା ବେଳେ, କର୍ତ୍ତି କାଲେ ବନ୍ଦନାକୁ ଚାହିଁ ଏମିତି ପ୍ରତିକ୍ରିୟା ଦେଖାଉଥିଲେ, ଯାହାର ଅର୍ଥ "ଆରେ, ଏ ପକ୍କା ମିଛ କାହାଣୀ କେଉଁ ଦିଗରେ ନେଉଛ ? "

ଏମିତି ଅତି ହାସ୍ୟ ମୁଖର ପରିବେଶରେ ହାସ୍ୟକବି ସମ୍ମେଳନ ଶେଷ ହେଲା । ଘରକୁ ଫେରି କିନ୍ତୁ ଗୀତା ସେଦିନ ଶୋଇପାରିଲାନି । ଚନ୍ଦ୍ରା ଅପା ବିଷୟ କାହିଁକି ବହୁତ ମନେପଡିଲା । ଚନ୍ଦ୍ରା ଅପା କୋଉଠି ଅଛି, କଣ କରୁଛି, ତା ପରିବାର, ତା ସଂସାର କେମିତି ଚଳୁଛି, କିଛି ଖବର ଗୀତା ରଖିନି । ସତରେ ଗୀତା କେଡେ ସ୍ୱାର୍ଥପର ମ ?

ତା ପରଦିନ ସିଏ ଇଣ୍ଟର୍ନେଟ୍ ଖୋଜି ବୁଲିଲା, ବୋଉ ଓ ବାପାଙ୍କୁ ଫୋନ୍ କରି ପଚାରିଲା । ସେମାନେ ବି ବିଶେଷ କଛି ଜାଣିନଥିଲେ । ତାପରେ ଭାଇ ସହିତ କଥା ହେଲା । ସିଏ କଛି ଜାଣିନଥିଲା, ତେବେ କହିଲା, "ମୁଁ ଗାଁର କଛି ଲୋକଙ୍କୁ ଫୋନ୍ କରି ବୁଝିବି ।"

ଜୁଲାଇ ୨୨ ତାରିଖ । ଗୋଟିଏ କବିତା ଜଣେ କେହି ଗୀତାର କଲେଜ ସାଙ୍ଗଙ୍କ ହ୍ୱାଟ୍ସ୍‌ଆପ୍ ଗ୍ରୁପ୍‌କୁ ଫର୍‌ଓ୍ୱାର୍ଡ କରିଥିଲା । କବିତାଟିର ଶୀର୍ଷକ ଥିଲା, "ମୁଁ ମହାରାଣୀ ।"

ସେ କବିତାରେ ସ୍ତ୍ରୀ ଜଣେ ସ୍ୱାମୀକୁ କେମିତି ସେବକ କରି ରଖିଛି, ସେସବୁର ବିଶେଷ ବର୍ଣ୍ଣନା ହୋଇଥିଲା । କବିତା ପଢି ସିଏ ଗୁରୁଚରଣଙ୍କୁ ବି ଶୁଣେଇଲା । ସିଏ ବି ବହେ ହସିଲେ । ହଠାତ୍ କବିତାଟି କେମିତି ନଜର ନଜର ଲାଗିଲା । ଚନ୍ଦା ଅପା, ହଁ, ହଁ ଚନ୍ଦା ଅପା । ସିଏ ଛୋଟ ବେଳେ ଏମିତି ସବୁ କବିତା ସମସ୍ତଙ୍କୁ ହସେଇବା ପାଇଁ ଲେଖୁଥିଲା । କବିତା ଯିଏ ଫର୍‌ଓ୍ୱାର୍ଡ କରିଥିଲେ, ତାଙ୍କ ସହ ଯୋଗାଯୋଗ କଲା ଗୀତା । ଶେଷରେ ଜଣାପଡିଲା କବିତାର ରଚୟିତା ଚନ୍ଦ୍ରାଙ୍ଗଦା ପାଣିଗ୍ରାହୀ, ଦିଲ୍ଲୀ । ସିଏ କଣ ଆଉ ଚନ୍ଦା ଅପା ? ଗୀତା ମନରେ ପୁଣି ପ୍ରଶ୍ନ ଉଠିଲା ।

ତା ପରଦିନ ଭାଇ ଫୋନ୍ କରି ଜଣେଇଲା । ଚନ୍ଦା ଅପା ଏବେ ତା' ସ୍ୱାମୀ ସହିତ ଦିଲ୍ଲୀରେ ରହୁଛି । ସେଠି ତାର ସ୍ୱାମୀ କଣ କୋଉ ହସ୍‌ପିଟାଲରେ କାମ କରେ । ତା' ସ୍ୱାମୀ ଆଗେ ମିଲିଟାରୀରେ କାମ କରୁଥିଲା । ହେଲେ ତା' ଝିଅ ଗୋଟିଏ କଂପ୍ୟୁଟର୍ ଇଞ୍ଜିନୟର୍ । ବହୁତ ଭଲ କଂପାନୀରେ କାମ କରେ । ସେଇ ଝିଅଠାରୁ ଶିଖି ଚନ୍ଦା ଅପା ଏବେ ଖାଲି ଫେସ୍‌ବୁକ୍, ହ୍ୱାଟ୍ସ୍‌ଆପରେ କବିତା ଲେଖୁଛି । ତା' ଝିଅ ତା' ପାଖାପାଖି ରହୁଛି ।

ମନ ପୂରି ଆସିଲା ଗୀତାର । ଯାହାହେଉ ଚନ୍ଦାଅପା ଭଲରେ ଅଛି । ତା' କବିତା ଲେଖା ଚାଲୁରହିଛି । ମନେମନେ ଫେସ୍‌ବୁକ୍ ଓ ହ୍ୱାଟ୍ସ୍‌ଆପ୍‌ର ସି.ଇ.ଓ ମାନଙ୍କୁ ଧନ୍ୟବାଦ ଦେଲା ଗୀତା ।

ତା' ପରଦିନ ସକାଳୁ ଦେଖିଲା ବେଳକୁ ଗୀତାର ହ୍ୱାଟ୍ସ୍‌ଆପରେ ଚନ୍ଦାଅପା ହାସ୍ୟ କବିତା ଲେଖି ମେସେଜ୍ ପଠେଇଛି । କବିତାର ଶୀର୍ଷକ "ମୋ ସାହେବାଣୀ ବିଦେଶିନୀ ଗୀତାରାଣୀ" । କେଉଁଠୁ ଗୀତାର ନମ୍ବର ସିଏ ପାଇଲା କେଜାଣି ? ସିଏ ସେଥିରେ ଗୀତାକୁ ଏମିତି ବର୍ଣ୍ଣନା କରିଥିଲା ଯେ ଜଣେ ନହସି ରହି ପାରିବନ ।

ଗୀତା ସେ ହ୍ୱାଟ୍ସ୍ଆପ୍ରୁ ଫୋନ୍ ଲଗେଇ ଚନ୍ଦ୍ରାଅପା ସହିତ କଥା ହେଲା । ଚନ୍ଦ୍ରା ଅପା କିଛି ବି ବଦଳି ନଥିଲା । ଏମିତି ଗପଗଲା ସିଏ, ଯେମିତି ସେଇ ପିଲାଦିନର ଚନ୍ଦ୍ରା ଅପା । ଏବେ କେବଳ ଭାରତ ନୁହେଁ, ତା ପାଟି ଅଗରେ ସାରା ବିଦେଶର କାହାଣୀ ଥୁଆ । ତାର ପ୍ରତିଦିନର କାମ ହେଲା ଯାବତୀୟ ୟୁଟିଉବ୍ ଭିଡିଓ ଦେଖିବା, ଇଣ୍ଟରେନେଟରେ ନ୍ୟୁଜ୍ ପଢିବା ଓ ଗପବହି ପଢିବା । ସେସବୁ ଦେଖି, ପଢି ସିଏ ଅନେକ ବିଷୟରେ ଜ୍ଞାନ ଅର୍ଜନ କରିଲାଣି । ଯେଉଁଠି ମଜାକଥା ଦେଖେ, ସେସବୁକୁ ଲେଖି ଫେସ୍ବୁକରେ ଛାଡେ । ଚନ୍ଦ୍ରାଅପା କହିଲା, "ପିଲା ବୋଲି ତ ଗୋଟିଏ ଝିଅ, ସିଏ ଏବେ ଘରକରି କଲାଣି । ଆଉ ମୋର ଖାଲି ଦୁଇବେଳା ଦୁଇଜଣଙ୍କ ପାଇଁ କଣ ଟିକେ ରାନ୍ଧିବା କଥା । ବାସ୍, ସବୁ ସମୟ ମୋ ହାତରେ । ଝିଅ କଂପ୍ୟୁଟର୍ କଣି ଦେଇଛି । ଏବେ ସେଇ କଂପ୍ୟୁଟର୍ ମୋର ସାଙ୍ଗ । ଗୀତା, ତୁ କେବେ ଭାରତ ଆସୁଛୁ କହ । ତାହେଲେ ଦିଲ୍ଲୀ ଆସିବୁ ଓ ମୋ ପାଖରେ ରହିବୁ । ମୁଁ ଏଠି ଗୋଟିଏ ଓଡିଆ କବିଙ୍କ ଗ୍ରୁପ୍ କରିଛି । ତତେ କବି ସମ୍ମେଳନକୁ ନେଇଯିବି । ସେଠି ଆମର ବଢିଆ ହାସ୍ୟ କବିତା ଆସର ଜମୁଛି । ହେଲେ ମତେ ଟିକେ ଆଗରୁ କହିବୁ ।"

ଗୀତାର ମନହେଲା ସତରେ ସିଏ ଯାଆନ୍ତା ଦିଲ୍ଲୀ ଓ ଚନ୍ଦ୍ରାଅପାର ହାସ୍ୟକବି ସମ୍ମେଳନରେ ମିଶନ୍ତା । ହେଲେ ଗୁରୁଚରଣ କଣ ଏ କଥାରେ ରାଜିହେବେ । ତଥାପି ସାହସ କରି ସିଏ ଗୁରୁଚରଣଙ୍କୁ କହିଥିଲା । ସିଏ ହସରେ ଉଡେଇଦେଲେ ଓ କହିଲେ, "ତମ ମୁହଁରେ ଲାଜ ନାହିଁ । ଓଡିଆ ହାସ୍ୟ କବିତା ଶୁଣିବ ବୋଲି ଦିଲ୍ଲୀ ଯିବ । କାହିଁକି ୟୁଟିଉବରେ ଶୁଣୁନ । ତମ ଅପାଙ୍କୁ କହୁନ, ଗୋଟିଏ ୟୁଟିଉବ୍ ଭିଡିଓ କରି ପଠେଇବେ ।"

ଗୀତା ସତକୁ ସତ ସେକଥା ଚନ୍ଦ୍ରାଅପାକୁ କହିବା ମାତ୍ରେ, ସିଏ ତାଙ୍କର ପରବର୍ତ୍ତୀ ଆସରଟିର ୟୁଟିଉବ୍ ଭିଡିଓ କରି ପଠେଇଲା । ଗୀତା ନିଜକୁ ଦେଖିଲା ଓ ଚନ୍ଦ୍ରା ଅପାକୁ । କି ସୁନ୍ଦର ଦିଶୁଛି ଚନ୍ଦ୍ରା ଅପା । ତା କେଶ ତ ସେମିତି କଳା ଅଛି, କି ରଙ୍ଗ କରିଛି । ହେଲେ ଶରୀର ଗଢଣ ବହୁତ ଭଲ ଅଛି । ଆଉ ଗୀତାର ପେଟ ବାହାରି ପଡିଛି । ଶରୀର ଜମା ବି ବାଲାନ୍ସ୍ଡ୍ ହୋଇ ନାହିଁ ।

ଗୀତା ମନେମନେ ସ୍ୱପ୍ନ ରଚନା କରିବାରେ ଲାଗିଲା । ଚନ୍ଦ୍ରାଅପା ଏତେ ସୁନ୍ଦର । ଏତେ ସୁନ୍ଦର କବିତା ଲେଖୁଛି ଓ ଗାଉଛି । ହେଲେ ତାର ସେମିତି ଯୋଗ୍ୟତା ନାହିଁ କି କର୍ତ୍ତି କାଲେଙ୍କ ଭଳି ସିଏ ଡକ୍ଟରେଟ୍ ଉପାଧି ପାଇନ । ତଥାପି କର୍ତ୍ତି କାଲେଙ୍କ ଠାରୁ ତାର

ହାସ୍ୟକବି ପ୍ରତିଭାରେ କଛି ବି କମ୍ ନାହିଁ । ଏ ଚନ୍ଦ୍ରାଅପାକୁ ଏ ଦେଶକୁ ଆଣି ଗୋଟିଏ ଓଡିଆ ହାସ୍ୟକବି ସମ୍ମେଳନ କଲେ କେମିତି ହୁଅନ୍ତା ?

ଗୀତା ଏ ସ୍ୱପ୍ନ ସନ୍ଦେଶ ଗୁରୁଚରଣଙ୍କ ଆଗରେ ବ୍ୟାଖ୍ୟାନ କଲା । ସେତେବେଳେ ପୁଅ ସୁରେଶ ଘରକୁ ଆସିଥିଲା । ପୁଅ ଏବେ ଇଂଲିଶ୍ ଲିଟରେଚରରେ କଛି ଗବେଷଣା କରୁଛି। ସିଏ କହିଲା, "ବ୍ରିଲିଆଣ୍ଟ ଆଇଡିଆ ମାମା । ମୁଁ ତାଙ୍କୁ ଭେଟିବାକୁ ଚାହୁଁଛି ।"

ଏବେ ଚନ୍ଦ୍ରାଅପା ସତକୁ ସତ ଗୋଟିଏ ଷ୍ଟାର୍ ପାଲଟିଗଲା । ଗୀତାଠାରୁ ତା' ପୁଅ ଯେତେବେଳେ ଚନ୍ଦ୍ରାଅପାର କାହାଣୀ ଶୁଣିଲା, ସିଏ ଚନ୍ଦ୍ରାଅପାକୁ ହିଁ ତାର ଗୋଟିଏ ରିସର୍ଚ୍ଚ ପେପର୍‌ର ବିଷୟବସ୍ତୁ ଭାବେ ରଖିଲା । ଥରେ ପୁଅ ଗୀତାକୁ କହିଲା, "ମାମା, ମୋର ତୁମ ଚନ୍ଦ୍ରାଅପାଙ୍କୁ ଦେଖିବାକୁ ଇଚ୍ଛା ହେଉଛି ଓ ତାଙ୍କ ଜୀବନର ସମସ୍ତ କାହାଣୀ ତାଙ୍କ ମୁହଁରୁ ଶୁଣିବାକୁ ଇଚ୍ଛା ହେଉଛି । ଆମେ ଦୁଇଜଣ ଦିଲ୍ଲୀ ଗଲେ କେମିତି ହୁଅନ୍ତା ?"

ଆଗରୁ ସିନା ଗୁରୁଚରଣ ମନା କରିଦେଇଥିଲେ । ହେଲେ ପୁଅ କଥାରେ ସିଏ ଆଉ ମନା କଲେନ । ତାପରେ କେଉଁ ମଣିଷର ନତିଦିନିଆ ଜୀବନ କାହାଣୀ ଯଦି ଆଉ କେଉଁ ମଣିଷର ଭବିଷ୍ୟତ ଗଢିବା କାମରେ ଆସିପାରିଲା, ସେଇଟା ତ ଅତି ସୁନ୍ଦର କଥା ।

ହେଲେ ଗୀତା ସତର୍କ କରେଇଦେଲା, "ଦେଖେ ତୁ ଯଦି ତା ଜୀବନର ପୁରୁଣା କାହାଣୀକୁ ଏମିତି ସର୍ବସାଧାରଣରେ ପ୍ରକାଶ କରୁ, ତାର ସ୍ୱାମୀ ଓ ପାରିବାରିକ ଜୀବନ ଉପରେ ଖରାପ ପ୍ରଭାବ ପଡିପାରେ । ତେଣୁ ତୁ ତା ଜୀବନ କାହାଣୀ ବଦଳରେ ବରଂ ତା ଲେଖାଲେଖି ବିଷୟରେ ରିସର୍ଚ୍ଚ କର ।"

ପୁଅ ସତକୁ ସତ ସେଇଆ କଲା । ସେମାନେ ସେବର୍ଷ ସେପ୍ଟେମ୍ବର ମାସରେ ଦିଲ୍ଲୀ ଗଲେ ଓ ଚନ୍ଦ୍ରାଅପାକୁ ଭେଟିଲେ । ଗୀତାର ପୁଅକୁ ଦେଖି ଚନ୍ଦ୍ରାଅପା ଖୁସି ହେଲା । ଜାଣିଜାଣି ଶଙ୍କର୍ ମାମୁଁ ବିଷୟରେ କଛି ବି ଉପସ୍ଥାପନା କଲାନ ଗୀତା । ଚନ୍ଦ୍ରା ଅପାର କେତେକେତେ କବିତା ଲେଖା ହୋଇଛି । ସେସବୁ ପଢି ସେଥିରୁ କଛି ସିଲେକ୍ଟ୍ କରିବା ଦରକାର । ସେସବୁ ଚନ୍ଦ୍ରାଅପା ସହଜ କରେଇଦେଲା । ଏବେ ସେସବୁକୁ ଇଂଲିଶରେ ବୁଝେଇବାର ଦାୟିତ୍ୱ ନେଲା ଗୀତା ।

ଚନ୍ଦ୍ରାଅପାର କେତେଗୁଡିଏ କବିତା ଅନୁବାଦ କରି ସୁରେଶ ନଜ ସନ୍ଦର୍ଭରେ ରଖିଥିଲା । ସେଇ ଗୁଡିକ ସିଏ ଯେତେବେଳେ ତାର ୟୁନିଭର୍ସିଟିରେ ପ୍ରେଜେଣ୍ଟ କଲା, ସମସ୍ତେ

ଭୁରିଭୁରି ପ୍ରଶଂସା କଲେ ଓ କବିତାର ରଚୟିତାଙ୍କୁ ଦେଖିବାକୁ ଇଚ୍ଛା ପ୍ରକାଶ କଲେ । ଡିପାର୍ଟମେଣ୍ଟର ଚେୟାର୍‌ମ୍ୟାନ୍‌ଙ୍କର କଛି ଗ୍ରାଣ୍ଟ୍ ଥିଲା, ଅପରଂପରାଗତ ପ୍ରତିଭାକୁ ବିକାଶ ଓ ପ୍ରଚାର କରିବାପାଇଁ । ସେଇ ଗ୍ରାଣ୍ଟ୍ ତରଫରୁ ଚନ୍ଦ୍ରାଅପାକୁ ଆମେରିକା ଆସିବା ପାଇଁ ନିମନ୍ତ୍ରଣ ଗଲା ।

ଗୀତାର ବିଶ୍ୱାସ ହେଉନଥିଲା । କେଉଁଠୁ କଣ ସବୁ ହୋଇ କଥା ଏତେ ଦୂର ଚାଲିଗଲା, ଯେମିତି ଲାଗୁଥିଲା ସବୁ କଛି କାଉଁରୀ କାଠି, ଇଚ୍ଛା କରି କାଠି ହଲେଇଦେବା ମାତ୍ରେ ଇଚ୍ଛା ସବୁ ପୂରଣ ହୋଇଯାଉଥିଲା । ଏଇତ ବର୍ଷବର୍ଷ ଧରି ସିଏ ଚନ୍ଦ୍ରାଅପା ବିଷୟରେ କଛି ବି ଜାଣିନଥିଲା । ଆଉ ଦେଖୁଦେଖୁ ଏତେ ସବୁ କେମିତି ସମ୍ଭବ ହୋଇପାରିଲା ?

ହଁ, ଇଣ୍ଟରେନଟ୍ ଆଉ ୟୁଟିଉବ୍‌ର ଯୁଗ ଇଏ । ଏଠି କ୍ଷଣକରେ ଶବ୍ଦ ସବୁ ଯୋଜନ ଯୋଜନ ରାସ୍ତା ଅତିକ୍ରମ କରିପାରେ । ସାତ ସମୁଦ୍ର, ତେର ନଈ ପାର ହୋଇ ଗୋଟିଏ ମଣିଷର ଭାବନା ଆଉ ଗୋଟିଏ ମଣିଷ ପାଖରେ ପହଞ୍ଚିଯାଏ । ଏ ଯୁଗର ମାନବକୁ ଅତିମାନବ ହୋଇଯିବାରେ କେବଳ ଛୋଟିଆ ଯୋଗାଯୋଗ ଦରକାର, ବେଶି କଛି ନୁହେଁ ।

ଚନ୍ଦ୍ରାଅପା ଆମେରିକା ଆସିବ । ଗାଁର ସେଇ ନିରୀହ ଝିଅଟି ଯିଏ ଦିନେ ପ୍ରେମିକର ଅସମୟ ମୃତ୍ୟୁରେ ପାଗିଳ ହୋଇ ଯାଇଥିଲା, ଯାହାକୁ ଡାହାଣୀ ଲାଗୁଥିଲା, ଯାହାକୁ ଜଣେ ମିଲିଟାରୀର ସର୍ବନିମ୍ନ ସ୍ତରର ସୈନିକଙ୍କ ସହିତ ବାହା କରେଇ ଦିଆଯାଇଥିଲା, ସେଇ ମଣିଷଟିର ଜୀବନର ଏ ଅଭ୍ୟୁଦୟ ଏକ କାଉଁରୀକାଠିର ଚମତ୍କାର । ସେ କାଉଁରୀକାଠି ଆଉ କଛି ନୁହେଁ, କଂପ୍ୟୁଟର୍ ।

ଗୀତାର ଭାବନାରେ ଉଭୟ କର୍ତ୍ତି କାଲେ ଓ ଚନ୍ଦ୍ରାଅପାର ମୁହଁ ଏକା ଭଳି ଦିଶୁଥିଲେ । ସେମାନେ ଗୋଟିଏ ମଞ୍ଚ ଉପରେ ସୁନ୍ଦର ଅଭିନୟ କରି ହାସ୍ୟ କବିତା ପଢୁଥିଲେ । ଦର୍ଶକମାନେ ଘନଘନ କରତାଳରେ ସେମାନଙ୍କୁ ପ୍ରଶଂସା କରି ଉତ୍ସାହିତ କରୁଥିଲେ । ଗୀତା ବି ତାଳି ମାରୁଥିଲା ।

ଆରଘରୁ ଗୁରୁଚରଣ ପାଟିକଲେ, "ଆରେ ପାଗିଳଙ୍କ ଭଳି ନିଜେନିଜେ ତାଳି କାହିଁକି ମାରୁଛ? "

ରଦରେ଼ଫର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମାନବ ସେବା ହିଁ ମାଧବ ସେବା....



ଅରୁଣ କୁମାର ମହାନ୍ତି

ନୁହେଁ ତୁହି ହୀନ    ନୁହେଁ ତୁହି ଦୀନ
ନୁହେଁ ତୁ କାହାଠୁ ଭିନ୍ନ
ଜୀର୍ଣ୍ଣ ଲୋକ ଦେଖି    କୁଣ୍ଠାବୋଧ କରୁ
ଦେବାକୁ ମୁଠାଏ ଅନ୍ନ.....! ୧!

କର୍ମ ତୋର ଲକ୍ଷ୍ୟ    କର୍ମ ତୋର ମୋକ୍ଷ
କର୍ମ ତୋ ପରମ ଦୀକ୍ଷା
ଧର୍ମ ପଥେ ରହି    କର୍ମ କର ଭାଇ
ଏତିକ  କରୁଛି  ଭିକ୍ଷା.....! ୨!

ସତ୍ୟର ପଥଟି    ବିଷମ ଅଟଇ
ଲଭିଛ ସଂସ୍କାର ଶିକ୍ଷା
ଜୀବନ ସଂଗ୍ରମେ    ହାରିବାନ କେବେ
ଆସୁ ବିପଦ ପରୀକ୍ଷା.....! ୩!

ଭୋକଲା ଉଦରେ    ଅନ୍ନ ବାଢି ଦେଲେ
ମିଳଇ ପରମ ତୃପ୍ତି
ତୃଷାର୍ଥ କୁ ଜଳ    ଅଟେ ପୁଣ୍ୟ ଫଳ
କରିଲେ ହୋଇବ ସୁଖୀ......! ୪!

ମାନବ ସେବା ହିଁ    ମାଧବ ର ସେବା
ଅଟଇ ମୁକ୍ତିର ମାର୍ଗ
ପତିତ ଜଠରୁ    ଉଦ୍ଧାର ପାଇବୁ
ଲଭିବୁ ବୈକୁଣ୍ଠ ଧାମ...! ୫!

ଇଷାଣପୁର, ଯାଜପୁର

# ତୋ ଚରଣେ ମିନତି



ଆର୍ତ୍ତତ୍ରାଣ ଖୁର୍ଦିଆ

ଯେମିତି ପୂଜିଲେ ତତେରେ କାଳିଆ
ରୁଷି ତ ଯାଉଛୁ ତୁହି,
ମୁଁ ଅଟେ ଆରତ ଅଟେ ତୋର ଦାସ
ତୋ ବିନା ଆଶା ନାହିଁ ।

ସାଙ୍ଗ ହେବା ପାଇଁ ନୁହେଁ ମୁଁ ସୁଦାମା
ଖାଇବାକୁ ଦେବି ଭୂଜା,
ତୁହି ତ ଅନନ୍ତ ନାହିଁ ଆଦି ଅନ୍ତ
ଏ ମହୀରେ ଅଟୁ ରାଜା ।

କଣ୍ଠ ମୋର ନାହିଁ ଗାଇବାକୁ ଗୀତ
ହେଇ ପାରିବିନି ସାଲବେଗ,
ଦାସିଆ ବାଉରି ନୁହଁ ପୁଣି ମୁହିଁ
ଛଡାଇ ଖାଇବୁ ହାତୁ ଭୋଗ ।

ଗୀତ ଗୋବିନ୍ଦ ମୁଁ ଲେଖି ପାରିବିନି
ହେଇ ପାରିବିନି ଜୟଦେବ,
ତଥାପି ଝୁରିଛି ତତେରେ ଏ ମନ
ମଲାବେଳେ ଟିକେ ଦେଖାଦେବ ।

ଡାକୁଛି ଆରତେ ନେଏ ତୋ ପରତେ
ଜାଣେନା ମରିବି କେମିତି,
ହେଉଛି ଅଥୟ ଦେଏ ତୁ ଆଶ୍ରୟ
ତୋ ଚରଣେ କରେ ମିନତି ।

ସୌଦାମିନୀ ନିଳୟ, ବଙ୍କିଆ,
ବିରମହାରାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଥୁଣ୍ଟା



ଦେବବ୍ରତ ଜେନା

ଥୁଣ୍ଟା ଗଛଟିଏ
କେଉଁ ଆବହମାନ କାଳରୁ ଦଣ୍ଡାୟମାନ
ମୂକସାକ୍ଷୀ ସାଜିଛି ପୁରୁଷ ପୁରୁଷ ଧରି
ବିଲୟ ଆଉ ସୃଷ୍ଟି ହୋଇଥିବା କେତେ ସଂପର୍କକୁ ।।
ଏବେ ପରିଣତ ଅବସ୍ଥାରେ ସେ ନିଃସ୍ୱ, ଏକାକୀ ଓ ଅଲୋଡ଼ା ।।
ସେ ବି ଯୁବକ ଥିଲା...
ଅବୟବରେ କେତେ ପକ୍ଷୀର ବସା
ଆଉ କଚରି ମିଚରି କଳେରବରେ ପାଉଥିଲା କେତେ ଶାନ୍ତି!!!
ରୌଦ୍ରରେ ଶିଶୁ, ଯୁବକ, ସ୍ଥବିର ପାଇଁ ସାଜିଥିଲା ସୁଶୀତଳ ଛାୟା
ଜୀବନ ଯାକ ଜାଳେଣି, ଅମ୍ଳଜାନ, ଫଳମୂଳ
ସବୁକଛି ଦେଇଖୁସିରେ ଯୌବନକୁ ଉପଭୋଗ କରୁଥିଲା
ଆଉ ଆଜି ...ସେ ଭାରାକ୍ରାନ୍ତ
ରଜରେ ତାସ, ଦୋଳ ଖେଳ ବି ଆଜି ତା କୋଳ ପାଇଁ ସାତ ସପନ
ବୟସର ସାୟାହ୍ନରେ ଅଲୋଡ଼ା, ଅପ୍ରିୟ ଆଉ ଥୁଣ୍ଟା.....
ସମସ୍ତଂକ ପରି ସେ ବି ସମୟ ଆଉ ପରିସ୍ଥିତିର ଦାସ ।।

ଶିକ୍ଷକ, ରଣସିଂହପୁର ଆଶ୍ରମ
ଭୋଗରାଇ, ବାଲେଶ୍ୱର

# ଜଳକା



ସୁଷମା ପରିଜା

ଗାଁ ମୁଣ୍ଡରେ ବସ୍ ଟି ଅଟକଲା କ୍ଷଣି ପରେଶ ଡିଆଁ ଟାଏ ମାରି ଓହ୍ଲାଇ ପଡିଲା ସେଥିରୁ । ତା' ପଛରେ ବୈଭବ, ତା'ପଛେ ପଛେ କାଖରେ ଶିବାନୀ କୁ ଧରି ଅତସୀ । ବସ୍ ର କ୍ଲିନର ଟି ଆଗରୁ ଯାଇ ଲଗେଜ୍ ଗୁଡିକ କାଢି ଥୋଇ ଦେଇ ସାରିଥିଲା ରାସ୍ତା ଉପରେ । ଦୀର୍ଘ ବାରବର୍ଷ ପରେ ପରେଶ ର ଗାଁ କୁ ଆସିବାର ଖୁସି ବନ୍ଧବାଡ ମାନୁ ନଥିଲା। ତରତରରେ ଗୋଟିଏ ହାତରେ ବଡ ଆଟାଚ ଟାକୁ ଧରି, ଏୟାରବ୍ୟାଗ୍ ଟି କାନ୍ଧରେ ପକାଇ ଅନ୍ୟ ହାତରେ ବୈଭବ ର ହାତ ଧରି ମୁଖ୍ୟ ରାସ୍ତା ରୁ ଗାଁ ଆଡକୁ ଲମ୍ବି ଯାଇଥିବା କଂକ୍ରିଟ୍ ରୋଡ୍ ରେ ଘର ଆଡକୁ ମୁହାଁଇଲା। ତା' ପଛେ ପଛେ ଗଉଡ ପିଲା କୁ ଗାଈ ଗୋଠ ଅନୁସରଣ କରିବା ଭଳି ଅନୁସରଣ କରୁଥିଲା ଅତସୀ।

ତା' ପାଇଁ ଢେଙ୍କାନାଳ ଜିଲ୍ଲାର ଏଇ ନାଧରା ଗାଁ ଟି ଥିଲା ସଂପୂର୍ଣ୍ଣ ଅପରିଚତ । ସାତବର୍ଷ ହେଲା ପରେଶ ସାଥିରେ ଘର ସଂସାର କରିଥିଲେ ମଧ୍ଯ ସେ ପରେଶ ର ପୈତୃକ ଘର ଦେଖି ନାହିଁ ଆଜି ଯାଏ । କେନ୍ଦୁଝର ର ଲିଙ୍ଗରାଜ ଖଣି ଅଞ୍ଚଳ ରେ ତା' ବାପା ସାରଙ୍ଗଧର ମୂଲିଆ କାମ କରୁଥିଲେ ଆଉ ତାଙ୍କରି ସହିତ କାମ କରୁଥିଲେ ପରେଶ । ପରେଶ ଙ୍କ ସରଳ ନିଷ୍କପଟ ବ୍ୟବହାର ରେ ମୁଗ୍ଧ ହୋଇ ସାରଙ୍ଗଧର ଅତସୀ ଲାଗି ତାଙ୍କୁ ହିଁ ଜ୍ୱାଇଁ ରୂପେ ବାଛିଥିଲେ । ପରେଶ ବାଲ୍ୟକାଳରୁ ପିତାମାତା ଙ୍କୁ ହରାଇ ନିଜର ଏକ ମାତ୍ର ସାନ ଭାଇ ସୁରେଶ କୁ ମଣିଷ କରିବା ପାଇଁ ନିଜ ଗାଁ, ଘରଦ୍ୱାର ସବୁ ଛାଡି ରୋଜଗାର କରିବା ଲାଗି ଏଇ ଖଣିରେ କାମ କରୁଛି ବୋଲି ଆଗରୁ ଜାଣିଥିଲେ ସେ। କିନ୍ତୁ ଯେଉଁଦିନ ସେ କାମ କଲାବେଳେ ଗୋଡ ଖସି ଯିବାରୁ ତଳେ ପଡି ତାଙ୍କର ମୁଣ୍ଡ ଫାଟି ଯାଇଥିଲା ଏବଂ ସ୍ୱତଃପ୍ରବୃତ୍ତ ଭାବରେ ପରେଶ ତାଙ୍କୁ ମେଡିକାଲ ନେଇ, ଚିକିତ୍ସା କରି ଆଣି ଘରେ ଛାଡି ଦେଇ ଯାଇଥିଲା, ସେଇ ଦିନଠାରୁ ସେ ତା'ର ମଣିଷ ପଣିଆ ରେ ପ୍ରଭାବିତ ହୋଇଥିଲେ ।

ନଜର ଏକ ମାତ୍ର ଝିଅ ଅତସୀ ର ଭବିଷ୍ୟତ ଏଇ ପରିଶ୍ରମୀ ଆଉ ଉଦାର ଯୁବକଟି ହାତରେ ସୁରକ୍ଷିତ ରହିବ ବୋଲି ଚିନ୍ତା କରି ପରେଶ ହାତରେ ଟେକ ଦେଇଥିଲେ ଅତସୀ କୁ । ପରେଶ ର ନଜର ବୋଲି କେହି ନଥିବାରୁ ଝିଅ ଜ୍ୱାଇଁ ଙ୍କୁ ଘରେ ଆଣି ରଖିଥିଲେ ସାରଙ୍ଗଧର । ଅତସୀ ମଧ୍ୟ ସୁଗୃହିଣୀ ଟିଏ ହୋଇ ବାପା ଏବଂ ସ୍ୱାମୀ ଦୁହିଁଙ୍କୁ ସମ୍ଭାଳି ନେଇଥିଲା ।

ବାହାଘର ପରେ ଧୀରେ ଧୀରେ ପରେଶ ଙ୍କୁ ପଚାରି ବୁଝିଥିଲା ତାଙ୍କ ପରିବାର ବିଷୟରେ । ପରେଶ କହିଥିଲେ ତାଙ୍କ ଜୀବନ କାହାଣୀ, କେମିତି ସେ ସାତବର୍ଷ ର ହୋଇଥିବା ବେଳେ ତାଙ୍କ ବାପା ବିଲ ବାଛୁ ବାଛୁ ସାପ କାମୁଡା ରେ ମଲେ, ସେତେବେଳେ ତାଙ୍କ ବୋଉ ସାତ ମାସର ଗର୍ଭବତୀ । ବହୁତ ଦୁଃଖ କଷ୍ଟ ସହି ବୋଉ ଜନ୍ମ ଦେଇଥିଲା ସୁରେଶ କୁ, କିନ୍ତୁ ଦାରିଦ୍ର୍ୟର କଷାଘାତରେ ବଞ୍ଚି ପାରିନଥିଲା ବେଶୀ ଦିନ । ସୁରେଶ କୁ ଚାରିମାସ ହେଲା ବେଳକୁ ସୂତିକା ରୋଗରେ ଚାଲିଗଲା ସିଏ । ସେଇ ଚାରି ମାସର ଛୁଆଟିକୁ ମାଆବାପ ହୋଇ ପାଳିଲା ପରେଶ । ଘରେ ଯାହାକିଛି ଥିଲା ବିକା ଭଙ୍ଗା କରିମାସେ ଦୁଇମାସ ଚଳିଗଲା, ଧୀରେ ଧୀରେ ଅଭାବ ଘାରିଲା । କ'ଣ କରିବ, କେମିତି ସାନ ଭାଇ ଟିକୁ ବଞ୍ଚାଇ ରଖିବ ସେଇ କଥା ଭାବି ପ୍ରଥମେ ଗାଁ ସାହୁକାର ଘରେ ବୋଲହାକ କଲା, ସେଇଠୁ ଯାହା ମିଳିଲା ନିଜେ ଅଧା ଭୋକ ଉପାସ ରେ ରହି ଭାଇକୁ ଖୁଆଇ ପିଆଇ ବଞ୍ଚାଇ ରଖିଲା । ସାହୁକାର ଘରକୁ ଭାଇକୁ ସାଥିରେ ନେଇ କାମ କରିବାକୁ ଯିବ, ତାଙ୍କରି ଘରର ବାରଣ୍ଡାରେ ଶୁଆଇ ଦେଇ କାମ କରୁଥିବ, ମଝିରେ ମଝିରେ ଟିକିଏ ପାଣି କି ବିସ୍କୁଟ ଖଣ୍ଡିଏ ଭାଇ ମୁହଁ ରେ ଦେଇ ଯାଉଥିବ, କେବେ କେମିତି ସାହୁକାର ଙ୍କ ପତ୍ନୀଙ୍କର ଦୟା ହେଲେ କ୍ଷୀର ଟିକେ, ରୁଟି ଖଣ୍ଡିଏ ଦେବେ, ସେଦିନ ପରେଶ ର ଖୁବ୍ ଖୁସି । ସାହୁକାର ଘର ଭୋଜିଭାତ ପିଠାପଣା ହେଲେ ମାଆ ସାଆନ୍ତାଣୀ ନିଶ୍ଚିତ ଭାବରେ କିଛି ବାନ୍ଧି ଦେଇଥିବେ ପରେଶ ଲାଗି । ପରେଶ ର କାମ ଦେଖି ମାଆ ସାଆନ୍ତାଣୀ ଖୁବ୍ ସ୍ନେହ କରୁଥିଲେ । ତାଙ୍କରି କଥାରେ ସୁରେଶ କୁ ପାଞ୍ଚ ବର୍ଷ ହେଲା ପରେ ତା'କୁ ଗାଁ ସ୍କୁଲ୍ ରେ ନାଁ ଲେଖାଇ ଦେଇଥିଲା ପରେଶ । ପିଲାଟି ଦିନରୁ ଖୁବ୍ ବୁଦ୍ଧିଆ ଥିଲା ସୁରେଶ, ମନ ଲଗାଇ ପାଠ ପଢୁଥିଲା । ତୃତୀୟ ଶ୍ରେଣୀରୁ ବୃତ୍ତି ପାଇ ସାର୍ ମାନଙ୍କର ପ୍ରିୟ ଛାତ୍ର ହୋଇ ପାରିଥିଲା । ସାର୍ ମାନେ ମଧ୍ୟ ତା'ର ପରିସ୍ଥିତି ଜାଣି ଥିବାରୁ ତା'କୁ ଆଗ୍ରହ ର ସହିତ ପାଠ ପଢାଇବାରେ ସାହାଯ୍ୟ ସହଯୋଗ କରୁଥିଲେ । ଧୀରେ ଧୀରେ ଖର୍ଚ୍ଚ ବଢୁଥିଲା, ସାହୁକାର

ଘର ଚାକିରୀ ଛାଡ଼ି ମୂଲପାତି ଲାଗିଲା ପରେଶ। କାରଣ ସେ ଚାହୁଁଥିଲେ ତା' ଭାଇ ପାଠଶାଠ ପଢି ବଡ ମଣିଷ ହେଉ, ତେବେ ତା' ପରିଶ୍ରମ ସାର୍ଥକ ହେବ। ସେଥିପାଇଁ ସୁରେଶ ମାଟ୍ରିକ୍ ପରୀକ୍ଷା ରେ ପ୍ରଥମ ଶ୍ରେଣୀରେ ପାସ୍ କରିବା ପରେ ତା'କୁ ଭୁବନେଶ୍ୱର ରେ ଗୋଟିଏ ଭଲ କଲେଜରେ ପାଠ ପଢାଇବା ଲାଗି ସେ ଗାଁ ଛାଡ଼ି କେନ୍ଦୁଝର ଆସିଲା ଖଣିରେ କାମ କରିବାକୁ । ସାହୁକାର ଙ୍କୁ ଗାଁ ରେ ଥିବା ଜମି ଦଶ ଗୁଣ୍ଠ ବିକ୍ରି କରି ଦଶହଜାର ଟଙ୍କା ଦେଇଥିଲା ସୁରେଶ ର ନାଁ ଲେଖା ଆଉ ହଷ୍ଟେଲ୍ ର ଖର୍ଚ୍ଚ ବାବଦରେ । ଗାଁ ର ଆଉ କିଛି ମୋହ ନଥିଲା ପରେଶ ର । ମାସକୁ ମାସ ମନିଅର୍ଡର କରି ଟଙ୍କା ପଠାଉଥିଲା ସୁରେଶ ପାଖକୁ ତା'ର ଖର୍ଚ୍ଚ ପାଇଁ, ସେଇଥିରେ ଦି ପଦ ଲେଖି ଦେଉଥିଲା, ମନଦେଇ ପାଠ ପଢିବୁ, ଆଉ ପଇସା ଦରକାର ହେଲେ କହିବୁ! ମୁଁ ଭଲ ଅଛି । ପୋଷ୍ଟ ଅଫିସ ରେ ଯିବା ଆସିବା କରି ବହୁତ ପରିଚୟ ହୋଇ ଯାଇଥିଲା ପୋଷ୍ଟ ମାଷ୍ଟରଙ୍କ ସହିତ। ତାଙ୍କରି ଜରିଆରେ ଫୋନ୍ କରିବାକୁ କହିଥିଲା ସୁରେଶ କୁ । ଯେଉଁ ଦିନ ସୁରେଶ ଫୋନ୍ କରି କହିଥିଲା ସେ ପ୍ରଥମ ଶ୍ରେଣୀରେ ବି. ଏ. ପାଶ୍ କରିଛି, ଖୁସିରେ କାନ୍ଦି ପକେଇଥିଲା ପରେଶ । ସୁରେଶ କହିଥିଲା ସେ ଗାଁ କୁ ନ ଯାଇ ସେଇଠି ଭୁବନେଶ୍ୱର ରେ ରହି ପଢାପଢି କରିବା ସହିତ ଚାକିରୀ ଖୋଜିବ, ସେଇଠି ସେ ଦୁଇ ଚାରିଟି ଟିଉସନ ପିଲା ଠିକ୍ କରିଛି, ସେଇ ଟିଉସନ ପଇସା ରେ ସେ ଘରଭଡା ନେଇ ରହିବ, ପରେଶ ଆଉ ତା'ପାଇଁ ଟଙ୍କା ପଠାଇବା ଦରକାର ନାହିଁ । ମନେ ମନେ ଭାବୁଥିଲା ପରେଶ, ତା'ର ଛୁଆ ଭାଇଟା ଏବେ ବଡ ହୋଇ ଗଲାଣି, ନିଜ ଦାୟିତ୍ୱ ନିଜେ ନେବାକୁ ଚାହୁଁଛି ତଥାପି ଶାସନ କରି କହିଥିଲା "ତୁ ଆଗ ପଢାପଢି କରି ଚାକିରୀ କର, ଟିଉସନ କଲେ ପଢାପଢି କରି ପାରିବୁନି, ଆରେ ! ତୋର ଭାଇ ପରା ବଞ୍ଚିଛି, ତୁ କାହିଁକି ଚିନ୍ତା କରୁଛୁ ? ତୁ

ଘରଭଡା ନେଇ ରହ, ପଢାପଢି କର, ଯାହା ଖର୍ଚ୍ଚ ହେବ ମୁଁ ପଠାଇବି "। କିଛି ଦିନ ପରେ ରାଜ୍ୟ ସଚିବାଳୟରେ ଚାକିରୀ ଟିଏ ମିଳିବାର ଶୁଭ ଖବର ଟି ଦେଇଥିଲା ସୁରେଶ। କହିଥିଲା "ଭାଇ ! ତମେ ଗାଁକୁ ଫେରି ଆସ, ଜୀବନରେ ବହୁତ କଷ୍ଟ ସହିଲଣି ମୋ ପାଇଁ, ମତେ ପାଳିପୋଷି ମଣିଷ କରିବାକୁ ନିଜ ଜୀବନର ସବୁ ସୁଖ ଜଳାଞ୍ଜଳି ଦେଇଛ, ଏବେ ତମକୁ ସେବା କରିବାର ପାଳି ମୋର । ତମେ ଆସିଲେ ଆମେ ଦୁଇଭାଇ ମିଶି ଗାଁ ର ଭଙ୍ଗା ଘରକୁ ସଜାଡି ଦେବା, ବର୍ଷେ ଦିଇଟାରେ ମୁଁ କୋଠାଘର ଟିଏ କରି ଦେବିନି କି ?

ତମେ ମୋତେ ଚିନ୍ତା କରନା। ଖାଇ ପିଇ ସୁସ୍ଥ ହୋଇ ଘରେ ରୁହ । ମୋ ପାଇଁ ଝିଅଟିଏ ଯୋଗାଡ କର । ସେ ତମର ଯତ୍ନ ନେବେ ।

ମୁଁ ମାସକୁ ମାସ ପଇସା ପଠାଇବି ତୁମ ଚଳିବା ପାଇଁ । ସୁବିଧା ହେଲେ କିଛି ଜମି କିଣିଦେବି, ତମେ ଗୃଷ ବାସ କରିବ। ତମେ ମୋର ଭାଇ ନୁହଁ, ବାପମାଆ ସବୁ, ତୁମ ଦାନ ମୋର ଏ ଜୀବନ। ତମ ପାଇଁ କିଛି କରି ପାରିଲେ ମୋ ଜୀବନ ସାର୍ଥକ ହେବ"। ଲୁହ ଜମି ଯାଇଥିଲା ପରେଶର ଆଖିରେ ଭାଇର କଥା ଗୁଡିକ ଶୁଣି । ସେ କହିଥିଲା "ନାଇଁ ରେ ପାଗଳା ! ଗାଁ କୁ ଯାଇ ମୁଁ କ'ଣ କରିବି ? ବରଂ ଏଇଠି ରହି କାମ କରିବି। ତୋ ପାଖକୁ ପଇସା ପଠାଇବି, ତୁ ଗାଁ କଥା ବୁଝିବୁ। ଦୁଇଭାଇ ମିଶି ଗାଁ ରେ କୋଠାଘର ତୋଳିବା। ଏବେ ତ କାମ କୁ ପାରୁଛି, ଯେତେବେଳେ ନ ପାରିବି ସେତେବେଳେ ଗାଁକୁ ଫେରି ତୋ'ରି ପାଖରେ ରହିବି। ତୋ ଛଡା ଏ ଦୁନିଆଁ ରେ ଆଉ କିଏ ଅଛି କି ମୋର? ତୁ ଭଲରେ ଥାଆ" । ତା'ପରେ ସୁରେଶ ବିଷୟରେ ଆଉ ବେଶୀ ଚିନ୍ତା କରି ନଥିଲା ପରେଶ। ତେବେ ମଝିରେ ମଝିରେ କିଛି ଟଙ୍କା ପଠାଇ ଦେଉଥିଲା ଗାଁର ଘର ତିଆରି କରିବା ଲାଗି । କେବେ କେମିତି କଥା ବାର୍ତ୍ତା କରି ତା'ର ଭଲମନ୍ଦ ବୁଝୁଥିଲା ସୁରେଶ । ଦୁଇ ଭାଇ ଯାକ ନିଜ ନିଜ ଜୀବନରେ ବ୍ୟସ୍ତ ହୋଇ ଯାଇଥିଲେ ।

ସେଇ ଭିତରେ ପରେଶ ର ବାହାଘର ହୋଇଥିଲା ଅତସୀ ସହିତ, ନିଜର କାର୍ଯ୍ୟ ବ୍ୟସ୍ତତା ହେତୁ ସୁରେଶ ଆସି ପାରିନଥିଲା ବାହାଘର କୁ। ଏମିତି ରେ ବିତି ଯାଇଥିଲା ସାତବର୍ଷ । ବାହାଘରର ଦୁଇବର୍ଷ ପରେ ବୈଭବ ଆସିଥିଲା ସେମାନଙ୍କ ସଂସାର କୁ ପୂର୍ଣ୍ଣ କରି । ସୁରେଶ ନିଜର କାମରେ ସବୁବେଳେ ବ୍ୟସ୍ତ ରହୁଥିଲା । ଫୋନ୍ କରିବା ବି କମି କମି ଶେଷରେ ବନ୍ଦ ହୋଇ ଯାଇଥିଲା । ଏବେ ଦିନେ ଏମିତି କଥାବାର୍ତ୍ତା ହେଉ ହେଉ ଅତସୀ କହିଥିଲା ପରେଶ କୁ-

"ବୁଝିଲ ! ସବୁ ଝିଅଙ୍କ ମନ ନିଜର ଶାଶୁଘର କୁ ଯିବାକୁ। ଆମ ବାହାଘର ର ସାତବର୍ଷ ପରେ ବି ମୋର ସେ ସୌଭାଗ୍ୟ ହେଲାନି। ମୋର ନିଜର ଘର ଅଛି, ନିଜର ସାନ ଦିଅରଟିଏ ଅଛି। ଏ କଥା ଖାଲି ତମଠାରୁ ଶୁଣିଛି ହେଲେ ଆଜି ଯାଏ ଦେଖି ପାରିଲିନି। କାଲି ସକାଳେ ଆମ ପୁଅ ବଡ ହେବ, ସେ ଜାଣିବାକୁ ଦେଖିବାକୁ ଚାହିଁବ। ସେତେବେଳେ ତ ତମେ ନେବ ନା ନାହିଁ? ଏବେ ଥରେ ଯାଇ ଗାଁ ଆଡେ ବୁଲି ଆସିଲେ ହୁଅନ୍ତାନି? ମୋର

ଭାରି ଇଚ୍ଛା ହେଉଛି ଥରଟେ ତମର ଜନ୍ମ ମାଟି ଆଉ ତମର ଭାଇ କୁ ଦେଖିବା ଲାଗି " । ନିଜ ପାଇଁ କେବେ କିଛି ମାଗିନଥିବା ପତ୍ନୀ ର ଅନୁରୋଧ ଟାଳି ପାରିନଥିଲା ପରେଶ । ପାଣ୍ଡବମାନଙ୍କ ଭଳି ବାର ବର୍ଷର ଅଜ୍ଞାତବାସ ପରେ ପତ୍ନୀ ଆଉ ପୁଅ କୁ ସାଥିରେ ଧରି ଆସିଥିଲା ଗାଁ କୁ ।

ବାରବର୍ଷ ପରେ ଗାଁ ମାଟି ଛୁଇଁବ, ନିଜର ପୁଅ ଭଳିଆ ପାଳିପୋଷି ବଡ କରିଥିବା ଭାଇ ସାଥିରେ ଭେଟ ହେବ, ଏଇ ଖୁସିରେ ମତୁଆଲା ହୋଇ ଉଠିଥିଲା ସେ। ନିଜର ଗାଁ ଟି ତା'କୁ ଏବେ ଅଚହ୍ନା ଲାଗୁଥିଲା, କେତେ ପରିବର୍ତ୍ତନ ହୋଇ ଯାଇଛି ସତେ? ଗାଁ ମୁଣ୍ଡରେ ସେଇ ବଡ ବରଗଛ ଟା ଆଉ ନାହିଁ, ସାହୁକାର ର ଗୋଟିଏ ମାତ୍ର ପକ୍କା ଘର ଥିଲା ଏ ଗାଁ ରେ । ଆଜି ଶହ ଶହ ପକ୍କା ଘର ଗାଁରେ। ରାସ୍ତାଘାଟ ବିଜୁଳି ଆଲୁଅରେ ଝଲସୁଛି । ଗାଁ ର ଏଇ ପରିବର୍ତ୍ତିତ ରୂପ ଖୁବ୍ ଭଲ ଲାଗୁଥିଲା ପରେଶ କୁ। ବୟସ୍କ ଲୋକମାନେ ପୁରା ନହେଲେ ବି ଦୋ ଦୋ ଚହ୍ନା ଆଖିରେ ଚାହୁଁଥିଲେ ତାକୁ । ସେ ନମସ୍କାର ପକେଇ ହସି ହସି ଆଗେଇ ଯାଉଥିଲା ତାଙ୍କ ନିଜର ଘର ଆଡକୁ ।

ସାହି ର ଏମୁଣ୍ଡ ରୁ ସେମୁଣ୍ଡ ଯାଏ ବୁଲିଗଲା ପରେଶ ହେଲେ ନିଜର ଘରଟିକୁ ଠଉରେଇ ପାରିଲାନି । ପୁଣି ଫେରିଆଉ ବୁଲି ଆସିଲା ସେ, କାହିଁ କେଉଁଠି ତାଙ୍କ ଘର ? ପଛରେ ଥିବା ଅତସୀ ହସି ହସି କହିଲା " ଦେଖ ! ସେବେ ଠାରୁ କହୁଛି ଗାଁ କୁ ଯିବା, ବୁଲି ଆସିବା , ମୋ କଥା ଶୁଣିଲନି, ଏବେ ନିଜର ଘର ନିଜେ ଚହ୍ନି ପାରୁନ ଟି "। କିଛି ସମୟ ଠିଆ ହୋଇ ଆଉଥରେ ଭଲକରି ଚାହିଁଲା ପରେଶ, ଦୁଇଟି ପକ୍କା ଘର ମଝିରେ ଥିବା ମାଟି ଗଦା ଟି ଆଡକୁ ଆଗେଇ ଗଲା ସେ, ଅନତିଦୂରରେ ଥିବା ନିମ୍ବ ଗଛଟିକୁ ଚାହିଁଲା, ଗଛରେ ଗୋଲ କରି କଟା ହୋଇଥିବା ଚହ୍ନ ଟିକୁଠିକ୍ ଚହ୍ନିଲା ପରେଶ । ଦିନେ ସୁରେଶ କୁ କାଖରେ କାଖେଇ ବାଡି ପଟରେ ଜହ୍ନ ଦେଖାଉ ଥିଲା ବେଳେ ନିଜ ଅଜାଣତରେ ହାତରେ ଥିବା ପିଠାଖଡିକା ରେ ଖୋଳି ନିମ୍ବ ଗଛରେ ଏଇ ଜହ୍ନ ଆକାରର ଗୋଲାକାର ଆକୃତି ଟି ତିଆରି କରିଥିଲା ସେ ନିଜେ । ହାତରେ ଧରିଥିବା ଆଟାଚ ଆଉ ବ୍ୟାଗ୍‌କୁ ସେଇଠି ମାଟି ଗଦା ଉପରେ ଥୋଇ ଦେଇ ଧାଇଁ ଯାଇ ନିମ୍ବ ଗଛଟିକୁ କୁଣ୍ଢେଇ ଧରି ଭୋ ଭୋ ରଡି ଛାଡି କାନ୍ଦି ଉଠିଲା ପରେଶ । ହତବାକ୍ ହୋଇ ଚାହିଁ ରହିଥିଲେ ଅତସୀ ଆଉ ବୈଭବ । ପରେଶ ର କାନ୍ଦ ଶୁଣି ଲୋକମାନେ ରୁଣ୍ଡ ହେବାକୁ ଲାଗିଥିଲେ । ଭିଡ ଭିତରେ କେହି

ଜଣେ ଚହ୍ନି ପାରିଲା ପରେଶ କୁ । "ଆରେ ଇଏ ତ ଆମ ପରୁ" କହି ପାଖକୁ ଯାଇ ଧରି ପକାଇଲା ତା'କୁ।

ବୋଧ ଶୋଧ କରି ନେଇ ପାଖ ଘର ବାରଣ୍ଡାରେ ବସାଇ ପାଣି ପିଇବାକୁ ଦେଲା । ଆହୁରି ଜୋରରେ କାନ୍ଦୁଥାଏ ପରେଶ । ତା'ର ଆସିବା କଥାଟି ଗାଁ ଲୋକଙ୍କ ଭିତରେ ଖେଳ ଯାଇଥିଲା ସେତେବେଳକୁ । ତା'ର ଶୁଭାକାଂକ୍ଷୀ କେତେଜଣ ମଧ୍ୟ ଆସି ସାରିଥିଲେ ସେଠିକି। ସାହୁକାର ଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ବାହାରି ଆସି କହିଲା "ପରୁ ଭାଇ ! ତମେ ଦି ଭାଇ ତ ଗାଁ ଛାଡି ଏମିତି ଗଲ ଯେ ମୁହଁ ଫେରେଇ ଆଉଥରେ ଗ୍ଭହିଁଲନ, ତମ ଭଙ୍ଗା ଦଦରା ଘର ଆଉ କେତେ ସମ୍ଭାଳ ଥାଆନ୍ତା ଯେ ? ତମକୁ ଅପେକ୍ଷା କରି କରି ଶୋଇ ପଡିଲା ସେଇଠି । ଆମେ ତ ଭାବିଥିଲୁ ତମେ ଦୁଇଭାଇ ଆଉ ଏ ଗାଁ କୁ ଫେରିବନ, ସିଆଡେ କୁଆଡେ ସବୁଦିନ ଲାଗି ରହିଯିବ ବୋଲି"। ପରେଶ କୁ ପୂର୍ଣ୍ଣଚନ୍ଦ୍ର ର କଥା କିଛି ଶୁଭୁ ନଥିଲା । ତା' କାନମୁଣ୍ଡା ଝାଇଁ ଝାଇଁ ହୋଇ ଆଖିରେ ଅନ୍ଧାର ଘୋଟି ଆସୁଥିଲା । ରହିରହି ତା' କାନରେ ବାଜୁଥିଲା ସୁରେଶ ର କଥା ଗୁଡିକ "ଗାଁ ରେ ଘର ତିଆରି ଗ୍ଭଲିଛି ଭାଇ, କୋଡିଏ ହଜାର ଟଙ୍କା ଦରକାର। ଗାଁ ଘର ନମଟାଲ୍ ପଡୁଛି ଭାଇ ଟଙ୍କା ଦଶ ପନ୍ଦର ହଜାର ନଅଣ୍ଟ ହେଉଛି। ଗାଁ ଘର ଛାତ ପଡିବ ଭାଇ, ତିରିଶି ହଜାର ଟଙ୍କା ପଠାଇବ ଇତ୍ୟାଦି ଇତ୍ୟାଦି ...." । ସେ ଜଳକା ହୋଇ ଗ୍ଭହିଁ ରହିଥିଲା ଅତସୀ ଆଉ ବୈଭବ ର ମୁହଁ କୁ ।।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ - 753004

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ମୁଁ ଯଦି



ପ୍ରେମଶିଲ୍ ରାଉତ

ମୁଁ ଯଦି ପକ୍ଷୀଟିଏ ହୋଇ ଆକାଶକୁ ଉଡିଯାଏ
ତୁମେ କଣ ମୋ ସାଥେ ଉଡି ପାରିବ
ମୁଁ ଯଦି ତାରାଟିଏ ହୋଇ ଆକାଶରେ ରହିଯିବି
ତୁମେ କଣ ମୋ ପାଖେ ରହି ପାରିବ ।

ମୁଁ ଯଦି ବତାସ ହୋଇ ନୀଳ ଆକାଶରେ ବହିଯିବି
ତୁମେ କଣ ମୋତେ ଛୁଇଁ ପାରିବ
ମୁଁ ଯଦି ଝରଣା ହୋଇ ପାହାଡ ତଳେ ଝରିଯିବି
ତୁମେ କଣ ମୋତେ ଧରି ପାରିବ ।

ମୁଁ ଯଦି ସୂରୁଜ ହୋଇ ଅନ୍ଧାରରେ ଲୁଚଯାଏ
ତୁମେ କଣ ମୋତେ ଦେଖିପାରିବ
ମୁଁ ଯଦି ଜହ୍ନ ହୋଇ ଆଲୁଅକୁ ସାଥି କରେ
ତୁମେ କଣ ମୋତେ ଗୃହିଁ ପାରିବ ।

ମୁଁ ଯଦି ଆକାଶର ଇନ୍ଦ୍ରଧନୁକୁ ଭଲପାଏ
ତୁମେ କଣ ମୋତେ ଭୁଲି ପାରିବ
ମୁଁ ଯଦି ଆକାଶର ପରୀ ରାଇଜରେ ହଜିଯାଏ
ତୁମେ କଣ ମୋତେ ଖୋଜି ପାରିବ ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଳାହାଣ୍ଡି

# କେହି ସାନବଡ଼ ନୁହେଁ



ହରେରାମ ପଣ୍ଡା

ଏ ଜଗତେ ବନ୍ଧୁ କିଏ ଅଟେ ଧନୀ
କିଏ ବା ଏଠି ନିର୍ଦ୍ଧନ ?
ମିଛ ମାୟା ଭରା ଏ ସାରା ସଂସାରେ
ପାଇବ ଉଚ୍ଚ ଆସନ ?
ଦୁଇପଟ ରୁଟି ନୋଟେ ପାଣି ପିଇ
କାଏ ତା ପେଟ ପୁରାଏ,
ଓଜନ ବଢ଼ିବା ଡରେ ଆଉ କିଏ
ରାତିରେ ଉପାସ ରହେ ॥
କାହାପାଇଁ ମିଠା ଆରିସା କାକରା
ଦେଖାବା ସାତ ସପନ,
ରକ୍ତଚାପ ଅବା ମଧୁମେହ ପାଇଁ
କାହାକୁ ମିଠା ବାରଣ ॥
ଚିରାଫଟା ଅବା ପୁରୁଣା ପୋଷାକ -
ଅଙ୍ଗ କା'ର ଢାଙ୍କି ଥାଏ,
ଫେସନରେ କିଏ ପିନ୍ଧେ ଫଟା ଚିରା -
ଦେହଟା ଲୁଚୁ ନଥାଏ ॥

କାହାର ବିଛଣା ସପ କି ମସିଣା -
ଖଟ କି ପଲଙ୍କ କାହିଁ ?
ସବୁ ଥାଇ ଜଣେ ସପ ପାରି ଶୁଏ -
ଡାକ୍ତର ଛନ୍ତି ବତାଇ ॥
କିଏ ବା ଅଭାବେ ବାରଦ୍ୱାର ବୁଲି -
କୁଟୁମ୍ବେ ଆହାର ଦିଏ ,
ଦିନ ଦି'ପହରେ ଆଉଜଣେ କିଏ -
ଗରୀବଙ୍କୁ ଲୁଟୁ ଥାଏ ॥
ଦିନରାତି ଜଣେ ଈଶ୍ୱରଙ୍କୁ ଡାକେ -
ଜଗତ ମଙ୍ଗଳ ପାଇଁ ,
ଦାନ ପୁଣ୍ୟ ସଂକୀର୍ତ୍ତନ କିଏ କରେ -
ପାପକୁ ଢାଙ୍କିବା ପାଇଁ ॥
ଅନ୍ତିମ କାଳରେ ମଶାଣି ଭୂଇଁରେ -
କେହି ସାନ ବଡ଼ ନୁହେଁ ,
'ହରିବୋଲ' ଧ୍ୱନି ଛଅ ଖଣ୍ଡି କାଠ -
ସଭିଙ୍କର ଲୋଡ଼ା ହୁଏ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

# ଏଇ ମୋର ଗାଁ



ପର୍ଶୁରାମ ଶାଗରିଆ

ଏଇ ମୋର ଗାଁ ଏଇ ମୋରଗାଁ ।
ସକାଳୁ ସୁରୁଜ ଯେଉଁଠି ଆସି
ଦେଉଛି ଛୁଆଁ।
ଏଇ ମୋର ଗାଁ ଏଇ ମୋର ଗାଁ।
ବାଡିରେ ଏଠି ଜହ୍ନି କାକୁଡି ଲତା ହେଉଛି
ସକାଳୁ ସକାଳୁ କଅଁଳା ବାଛୁରି ଡିଆଁ ମାରୁଛି।
କୁନପିଲାର କାନ୍ଦ ଯେଉଁଟି।
କାନ୍ଦୁଛି କୁଆଁ କୁଆଁ
ଏଇ ମୋର ଗାଁ ଏଇ ମୋର ଗାଁ।
ସନ୍ଧ୍ୟାହେଲେ ପକ୍ଷୀ ଫେରୁଛି
ଝୁଣାଧୂପ ବାସ ଛୁଟୁଛି।
ଆଇ ମାଁ ଗୀତ ଗାଉଛି
କୁନ ପିଲାଟା ମନମହୁଛି
ଏଇ ମୋର ଗାଁ ଏଇ ମୋର ଗାଁ।

ଗ୍ରାମ- କ୍ରିଷ୍ଣା( ଖଡିକାରପଡା) ,
ଜିଲ୍ଲା- ନୂଆପଡା

# ବ୍ରାହ୍ମଣ : ସଂଜ୍ଞା, ଶଙ୍କା, ଭ୍ରାନ୍ତି ଓ ମନୁସ୍ମୃତି



ପ୍ରତିଭା ପ୍ରିୟଦର୍ଶିନୀ

"ବ୍ରାହ୍ମଣ" ଶବ୍ଦ କୁ ନେଇ ଅନେକ ଭ୍ରାନ୍ତି ରହିଛି। ସେଗୁଡିକର ସମାଧାନ ହେବା ନିତାନ୍ତ ଆବଶ୍ୟକ। କାରଣ ହିନ୍ଦୁ ସମାଜର ସବୁଠାରୁ ବଡ ଦୁର୍ବଳତା ପାଲଟିଛି ଜାତିବାଦ। ବ୍ରାହ୍ମଣ ଶବ୍ଦର ପ୍ରକୃତ ଓ ଉଚିତ ଅର୍ଥ ବୁଝିନଥିବା ଯୋଗୁଁ ଜାତିବାଦି ଚିନ୍ତାଧାରା ବଢିଛି ଓ ବିକୃତ ହୋଇଛି। ସେହିଭଳି କିଛି ଶଙ୍କା ଏବଂ ତା'ର ସମାଧାନ ଏଠାରେ ଆଲୋଚନା କରିବା।

## ଶଙ୍କା ୧ - ବ୍ରାହ୍ମଣ ର ପରିଭାଷା କ'ଣ?

ନିବାରଣ - ପଢିବା- ପଢାଇବା ଦ୍ୱାରା, ଚିନ୍ତନ- ମନନ କରିବା ଦ୍ୱାରା, ବ୍ରହ୍ମଚର୍ଯ୍ୟ, ଅନୁଶାସନ, ସତ୍ୟ ବଚନ ଆଦି ବ୍ରତ ଗୁଡିକର ପାଳନ ଦ୍ୱାରା, ବେଦ- ବିଜ୍ଞାନ ଆଦି ପଢିବା ଦ୍ୱାରା, କର୍ତ୍ତବ୍ୟ ପାଳନ କରିବା ଦ୍ୱାରା, ଦାନ କରିବା ଦ୍ୱାରା ଏବଂ ଆଦର୍ଶ ପ୍ରତି ସମର୍ପିତ ରହିବା ଦ୍ୱାରା ମଣିଷ ବ୍ରାହ୍ମଣତ୍ୱ ପ୍ରାପ୍ତହୁଏ। ( ମନୁସ୍ମୃତି - ୨/ ୨୮)

## ଶଙ୍କା ୨ - ବ୍ରାହ୍ମଣ ଜାତି ଅଟେ ଅଥବା ବର୍ଣ୍ଣ?

ନିବାରଣ - ବ୍ରାହ୍ମଣ ବର୍ଣ୍ଣ ଅଟେ, ଜାତି ନୁହେଁ। ବର୍ଣ୍ଣର ଅର୍ଥ ହେଉଛି ବାଛିବା ବା ଚୟନ କରିବା ଯେଉଁଥିପାଇଁ 'ବରଣ' ଶବ୍ଦ ସାମାନ୍ୟତଃ ବ୍ୟବହାର କରାଯାଏ। ବ୍ୟକ୍ତି ନିଜ ରୁଚି, ଯୋଗ୍ୟତା ଓ କର୍ମ ଅନୁସାରେ ସ୍ୱୟଂ ବରଣ କରୁଥିବାରୁ ଏହାକୁ ବର୍ଣ୍ଣ କୁହାଯାଏ। ବୈଦିକ ବର୍ଣ୍ଣ ବ୍ୟବସ୍ଥାରେ ଚାରିଟି ବର୍ଣ୍ଣ ରହିଛି, ଯଥା ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର।

ବ୍ରାହ୍ମଣର କର୍ମ ହେଉଛି ବିଧିବଦ୍ଧ ପଢିବା (ଶିକ୍ଷା ଗହଣ ବା ଅଧ୍ୟୟନ କରିବା) ଓ କରାଇବା, ଯଜ୍ଞ କରିବା ଓ କରାଇବା, ଦାନ ଗ୍ରହଣ କରିବା ଓ ସୁପାତ୍ର କୁ ଦାନ କରିବା। କ୍ଷତ୍ରୀୟର କର୍ମ ହେଉଛି ବିଧିବଦ୍ଧ ପଢିବା (ଶିକ୍ଷାଗ୍ରହଣ ବା ଅଧ୍ୟୟନ କରିବା), ପ୍ରଜା ମାନଙ୍କ ପାଳନ- ପୋଷଣ ଓ ରକ୍ଷା କରିବା, ସୁପାତ୍ର ଙ୍କୁ ଦାନ ଦେବା, ଧନ ଐଶ୍ୱର୍ଯ୍ୟ ରେ ଲିପ୍ତ ନହୋଇ ଜିତେନ୍ଦ୍ରିୟ ହେବା।

ବୈଶ୍ୟ ଙ୍କ କର୍ମ ହେଉଛି ପଶୁ ମାନଙ୍କ ଲାଳନପାଳନ କରିବା, ସୁପାତ୍ରଙ୍କୁ ଦାନ ଦେବା, ଯଜ୍ଞ କରିବା, ବିଧିବଦ୍ଧ ଅଧ୍ୟୟନ କରିବା, ବ୍ୟାପାର ବାଣିଜ୍ୟ କରିବା, ଧନ ଉପାର୍ଜନ କରିବା, ଗ୍ୱଷ କରିବା ଇତ୍ୟାଦି।

ଶୁଦ୍ରଙ୍କ କର୍ମ ହେଉଛି ସମସ୍ତ ଗ୍ୱରି ବର୍ଣ୍ଣଙ୍କ କାର୍ଯ୍ୟରେ ନିଜର ସେବା ବା ଶ୍ରମ ଦାନ କରିବା।

"ଶୁଦ୍ର" ଶବ୍ଦକୁ ବେଦ ଅଥବା ମହର୍ଷି ମନୁ କେଉଁଠି ମଧ୍ୟ ଅପମାନଜନକ, ନିକୃଷ୍ଟ ଅବା ନିଚ ବୋଲି ଦର୍ଶାଇ ନାହାନ୍ତି। ମନୁଙ୍କ ଅନୁସାରେ ଗ୍ୱରିଟି ଯାକ ବର୍ଣ୍ଣ ଆର୍ଯ୍ୟ ଅଟନ୍ତି। (ମନୁସ୍ମୃତି - ୧୦/ ୪)

## ଶଙ୍କା ୩ - ମନୁଷ୍ୟଙ୍କ ମଧ୍ୟରେ କେତୋଟି ଜାତି ଅଛନ୍ତି?

ନିବାରଣ - ମନୁଷ୍ୟର କେବଳ ଗୋଟିଏ ଜାତି। ତାହା ହେଉଛି "ମନୁଷ୍ୟ" ଜାତି। ଏହା ବ୍ୟତୀତ ମଣିଷର ଆଉ କୌଣସି ଜାତି ନାହିଁ।

## ଶଙ୍କା ୪ - ଗ୍ୱରି ବର୍ଣ୍ଣର ବିଭାଜନ କେଉଁ ଆଧାରରେ ହୋଇଛି?

ନିବାରଣ - ବର୍ଣ୍ଣ ବିଭାଜନର ମୂଖ୍ୟ ପ୍ରୟୋଜନ କର୍ମ ବିଭାଜନ ଅଟେ। ବର୍ଣ୍ଣ ବିଭାଜନର ଆଧାର ବ୍ୟକ୍ତିର ଯୋଗ୍ୟତା ଅଟେ। ଆଜିମଧ୍ୟ ଶିକ୍ଷା ପ୍ରାପ୍ତି ପରା ହିଁ ଜଣେ ଡାକ୍ତର, ଇଞ୍ଜିନିୟର, ଓକିଲ କିମ୍ବା ଶିକ୍ଷକ ଇତ୍ୟାଦି ହୁଏ। ଜନ୍ମରୁ କେହି ଡାକ୍ତର, ଶିକ୍ଷକ, ଓକିଲ ବା ଶିକ୍ଷକ ହୋଇନଥାନ୍ତି। ଏହାକୁ ହିଁ ବର୍ଣ୍ଣ ବ୍ୟବସ୍ଥା କୁହାଯାଏ।

## ଶଙ୍କା ୫ - ଜଣେ ବ୍ୟକ୍ତି ଜନ୍ମରୁ ବ୍ରାହ୍ମଣ ହୋଇଥାଏ ଅଥବା ଗୁଣ, କର୍ମ ଏବଂ ସ୍ୱଭାବରୁ ହୁଏ?

ନିବାରଣ - କୌଣସି ବ୍ୟକ୍ତିଙ୍କ ଯୋଗ୍ୟତା ନିର୍ଦ୍ଧାରଣ ଶିକ୍ଷାପ୍ରାପ୍ତି ପରେ ହିଁ ହୁଏ। ଜନ୍ମ ଆଧାରରେ କରାଯାଏ ନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ଗୁଣ, କର୍ମ ଓ ସ୍ୱଭାବ ଆଧାରରେ ତାଙ୍କ ବର୍ଣ୍ଣ ଚୟନ ହୁଏ ବୋଲି ବୁଝାଇବାକୁ ମହର୍ଷି ମନୁ କହିଛନ୍ତି, "ଯେପରି କାଠ ନିର୍ମିତ ହାତୀ ଓ ଚମଡା ନିର୍ମିତ ହରିଣ କେବଳ ନାମକୁ ମାତ୍ର ହାତୀ ଓ ହରିଣ ବୋଲାନ୍ତି, ଠିକ୍ ସେମିତି ଅଧ୍ୟୟନ କରିନଥିବା ବ୍ରାହ୍ମଣ କେବଳ ନାମକୁ ମାତ୍ର ବ୍ରାହ୍ମଣ।" ( ମନୁସ୍ମୃତି - ୨/ ୧୫୭)

## ଶଙ୍କା ୬ - ବ୍ରାହ୍ମଣ ପିତାମାତାଙ୍କ ସନ୍ତାନ କ'ଣ କେବଳ ଏଇଥିପାଇଁ ବ୍ରାହ୍ମଣ ବୋଲାଏ ଯେ ତା'ର ପିତା ବ୍ରାହ୍ମଣ?

ନିବାରଣ - ଏହା ଭ୍ରାନ୍ତ ଧାରଣା ଯେ କେବଳ ପିତୃସତ୍ତା ଆଧାରରେ ବ୍ରାହ୍ମଣଙ୍କ ସନ୍ତାନ ବି ବ୍ରାହ୍ମଣ ବୋଲାଇବ। ଯେମିତି ଜଣେ ଡାକ୍ତରଙ୍କ ସନ୍ତାନ MBBS ଡିଗ୍ରୀ ହାସଲ କରିବା ପରେ ହିଁ ଡାକ୍ତର ବୋଲାଇ ପାରିବ। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେଲେ ଯାଇ ଜଣେ ଇଞ୍ଜିନିୟରଙ୍କ ସନ୍ତାନ ଇଞ୍ଜିନିୟର ବୋଲାଇବ, ବିନା ଶିକ୍ଷାଲାଭରେ ନୁହେଁ। ସେହିପରି ବ୍ରାହ୍ମଣତ୍ୱ ମଧ୍ୟ ଅର୍ଜନ କରିବାକୁ ପଡୁଥିବା ଏକ ପ୍ରାଚୀନ ଉପାଧି ଅଟେ।

ସେଥିପାଇଁ ମନୁ କହିଛନ୍ତି ଯେ, ମାତାପିତାଙ୍କ ଠାରୁ ଜନ୍ମନେବା ସନ୍ତାନର ସାଧାରଣ ଜନ୍ମ। ତା'ର ବାସ୍ତବିକ ଜନ୍ମ ଶିକ୍ଷା ପୂର୍ଣ୍ଣକରିବା ଉପରାନ୍ତେ ହୋଇଥାଏ। ( ମନୁସ୍ମୃତି - ୨/ ୧୪୭)

## ଶଙ୍କା ୭ - ପ୍ରାଚୀନ କାଳରେ ବ୍ରାହ୍ମଣ ହେବାପାଇଁ କ'ଣ କରିବାକୁ ପଡୁଥିଲା?

ନିବାରଣ - ପ୍ରାଚୀନ କାଳରେ ବ୍ରାହ୍ମଣ ହେବାକୁ ଉଭୟ ଶିକ୍ଷିତ ଓ ଗୁଣବାନ ହେବାକୁ ପଡୁଥିଲା। ମନୁସ୍ମୃତିରେ ମହର୍ଷି ମନୁ କହିଛନ୍ତି ଯେ, ବେଦରେ ପାରଙ୍ଗତ ଗୁରୁଙ୍କ ଦ୍ୱାରା

ଶିଷ୍ୟକୁ ଗାୟତ୍ରୀ ମନ୍ତ୍ରରେ ଦିକ୍ଷୀତ କରିବା ପରେ ଯାଇ ବାସ୍ତବିକ ମନୁଷ୍ୟ ଜନ୍ମ ହୁଏ। ( ମନୁସ୍ମୃତି - ୨/ ୧୪୮) ।

ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଏହି ତିନ ବର୍ଣ୍ଣ ବ୍ୟକ୍ତି ବିଦ୍ୟା ଅଧ୍ୟୟନରୁ ଦ୍ୱିତୀୟ ଜନ୍ମ ପ୍ରାପ୍ତ କରନ୍ତି। ବିଦ୍ୟା ଅଧ୍ୟୟନ କରୁନଥିବା କିମ୍ବା କରିପାରୁନଥିବା ଲୋକ ଶୁଦ୍ର ବା ଚତୁର୍ଥ ବର୍ଣ୍ଣ ଅଟନ୍ତି। ( ମନୁସ୍ମୃତି - ୧୦/ ୪)

କେବଳ ପୂର୍ବଜମାନେ ବ୍ରାହ୍ମଣ ଥିଲେ ବୋଲି ଆଜିକାଲି କଛିଲୋକ ନିଜକୁ ବ୍ରାହ୍ମଣ ବୋଲିଇ ଗର୍ବ କରନ୍ତି। କିନ୍ତୁ ଉପଯୁକ୍ତ ଯୋଗ୍ୟତା ଅର୍ଜନ ନକରି କେହିବି ବ୍ରାହ୍ମଣ ହୋଇପାରିବେ ନାହିଁ। ପ୍ରାଚୀନ ବ୍ରାହ୍ମଣ ମାନେ ନିଜ ତପ, ବିଦ୍ୟା ଓ ଜ୍ଞାନ ଦ୍ୱାରା ସମଗ୍ର ସଂସାରର ମାର୍ଗଦର୍ଶନ କରୁଥିଲେ। ସେଇଥିପାଇଁ ଆର୍ଯ୍ୟାବର୍ତ୍ତ ବିଶ୍ୱଗୁରୁ ହୋଇଥିଲା।

**ଶଙ୍କା ୮ - ବ୍ରାହ୍ମଣଙ୍କୁ ଶ୍ରେଷ୍ଠ ବୋଲି କାହିଁକି ମାନନ୍ତି?**

ନିବାରଣ - ବ୍ରାହ୍ମଣ ଏକ ଗୁଣବାଚକ ବର୍ଣ୍ଣ ଅଟେ। ସମାଜର ସର୍ବାପେକ୍ଷା ଜ୍ଞାନୀ, ବୁଦ୍ଧିମାନ, ଶିକ୍ଷିତ, ତ୍ୟାଗୀ, ତପସ୍ୱୀ ଏବଂ ସମାଜର ମାର୍ଗଦର୍ଶନ କରିବାକୁ ସମର୍ଥ ବ୍ୟକ୍ତି ହିଁ ବ୍ରାହ୍ମଣତ୍ୱର ଅଧିକାରୀ ହୁଏ। ସେଥିପାଇଁ ବର୍ଣ୍ଣ ମଧ୍ୟରେ ବ୍ରାହ୍ମଣ ଶ୍ରେଷ୍ଠ। ବୈଦିକ ବିଚାରଧାରାରେ ଯେଉଁଠି ବ୍ରାହ୍ମଣଙ୍କୁ ସର୍ବାଧିକ ସମ୍ମାନ ଦିଆଯାଇଛି, ସେଠି ସାମାନ୍ୟ ଭୁଲ ପାଇଁ ମଧ୍ୟ ବ୍ରାହ୍ମଣଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି।

ମନୁଙ୍କ ଅନୁସାରେ, ସମାନ ଅପରାଧ ପାଇଁ ଶୁଦ୍ରକୁ ସବୁଠୁ କମ ଦଣ୍ଡ, ବୈଶ୍ୟକୁ ଦୁଇଗୁଣ, କ୍ଷତ୍ରୀୟକୁ ତିନଗୁଣ ଏବଂ ବ୍ରାହ୍ମଣକୁ ଷୋହଳ କିମ୍ବା ୧୨୮ ଗୁଣ ଦଣ୍ଡ ମିଳିବା ବ୍ୟବସ୍ଥା ଥିଲା। ( ମନୁସ୍ମୃତି - ୮/ ୩୩୭ ଓ ୮/ ୩୩୮) । ଏଥିରୁ ସହଜେ ବୁଝିହୁଏ ମହର୍ଷି ମନୁ ବ୍ରାହ୍ମଣବାଦୀ କିମ୍ବା ପକ୍ଷପାତୀ ନଥିଲେ।

### ଶଙ୍କା ୯ - ଶୁଦ୍ର- ବ୍ରାହ୍ମଣ ଅଥବା ବ୍ରାହ୍ମଣ- ଶୁଦ୍ର ହୋଇପାରିବେ କି?

ନିବାରଣ - ଯେହେତୁ ବର୍ଣ୍ଣ ବିଭାଜନ ଗୁଣ, କର୍ମ ଓ ସ୍ୱଭାବ ଆଧାରରେ ହୁଏ, ତେଣୁ ଏଥିରେ ପରିବର୍ତ୍ତନ ସମ୍ଭବ। ଜନ୍ମରୁ କେହି ନିର୍ଦ୍ଦିଷ୍ଟ ବର୍ଣ୍ଣ ନେଇ ଜନ୍ମ ହୁଅନ୍ତିନି। ବିଦ୍ୟାର୍ଜନ ପରେ ହିଁ ବର୍ଣ୍ଣ ନିର୍ଣ୍ଣୟ ହୁଏ।

ମନୁଙ୍କ ମତରେ ବ୍ରାହ୍ମଣ ଶୁଦ୍ର ହୋଇପାରେ, କିମ୍ବା ଶୁଦ୍ର ବ୍ରାହ୍ମଣ ହୋଇପାରେ। ସେହିଭଳି କ୍ଷତ୍ରୀୟ ଓ ବୈଶ୍ୟ ମଧ୍ୟ ନିଜ ବର୍ଣ୍ଣ ବଦଳାଇ ପାରିବେ। ( ମନୁସ୍ମୃତି - ୧୦/ ୬୪)

ଶରୀର ଏବଂ ମନରେ ଶୁଦ୍ଧପୂତ ରହୁଥିବା, ଉତ୍କୃଷ୍ଟ ଲୋକଙ୍କ ସାନିଧ୍ୟରେ ରହୁଥିବା, ମିଷ୍ଟଭାଷୀ, ନିରହଙ୍କାରୀ ଶୁଦ୍ର ମଧ୍ୟ ଉତ୍ତମ ବ୍ରାହ୍ମଣ ଜନ୍ମ ଏବଂ ଦ୍ୱିଜ ବର୍ଣ୍ଣ ପାଇପାରେ। ( ମନୁସ୍ମୃତି - ୯/ ୩୩୫)

ଯେଉଁ ମନୁଷ୍ୟ ନିତ୍ୟ ପ୍ରାତଃ ଏବଂ ସାନ୍ଧ୍ୟକାଳରେ ଈଶ୍ୱର ଆରାଧନା କରେ ନାହିଁ, ତାକୁ ଶୁଦ୍ର ବୋଲି ବୁଝିବାକୁ ହେବ। ( ମନୁସ୍ମୃତି - ୨/ ୧୦୩)

ବେଦ ଶିକ୍ଷାରେ ଦିକ୍ଷୀତ ନହେବା ଯାଏଁ ବ୍ୟକ୍ତିଟିଏ ଶୁଦ୍ର ରହିଥାଏ। ( ମନୁସ୍ମୃତି - ୨/ ୧୭୨)

ବ୍ରାହ୍ମଣ ବର୍ଣ୍ଣସ୍ଥ ବ୍ୟକ୍ତି ଶ୍ରେଷ୍ଠ- ଅତିଶ୍ରେଷ୍ଠ ବ୍ୟକ୍ତିଙ୍କ ସଙ୍ଗତରେ ରହି ଅଧିକ ଶ୍ରେଷ୍ଠ ହୋଇପାରେ । ଏହାର ବିପରୀତ ଆଚରଣ କରି ପତିତ ହୁଏ ଏବଂ ଶୁଦ୍ର ହୋଇଯାଏ। ( ମନୁସ୍ମୃତି - ୨/ ୧୬୮)

### ଶଙ୍କା ୧୦ - ଆଜିର ବ୍ରାହ୍ମଣ ମାନେ ହିଁ କ'ଣ ଆମ ପ୍ରାଚୀନ ଜ୍ଞାନ ଓ ବିଦ୍ୟାର ରକ୍ଷାକାରୀ ପ୍ରହରୀ ଥିଲେ?

ନିବାରଣ - ଆଜିର ସମୟରେ ଯେଉଁ ବ୍ୟକ୍ତି ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରି ପ୍ରାଚୀନ ବ୍ରାହ୍ମଣ ମାନଙ୍କ ଭଳି ବୈଦିକ ଧର୍ମର ରକ୍ଷାପାଇଁ ପୁରୁଷାର୍ଥ କରୁଛି, ତେବେ ସେ ନିଶ୍ଚିତ ଭାବେ ବ୍ରାହ୍ମଣ ଭାବେ ସମ୍ମାନ ପାଇବାକୁ ଯୋଗ୍ୟ। କିନ୍ତୁ କୌଣସି ବ୍ୟକ୍ତି ବ୍ରାହ୍ମଣ କୁଳରେ ଜନ୍ମହୋଇ ବ୍ରାହ୍ମଣର ଧର୍ମ ବିରୁଦ୍ଧ ବା ବିପରୀତ ଆଚରଣ କରୁଥାଏ, ତେବେ ସେ କୌଣସି ପ୍ରକାରେ ବ୍ରାହ୍ମଣ କୁହାଇବାକୁ ଯୋଗ୍ୟ ନୁହେଁ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ଚରିତ୍ରବାନ, ଶାକାହାରୀ ଏବଂ ଧର୍ମ ପାଇଁ ପୁରୁଷାର୍ଥ କରୁଛି

ତେବେ ସେ ଶୁଦ୍ର ପିତାମାତାଙ୍କ ସନ୍ତାନ ହୋଇଥିଲେ ମଧ ବ୍ରାହ୍ମଣ କୁହାଇବାକୁ ଯୋଗ୍ୟ। ସେହିପରି ଜଣେ ମୂର୍ଖ, ଚରିତ୍ରହୀନ, ମାଂସାହାରୀ ଓ ସମାଜହିତ ପାଇଁ କୌଣସି କାର୍ଯ୍ୟ କରୁନଥିବା ବ୍ୟକ୍ତି, ଯେତେ ପ୍ରତିଷ୍ଠିତ ବ୍ରାହ୍ମଣଙ୍କ ସନ୍ତାନ ହୋଇଥିଲେ ମଧ ବ୍ରାହ୍ମଣ ବୋଲାଇବାକୁ ସର୍ବଥା ଅଯୋଗ୍ୟ। କେବେଳ ଜନେୟୁ ଓ ଶିଖା ଧାରଣ କରିନେଲେ ବ୍ରାହ୍ମଣତ୍ୱ ମିଳେନ। ବରଂ ଏହି ଦୁଇଟି ସଂସ୍କାର ସହିତ ଜଡିତ ଧର୍ମର ସାମଗ୍ରିକ ପାଳନ କରିବା ମଧ ଅନର୍ବାର୍ଯ୍ୟ ଅଟେ। ପ୍ରାଚୀନ କାଳରେ ଧର୍ମ ଅନୁରୂପ ଆଚରଣ ଏବଂ ପୁରୁଷାର୍ଥ ଯୋଗୁଁ ହିଁ ବ୍ରାହ୍ମଣଙ୍କୁ ଏତେ ସମ୍ମାନ ମିଳୁଥିଲା।

ବେଦରେ ବ୍ରାହ୍ମଣ ଶବ୍ଦର ମହତ୍ତ୍ୱ ଖୁବ୍ ଅଧିକ। ତେବେ ଏହି ମହତ୍ତ୍ୱ କେବଳ ଜନ୍ମଗତ ନୁହେଁ ବରଂ ଅଧିକନ୍ତୁ କର୍ମଗତ। ମଧକାଳରେ ଆମର ଏହି ସାମାଜିକ ବର୍ଣ୍ଣ ବ୍ୟବସ୍ଥା ବିକୃତ ହୋଇ ଜାତିପ୍ରଥାରେ ପରିଣତ ହେଲା। ବିଡମ୍ବନାର ବିଷୟ ଯେ ଆମେ ଆଜିଯାଏ ସେହି ବିଗିଡି ଯାଇଥିବା ସାମାଜିକ ବ୍ୟବସ୍ଥାକୁ ସୁଧାରି ପାରିନେ। ବରଂ ଅଧିକ ଗମ୍ଭୀର କରିଛେ। ହିନ୍ଦୁ ସମାଜର ଏକତା କ୍ଷୁର୍ଣ୍ଣ ହୋଇଛି। ଫଳ ସ୍ୱରୂପ ଆମେ ଦୁର୍ବଳ ହୋଇଛେ ଏବଂ ବିଧର୍ମି ବିଦେଶୀ ଆକ୍ରମଣକାରୀଙ୍କ ଗୋଲାମ ହୋଇଛେ। ୧୨୦୦ ବର୍ଷଧରି ହିନ୍ଦୁ ଦମନର ମୂଖ୍ୟ କାରଣ ହେଉଛି ଜାତିପ୍ରଥା। ଏହି ପ୍ରଥା ଆମର ସର୍ବବୃହତ୍ତ ସାମାଜିକ ଶତ୍ରୁ। ତା'ର ବିନାଶ କରିବାକୁ ହେବ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ। ସେମାନଙ୍କ ସହଯୋଗ ପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଘୁଙ୍ଗୁଡ଼ି



ଇଂ. ସାରଦା ପ୍ରସାଦ ପରିଡା

ବାବାଙ୍କ ଘୁଙ୍ଗୁଡ଼ି
ମେଘ ଘଡଘଡି
ଶବଦ ରେ ଗଲ୍
ଛପର ଉଡି

ଶବଦ ରେ ନଦ
ହଜିଲ୍ ଚେଲ୍ଙ୍କ
ଚେଲ୍ ଗ୍ଲିଗଲେ
ମଠ କୁ ଛାଡି

ଦେଖି ଏଡେ  କଥା
ବାବା ଖାଇଲେ ରଡି
ଓଠ କାମୁଡି
ଦାନ୍ତ ରଗଡି
ଛାଡି ପଗଡି
କରକୁ ଯୋଡ଼ି
କହିଲେ ଚେଲ୍ଙ୍କ
ପାଦରେ ପଡ଼ି

ଆସ ବାହୁଡ଼ି
ଶୋଇବିନ ଆଉ
ମାରି ଘୁଙ୍ଗୁଡ଼ି

ଚେଲ୍ଏ କହିଲେ
ଦେଖିବା ହେଉ
ବହିଗଲ୍ ପାଣି
ଲେଉଟି ଯାଉ
କେଡେ କଥା ସିନା
କହିଲ ଆପେ
ଘୁଙ୍ଗୁଡ଼ି କେହୁ
ସାଧିବା ତପେ

ଗୁରୁ ଜାଣିଥିଲେ
ଗହନ କଥା
ଅପାନବାୟୁ ର
ଉଦର ବ୍ୟଥା
ଥାନ ଅଥାନ ର
ବିଗ୍ଭର ନାହିଁ

ଛାର ମଣିଷ ବା
ଜିତିବ କାହିଁ ସିନା ଗର୍ବରେ
ଦେଲେ କହି
ଘୁଙ୍ଗୁଡ଼ି କୁ କବା
ଚଲମ ଧୂଆଁ ରେ
ନେବେକ ଆୟତ୍ତ ଦେଇ

ଦିନ ଥାଉଁ ସବୁ
ମଣୋହୀ କଲେ
ରାତି ଦି ଘଡ଼ିକ
ବିଛଣା ଗଲେ
ଚେଲା ରହିଲେ
ଜଳକା ହୋଇ
ପେଟ କୁ ଫୁଲେଇ
ଘୁଙ୍ଗୁଡ଼ି ମେଲେଇ
ବାବା ପଡ଼ିଥିଲେ ଶୋଇ

ହରିପା, ଜଗତସିଂହପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପହିଲି ଶୀତ ର ଛୁଆଁ



ସିପ୍ରା ନାମତା

ଚାଲୁ ଚାଲୁ ତୁମ ସାଥେ ଭେଟ ହେଲେ
ଗୋଲାପୀ ଚାଦର ଟି ସାଉଁଟି ନଏ ସାରା ଶରୀର କୁ
ଧୂମିଳ ବାଦଲ ରୁ କୁହୁଡି ଟା
ମୁହଁ ଟେକ ଦେଖେ ପାଣ୍ଡୁରିଆ ଜୀବନ କୁ ।।

ତୁମେ ପୁଣି ଘୁରି ବୁଲ ମୋ ଚତୁର୍ଦ୍ଦିଗ ରେ
ସକାଳ ର ଉଷୁମ ପିଆଲା ର ଚୁମୁକ ରେ
ସତେ ବା ମୋ କୋଳ ରେ ଆଉଜି ପଡ
ଦିଗବଳୟ ଫର୍ଚ୍ଚା ହେବା ଯାଏଁ ।।

ସନ୍ଧ୍ୟା ନଇଁ ଆସିଲେ ଗୁଣୁ ଗୁଣୁ ଗୀତ ଗାଅ,
ମୋ ଚାରିପାଖରେ
ଟିକଏ ତାତି ପାଇଁ ନେସି ଘେସି ହୁଅ
ରାତିର ଅନ୍ଧାର ରେ ।।

ତମର ସବୁତକ ପ୍ରେମ ଭିଡା ଟଣା
ସେଇ ପଶମ ର ଖିଅ ରେ
କଏ ବା କେଉଁଠି ଭଲ ପାଏ
ତୁମକୁ କାଠ ଚୁଲ୍ଲୀ ଉନ୍ମହେଇ ନଆଁ ରେ ।।

ନାକଦହନା ଅବା ସୋରିଷ ଫୁଲ ପରି
ଢଳ ଢଳ କଆରୀରେ
କେବେ ବାଡ଼ କଡେ ରଜନୀଗନ୍ଧା ଆଉ
ଗେଣ୍ଡୁ ର ଭୁରୁ ଭୁରୁ ବାସ୍ନାରେ
ଝର୍କା ସେ ପଟ ରୁ ପବନ ରୁ ଝୁଲ୍ ରେ
ଭର୍ତ୍ତି କରେ ମୋ କୋଠରୀ କୁ ଶୀତ ର ପହିଲି ଛୁଆଁ ରେ ।। -

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କହିବି କେମିତି



ଅଜୟ କୁମାର ବେହେରା

ଫୁଲ ଆଉ ମହୁମାଛିର ସମ୍ପର୍କ ଯେମିତି
ମୋ ହୃଦୟେ ରହିଛ ତୁମେ ଠିକ ସେମିତି
ଗୋଟିଏବି ଦିନ ମୋର କଟିନି ଏମିତି
ସତେ ଅବା ମନେ କରି ନାହିଁ ତୁମକୁ ଯେମିତି......( ୧)

ତୁମ ବିଚ୍ଛେଦ କ୍ଷତାକ୍ତ କରୁଛି ମୋତେ
ଯେତେ ଯେତେ ତୁମେ ଦୂରେଇ ଯାଉଛ ମୋ ଠାରୁ ସତେ
ସାମ୍ନାରେ ଯେବେ ତୁମେ ଥିଲ ମୋହର
ଛାଇ ଭଳି ଘୁରିବୁଲୁଥିଲି ପଛେ ପଛେ ତୁମର.....( ୨)

ଏତେ ଆପଣାର ଥିଲ ତୁମେ ମୋହର
ଥରେ ଦେଖି ଦେଲେ ମୁହଁ ତୁମର
ରହିବାକୁ ଇଛା ହେଉଥିଲା ତୁମ ସହ କରି ଛୋଟ ଏକ ଘର
ଯହିଁ ସ୍ନେହ, ପ୍ରେମ ଲାଗି ରହିଥାଏ ନିରନ୍ତର.....( ୩)

ଭାଗ୍ୟର ବିଡମ୍ବନା ଇଏ
ଆଷାଢ଼ର ମେଘ ପରି ପ୍ରେମ ଆମ
ଧୋଇ ହୋଇ ଯାଏ
କହିବି କେମିତି ତୁମକୁ କେତେ ମୁଁ ଭଲ ପାଏ....( ୪)

ବିଧିର ବିଧାନ ବିଚନ୍ନ ତା ସନ୍ଧାନ
ପ୍ରେମ ଆମ ହୁଏ ଆନମାନ
ଆଖିର ସପନ ଅଭୁଲା ସେ ଦିନ
ସବୁ ହୋଇଯାଏ ଶୂନ୍ୟ ରେ ବିଲୀନ.....( ୫)

ମୋ ଜିବ ଜୀବନ
ହୃଦୟର ଗଣ୍ଠି ଧନ
ଚ୍ଚୋରି କରି ନେଇ ମୋହରି ମନ
ମୋ ବିନା କାଟିବ କପରି ତୁମେ ଖୁସିର ଦିନ....( ୬)

ଏବେବି ମନେ ପଡେ ସେଇ ପିଲାଦିନ
ମୁଁ ରାଜା ତୁମେ ରାଣୀ ହୋଇ କରୁଥିଲେ ଖାବର ଆଦାନ- ପ୍ରଦାନ
ଆଜି ଆଉ ନାହିଁ ସେ ଦିନ
ଯାହା ଆମ ପାଇଁ ସାତ ସପନ......( ୭)

ତଥାପି ଆଜି ମୁଁ ଭୁଲି ନାହିଁ
ରହିଛି ତୁମ ବାଟ ଚ୍ଚାହିଁ
ଆସିବ ମୋ ଘରକୁ ବୋହୂଟେ ହୋଇ
ମୁଣ୍ଡରେ ହାତେ ଓଢଣା ଦେଇ,
ସାଥିରେ ଲାଜର ଗହଣା ନେଇ.......( ୮)

ମୋରଡ଼ା, ମୟୂରଭଞ୍ଜ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଆଉ ଏକ ପୁରୁଣା ଗଳ୍ପ.. ନଈ ପାଣି ନଈ କ ଯା...



ସୁବଳ ମହାପାତ୍ର

ସମୟ ୧୦:୩୦। ପ୍ରଥମ ଶ୍ରେଣୀ ର ଶ୍ରେଣୀ ଶିକ୍ଷକ ସରୋଜିନୀ ଦେବୀ ପିଲାଙ୍କ ଉପସ୍ଥାନ ଖାତା ଧରି ଶ୍ରେଣୀ ଭିତରକୁ ପଶି ଆସିଲେ।

ଗୋଟେ ପିଲା ହାତ ରେ ସିଲଟ ଟି ଧରି ଉପର ତଳ କରୁଥାଏ। ଆଉ କହୁଥାଏ " ନଈ ପାଣି ନଈ କ ଯା, ମୋ ସିଲଟ ଶୁଖି ଯା । ବନ୍ଧ ପାଣି ବନ୍ଧ କୁ ଯା, ମୋ ସିଲଟ ଶୁଖି ଯା। ତା ନାଁ ମକର୍ ।

ହଠାତ ଗୋଟେ ଶବ୍ଦରେ ସରୋଜିନୀ ଦେବୀ ଚମକ ପଡିଲେ। ସିଲଟ ଟି ମକର୍ ହାତରୁ ଖସି ଯାଇ କିଛି ଦୂର ରେ ପଡି ଭାଙ୍ଗି ଯାଇଥାଏ। ଶ୍ରେଣୀ ରେ ପ୍ରଥମ ହେଉଥିବା ପିଲା ବିଶୁ ମୁଣ୍ଡରେ ସିଲଟ ବାଜି ତା ମୁଣ୍ଡରୁ ରକ୍ତ ବୋହୁଥାଏ।

ଶ୍ରେଣୀ ର ସବୁ ପିଲା ଚୁପ ହୋଇ ଯାଇଥାନ୍ତି। ବିଶୁ ମୁଣ୍ଡରେ ହାତ ଥାପି କାନ୍ଦୁଥାଏ। ରକ୍ତ ରେ ତା ଧଳା ସାର୍ଟ ଟି ଭିଜି ଯାଇଥାଏ। ପାଖରେ ବସିଥିବା କିଛି ପିଲାଙ୍କ ବହି ବସ୍ତାନୀ ଓ ସାର୍ଟ ରେ ବି ରକ୍ତ ଲାଗିଥାଏ। ସରୋଜିନୀ ଦେବୀ କଣ କରିବେ ଭାବୁ ଭାବୁ ପ୍ରଥମେ ବିଶୁ କୁ ପ୍ରଧାନ ଶିକ୍ଷକଙ୍କ ପାଖକୁ ନେଇ ବ୍ୟାଣ୍ଡେଜ କଲେ।

ଶ୍ରେଣୀ କୁ ଫେରି ଦେଖିଲେ ମକର୍ ସେଇମିତି କାବୁସ୍ଥ ହୋଇ ଠିଆ ହୋଇଥାଏ। ମୁହଁ ରେ ତା'ର ଭୟ । ଆଖିରେ ଭୟ ମିଶା ଗୁହାରି। ଲୁହ ଅନବରତ ବୋହି ଗ୍ଲିଥାଏ। ପୁର୍ବ ଭଳି

ଯାଇଥାଏ ସେ। ସରୋଜିନୀ ଦେବୀ ଭାବିଲେ, ସେ ବୋଧେ ମାଡ ଖାଇବ ବୋଲି ଡରି ଯାଇଛି। ମୁଣ୍ଡକୁ ତାର ଆଉଁସି ଦେଇ ବସିବାକୁ କହିଲେ।

ବିଶୁ, ସ୍କୁଲ ପ୍ରେସିଡେଣ୍ଟଙ୍କ ପୁଅ। ପ୍ରେସିଡେଣ୍ଟ ଭାରି ରାଗି। ଟିକେ ଟିକେ କଥାରେ ରାଗି ଯାଆନ୍ତି ସେ। ମକର୍ କୁ କଣ କହିବେ, ଚନ୍ତା ରେ ପଡିଗଲେ ସେ। ଭାରାକ୍ରାନ୍ତ ମନ ନେଇ ଉପସ୍ଥାନ ଟି ପକେଇ ସମୟ ହେବା ପୂର୍ବରୁ ଶ୍ରେଣୀ ରୁ ବାହାରି ଗଲେ।

ସରୋଜିନୀ ଦେବୀ ଗଲା ପରେ ଶ୍ରେଣୀ ରେ ହୋ ହାଲ୍ଲା ଆରମ୍ଭ ହୋଇଗଲା। ଶ୍ରେଣୀ ରେ ଥିବା ପିଲାମାନଙ୍କ ଅପେକ୍ଷା ସେ ଗରିବ। ବାପା ରିକ୍ସା ଟାଣି ମକର୍ କୁ ପାଠ ପଢାଏ। ମକର୍ ଗରିବ ରିକ୍ସା ବାଲା ର ପୁଅ ହେଲେ ବି ଭଲ ପଢେ। ବିଶୁ ପ୍ରଥମ ହେଲେ ସେ ଦ୍ୱିତୀୟ ହୁଏ। ତେଣୁ ମକର୍ ଉପରେ ଶ୍ରେଣୀ ର କିଛି ପିଲାଙ୍କ ର ରାଗ ଥାଏ। ସେମାନେ ନିଜ ନିଜ ବାପା ମାଙ୍କ ପାଖରୁ ଗାଳି ମାଡ଼ ଖାଆନ୍ତି ମକର୍ ପାଇଁ। ରିକ୍ସା ବାଲା ର ପୁଅ ଭଲ ପଢିବ ଆଉ ତାଙ୍କ ପୁଅ ତା'ଠୁ ପଛରେ ରହିବ? ଏକଥା ହଜମ ହୁଏନି ସେମାନଙ୍କୁ।

ମକର୍ ଏକା ବସିଥାଏ। ମନରେ ଅନେକ ଭାବନା। ଲୁହ ବୋହୁଥାଏ। ସର ଦିଦି ସିନା କିଛି କହିଲେନି, ପ୍ରଧାନ ସାର ପିଟିବେ। ବିଶୁ ର ବାପା ବି ପିଟିବେ। ମାଡ଼ ଖାଇବାକୁ ଡର ନଥାଏ, କିନ୍ତୁ କାଲି ଠୁ ସେ ସ୍କୁଲ ରେ ପଢିବ କେମିତି? ବହୁତ କହି କହି ବା ଦି ମାସ ପରେ ଏ ସିଲଟ ଟି ଆଣି ଦେଇଥିଲା। ପୁରୁଣା ସିଲଟ ରେ କିଛି ଦେଖା ଯାଏନି, ଖଡ଼ି ଗ୍ଲେନି ସେଥିରେ । ଏବେ କଣ କରିବ? ସେ କାନ୍ଦି କାନ୍ଦି ଏବେ ହିକା ଉଠୁଥାଏ ତାର।

ସେପଟେ ବିଶୁ କୁ ସେମାନେ ଚିହାଇବାକୁ ଲାଗିଲେ। ଯେମିତି କି ବିଶୁ, ମକର୍ କୁ ମାଡ଼ ଖୁଆଇବ। ବିଶୁ କିନ୍ତୁ ଅଜାଣତରେ ଏସବୁ ହୋଇଛି ବୋଲି ବୁଝିପାରୁଥାଏ।

ପିଅନ ଆସି ବିଶୁ ଆଉ ମକର୍ କୁ ପ୍ରଧାନ ସାର ଡାକୁଛନ୍ତି ବୋଲି କହିଦେଇ ଗଲା। ବିଶୁ ଆଉ ମକର୍ ଅଫିସ କୁ ଗଲେ। ସେଠି, ବିଶୁ ର ବାପା, ପ୍ରଧାନ ଶିକ୍ଷକ ଓ ସର ଦିଦି

ଥାଆନ୍ତି। ପ୍ରଥମେ ମକର୍ କୁ ପଚର୍ ଗଲ୍। ସେ ଡରି ଡରି କହିଲ୍, "ମୁଁ ସିଲଟ ଶୁଖାଉଥିଲି। ହାତ ରୁ... । ଆଉ କଛି କହିବା ପୂର୍ବରୁ, ବିଶୁ ମକର୍ ମୁହଁରେ ହାତ ଦେଇ ଅଟକେଇ ଦେଲ୍ ଓ ନଜେ କହିଲ୍, "ବାପା, ସେ ସିଲଟ ଶୁଖେଇଲ୍ ବେଳେ ମୁଁ ହାତ ଟେକ ଦେବାରୁ ସିଲଟ ତା ହାତରୁ ଖସିଗଲ୍ ଓ ମୋ ମୁଣ୍ଡରେ ବାଜିଲ୍। ସିଲଟ ବି ପଡ଼ି ଭ୍ଙ୍ଗିଗଲ୍। ଏଥିପାଇଁ ମୁଁ ଦୋଷୀ। ମୋ ମୁଣ୍ଡ ତ ଫାଟିଛି କନ୍ତୁ ସିଲଟ ନଥିଲେ ସେ ପଢ଼ି ପାରିବନ। ତା ପାଇଁ ସିଲଟ ଟେ ଆଣିଦିଅ । ପ୍ଲିଜ୍।"

ଅଫିସ ରୁ ବାହାରିବା ବେଳେ, ବିଶୁ ଆଉ ମକର୍ କାନ୍ଧ ରେ ହାତ ପକେଇ, ନୂଆ ସିଲଟ ଟି ଧରି ଡେଇଁ ଡେଇଁ ଶ୍ରେଣୀ ଗୃହ ଆଡକୁ ଯାଉଥିବାର ଦେଖି ସରୋଜିନୀ ଦେବୀ କଣ କହିବେ, କଛି ଭ୍ବିପାରୁନଥିଲେ।

ତାଙ୍କ ଆଖି କୋଣ ରେ ଲୁହ ବୁନ୍ଦେ ଚକମିକ କରୁଥିଲ୍.....

ଖଲ୍ବରୀ, ଅନୁଗୁଳ, ଓଡିଶା।

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ମୋ ଭାରତ ମାଆ



ଡମ୍ବରୁଧର ବାଗ

କୋଟି ଜନମର ପୁଣ୍ୟ ଫଳରେ
ତୋ କୋଳରେ ହେଲୁ ଜନ୍ମ ।
ବିଶ୍ୱ ଦରବାରେ ତୁହିଲେ ଜନନୀ
ସ୍ୱର୍ଗ ଠାରୁ ଗରୀୟାନ ।
ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନ
ସାଥେ ଅଛି ଯେତେ ଧର୍ମ ।
ସବୁ ଅଟୁ ଆମେ ତୋହରି ସନ୍ତାନ
ଧର୍ମ ଖାଲି ଆମ ଭ୍ରମ ।
ବହୁ ଭାଷାଭାଷୀ ଆମେରେ ସଭିଏଁ
ଗୋଟିଏ ମାଳାର ପୁଷ୍ପ ।
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଏକତାର ଆମେ ସ୍ତୁପ ।
କେହି ନୁହେଁ ଏଠି ପର ଆପଣାର
ସଭିଏଁରେ ଭାଇ ଭଉଣୀ ।
ସମ ଦୁଃଖେ ଦୁଃଖି ସୁଖରେ ସୁଖୀ
ଗୋଟିଏ ଆମ କାହାଣୀ ।
ମନେ ଭେଦଭାବ ନଥାଏ ଜମା
ଆମେରେ ଶାନ୍ତି ପ୍ରିୟ ।
ମିଳମିଶି ଆମେ ଭାରତ ମାଆ
ସେବାରେ ରଖିବା ଲୟ ।

ହେବୁ ନାହିଁରେ କେବେ ଖଣ୍ଡ ଖଣ୍ଡ
ରହିବୁ ଏକତ୍ର ହୋଇ।
ଗ୍ଲଲିଯାଉ ପଛେ ଜୀବନ ଆମର
ପଛଘୁଞ୍ଚା ଦେବୁ ନାହିଁ।
କରିବୁ ପ୍ରତିଜ୍ଞା ଦେଶ ରକ୍ଷା ଲାଗି
ଜୀବନ ଦେବାକୁ ଆମେ ।
ଭୁଲିବୁନ ଏହି ଜନ୍ମ ମାଟିକୁ
ଲାଗି ରହିଥିବୁ କର୍ମେ ।
କର୍ମକୁ ଆମର ଧର୍ମ ମନେକରି
ଗ୍ଲଲିବୁ କର୍ମର ପଥେ ।
ଭରି ଦେବୁ ହସ ସଭିଙ୍କ ମୁହଁରେ
ଆସୁପଛେ ଝଡ ଯେତେ ।
ସଂସ୍କୃତି ଆମର ଅଟଇ ମହାନ
ଆମ ଏହି ପୁଣ୍ୟ ଦେଶେ ।
ପରମ୍ପରା ଆମ ଅଟେ ଗରୀୟାନ
ଚନ୍ଦନ ଚନ୍ଦନ ବାସେ ।
ଭାରତ ମାଆର ସୁପୁତ୍ର ହୋଇ
ସେବା ଯତ୍ନେ ଦେବା ଧ୍ୟାନ ।
ଭାରତ ମାତାର ଟେକ ରଖିବାକୁ
ଦେବାରେ ଆମେ ଜୀବନ ।

ଚପ୍ରିଆ, ଗୋଲମୁଣ୍ଡା, କଳାହାଣ୍ଡି

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଶୀତ



ଚନ୍ଦ୍ର ଶେଖର ଗୋ

( ଏକ)

ସକାଳେ ସଞ୍ଜରେ.....
ବନଭୂମି ଡେଇଁ          ସୁନାଖେତ ଛୁଇଁ
ଶୀତ ମୋ ଗାଁଆଁକୁ ଆସେ
ସେ ସୁନା ସାଉଁଟି          ଦିନ ରାତି ଖଟି
ଚଷା ଭାଇ ମନ ହସେ ।।

ରାତିରେ ରାତିରେ.....
ଧରଣୀର ପାଦେ          କଏ ସେ ବାନ୍ଧେ
ଓଷର ରୂପା ପାଉଁଜି
ସକାଳ ପାହିଲେ          ସୂରୁଜ ଛୁଇଁଲେ
ସେ ପାଉଁଜି ଯାଏ ହଜି ।।

( ଦୁଇ)

ଭୋର୍ ସକାଳୁ ଅତଁଗ୍ଧ ଜଳାଏ ମୋର ଆଇ ମାଁ
ଶୋଇ ଉଠିବା ଆଗରୁ ମୋ'ଗାଁ;
ସୂରୁଜ ନ ଉଉଁଣୁ ଅବଶ୍ୟ ଉଠିପଡ଼େ ମୋ'ଗାଁ ।।

ବୁଢ଼ାବୁଢ଼ୀ ଛୁଆ କେତେଲୋକ ସେ ଅତଁଗ୍ଧ ଷାଳେ
ଠୁଳ ହନ୍ତି ଯଥା ସଭାସ୍ଥଳେ;
କଏ ଉଠିଲା ଛଅଁଚେ କଏ ଘୋଡ଼ି ହୋଇ ଶାଳେ ।।

ନଆଁ ତାପୁତାପୁ କଥାପଡ଼େ ସତେ ଗୋଟେ ସଭ୍
 କାହା ପୁଅଝିଅ ହେବେ ବିଭ୍;
କଇଁ ପାଇଁକ ବର ଆସିଲେ ଗାଁ ଦିଶିବ ଶୋଭ୍ ।।

କଥା ପୁଣି ବଢ଼େ କାହା ଧାନପାନ ହେଲ୍ କେତେ
 କଏ କେବେ ଯିବ ଆଦ୍ରା ସତେ;
ଦୁଃଖସୁଖ ହଉହଉ ଶୀତୁଆ ସକାଳ ବିତେ ।।

( ତିନ)

ବିଦ୍ୟୁତ୍ ଖୁଣ୍ଟ ଓ ବଲବ୍ -
କଥା ହଉଥିଲେ,
ଥଣ୍ଡା ଅଗ୍ନନକ୍ ବଢ଼ିଗଲ୍ .....।।

କଛି ଲୋକ ପ୍ରାତଃଭ୍ରମଣେ ବ୍ୟ -
ସ୍ୱିଟର୍ ଓ ମଫଲର୍ ଭିତରେ
ରହିବା ପାଇଁ ସୁସ୍ଥ .....।।

ଶୀତକୁ ଶୀତବସ୍ତ୍ର କରି ଫୁଟଫାତରେ -
ଶୋଉଥିବା ବୁଢ଼ାଟିଏ;
ସହରର କଂକ୍ରିଟ ବା ପିଚୁ ରାଜରାସ୍ତା ତରେତରେ
ପାଉଚ୍ ଜରି ( ମଦ ବା ପାଣି ) ,
କାଗଜ ଟୁକୁଡ଼ା, ଭଂଗା କାର୍ଟୁନ୍ କଦଳୀ ଚୋପା'ଦିଟା
ଏକଲୟେ ଗୋଟଉଥାଏ
ସତେ କ ସ୍ୱଚ୍ଛ ଭାରତ ଅଭିଯାନ .....
ସେଗୁଡ଼ାକ ପୋଡ଼ି ଉଷୁମ୍ ହଉଥାଏ
ଗରିଆଡ଼ ମରୁ ଶୁନଶାନ୍.....।।

କର୍ଲାଖମାର, ନୂଆପଡ଼ା

# ଜହ୍ନ ରାତି,,,!!



ଅନଲ୍ କୁମାର ମହାରଣା

ଭଲଲାଗେ ଆଜି, ଭାରି ଭଲଲାଗେ
ଶୁନଶାନ୍ ଶୀତରାତି,,
ତୋ ଓଠରେ ଭରା ମୃଦୁଳ କମ୍ପନ
ମୋ ଦେହରେ ଭରା ତାତି,, ।
ତଥାପି ଗୋ ସାଥି, ଛୁଅଁନା ଏମିତି
ପାଖେ ଆସି ବାରମ୍ବାର,,
ଡରଲାଗେ ମୋତେ, ଡେଇଁଯିବି କାଳେ
ଅନ୍ତିମ ଲକ୍ଷ୍ମଣଗାର,,, ।
ପ୍ରାପ୍ତି ଅପ୍ରାପ୍ତିର ଅବଶୋଷ ସବୁ
ଥିଲେ, ଥାଉ ପଛେ ବାକି,,
ଆଶ୍ୱାସନା ଆଉ ଦିଅନା'ଗୋ ସାଥି
ଛାତିରେ ତୁମର ଜାକି ।
ଏତିକି ଚାହୁଁଛି ତୋ ଆଖିରେ ହଜି
ସାରା ରାତି ଯାଉ ବିତି,,
ବାକି ଜୀବନକୁ, ସ୍ମୃତି ରହୁ ଏଇ
ଜୋସ୍ନାଭିଜା ଜହ୍ନରାତି,,,
ଜୋସ୍ନାଭିଜା ଜହ୍ନରାତି,,, ।

ନୟାଗଡ, ଭାପୁର, ବଡସହରା

# ଅଣୁ ଗଳ୍ପ: ମା'ମାନଙ୍କୁ ସବୁ କଥା ଜଣା



ଶଶଧର ମହାପାତ୍ର

ମଣିଷ ଜୀବନରେ ଅନେକ ଘଟଣା ଓ ଦୁର୍ଘଟଣା ଘଟିଥାଏ । ସେଥିରୁ କେତୋଟି ଘଟଣା ମନ ଭିତରେ ସବୁବେଳେ ଜୀବିତ ଥାଏ । ଦିନକର ଘଟଣା । ଏ' ମୋ ପିଲାବେଳର କଥା । ମୁଁ ସେତେବେଳେ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥାଏ । ଆମ ଗାଁ ନିକଟରେ ଆମ ଗାଁରୁ ପ୍ରାୟ ପାଖାପାଖି ମାଇଲିଏ ଦୂରରେ "ଗୋଖା' ସାହି । ପ୍ରାୟତଃ "ଗୋଖା'ମାନେ ସେ' ଗାଁରେ ବେଶୀ ରହୁଥିଲେ । ତେଣୁ ବୋଧହୁଏ ସେ' ଗାଁକୁ "ଗୋଖା' ସାହି ଲୋକେ ନାଁ ଦେଇଥିଲେ । ଜାଲ ବିଛେଇବା, ମାଛ ଧରିବା ଓ ବିକିବା ସେମାନଙ୍କର ବେଉଷା । ଜାଲ, ହେଁସ, ମଶିଣା ବୁଣିବା ତାଙ୍କ କାମ । ତାକୁ ବିକାବିକି କରି ସେଥିରୁ ଅଳ୍ପ କିଛି ରୋଜଗାର କରନ୍ତି । ସେ' ସାହିରୁ ଅଧିକାଂଶ ଲୋକ ଆମର ଚହ୍ନା, ଜଣା । ଆମ ଜମିରେ, "ନାଗାବନ୍ଧ'ରେ ବର୍ଷାଦିନେ ୨୪ ଘଣ୍ଟା ଜାଲ ବିଛେଇ ମାଛ ସବୁଦିନ ଧରିଥାନ୍ତି । ସେମାନେ ଆମର ଓ ଆମ ଦାଦାଙ୍କର ବାଡିରେ ଥିବା ପୋଖରୀ ମଧ୍ୟ ଲିଜ୍ ନେଇଥାନ୍ତି । ପୋଖରୀ ଶୁଖେଇ ମାଛ ଧରନ୍ତି, ସେ' ଥିଲା ତାଙ୍କର କାମ । ସେତେବେଳେ ପୋଖରୀ ଯନ୍ତରେ ବୋହି ଶୁଖାଉଥିଲେ । ଆଜିକାଲି ଭଳି ଇଲେକ୍ଟ୍ରିକ୍ ମୋଟର ସେତେବେଳେ ନଥିଲା । ଯନ୍ତରେ ଶୁଖାଇବାକୁ ସପ୍ତାହେ କି ବେଶୀ ଲାଗିଯାଏ । ପାଳିକରି ଏକ ସମୟରେ ଦୁଇଟି ଯନ୍ତରେ ଦିନରାତି ପାଣି ବୋହୁଥାନ୍ତି । ବିଲରେ ପଲ୍ଲାକରି ରୁହନ୍ତି । ଛଣ, ବାଉଁସ ବତାରେ ତମ୍ବୁଭଳି କରି ଥାଆନ୍ତି ଓ ତାକୁ "ପଲ୍ଲା' ସେମାନେ କହନ୍ତି । ତା' ଭିତରେ ହେଂସ, ହେଂସ ଉପରେ କନ୍ଥା ପାରି ବିଛଣା କରନ୍ତି ଓ କମ୍ବଳ ଘୋଡେଇ ହେଇ ଶୁଅନ୍ତି । ରୋଷେଇ ବାସ ନିଜେ କରି ଖାଆନ୍ତି । ମୋର ଯାହା

ମନେ ପଡୁଛି ସେମାନଙ୍କ ନାଁ ଥିଲା "କାହ୍ନୁ ମଳକ' ଡାକନାଁ "କାହ୍ନୁଆ', "ନବଘନ ମଳକ' ଡାକନାଁ "ନବଘନଆ', "ବଲ୍ଲଭ ମଳକ' ଡାକନାଁ "ବଲ୍ଲଭା', "ଗଦାଧର ମଳକ', ଡାକନାଁ "ଗଦା', "ଗଦା' ଭାଇ "ସଦାନନ୍ଦ ମଳକ' ଡାକନାଁ "ସଦା' । ମୋ' ପିଲାବେଳେ ବିଭିନ୍ନ ପ୍ରକାରର ମାଛ ଓ ପ୍ରଚୁର ପରିମାଣରେ ମିଳୁଥିଲା । ପ୍ରାୟ ସବୁଦିନେ ସେତେବେଳେ ଆମ ଘରେ ମାଛ ତରକାରୀ ହେଉଥିଲା । ଏକ ପ୍ରକାର ଆଇଁସିଆ ପାଟି ହେଇଯାଇଥିଲା । ମୁଁ ସ୍କୁଲରୁ ଆସି ଶୀଘ୍ର ଦିଟା ଖାଇଦେଇ ଯାଏ ଦେଖିବାକୁ କେମିତି ସେମାନେ ପାଣି ବୋହୁଛନ୍ତି । ସେମାନଙ୍କ ସହ ଭଲ, ମନ୍ଦ, ଦୁଃଖ, ସୁଖ କଥାବାର୍ତ୍ତା ହୁଏ । କେତେ ଅଜବ କାହାଣୀ ସେମାନଙ୍କଠୁ ଶୁଣେ । କେତେ ସତ, କେତେ ମିଛଭଳ ଲାଗୁଥିଲା । କିନ୍ତୁ, ମଜାଳଆ ଥିଲା ମୋପାଇଁ । କେମିତି ଲାଉରେ ବାଳଆ ମାଛ ପକେଇ ସୁସ୍ୱାଦୁ ତରକାରୀ କରି ଖାଆନ୍ତି । ମୋତେ ଏ' କଥା ଶୁଣିଲେ କେମିତି କେମିତି ଲାଗେ । ମୋତେ କହନ୍ତି- "ସାଆନ୍ତେ ତୁମେ ଖାଇଛ ?' ମୁଁ ସେ'କଥା ଶୁଣି ଟିକଏ ହସିଦିଏ । ସିଏ ବୁଝି ଯାଆନ୍ତି ମୋ' ମନକଥା । ଗଦା କହେ "ସାଆନ୍ତେ, ତମେ ଥରେ ଖାଇ ଦେଖ ତାପରେ ତା' ମଜା ଜାଣିବ" । ମୁଁ ବୋଉକୁ ଯାଇ କହେ । ବୋଉଲୋ ! ଲାଉରେ ବାଳଆ ମାଛ ପକେଇ ଥରେ ରାନ୍ଧ । ସେ' ଶୁଣିକି ନଶୁଣିଲା ଭଳି ହସି ଦେଇ ଗୁଲିଯାଏ। ଏହା ଭିତରେ ଅନେକ ବର୍ଷ ବିତି ଗଲାଣି । ସେ' ମହାତ୍ମା ମାନେ ମରି ହଜି ଗଲେଣି । ମୋର ଆମେରିକା ଆସିବାର ୩୬ ବର୍ଷ ହେଇଗଲାଣି । ଗୁହୁଁ ଗୁହୁଁ ମୋତେ ପଞ୍ଚଷଠି ବର୍ଷ ଟପିଗଲାଣି, ଏଯାଏ ସେ' ଲାଉ- ବାଳଆ ମାଛ ତରକାରୀ ଖିଆ ମଜା ଜାଣି ପାରିଲି ନାହିଁ । ମନରେ ଟିକଏ ଅବଶୋଷ ରହିଗଲା । ଏବେ ଆଠ ବର୍ଷ ହେଲାଣି ଆଇଁସ ଖିଆ ନାହିଁ । ତେଣୁ ଆଉ ବାକି ଥିବା ଜୀବନରେ ସେ' ସୁଯୋଗ କେବେ ମିଳିବାର ନାହିଁ। ଏବେ ସେ' ପିଲାବେଳ କଥା ମନେ ପଡିଲେ ବିଚିତ୍ର ଅନୁଭବ ମନରେ ଆସେ । ବାସ୍ତବରେ କେତେ ଗରିବ ନଥିଲେ ସେମାନେ ! କିନ୍ତୁ, ବେଶ୍ ମଜାଦାର ଥିଲେ ! ଏତେ ଦୁଃଖ, କଷ୍ଟ, ଅଭାବ, ଅନାଟନ ଭିତରେ ଗତି କରୁଥିଲେ ମଧ୍ୟ ଟିକଏ ଖୁସି ହେବାର ବାତାବରଣ ସୃଷ୍ଟି କରିବାକୁ ପଛୋଉନଥିଲେ ସମୟ ଓ ସୁଯୋଗ ମିଳିଲେ । ଏ' ମଣିଷ ଜୀବନ ସତରେ କ'ଣ, ସେହିମାନେ ମୋତେ ଶିଖେଇଛନ୍ତି । ସେମାନଙ୍କଠୁଁ ବହୁତ ଶିଖିଛି, ଜାଣିଛି, ପାଇଛି, କିନ୍ତୁ, ପ୍ରତିବଦଳରେ ସେମାନଙ୍କୁ କିଛି ଦେଇପାରି ନାହିଁ,

ସେମାନଙ୍କ ଦୁଃଖରେ କେବେ "ଆହା' ପଦେ କହିପାରି ନାହିଁ । ଆଜି ସେମାନଙ୍କ ପିଲାମାନେ ଅକସ୍ମାତ କେବେ ରାସ୍ତାରେ ଦେଖା ହେଇଗଲେ ଚହ୍ଲା ଦିଅନ୍ତି । ମୁଁ ସେମାନଙ୍କ ସହ ବିପଦ ଦୁଃଖ ସୁଖ କଥା ହେବାକୁ କେବେ କୁଣ୍ଠାବୋଧ କରେନ ।

ସେ' ସମୟରେ ବର୍ଷାଦିନେ ବିଲ, ବାଡି, ପୋଖରୀ ସବୁଆଡେ ପାଣି ହେଇଯାଏ । ଧାନ ବିଲ ସବୁ ବୁଡିଯାଏ । ଆମ ଗାଁ ପାଖରେ କଛି ବଡ କ ଛୋଟ ନଈ ନାହିଁ । ଖରସୁଆ ଓ ବୈତରଣୀ ଗାଁଠୁ ୧୦/ ୧୨ ମାଇଲ୍ ହେବ । ନଈ ବଢି ଆମ ଆଡେ ପ୍ରାୟ ହୁଏନାହିଁ ଓ ଆମେ ହେବାର ଦେଖିନାହୁଁ । କନ୍ତୁ, ତଳୁଆ, ଖାଲ, ଧୋଇଆ ଅଞ୍ଚଳ ନହେଲେବି ତଥାପି ବର୍ଷା ଦିନେ ଅତ୍ୟଧିକ ବର୍ଷାଯୋଗୁ ବିଲ ବାଡି ବର୍ଷା ପାଣିରେ ଛଇଳା ଦେଖାଯାଏ । ପାଣି ଶୀଘ୍ର ନସ୍କାସନ ହେଇ ନପାରିଲେ ଧାନ ପାଣିରେ ଏତେ ଦିନ ବୁଡି ରହିବା ଦ୍ୱାର ଧାନ ନଷ୍ଟ ବହୁତ ହେଇଯାଏ । ବିଲରେ ଧାନ ଧୋଇଗଲେ ଲୋକମାନେ ବହୁତ ଅଭାବ, ଦୁଃଖ, କଷ୍ଟରେ ରହନ୍ତି । ମୋ' ପିଲାବେଳେ ଗରିବମାନଙ୍କ ସଂଖ୍ୟା ମାତ୍ରାଧିକ ଥିଲା । ସେତେବେଳେ ଦିନରେ ତିନ ଓଳ ଯାହା ଘରେ ଖାଇବାକୁ ମିଳୁଥିଲା ସେ' ବଡ ଘରରେ ଗଣା ହେଉଥିଲା । ସବୁ ଗାଁରେ ପ୍ରାୟ ସମସ୍ତଙ୍କର ଗୁଳ, ମାଟି ଘର । ଆମ ପାଖ ଗାଁରେ ଜଣଙ୍କର ଟିଣ ଛପର ଘରଟିଏ ଥିଲା । ପିଲାବେଳେ ମୁଁ ଭାବୁଥିଲି ନଶ୍ଚୟ ତାଙ୍କର ବହୁତ ବଡ ଲୋକ ହୋଇଥିବେ ! କ୍ୱଚତ ଲୋକଙ୍କର କୋଠାଘର ଥିଲା । ଯାହାର କୋଠା ଘର ଥିଲା, ତାଙ୍କ କଥା ଛାଡ । ଆଜି ଗାଁ ସାରା ସମସ୍ତଙ୍କର କୋଠା ଘର ।

ମୋ' ପିଲାବେଳେ ରାଜ୍ୟରେ ଭିକାରିମାନଙ୍କ ସଂଖ୍ୟା ବହୁତ ଥିଲା । ଗାଁ ଗହଳରେ ସେମାନଙ୍କୁ ସବୁଦିନେ ଦେଖିବାକୁ ମିଳୁଥିଲା । ଉପାସ ଭୋକରେ ପେଟ ପୋଡିଗଲା ବେଳେ ଲୋକେ ଅନ୍ୟ ଉପାୟ ନପାଇ ଗାଁ, ଗାଁ ବୁଲି ବାର ଦୁଆର ହେଇ ଭିକ କ ଦି'ମୁଠା ଭାତ ଖାଇବାକୁ ମାଗୁଥିଲେ । ସେ' କଥା ଭାବିଲେ ଆଜିବି ମୋ' ଲୋମମୂଳ ଥରି ଉଠେ, ଆଖିରେ ଲୁହ ଆସେ । ଲୋକେ ପଖାଳ ସାଙ୍ଗରେ ପିଆଜ, ଲଙ୍କା, ଲୁଣ ଲଗେଇ ଖାଇବାର ମୁଁ କେବଳ ଶୁଣିନାହିଁ, ମୋ' ନଜ ଆଖିରେ ଦେଖିଛି ମଧ୍ୟ । ଛୋଟ ପିଲାଙ୍କଠୁ ଆରମ୍ଭ କରି, ବୟସ୍କ ସ୍ତ୍ରୀ ଓ ପୁରୁଷମାନେ ଭିକାରିମାନଙ୍କ ମଧ୍ୟରେ ଥିଲେ ।

ଝିଅଟିଏ । ଗରିବ ନିଷ୍ଟୟ । ମୁଣ୍ଡର ନୁଖୁର୍ ବାଳ, ଫରଫର । ବେଶବାସ ଦେଖିଲେ ସବୁ ଜାଣି ହେଇଯିବ । ମୋ' ଦେଖିବାରେ ଆମ ଘରକୁ ୫/ ୬ ବର୍ଷରୁ ୧୦/ ୧୨ ବର୍ଷ ପଯ୍ୟର୍ନ୍ତ ଭିକମାଗି ଆସିବାର । ପରେ ମୁଁ ଜାଣିଲି ଯେ ସେ' ଝିଅଟି ଘର ହେଉଛି "ଗୋଖା' ସାହିରେ । ବାରମ୍ବାର ସବୁଦିନ ତାକୁ ଆମ ପିଣ୍ଡାରେ ଭିକମାଗିବାର ଦେଖି ଦିନେ ମୁଁ ତାକୁ ଗୋଡେଇଲି । ମୁଁ କହିଲି - ତୁ ଆଉ କା' ଘରକୁ ଯାଆ । ଆଜି ଆମ ଘରୁ କିଛି ମିଳିବନି । ଆମ ସାମ୍ନାଘରୁ ମୋର ଜଣେ ଦାଦା, ଯିଏକି ମୋଠୁଁ ବୟସରେ ବେଶ୍ ସାନ ହେବେ ସେ' ତାଙ୍କ ଘରୁ ବାହାରି ଆସିଲେ ମୋ' ପାଟି ଶୁଣି ଓ କହିଲେ ମୋତେ - ଏ' ଝିଅ ତୁମ ବିଲରୁ ଦି ଦିନ ତଳେ ଧାନ ବିଡା ଚୋରି କରିବାର ମୁଁ ଦେଖିଛି । ସେ' ଝିଅ ନାଁ, ନାଁ କରୁଥାଏ । ମୋ ଦାଦା ହଁ, ହଁ ତୁ ଚୋରି କରୁଥିଲୁ ମୁଁ ନିଜେ ଦେଖିଛି ବୋଲି କହୁଥାଏ, ରାଣ, ନିୟମ ପକେଉଥାଏ । ଏ' କଥା ଶୁଣି ମୋର ରାଗ ଟିକେ ଆହୁରି ବଢିଗଲା । ମୁଁ ଏତେ ରାଗି ଯାଇଥିଲି ଯେ ତା' ହାତ ଧରି ଟାଣିଲି ଆମ ଦୁଆରୁ ନେଇଯିବାକୁ କିନ୍ତୁ, ସେ' ନଯିବାକୁ ଚେଷ୍ଟା କରୁଥାଏ । ମା' ମା' ଡାକି କାନ୍ଦୁଥାଏ । ବୋଉ ବୋଧହୁଏ ବାଡିରେ ଥିଲା । ମୁଁ କାହା ଉପରେ ରାଗି ପାଟି କରୁଛି ଶୁଣି ଆସି ପହଞ୍ଚିଗଲା । ବୋଉ ଏସବୁ ଦେଖି ମୋ' ଉପରେ ପାଟିକଲା, ସେ' ଝିଅଟିକୁ ଛାଡି ଦେବାକୁ କହିଲା । ମୁଁ ରାଗରେ କହୁଥାଏ ମୁଁ ଦେଖିବି କେମିତି ସେ' ଆମ ଘରୁ ଆଜି ଖାଇବ । ମୋ' ହାତ ଧରି ଟାଣିଟାଣି ଘରକୁ ମୋତେ ନେଇଗଲା ବୋଉ । କହିଲା "ସେ' ଅନାଥ ପିଲାଟିଏ । ତା' ର ବାପା- ମା' କେହି ନାହାଁନ୍ତି । ତୁ କାହିଁକି ତା' ହାତଧରି ଟାଣୁଥିଲୁ ? ତୋର ଟିକିଏ ହେଲେ ଲାଜ ସରମ ନାହିଁ" ? ମୁଁ ବୋଉକୁ କହିଲି - ତୁ କେମିତି ଜାଣିଲୁ ତା'ର ବାପା- ମା' ନାହାଁନ୍ତି ବୋଲି ? ବୋଉ କହିଲା- "ମୁଁ ନିଜେ ପରା ମା'ଟିଏ । ମୁଁ ଜାଣି ପାରିବିନି ଆଉ ତୁ କ'ଣ ମୋ'ଠୁ ବେଶୀ ଜାଣିଛୁ ନା ଜାଣିବୁ? " ବୋଉ ମୋ' ଉପରେ ରାଗିଗଲା ଓ କହିଲା - "ମୁଁ ଯେତେ ଦିନ ଏ' ଘରେ ଅଛି ଓ ଜୀବିତ ଅଛି ସେତେ ଦିନ ପର୍ଯ୍ୟନ୍ତ ମୁଁ କାହାକୁ ମୋ ପେଟରୁ କାଟି ଯଦି କାହାକୁ ଦି'ମୁଠା ଖାଇବାକୁ ଦିଏ, ତେବେ ତୁମମାନଙ୍କର ସେଥିରେ କିଛି ଆପତ୍ତି ଅଛିକି ? ତୁମେମାନେ କେହି କେବେ ସେତେବେଳେ ମୋତେ ବାଧା ଦେବନି । ଏ' ହେଉଛି ମୋର ନିଷ୍ପତ୍ତି । ଏ'

ଘରୁ କେହି ଭିକାରି ଖାଲି ହାତରେ କେବେ ଫେରିବେନି । ସେମାନେ ଜାଣିଛନ୍ତି ଆଉ କେଉଁ ଘରୁ ଏ' ଗାଁ'ରୁ ମିଳୁ ତ ନମିଳୁ, ଏ ଘରୁ ମିଳବ । ସେ' ଭରଷା କରି ସେମାନେ ଆସୁଛନ୍ତି । ମୁଁ କେମିତି ଶୂନ୍ୟ ଥାଳରେ ସେମାନଙ୍କୁ ବିଦା କରିଦେବି ? ସେମାନଙ୍କ ନିଶ୍ୱାସ ତ ମୋ' ଉପରେ, ମୋ' ପିଲାଛୁଆ ଓ ପରିବାରଙ୍କ ଉପରେ ପଡିବ । ଈଶ୍ୱର ବି ମୋତେ କ୍ଷମା ଦେବେନି । ସେମାନଙ୍କୁ ଖାଇବାକୁ ଦେଲେ ଈଶ୍ୱର ମୋ' ପିଲାଙ୍କୁ କେବେ ଉପାସ ଭୋକରେ ରଖିବେନି । ଏ' ବିଶ୍ୱାସ ମୋର ଅଛି । ତୁମେ ଯେବେ ନିଜେ ଘରଦ୍ୱାର କରିବ, ତୁମ ନିଜ ଘରେ କେଉଁ ଗରିବ ଓ ଅଭାବୀ ମଣିଷକୁ ଦି'ମୁଠା ଖାଇବାକୁ ଦେବ କି ନାହିଁ ସେ ହେଉଛି ତୁମମାନଙ୍କର ଇଚ୍ଛା । ମୁଁ ସେତେବେଳେ ବଞ୍ଚିଥିଲେ ତୁମମାନଙ୍କୁ କେବେବି ବାଧା ଦେବିନି, ତୁମ କଥାରେ ଯୁକ୍ତି କରିବିନି କି ତୁମ କଥାରେ କଥା କହିବିନି'' । ଏ' କଥା ଶୁଣି ସେଦିନ ମୋ' ଅନ୍ତର ତରଳି ଯାଇଥିଲା । କିନ୍ତୁ, ବାହାରକୁ ମୁଁ ତାଉ ଖାଇ ବୋଉ ଉପରେ ଗର୍ଜୁଥାଏ । ମୁଁ ସେଦିନ କହିଥିଲି - ବୋଉ ! ଦେଖିଲୁଣି ତୁ ନିଜକୁ ! ଦେଖ ! ତୋ' ନିଜ ଚେହେରା କ'ଣ ହେଲାଣି ? ତୁ ନିଜପାଇଁ କିଛି ତରକାରୀ ନରଖି ସବୁ କେମିତି ଦେଇଦେଉଛୁ ? ଖଟା, ଗୁଡ ଲଗେଇ ନିଜେ ଖାଉଛୁ ? ଏ' କି ବଦାନ୍ୟତା ? ବୋଉ ସେଦିନ କିଛି ନ କହି ଚୂପ୍ ହେଇଯାଇଥିଲା । ଏ କଥା ସତ କି ମିଛ, ଗଦା ଓ ସଦାଙ୍କୁ ପଚାରି ବୁଝିଲି ଯେ ସେ' ଝିଅଟି ବାସ୍ତବରେ ବାପ- ମା' ଛେଉଣ୍ଡ । ବୋଉ କେମିତି ସେ' ଖବର କାହାଠୁଁ ପାଇଥିଲା କେଜାଣି ? ବୋଧହୁଏ ମା'ମାନଙ୍କୁ ସବୁକଥା ଜଣା ।

ହାଇସ୍କୁଲ ପାଠସାରି ମୁଁ କଲେଜରେ ପାଠ ପଢିଲି ୟୁନିଭରସିଟିରେ ପଢିଲି, ଚାକରି କଲି ଓ ବାହାରେ ଯାଇ ରହିଲି, ତେଣୁ, ମୁଁ ସେ' ଝିଅଟିକୁ ଆଉ ଦେଖିବାର ସୁଯୋଗ ମିଳିଲାନି । ବୋଉ ଅନେକ ଦିନ ହେଲା ସଂସାର ଛାଡି ଚାଲି ଗଲାଣି । ବୋଉ ଗୋଟିଏ ଅଭାବୀ ଘରରୁ ଆମ ଘରକୁ ଆସିଥିଲା ବୋହୂଟିଏ ହେଇ । ମୁଁ ଭାବୁଛି ତା' ପିଲାବେଳେ ସେ' ବୋଧହୁଏ ଅଭାବ କେତେ ଦେଖିଛି, ଭୋକ, ଉପାସରେ ରହିଛି, ପେଟ ପୋଡିଗଲେ କେମିତି ଲାଗେ ଅନୁଭବ କରିଛି । ସେଥିଲାଗି ସେ' ବଞ୍ଚିଥିଲା ବେଳେ କେବଳ ସେ'

ଗରୀବ ଭିକାରୀ ଝିଅଟି ପ୍ରତି ନୁହେଁ ଅନ୍ୟ ସମସ୍ତ ଭିକାରୀମାନଙ୍କ ପ୍ରତି ଅନୁକଂପା ଦେଖେଇ ଆସିଛି । ତା' ଭଳ ମା' କୋଳରୁ ଜନ୍ମ ନେବା ଏକ ସୌଭାଗ୍ୟ, କେଉଁ ପୂର୍ବ ଜନ୍ମର ଫଳ । ଆଜି ମୋତେ ପଞ୍ଚଷଠି ବର୍ଷ ଟପିଲାଣି । ମୋର ପୁଅ' ଝିଅ ଦୁଇଟି । ଆମେରିକାରେ ରହିବା ୩୬ ବର୍ଷ ହେଲାଣି । ଇଶ୍ୱରଙ୍କ କୃପାରୁ ପିଲାବେଳେ ଦେଖିଥିବା ଅଭାବ ଆମ ଅଞ୍ଚଳରେ ନା ଆମେ ଏବେ ଏଠି ଦେଖୁଛୁ ନା ଆମ ପିଲାମାନେ କେବେ ଅଭାବ ଦେଖିଛନ୍ତି । ପିଲାମାନଙ୍କୁ ସେକଥା କହିଲେ ସେମାନେ କହନ୍ତି- "ସେ ଥିଲା ତୁମର ଜୀବନ । ଆମକୁ କହିଲେ କ'ଣ ଲାଭ ? ଫଳ କଛି ହେବନ" । ମୁଁ ଏକଦମ୍ ଚୁପ୍ ହେଇଯାଏ । ସତରେ, ଏମାନଙ୍କୁ କହିଲେ କ ଲାଭ ? ବରଂ ପଥରକୁ କହିଲେ ପଥର ଏକଥା ଶୁଣିପାରେ, ପଥର ଦେହରୁ ଲୁହ କଛି ଝରିପାରେ ? ମୁଁ ବେଳେବେଳେ ଭାବେ ମୋ' ବାପା- ବୋଉ ଆଦୌ ପାଠଶାଠ ନପଢି ଏତେ ଜ୍ଞାନର ଅଧିକାରୀ କେମିତି ହେଇପାରିଥିଲେ ? କେମିତି ସେମାନେ ଜାଣିଥିଲେ ଯେ ଦିନେ ସେମାନେ କାହାକୁ ଅଭାବ, ଅସୁବିଧାରେ ସାହାଯ୍ୟ କରିଥିଲେ କ କେଉଁ ଭିକାରୀକୁ ମୁଠେ ଖାଇବାକୁ ଦେଇଥିଲେ ଦିନେ ନା ଦିନେ ଇଶ୍ୱର ସେମାନଙ୍କ ପିଲାମାନଙ୍କୁ ଉପାସ, ଭୋକରେ ରଖିବେ ନାହିଁ । ବରଂ ବହୁତ ସୁଖରେ ରଖିବେ । ଏ" କଣ କେବଳ ସମ୍ଭବ ସେମାନଙ୍କର ଇଶ୍ୱରଙ୍କ ପ୍ରତି ଥିବା ଅଗାଢ ବିଶ୍ୱାସ ଯୋଗୁ ? ନା ସତରେ ଇଶ୍ୱରଙ୍କର ଏଥିରେ କଛ ହାତ ଅଛି ? ଏ' ପ୍ରଶ୍ନର ଉତ୍ତର ମୋ' ପାଖରେ ନାହିଁ । ପାଠକମାନେ ବିଗ୍ଭର କରନ୍ତୁ ।

( ଏ' ଏକ ବାସ୍ତବ ଘଟଣା ଉପରେ ଆଧାରିତ )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବିଦାୟ



ସାଗର ପ୍ରଧାନ

ବିଦାୟ ବି ଅଦିନିଆ ବର୍ଷା ପରି
ଅଜାଣତେ ବହିଯାଏ ଅଶ୍ରୁ ଧାର
ହୃଦୟ ଅନ୍ତରୁ ଉଠେ କୋହ ସବୁ
ସମୁଦ୍ରେ ତରଙ୍ଗାୟିତ ଉର୍ମି ପରି ।

ତରୁ ବୃନ୍ତ ଡାଳୁ ପକ୍ଷୀ ନିଡ ପରି
ଭାଙ୍ଗି ଯାଏ ହସ ଖୁସି ଦିନ ସବୁ
ଆଖିରେ ନାଚ ଉଠେ ବିଗତ ସ୍ମୃତି
ବର୍ଷାଜଳ ସାଥିରେ ଫୋଟକା ପରି ।

ଜିମୂତେ ଚକତ ସୌଦାମିନୀ ପରି
ମନ ତଳେ କମ୍ପିତ ହୁଅଇ ଶଙ୍କା
ଜୀବନେ ମିଳନ ହୋଇବ କି ନାହିଁ
ମେଘ ବିନା ଭ୍ରମିତ ମୟୁରୀ ପରି ।

ପାତ୍ରପୁର, ଗଂଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ବାପା



ସତ୍ୟବ୍ରତ ପ୍ରଧାନ

ଦୁଃଖକୁ ଲୁଭ କରି
ତୁମେ ବାଟ ଗ୍ଭଲିପାର

ଦାରିଦ୍ର୍ୟକୁ ଅଣ୍ଟିରେ ପୂରେଇ
ତୁମେ ହସ ବାଣ୍ଟି ପାରେ....

ଉପାସର ନାଆଁ ନେଇ
ତୁମେ ଖାଦ୍ୟ ସଂଚପାର

ଭୋଗ ଥାଳରୁ
ଛୁଟ୍ କାର୍ ପାଇଁ
ତୁମେ ଘରେ ପୂଜା କର....

ସତରେ ବାପା
ଅଭିନ୍ନ ମଣିଷ ତୁମେ

ହଳେ ସଫେଦ୍ କୁର୍ତାରେ
ତମାମ ବର୍ଷ କାଟିପାର

ଫାର୍ମାସିଷ୍ଟ,
ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଭିନ୍ନ ଏକ ସାରଥି

ଜଗନ୍ନାଥ ତରେଇ

ଆସ ଆସ ବାବୁ ଆସ ଆସ ଭାଇ
ଯାନରେ ବସାଇ ନେବି
ଅଫିସି ଯିବ କ ବୁଲିବାକୁ ଯିବ
ରଥରେ ସାରଥି ହେବି
ମୋ ରଥରେ ନାହିଁ ଘୋଡା କ ବଳଦ
ନଜେ ମୁଁ ତାଙ୍କରି ପରି
ସଂସାର ରଥକୁ ଚଳାଇବା ପାଇଁ
ଗ୍ଭଲିଛି ସଂଗ୍ରାମ କରି
ହାତ ପତାଇବା ଶିଖିନାହିଁ କେବେ
କରୁଛି କଠିନ ଶ୍ରମ
ଆସନ୍ତୁ ବାବୁ ହେ ବସନ୍ତୁ ରିକ୍ସାରେ
ହେବ ତୁମ ବଡ ଧର୍ମ
ରଖିଥିଲ ଦିନେ ମୋ ଠାରେ ଆଦର
ଆଜି ହତାଦର କଆଁ
ନ ବସିଲେ କେହି ଯାନରେ ମୋହର
ଜଳେନା ଚୁଲିରେ ନଆଁ

ଯେତେ କଷ୍ଟହେଲେ ଦାନ୍ତକୁ କାମୁଡି
ଗାଡି ମୋ ଗଡାଇ ନେବି
ଗନ୍ତବ୍ୟ ପର୍ଯ୍ୟନ୍ତ ମିଠା କଥା କହି
ତୁମକୁ ହସାଉ ଥିବି
ଦ୍ରୁତ ଯାନ ଛାଡି ଥରୁଟିଏ ବାବୁ
ଆସ ମୋ ରିକ୍ସାରେ ବସ
ତୁମରି ଟଙ୍କାରେ ମୋ ଛୁଆ ମୁହଁରେ
ଫୁଟିବ ଖୁସିରେ ହସ
ଏପରି ରଥର ସାରଥି ଅଟେ ମୁଁ
ଭାବନାରେ ଯାଏ ହଜି
ଜୀବନ ଯୁଦ୍ଧରେ ଆଗେଇ ଯିବାକୁ
ପାଏନା ଯୋଦ୍ଧାଙ୍କୁ ଖୋଜି

ଜଗନ୍ନାଥ ତରେଇ
କୁଳଅଣା, ମୟୂରଭଞ୍ଜ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# କାଳି



ସୀତାରାମ ଦାଶ

ବିବାହର ଅନେକ ଦିନ ବିତିଗଲା ପରେ ବି ମୁଁ କାଳି କୁ ଭୁଲିପାରିନି । ବେଳେ ବେଳେ ତାର ସ୍ୱାଭିମାନ, ତାର ଭଲ ପାଇବା ଓ ତାର ସେଇ ନିରୀହ ଆଖି ମାନସ ପଟରେ ପୁନେଇର ଜହ୍ନ ପରି ଉଙ୍କି ମାରେ । କଣ ପାଇଁ କେଜାଣି କିଛି ଭଲ ଲାଗେନି ।

ବାହାଘରର ଦିନେ କି ଦୁଇ ଦିନ ପର କଥା। ମିତା ନିଜ ଘରୁ ଫୋନ ଆଣିନଥାଏ। ତାଙ୍କ ଘର ଏବଂ ବନ୍ଧୁବାନ୍ଧବ ଙ୍କ ଫୋନ ମୋ ପାଖକୁ ଆସେ। କିଛି ଜଣା ଆଉ କିଛି ଅଜଣା ହେଲେ ମୁଁ ଭାରି ବିରକ୍ତ ହୁଏ। ପ୍ରଥମେ ଭୋଜି ପାଇଁ ବ୍ୟସ୍ତତା ଏବଂ ଦ୍ୱିତୀୟରେ ବରଯାତ୍ରୀ ଙ୍କ ନାଚକୁ ନେଇ ହୋଇ ଥିବା ବିବାଦ (ବିବାଦ କେବଳ ଗାଁ ଲୋକଙ୍କ ଯୋଗୁ ହୋଇଥିଲା) । ମିତାକୁ ଦେଖେଇ ଦେଖେଇ କେତେ ଥର କହି ବି ଦେଇଛି "ଏମିତି ଭଲ ପାଆନ୍ତି ନା ଲୋକଙ୍କୁ ଦେଖାଇବା ପାଇଁ ନାଟ" ହେଲେ ଆଜି ଜାଣୁଛି ମୋ ଝିଅ ଟିକଏ ବିଳମ୍ବ ରେ ସ୍କୁଲ ରୁ ଆସିଲେ ମନ କେତେ ବ୍ୟସ୍ତ ହୁଏ। ମିତା ଘର ଲୋକଙ୍କ ସହ କଥା ହେବା ସମୟରେ ପ୍ରାୟ "କାଳି" କଥା ପଚାରେ । ଶଶୁର ଘରେ କାଳି ନାମକ କେହି ସଦଶ୍ୟ ମୁଁ ଜାଣିବାରେ ନାହାଁନ୍ତି। କିଏ ହୋଇଥିବ ମୁଁ ବି ଏତେ ଗୁରୁତ୍ୱ ଦିଏନି । ଭୋଜି ଭାତ ବି ସରିଗଲା । ବନ୍ଧୁବାନ୍ଧବ ବି ଧୀରେ ଧୀରେ ଚାଲିଗଲେ।

ସପ୍ତମଙ୍ଗଳା ପରେ ପରେ ଶଶୁର ଘର ବୁଲିବାକୁ ବାହାରିଲୁ। ଯେହେତୁ ଏଇଟା ମୋର ପ୍ରଥମ ଥର ତେଣୁ ପ୍ରସ୍ତୁତି ବି ସେଇ ଅନୁସାରେ ଜୋର ସୋରରେ ହୋଇଥାଏ। ଯେହେତୁ ମୁଁ ବିଖ୍ୟାତ କଟକ ରୁ ଅଖ୍ୟାତ ପଲ୍ଲୀ ମୋ ଶଶୁର ଘର କୁ ଯାଉଥାଏ ମୋ ମନରେ ବି ଖୁବ ଆତ୍ମସନ୍ତୋଷ ଓ ଅହଙ୍କାର ଥାଏ। ଯିବା ବାଟରେ ଦୁଇ ତିନି ଥର ମିତାକୁ ପଚାରି ସାରିଥାଏ ବାଟ ସୁବିଧା ତ, ଗାଡି ଯାଇ ପାରିବ। ବାଟ ତ ମୁଁ ଜାଣିଥାଏ ତଥାପି ନିଜର

ଚରିତ୍ର ସ୍ୱଭାବ ର କୁପ୍ରଭାବ । ମିତା "ହଁ ଯାଇ ହେବ ବାଟ ଏତେ ଖରାପ ନୁହେଁ" କହି ଟିକେ ହସି ଦେଲା । ମତେ ଲାଗିଲା ଯେମିତି ମୋ ମନ କଥା କୁ ଭଲ ଭାବେ ଜାଣି ନେଇଛି। ବାଟରୁ କଛି ମିଠା ମିଠି ନେଇ ପହଞ୍ଚିଲୁ।


ଖୁବ ଭିଡର ଆସର ଆମ ଗ୍ରରିପଟ । ଗହଳ ଚହଲି ଆଦୌ ଭଲ ଲାଗୁନଥିଲା ମତେ। ମିତାର ସାନ ଭଉଣୀ ଘରକୁ ଆସୁ ଆସୁ କହିଲା "ନାନୀ ତୁ ଗଲାଦିନୁ କାଳ ବି କୁଆଡେ ଗ୍ରଲି ଯାଇଥିଲା। ଆଜି ଆସିଛି, କେମିତି ଜାଣିଲା କେଜାଣି ତୁ ଆସିଛୁ ବୋଲି"। ତା କଥା ଶୁଣି ମିତା ବି କହିଲା ମୁଁ କେତବେଳୁ ଦେଖିଲାଣି, ଆଉ ତାକୁ ଖାଇବାକୁ ବି ଦେଇ ସାରିଲାଣି। ତା ପରେ ଜାଣିବାକୁ ପାଇଲି କାଳ ହେଉଛି ଗୋଟେ ବୁଲା କୁକୁର। କେବେଠୁ ଆସି ଅଛି, ଏ ଘରେ। କେହି ଜଣେ ବାଡେଇ ଗୋଡ଼ ଭାଙ୍ଗି ଦେଇଥିଲା । ବାରିପଟେ ଗୋଟେ ଜାଗାରେ ଶୋଇରୁହେ। ସମସ୍ତଙ୍କ ଅନଚ୍ଛା ସତ୍ତ୍ୱେ ମଧ ମିତା ଖାଇବା ପିଇବା ଦିଏ ଗୋଟେ ଛେଲୁଆରେ ( ମାଟି ହାଣ୍ଡିର ଭଙ୍ଗା ଅଂଶ) । କୁକୁର ଟି ବି ଧୀରେ ଧୀରେ ପାଲଟି ଯାଇଛି ମିତାର ଅତି ଆପଣାର। ବାରି ପଟେ ଜଗିରହେ ସଦା ସର୍ବଦା ଖାଉ ନ ଖାଉ, ହେଲେ ଗାଁ ରେ କାହା ଘରେ ପଶେନ ଖାଇବାକୁ। ଭଙ୍ଗା ଗୋଡ଼ ବି ଠିକ ହୋଇଥିଲା ଧୀରେ ଧୀରେ। ଏମିତି କ ଖାଇବା ବାସନରେ ଦେଲେ ବି କେବେ ମୁହଁ ମାରିବନ। ଏବେ ସମସ୍ତଙ୍କ ପ୍ରିୟ କାଳ ଘରେ ଆଉ ବାହାରେ।

ମୁଁ କହିଲି "ଖାଇବାକୁ ଦେଇ ନ ଥିବ ଆଉ କଣ ମରିଥାନ୍ତା ଏଠି ରହି" । ମିତା ହସିଦେଇ କହିଲା "ମୋ କାଳ ଭାରି ସ୍ୱାଭିମାନ"। ଆଉ ମଣିଷ ମାନଙ୍କ ପରି ସ୍ୱାର୍ଥପର ନୁହେଁ। ମୁଁ କଥାଟା ହଜମ କରିପାରିଲିନ। ହଉ ଦେଖିବା କହି ହାତରେ ଦୁଇଟି ରସଗୋଲା ନେଇ ବଡ଼ ସରଧାରେ ରେ କଳକୁ ଡାକ ଡାକ ବାହାରକୁ ଆସିଲି । କାଳ ମତେ ଦେଖୁ ଦେଖୁ ଭୋକ ଭୋକ ଟିକେ ଦୂରକୁ ଗ୍ରଲିଗଲା ଯେମିତି ବାହାରେ ଥାଇ ସବୁ ଶୁଣିଛି । ମୁଁ ଖଣ୍ଡେ ପତ୍ରରେ ରସଗୋଲା କୁ ରଖିଦେଇ ଆସିଲି ହେଲେ କାଳ ସେମିତି ଭୋକୁଥାଏ। ମୋ ମନଟା ଟିକେ ପିତା ହୋଇଗଲା। ମିତା ବି ଟିକେ ହସିଦେଲା ସବୁ ଜାଣିଲା ପରି। ମୋ ପାରିବା ପାଣିଆଟା ହାରିଯାଇଥିଲା କାଳ ପାଖରେ । ଫେରିବା ପୂର୍ବରୁ ସମସ୍ତଙ୍କ ଅଲକ୍ଷ୍ୟରେ ସେଇ ରସଗୋଲା ଟିକୁ ଦେଖିନେଲି କାଳ ଖାଇଛି ନା ନାଇଁ । ହେଲେ ବହୁତ ଗୁଡ଼ାଏ ପିମ୍ପୁଡ଼ି ଲାଗି ଯାଇଥିଲେ ସେଥିରେ।

ସମୟ ସ୍ରରିଟା ହେଲାଣି । ଫେରିବାକୁ ହେବ । ଟିକେ କାନ୍ଦ କଟା ବି ହୋଇଗଲାଣି ମା ଓ ଖୁଡି ମାନଙ୍କର । ସବୁ ସ୍ନେହ ଶ୍ରଦ୍ଧା କୁ ଛାଡି ଆମେ ଲେଉଟିଲୁ। ଫେରିଲା ବେଳେ ମୁଁ ଘର ସ୍ଥବି ଛାଡି ଆସିଥିଲି ଟେବୁଲ ଉପରେ । ଗାଁ ମୁଣ୍ଡରେ ମନେପଡ଼ିଲା । ପୁଣି ଫେରିବାକୁ ମନା କରି ମିତା ଘରକୁ ଫୋନ କଲା ସ୍ଥବି ପାଇଁ । ମୁଁ ଗାଡି ରାସ୍ତା କରରେ ରଖି ଅପେକ୍ଷା କଲି। ମିତା କାହାସହ କଥା ହେବା ଶୁଣି ପଛକୁ ଦେଖିଲା ବେଳକୁ କାଳ ଗାଡିର ଡୋର ପାଖରେ । ମିତା ତାକୁ କେତେ କଣ କହୁଛି । ମୁଁ ବିରକ୍ତ ହୋଇ କହିଲି ଲୋକ କଣ ଭାବିବେ । ବାଟରେ ଏମିତି କୁକୁର ସହିତ ଏତେବଡ଼ ପାଟିରେ କଥା ହେଉଛ । ମିତା ବି ବେଶ ସହଜରେ କହିଦେଲା ଏ ମୋ ବାପ ଘର ଗାଁ । ମୁଁ କଣ ଏ ଗାଁର ବୋହୁ କ ଲାଜ କରିବି । କାଳର ଭଲପାଇବା ତମେ ବୁଝି ପାରିବନ । ମୁଁ ନିଜକୁ ନିରବ ରହିବାକୁ ଉଚିତ ମଣିଲି । ମୁଁ ବି ଗାଡିର କଳା କାଚ ଭିତରେ କାଳ ଆଖିର ଦୁଃଖ କୁ ଦେଖି ପାରିଲି । ଲୁହ ନ ଝରିଲେ ବି ଲୁହରେ ଭରି ଯାଇଥିଲା ଆଖି ଦୁଇଟି । ସେଠି ବି ହାରିଗଲି କାଳ ପାଖରେ। ଯା ଭିତରେ ସ୍ଥବି ଆଣି ଦେଇଗଲା ମିତାର ସାନ ଭାଇ । ମୋ ମନର ଗର୍ବ ଅହଙ୍କାର ହଜିଯାଇଥାଏ କାଳ ପାଖରେ । କାଳ ପାଇଁ କିଛି ବିସ୍କୁଟ କିଣିନେବା ପାଇଁ କିଛି ଟଙ୍କା ଧରେଇ ଦେଲି ଶାଳକ ମହାଶୟ ଙ୍କୁ । ମନଟା ଟିକେ ଦବିଯାଇଥାଏ । ବାଟରେ ଖାଲି କାଳର ସ୍ୱାଭିମାନ, ତାର ଭଲପାଇବା ଓ ସେଇ ନିରୀହ ଆଖି ନାଚ ଉଠୁଥାଏ ମନରେ ।

ଘରକୁ ଆସିବାର କିଛି ଦିନ ପରେ ଦିନେ ଫୋନ କରି ପଚାରିଲି "କାଳକୁ ବିସ୍କୁଟ ଦଉଛ ନା ନାଇ । ସେପଟୁ ଶୁଣିବାକୁ ମିଳିଲା ବିସ୍କୁଟ ସବୁ ସେମିତି ଥୁଆ ହୋଇଛି । ନାନୀ ଯିବା ପରଠୁ କାଳ ଆଉ ଆସିନି।

ସାନମୂଳାଇ, ଗୋବିନ୍ଦପୁର, କଟକ



# ଲୁହ



ସୌମ୍ୟ ରଞ୍ଜନ ପାଲ

ଆକସ୍ମିକ ସୁଖେ ଅବା କାଳ ଦୁଃଖେ
ଆପେ ଆସେ କଅାଁ ଝରି,
ବିରଳ ସମୟେ ରହିଯାଏ ମନେ
କରି ସବୁ ଅକ୍ଷି ଗ୍ଲେରି ।
ସଂପର୍କ ସବୁଠି ପାଣିଚଆ ଲ୍ଗେ
ସ୍ୱାଦ ରହେନାହିଁ ଆଉ,
ଗଣ୍ଠି ପଡିଯାଏ ମାନସ ମନ୍ଦିରେ
ଦିଶେ ଖାଲି ଦାଉ ଦାଉ ।
ଧୋଇଦିଏ ସବୁ ଆବର୍ଜନା ସିଏ
ରଖେନାହିଁ ବେଦନ କୋଣେ,
ବୁଝିବେକ କେହି ଆଭ୍ୟନ୍ତର ଦୁଃଖ
ଏକଥା ସେ ଭଲ ଜାଣେ ।
ଭୁଲି ପରିହାସ ପ୍ରଦାନେ ସାହସ
ଗ୍ଲିବାକୁ ବାଟ ଏକା,
ଝୁଣ୍ଟିଗଲେ ପୁଣି ଅବାଟରୁ ଆଣି
କହେ ତୁହି ବଡ ବୋକା ।
ହେଉ ଯାହା ପଛେ ଜୀବନ ହିଁ ବାଛେ
କେଉଁ ଜୀବଟି ତୁମ୍ଭର,
କେତେ ଖୁସି ଭ୍ଗ କେତେ ଲୁହ ଦାଗ
କଏ ତୁମ ସହଚର ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା।

# ଜୀବନ ଖେଳ

ଶଙ୍କର୍ଷଣ କର

ଅନ୍ଧାର ଆଲୁଅ ଖେଳ ଖେଳେ ଏଠି
ଏଇତ ଜୀବନ ଖେଳ,
ସଂସାର ଭିତରେ ଘର କରିଥିଲେ
ଆସିବ ଦିନେ ଏ ବେଳ ।

ହସ କାନ୍ଦ ଦୁଇ ଜୀବନର ଗୀତି
ଗାଉଥାଏ ଅବିରତ
ସୁଖ ଏଠି ସଦା ପ୍ରଶ୍ନ ପତ୍ରରେ
ଦୁଃଖତ ଜୀବନେ ମିତ ।

ଜୁଆର ଭଟ୍ଟାତ ନୀୟତିର ଖେଳ
ଜୀବନେ ଆସିବ ଯିବ
ଲକ୍ଷପଥ ଯଦି ଅନ୍ତିମ ପଥଟେ
ସଫଳତା ହିଁ ମିଳବ ।

ଲାଭ କ୍ଷତିର ହିସାବ ନରଖି
କର୍ମେ ହେବା ଅଗ୍ରସର
ଭାଗ୍ୟକୁ ଆଦରି କର୍ମ ନକରିଲେ
ସଂସାର ହେବ ଅସାର ।

ସରଗ ନରକ ଶେଷ ଭୋଗଶେଷ
ଭୋଜକତ ଏଠି କର୍ମ
କୁକର୍ମକୁ ତେଜି ସୁକର୍ମେ ହରିଲେ
ଭୋଗଫଳ ହେବ ଧର୍ମ ।

କମାରପାଳ, କୁଳଅଣା, ମୟୂରଭଞ୍ଜ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ହେ ନବବର୍ଷ

ଶାନ୍ତନୁ କୁମାର କର୍ଣ୍ଣ

ରାତ୍ରିର ନିସ୍ତବ୍ଧ ପ୍ରହରରେ
ପୃଥିବୀର ଅଗଣାସାରା
ଜନ୍ମ ନବ
ଠିକ ବନ୍ଦୀଶାଳାରେ
ଶ୍ରୀକୃଷ୍ଣଙ୍କ ଜନ୍ମପରି
ସଦ୍ୟଜାତ ନବବର୍ଷ ।
କେଜାଣି କ ବାର୍ତା ଦେବ
ଏ ନବବର୍ଷ
ସୁଖଦ ନା ଦୁଃଖଦ !
ଶୁଭ ଶଙ୍ଖର ଧ୍ୱନୀରେ
ପୂର୍ଣ୍ଣତା ଆଣିବ ନା
ବୋମା ବନ୍ଧୁକର
ଢୋ ଢୋ ଶବ୍ଦରେ
ଚମକାଇ ଦେବ ।
ବାପୁ ଙ୍କ ସ୍ୱପ୍ନର
ରାମରାଜ୍ୟର ଆଶାକୁ
ସାକାର କରିବ ନା
ଭାଙ୍ଗିଦେବ
ସ୍ୱପ୍ନର ତାଜମହଲ ।
ହେ ନବବର୍ଷ
କୁହ ତୁମେ
କ' ବାର୍ତା ଦେବ
ଏଥର ଆମକୁ
ସୁଖଦ ନା ଦୁଃଖଦ ?

ଜୟପୁର, ବିରମହାରଜପୁର,ସୋନପୁର- ୭୬୭୦୧୮

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ବାହୁଦା ନଈର ଏପାଖେ ସେପାଖେ

ପ୍ରିୟବ୍ରତ ପାତ୍ର

ଓଡିଶାରେ ରହିଛି ଦୀର୍ଘତମ ସମୁଦ୍ରତଟ । ସମୁଦ୍ରକୁ ନିର୍ଭର କରି ବଞ୍ଚି ରହିଛନ୍ତି ଶତାଧିକ ନୋଳିଆ ବସ୍ତି । ଶତାଧିକ ବସ୍ତିରେ କେତେ ଲକ୍ଷ ନୋଳିଆ । ଦୁର୍ଭାଗ୍ୟ, ସମୁଦ୍ରକୁ ନେଇ ଓ ନୋଳିଆ ଜନଜୀବନକୁ ନେଇ ଓଡିଆରେ ଆଦୌ କିଛି ସାହିତ୍ୟ ନାହିଁ କହିଲେ ଚଳେ । ତଅପୋଇ କଥା, ବୋଇତ ବନ୍ଦାଣ ଗୀତ, ସାଧବ କଥା ଭଳି କିଛି କିଛି ଲୋକକଥାରେ ଆମ ସାହିତ୍ୟ ସୀମିତ । ଓଡିଆ ପୁଅ ସମୁଦ୍ର ବକ୍ଷରେ ବୋଇତ ନେଇ କେତେ ଦୂର ଦେଶକୁ ଯାଉଥିଲେ, କାମ୍ବୋଡିଆ ଭଳି ଦେଶରେ ଆଙ୍ଗକରଭଟ୍ଟ (ପୃଥିବୀର ବୃହତ୍ତମ ମନ୍ଦିର) ଭଳି ମନ୍ଦିର କରିଥିଲେ – ଏକଥା ଐତିହାସିକ ସତ୍ୟ । ଦୁର୍ଭାଗ୍ୟ, ସେମାନଙ୍କ ସମୁଦ୍ର ଯାତ୍ରାର କାହାଣୀ କାଳର ସମୁଦ୍ର ଗର୍ଭରେ କେଉଁ ସନ୍ତର୍ପଣରେ ଲୀନ ହୋଇଗଲା ଯେ ଭବିଷ୍ୟତର ପିଢି ପାଇଁ କିଛି ବି ବଞ୍ଚିଲା ନାହିଁ । ଆଶ୍ଚର୍ଯ୍ୟ, ଦିନେ ଆମର ଏହି ଭୂଖଣ୍ଡଟି ଥିଲା କୈବର୍ତ୍ତ ଦେଶ । ଓଡିଆରେ ଲେଖାଯାଇଥିବା ସର୍ବପ୍ରାଚୀନ ଗ୍ରନ୍ଥ “ସାମୁଦ୍ରିକ”, ସମୁଦ୍ର ବିଷୟରେ କିଛି କୁହେନା । ବରଂ ସମୁଦ୍ରପରି ବିଶାଳ ଓ ବିକ୍ଷିପ୍ତ ଜ୍ୟୋତିଷ ଶାସ୍ତ୍ରକୁ ନେଇ ସେଇ ଗ୍ରନ୍ଥଟି ଋଦ୍ଧିମନ୍ତ । ଏ ଲେଖକ “ରାଧା ନୋଳିଆଣୀ” ବୋଲି ବହିଟିଏ କିଣିଥିଲା । ଆଶା ଥିଲା, ରାଧା ନାମକ କୌଣସି ନୋଳିଆ ଝିଅର ଜୀବନ କାହାଣୀକୁ ନେଇ ବହିଟି ଲେଖା ହୋଇଥିବ । କିନ୍ତୁ ଲେଖିକା ରୁନୁ ମହାନ୍ତି ନାକରେ ନୋଳି ଲଗାଇଥିବା କିମ୍ବଦନ୍ତୀର ରାଧାଙ୍କ ପ୍ରେମ, ବିରହ, ନିନ୍ଦା, ଅପବାଦକୁ ନେଇ କବିତା ଲେଖିଛନ୍ତି । ସେ ବହିଟି “ଶ୍ରୀ ରାଧା” ପରି ମତେ ଆଲୋଡିତ କରିଥିଲା ସତ, କିନ୍ତୁ ନୋଳିଆଙ୍କ ଜନଜୀବନକୁ ଜାଣିବାରେ ମତେ ହତାଶ କରିଥିଲା ।

ବ୍ରହ୍ମପୁରଠାରୁ ମାତ୍ର ୨୫ କି.ମି. ଦୂରରେ ରହିଛି ଏକ ଚମତ୍କାର ନୋଳିଆ ଗାଁ, ସୁନପୁର । ଆଜିକାଲି ଡଙ୍ଗା ନେଇ ସମୁଦ୍ରକୁ ଯିବା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଗଲାଣି; କିନ୍ତୁ ମାଛ ଶୁଖୁଆକୁ ନେଇ ଜୀବନ ଜୀବିକା ପୂର୍ବବତ୍ ଚାଲିଛି । ତେଣୁ ତାଁ ଲୋକେ ନିଜକୁ ନୋଳିଆ

ବଦଳରେ କେଉଟ ବୋଲି କହିବାକୁ ଠିକ୍ ମନେ କରୁଛନ୍ତି । ସେଇ କେଉଟ ଗାଁ ପରେ ପଡେ ବାହୁଦା ନଈ, ନଈ ପାର ହେଲେ ଅଧା କି.ମି. ନିଘଞ୍ଚ ଝାଉଁବଣ । ତା ପରେ ପଡେ ସୁନପୁର ବେଳାଭୂମି ଓ ସମୁଦ୍ର । ସମୁଦ୍ର କଡେକଡେ ୩ କି.ମି. ଗଲେ ପଡେ ପାତି ସୁନାପୁର ନୋଳିଆ ଗାଁ । କେଉଟ ଗାଁରେ କଟେଇଥିବା ଅମାବାସ୍ୟା ରାତିର ଅନୁଭୂତି, ନୋଳିଆ ଗାଁ ଠୁ ଢେର ଅଲଗା ଥିଲା । ଜଣେ କେଉଟ ପୁଅ ବଡ ଉଦାର ଭାବେ ମତେ ରହିବାକୁ ଜାଗା ଦେଇଥିଲେ, ତାଙ୍କ ସହ ଖାଇବାକୁ ସୁଯୋଗ ଦେଇଥିଲେ । ମୋ ସଙ୍ଗେ ବୁଲି, ବଡ ଅକୁଣ୍ଠିତ ଭାବେ ଘଣ୍ଟାଘଣ୍ଟା ସମୟ ବି ଦେଇଥିଲେ । ବେଳାଭୂମିରେ ପଦଯାତ୍ରାଠୁ ଝାଉଁବଣରେ ଅରଣ୍ୟ ଯାତ୍ରା ପର୍ଯ୍ୟନ୍ତ ତାଙ୍କ ସହ କଟାଇଥିବା ଅମୂଲ୍ୟ ସମୟର ସ୍ମୃତି ହିଁ ଆଜିର ଆଲେଖ୍ୟ ।

ସନ୍ଧ୍ୟାକାଳଟି ପିଣ୍ଡାରେ ବସି କଟେଇବି ବୋଲି ନିଷ୍ପତ୍ତି ନେଇଥିଲି । କାରଣ ବସିଲେ ଯାଇ ଗାଁ ସାହିର ଦୃଶ୍ୟ ଦେଖିହେବ । ସୂର୍ଯ୍ୟ ବୁଡିବା ସାଥେ ସାଥେ, ଗାଁ ଦାଣ୍ଡରେ ଛପା ବା ପଟି ଉପରେ ଶୁଖୁଥିବା ମାଛସବୁକୁ ବନ୍ଧାବନ୍ଧି କରି ସ୍ତ୍ରୀ ଲୋକମାନେ ଘରକୁ ବୋହି ନେଉଥିଲେ । ଗାଁ ପାଖ ସହରମାନଙ୍କୁ ମାଛ, ଶୁଖୁଆ ବିକିବାକୁ ଯାଇଥିବା ଲୋକମାନେ ଘରକୁ ଫେରି ସାର୍ଟ, ପେଣ୍ଟ ଫୋପାଡି ଲୁଙ୍ଗି- ଗାମୁଛାରେ ବାହାରି ପଡିଲେ । ଏଠାରେ ଲୋକଙ୍କ କୃଷି ଜମି ନାହିଁ, ତେଣୁ ଗାଈ, ବଳଦ, ପୋଢ, ଶଗଡ, ଲଙ୍ଗଳ, ଜୁଆଳ, ଗାଈଗୋଠ ବା ଛେଳପଲ ଆଦି କିଛି ବି ନାଇଁ । ସାରା ଗାଁରେ ଗାଈ, କୁକୁଡା କି ଘୁଷୁରୀର ଦେଖା ନଥିଲା । ସନ୍ଧ୍ୟା ହେଲେ ସମସ୍ତେ ମୁକ୍ତ ହୋଇଯାନ୍ତି । ଥାନା ବା କୋର୍ଟ ପାଖ ଗଛମାନଙ୍କରୁ ସନ୍ଧ୍ୟା ହେଲେ ଯେମିତି ବାଦୁଡି ପଲ ମାତି ଉଡନ୍ତି, ଠିକ୍ ସେମିତି ସଞ୍ଜହେଲେ ସାରା ଗାଁର ପିଲାବୁଢା ମାତି ଉଠନ୍ତି ।

ଦିନସାରା ଶୁଖୁଆ ଗଦା ଉପରେ ଶୋଇଶୋଇ ହାଇ ମାରୁଥିବା ଧୋବ ଫରଫର ପୋଷା ବିରାଡିଟି କୁଆଡେ ଥିଲା, ମୋ ପାଖରେ ଥିର୍ କରି ବସିଗଲା । ସିଏ କୁଆଡେ ଥିଲା ସାରା ଗାଁର ସବୁଠୁ ଗୋରୀ, ସବୁଠୁ ଫୁଲେଇ ଓ ସବୁଠୁ ଗେହ୍ଲେଇ ଜୀବ । ସେ ବୋଧେ ଜାଣିଥିଲା, ସହର ପଟୁ କୁଣିଆ ଆସିଲେ, ବେଳ ଅବେଳରେ ଚା ତିଆରି ହେବ, ପାଟିରେ କ୍ଷୀର ଟିକେ ତ ବାଜିବ । ସବୁବେଳେ ଆଇଁଷ ଖାଇ ଜିଭଟା ତାର ନିଶ୍ଚେ ଚଟା ଧରୁଥିବ, ତେଣୁ କ୍ଷୀର ଟିକେ ପାଇଁ ମନ ହାଇଁପାଇଁ ।

ଦ୍ୱିପହରରେ ସାମାନ୍ୟ ପବନ ବହିଲା ବୋଲି ସାରା ଗାଁ ଥିଲା ବିଦ୍ୟୁତ୍ ବିଚ୍ଛିନ୍ନ । କାହାର କଛି ପରବାଏ ନାହିଁ, ଅଭିଯୋଗ ନାହିଁ । କାଁ ଭାଁ ଘରେ ଜଳ ଉଠିଲା କରାସିନ ଦୀପ ଓ ଲଣ୍ଠନ । ପିଲାଏ ବେଧଡକ ଖେଳୁଥିଲେ । ଅଧିକାଂଶ ଥିଲେ ସୁଦ୍ଧୁ ଲଙ୍ଗଳା, ଆଉ ଅଧେ ପିନ୍ଧିଥିଲେ ମାଗଣାରେ ମିଳଥିବା ସ୍କୁଲ ୟୁନଫର୍ମ । ଖେଳରେ ଫୁରୁସତ ନଥିଲା । ଗଛ ନଥାଇ ବି ଡାହି- ମାଙ୍କଡ ଖେଳ ସହିତ ଗୁଲିଥିଲା ବୋହୂଗ୍ରେରୀ ଖେଳ, ନଟୁଖେଳ, ପାଣି କୁମ୍ଭୀର ଖେଳ ! ଯିବାର ନାଁ ଗନ୍ଧ ନଥାଇ ସୁଦ୍ଧା ପିଲାଏ ବୋଲିଥିଲେ – ଏଡିକ ଏଡିକ ଲାଭ, ଯା ଘରକୁ ସିଏ ଯାଉ! ବହଳ ଅନ୍ଧାର ଘୋଟିଯିବା ପରେ ବି ଗୀତ ଶୁଭୁଥିଲା – ଛାୟା ମୟା, ମତେ ଯିଏ ଛାଇ କଲା, ତା ମା କୁ ବୟା ନେଲା । କଛି ପିଲା ତ ବାଟି ଖେଳ ତଥାପି ଜାରି ରଖିଥିଲେ । ହାଡ ବାଟି ଗୁଡିକ ପରସ୍ପର ଧକ୍କା ଖାଇବାର ଠକ୍ ଠାକ୍ ଶବ୍ଦ ମଧ୍ୟ ଶୁଣାଯାଉଥିଲା । ସ୍ତ୍ରୀ ଲୋକମାନେ ଗୋଡ ଲମ୍ବାଇ, ପିଣ୍ଡା ଉପରେ ଗପରେ ମାତିଥିଲେ, ପିଲାଙ୍କୁ ଆକଟ କରିବାରେ କୌଣସି ଆଗ୍ରହ ନଥିଲା । ପିଲାଏ ଥିଲେ ଅବାଧ, ମୁକ୍ତ ଓ ସ୍ୱାଭାବିକ – ଯାହା ଆଧୁନକ ଶିଶୁ ଶିକ୍ଷା ଏବେ ବି ସାକାର କରିବା ପାଇଁ ସ୍ୱପ୍ନ ଦେଖୁଛି । ଆଜକୁ ପଚାଶ ବର୍ଷ ତଳେ ଓଡିଶାର ସବୁ ଗାଁ, ସହରରେ ଏପରି ଦୃଶ୍ୟ ମହଜୁଦ ଥିଲା, ଆଜି ସର୍ବତ୍ର ପ୍ରାୟତଃ ବିଲୁପ୍ତ ।

ଲାଗୁଥିଲା, ମୁଁ ଯେମିତି ଗ୍ରେମ୍ ର ସମ୍ରାଟ, ଅନ୍ଧାକାରରେ ବସିଛି ଏବଂ ମୋ ଆଗରେ ଅଲମ୍ପିକ୍ ପାଇଁ ପ୍ରାକ୍ ପ୍ରସ୍ତୁତି ଚଳାଇଛନ୍ତି ଗ୍ରେମର ଖେଳୁଆଡଗଣ । କଡରେ ମୋ ବସିଛି, ଏସିଆରୁ ଉପହାର ପାଇଥିବା ଧବଳ ଚତାବ୍ୟାଘ୍ର ।

ମୋ କଡରେ ଥିର୍ କରି ଆସି ବସିଲେ ଆଉ ଜଣେ ଯୁବକ । ସୁଦୂର ନୟାଗଡରୁ ଆସି, କଛି ମାସ ହେଲା ଗାଁରେ ଆସି ଯୋଗ ଦେଇଛନ୍ତି ଶିକ୍ଷା ସହାୟକ ଭାବେ । କଥା କଥାକେ ଢଗ ଢମାଳ । କଥାରେ ବାଟୁଳ ବାଜିବନ । "ସରକାର ଗୁଟୁଖା ବନ୍ଦ କରିଦେଲେ, ଟେନସନ ବଢିଗଲା । ମଣିଷ ଏଠି ବୋର୍ ହେବା ଛଡା ଉପାୟ ନାହିଁ । ଆରେ, ସବୁ * * ପୁଅ ଛକରେ ଭେଟ । ମତେ ଆଜ୍ଞା ଛକଜାଗା ପୋଷାଏନ! ସାର୍, ଆପଣ ଆସିଛନ୍ତି ମାନେ କଛି ଖଇଙ୍ଗା ଶୁଖୁଆ ନେଇଯାନ୍ତୁ ।" – ଏମିତି ଅନେକ କଥା । ଶିକ୍ଷା ସହାୟକଙ୍କ କଣ୍ଠ ସାମାନ୍ୟ ଥରୁଥିଲା । ପରେ ଜାଣିଲି, ଗାଁ ମୁଣ୍ଡ ବରଗଛ ପାଖରେ ଥିବା ନଛାଟିଆ ମଦ ଦୋକାନରେ ଆସ୍କାଫଟିରୁ ମୁନ୍ଦେ ପକେଇ ଆସିଥିଲେ ଏବଂ ସିଧା ମୋ ପାଖରେ ଆସି ବସି

ଯାଇଥିଲେ । ପରଦିନ ଦଶଟା ବେଳେ ଏକ ଅପୂର୍ବ ଦୃଶ୍ୟରେ ପୁଣି ସେଇ ଯୁବ- ଶିକ୍ଷକଙ୍କୁ ଆବିଷ୍କାର କଲି ।

ଗାଁ ଦାଣ୍ଡରେ ମୁଣ୍ଡରେ ଶୁଖୁଆ ଭର୍ତ୍ତି ବାଉଁଶ ଝୁଡିଟିଏ ଧରି ମହିଳା ଜଣେ ଚାଲିଥିଲେ । ତାଙ୍କୁ ଘେରି ଚାଲିଥିଲା ଅଧା ଶୁଖୁଆର ଉତ୍କଟ ଗନ୍ଧ । ତାଙ୍କ କଳା ମଚମଚ ଫୁଙ୍ଗୁଳା ପିଠିଟି, ଗୋଟିଏ ବିସ୍ତୀର୍ଣ୍ଣ କଳାପଟା ପରି ଦିଶୁଥିଲା । ତାଙ୍କ ପଛେ ପଛେ ଚାଲିଥିଲେ ନବନିଯୁକ୍ତ ନୟାଗଡିଆ ଶିକ୍ଷକ । ଗୋଟିଏ ହାତରେ ଥିଲା ନହକା ବେତ ଓ ଅବିରତ ଗୀତ ଗାଉଥିବା ମୋବାଇଲ୍ ଖଣ୍ଡକ, ଅନ୍ୟ ହାତରେ ଥିଲା ଧଳା ଚକ୍ ଖଡି । ମୋବାଇଲରେ ଚାଲିଥିଲା – ନୟାଗଡ ହୋମ୍ ପ୍ରଡକ୍ସନ୍, ନନ୍ ଷ୍ଟପ୍ ପାଲାର ଗୀତ – ତୋ କଦଳୀ ଗଛିଆ ଜଂଘରେ ମୁଁ କ, ଖ, ଗ, ଘ ଲେଖିବି । ଶିକ୍ଷକ ଜଣକ ମହିଳାଙ୍କ ଏତେ ପଖରେ ଚାଲୁଥିଲେ ଯେ, ମତେ ଲାଗୁଥିଲା ହେଇ ସେ ଲେଖି ପକେଇବେ ସାମନା କଳାପଟାରେ କ, ଖ, ଗ, ଘ । ଆମକୁ ଏକଥା ସ୍ୱୀକାର କରିବାକୁ ହେବ ଯେ କିଛି ଲୋକଙ୍କ ପାଇଁ ମହାପ୍ରସାଦର ମହମହ ବାସ୍ନା ଯେତିକି ଆକର୍ଷଣୀୟ, କେଉଟମାନଙ୍କୁ ଶୁଖୁଆ ବି ସେମିତି ଆକର୍ଷଣୀୟ । ଶିକ୍ଷା ସହାୟକ ଚାଲିଥିଲେ, ମହାପ୍ରସାଦ ପଛେପଛେ ବୈଷ୍ଣବ ଜଣେ ଯେମନ୍ତ ଚାଲିଥାନ୍ତି ।

ସୁନପୁର ଗାଁର ଆଖପାଖରେ ଆଉ ଦୁଇଟି କେଉଟ ଗାଁ, ସୋରଳ ଓ ସୁମଣ୍ଡି । ସେଗୁଡିକ ସମୁଦ୍ରଠାରୁ ଟିକିଏ ଅଧିକ ଦୂରରେ । ସେଇ ଗାଁର ଲୋକେ ପ୍ରଥମେ ନୋଳିଆ କାମ ଛାଡି ମାଛ, ଶୁଖୁଆର ବିକ୍ରିବଟା କାମରେ ଲାଗିଲେ । କ୍ରମେ ସୁନପୁରରେ ମଧ ସେଇ କଥା ଘଟିଲା । ଏବେ ଜଣେ ମଧ ଲୋକ ସମୁଦ୍ରକୁ ମାଛ ମାରି ଯାଆନ୍ତି ନାହିଁ, ତେଣୁ ଜାଲ, ଡଙ୍ଗା ଆଦି ଗାଁରୁ ଉଭାନ । ଏହି ତିନି ଗାଁର ଲୋକେ ଓଡିଶାର ସବୁ ସହର ବଜାରରେ ମାଛ ବେପାର କରନ୍ତି । ଆଜିକାଲି ଗାଁର ଅନେକ ପିଲା ରେଳବାଇ, ମିଲିଟାରୀ, ପୋଲିସ, ଶିକ୍ଷାବିଭାଗ ଆଦିରେ ଭର୍ତ୍ତି ହେଲେଣି । ସୁନପୁର ଗାଁର ଚଳଣିରେ ବ୍ୟାପକ ପରିବର୍ତ୍ତନ ।

ଗାଁରେ କେଉଟଙ୍କ ଛଡା ଅନ୍ୟ ଜାତିର ଲୋକସଂଖ୍ୟା ନଗଣ୍ୟ । ବ୍ରାହ୍ମଣ ଚାରିଘର, ଗୁଡିଆ, ପାଲିବା ମିଶି ଦୁଇ ଘର, ଭଣ୍ଡାରୀ, ଧୋବା, ଶୁଣ୍ଢୀ, ଓଡିଆ, ଖଣ୍ଡାଏତ୍ ମିଶି ଗାଏମୋଟ ଦଶ ବାର ଘର । ବିବାହ ସମ୍ପର୍କକ୍ରମେ ଗାଁର ସବୁ କେଉଟ ପରସ୍ପରର ବନ୍ଧୁବାନ୍ଧବ । ହରଚଣ୍ଡୀ, ରାମଚଣ୍ଡୀ, ବାଲି ହରିଚଣ୍ଡୀ, ଗାଁ ଠାକୁରଣୀ ଭଳି ଦେବୀ ମନ୍ଦିର ପଖରେ ସମସ୍ତେ ଭେଟାଭେଟି । ପୁଷ ପୂର୍ଣ୍ଣମୀ, ଆଶ୍ୱିନ ଶ୍ରାଦ୍ଧ, ଚୈତ୍ର ମଙ୍ଗଳବାର, ଚୈତ୍ରପୂର୍ଣ୍ଣିମା,

ଆଶ୍ୱିନ ଅଷ୍ଟମୀ ଆଦି ହେଉଛି ଗାଁର ମୁଖ୍ୟ ପର୍ବଦିନ । ଲାଗେ, ସାରା ଗାଁର ଲୋକେ ଗୋଟେ ପରିବାର ହୋଇ ଯାଇଛନ୍ତି । ବ୍ରହ୍ମପୁର ଠାକୁରାଣୀ ଯାତ୍ରା ସରିବା ପରଦିନ, ଠାକୁରାଣୀ ସ୍ତ୍ରୀ ଲୋକ ରୂପରେ ସୁନପୁର ଗାଁ ନିଶ୍ଚୟ ବୁଲି ଆସନ୍ତି – ଏ କଥା ସବୁ ଗାଁ ବାସୀଙ୍କ ବିଶ୍ୱାସ ।

ଆଶ୍ଚର୍ଯ୍ୟ, ଏଯାବତ୍ ଗାଁର ସବୁ ପୁଅଝିଅ ଗାଁରେ ବିବାହ କରିବାକୁ ପସନ୍ଦ କରିଥାନ୍ତି । ସବୁ ପୁଅ, ସବୁ ଝିଅଙ୍କୁ ପିଲାବେଳୁ ଜାଣିଥାନ୍ତି, ଦେଖିଥାନ୍ତି । ଏଣୁ ବିବାହ ବେଳେ କମ୍ ଠକ ହେବାକୁ ପଡେବୋଲି ସମସ୍ତଙ୍କ ଗଣବିଶ୍ୱାସ । କିନ୍ତୁ ସମୟକ୍ରମେ ସବୁକିଛି କ୍ଷିପ୍ର ଗତିରେ ବଦଳିଯିବ । ଗାଁର ଏମିତି ଗୋଟିଏ ଝିଅକୁ ଭେଟିଥିଲୁ ଯିଏ ବାହା ହୋଇଛି ସୁଦୂର ମଥୁରା-ଆଲିଗଡ ରୋଡ କଡରେ ଥିବା ଗୋଟିଏ ଗାଁରେ । ସେଇ ଗାଁରେ ଝିଅ ସଂଖ୍ୟା କୁଆଡେ ଏତେ କମ୍ ଯେ ପ୍ରଚୁର କନ୍ୟା ସୁନା ଦେଇ ପୁଅମାନେ ଝିଅଙ୍କୁ ବାହା ହୋଇଥାନ୍ତି । ଯାହାର ପଇସା ନାହିଁ ସେ ଅବିବାହିତ ରହିବାକୁ ବାଧ ହୋଇପଡେ । ସେଇ ଅଞ୍ଚଳରୁ ପୁଅମାନେ ଯୌତୁକ ଲୋଭରେ ଓଡିଶାର ଏହି ଅଖ୍ୟାତ ଧୀବର ପଲ୍ଲୀମାନଙ୍କୁ କନ୍ୟା ସହ ଯୌତୁକ ନେବା ପାଇଁ ଆସିଯାଉଛନ୍ତି । ବିଚିତ୍ର, କେବେ ପୁଣି ପଇସା ଲୋଭ ବି ମଣିଷ ମଣିଷ ଭିତରେ ଦୂରତାକୁ କମେଇ ଦେଉଛି !

ଆଜିକାଲି ବାହୁଦା ନଈର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ବିଶେଷ କରି ସୁନପୁର ଅଞ୍ଚଳ, ବିଶେଷ ଧରଣର କଳା ବାଲି ନିମନ୍ତେ ବହୁଳ ଆଲୋଚିତ । କାରଣ ସେଇ ବାଲିରେ ଭରି ରହିଛି ୟୁରାନିୟମ୍, ଟିଟାନିୟମ୍ ଭଳି ବହୁ ମୂଲ୍ୟବାନ ଧାତୁ, ଯହାକି ପାରମାଣବିକ ଶକ୍ତି ଉତ୍ପାଦନ ନିମନ୍ତେ ଅତ୍ୟନ୍ତ ଜରୁରୀ । ଛତ୍ରପୁରର ଆଇ.ଆର୍.ଇ. ପରି ଏଠାରେ ମଧ୍ୟ ଗୋଟିଏ ଶିଳ୍ପ ଗଢି ଉଠିବାର ପ୍ରସ୍ତାବ ରହିଛି । ତାହା ହେଲେ ସୁନପୁର ଉଚ୍ଛେଦ ହେବା ନିଶ୍ଚିତ । କିଛି କହୁଛନ୍ତି ଶିଳ୍ପ ହେଲେ ଆମ ପିଲାଙ୍କୁ ଚାକରୀ ମିଳିବ, ଆମ ଜମି ସବୁ ଅତି ଉଚ୍ଚ ଦରରେ ବିକ୍ରି ହେବ । ଆଉ କିଛି କହୁଛନ୍ତି ମରିବୁ ପଛେ ଭିଟାମାଟି ଛାଡିବୁ ନାହିଁ । ସବୁ ବିସ୍ଥାପନ ପୂର୍ବରୁ ଏମିତି ଗୋଟେ ହଇଚଇ ହେବା ଏକ ସାଧାରଣ ଘଟଣା ।

ସୁନପୁର୍ କେଉଟ ଗାଁର ଆଗାମୀ ଭବିଷ୍ୟତ ସମ୍ପର୍କରେ ଏମିତି କଳ୍ପନାଜଳ୍ପନା ଗୁଲୁଗୁଲୁ ରାତି ଢେର ହୋଇଗଲା । ହଠାତ୍ ରୋଷେଇଘରୁ ଝଣଝାଣ ଶବ୍ଦ ହେଲା । ଲାଇଟ୍ ଲଗେଇଲି । ଗୋଟିଏ ଧଳା ବିରାଡି ଡିଆଁମାରି ଚାଲିଗଲା । ସନ୍ଧ୍ୟାବେଳେ ମୋ ପାଖରେ ତୁନି ହେଇଥିବା ବିରାଡି ବୈଷ୍ଣବ, ଫେରାର ହେବା ରହସ୍ୟ ବୁଝାଗଲା । ସନ୍ଧ୍ୟାବେଳେ

ଦିଆଯାଇଥିବା ଅଇଁଠା ଗ୍ଲ କପ୍ କୁ ଗ୍ଲଟୁଗ୍ଲଟୁ କପ୍ ଖସି ତଳେ ପଡିଗଲା । ଏବେ ବୁଝିଲି ଧୀବର ପଲ୍ଲୀମାନଙ୍କରେ ବେଲେଇମାନେ ସତରେ କେଡେ ଦୁଃଖୀ ।

x x x x x x x x x x x x x x x x x x

ସକାଳୁ ଘାଟରେ ପହଞ୍ଚିଲା ବେଳକୁ ଡଙ୍ଗାରେ ଲୋକ ଭର୍ତ୍ତି ହୋଇ ସାରିଥିଲେ । ମଣିଷ ସାଙ୍ଗରେ ଗାଈ, ଛେଳି, ସାଇକେଲ୍, ମଟର ସାଇକେଲ୍, ଗ୍ୟାସ ସିଲିଣ୍ଡର, ଝାଉଁପତ୍ର ବିଡା, ମାଳଆ ପସରା ଇତ୍ୟାଦି ସବୁ ଲଦି ହୋଇଥିଲେ । ବାହୁଦା ନଇ ପାର ହେବାପାଇଁ ଗାଁ ବାଲାଙ୍କଠୁ କଛି ପଇସା ନଆଯାଏ ନାହିଁ । ନଇ ସେପାଖେ ପହଞ୍ଚିଲେ, ଅଟୋ ମିଳଯାଏ । ଅନନ୍ତରାଏପୁର, ପାତିସୁନାପୁର ପରେ କାଭିଟି, କାଭିଟିରୁ ଇନ୍ଦୁପୁର ଦେଇ ଇଛାପୁର ଯାଇହୁଏ, ପୁଣି ଡଙ୍କୁରୁ ଦେଇ ଇଚ୍ଛାପୁର ଯାଇହୁଏ । ଆନ୍ଧ୍ର ସହ କାରବାର କରୁଥିବା ଲୋକେ ଏହି ରାସ୍ତାଦେଇ ସୋମପେଣ୍ଟା, ଇଚ୍ଛାପୁର ଯାଇଥାନ୍ତି । ବ୍ୟବସାୟ ଦୃଷ୍ଟିରୁ ତେଣୁ ଏହି ପୂରା ଅଞ୍ଚଳ ପାଇଁ ସୁନପୁର ଗୋଟେ ପେଣ୍ଟ ଜାଗା । ତେଣୁ ନଇ ସେପାରେ ପୂରାପୂରି ଆନ୍ଧ୍ର ସଂସ୍କୃତି, ତେଲୁଗୁ ଭାଷା । ଏସବୁ ଗାଁକୁ ନଯାଇ, ଆମର ଯୋଜନା ଥିଲା ଝାଉଁବଣ ପାରିହୋଇ ସୁନପୁର ବେଳାଭୂମିରେ ପହଞ୍ଚିବା ।

ଝାଉଁବଣରେ ପଶୁପଶୁ ମନଭିତରେ କୌତୁକଆ କଶୋର ବୟସର ବନ୍ଧନହୀନ ଉଦ୍ଦାମତା ଆମକୁ ଚଞ୍ଚଳ କରୁଥିଲା । "ଟମସଏର୍", "ହକଲବରୀ ଫିନ୍", "ଅନେକ ଆଶା" ଭଳି ଉପନ୍ୟାସ ସବୁକୁ ଅନ୍ତତଃ ଯେଉଁମାନେ ପଢିଥିବେ ଉଣା ଅଧିକେ ସେମାନେ ସେଇ ଉଦ୍ଦାମତାକୁ ବୁଝିପାରିବେ । ନଶବ୍ଦ, ଜନହୀନ ଝାଉଁବଣରେ ଠିଆ ହୋଇଛି ହନୁମାନଙ୍କ ଗୋଟିଏ ପ୍ରକାଣ୍ଡ ମୂର୍ତ୍ତି, ନାଁ ରଖାଯାଇଛି ସଙ୍କଟମୋଚନ ହନୁମାନ । ଅସହାୟ ଅବସ୍ଥାରେ ପଡିଥିବା ଦଳେ କଲେଜ ଝିଅଙ୍କୁ ସୁରକ୍ଷିତ ରଖିଥିବା କାରଣରୁ ତାଙ୍କ ନାଁ ସେପରି ହୋଇଛି । ବନ୍ଧୁ ସେଇ ଘଟଣାଟି ଉପସ୍ଥାପନ କଲେ ।

କଛି ବର୍ଷ ତଳେ ବଣଭୋଜି କରିବା ପାଇଁ ସହରାଞ୍ଚଳର ମହିଳା କଲେଜରୁ ଆସିଥାନ୍ତି କଛି ଛାତ୍ରୀ । ସାଥିରେ ଜଣେ ବୋଲି ପୁରୁଷ ଲୋକ ନଥିଲେ । ଠିକ୍ ସେଇଦିନ ବଣଭୋଜି ପାଇଁ ଆସିଥାନ୍ତି ଟ୍ରେକର ସଂଘର ଯୁବକ ଗଣ । ପିଆପିଇ ପରେ ଦଳେ ଉଦଭ୍ରାନ୍ତ ଯୁବକ, ସେଇ ଛାତ୍ରୀଙ୍କ ପଛରେ ପଡିଗଲେ । ଅଗନାଅଗନ ଝାଉଁବଣ ଓ ବେଳାଭୂମି ଭିତରେ ସେଦିନ କଛି ବି ହୋଇପାରିଥାନ୍ତା । ସମସ୍ତ ଉଦ୍ୟମ ବ୍ୟର୍ଥ ହେବାପରେ ସେମାନେ କ୍ରମଶଃ ଉଗ୍ର

ହୋଇ ଉଠିଲେ । ହନୁମାନ ମୂର୍ତ୍ତି ପାଖରେ ଝିଅମାନେ ରନ୍ଧାରନ୍ଧି କରୁଥିଲେ । ହନୁମାନ ମୂର୍ତ୍ତିର କାନ ପାଖରେ ଥିଲା ଗୋଟିଏ ମହୁଫେଣା । ଯୁବକ ଜଣେ ମତ ଦେଲେ – "ମହୁଫେଣାକୁ ଟେକାମାରି ଦୌଡି ପଳେଇବା ଚାଲ । ସାହାଯ୍ୟ ପାଇଁ ବନଦେବତାମାନେ ଆମ ଭଳି ବୃକ୍ଷମାନଙ୍କୁ ଜାବୋଡି ଧରିବେ ।" ତାହା ହିଁ ହେଲା । କିନ୍ତୁ ମହୁମାଛିମାନେ ଝିଅଙ୍କୁ ଛାଡି, କେବଳ ମଦୁଆ ଟ୍ରେକର ସଂଘର ଯୁବକମାନଙ୍କୁ ଦଂଶିବାକୁ ଗୋଡେଇଲେ । କିଛି ନିଜ ପିନ୍ଧା ସାର୍ଟଟିକୁ ମୁଣ୍ଡରେ ଗୁଡେଇ ବାହୁଦା ନଇରେ ପଶିଲେ, ନିସ୍ତାର ପାଇଲେ । ଝିଅମାନେ ହସିହସି ବେଦମ୍ ହେଲେ ।

ମହୁମାଛିମାନେ କେବଳେ ଯୁବକମାନଙ୍କୁ କାହିଁକି ଗୋଡେଇଲେ? ଏହାର କିଛି କାରଣ ଅଛି ନା ଏହା ଏକ ମନର ସୀମା ସେପାରିର ଏକ ଅଲୌକିକ ଘଟଣା? ମୋ ତରଫରୁ ଏହାଥିଲା ଏକ ଦୀର୍ଘଶ୍ୱାସଯୁକ୍ତ ପ୍ରଶ୍ନ ।

ବନ୍ଧୁ ଉତ୍ତର ଦେଲେ – ଏଥିରେ କିଛି ଅଲୌକିକତା ନାହିଁ । ଶତ୍ରୁର ଏକ ଚରିତ୍ରଗତ ଗନ୍ଧ ରୂପେ ମଦ ଗନ୍ଧ ସହ ମହୁମାଛିମାନେ ପରିଚିତ । ଶବର ବା ମହୁ ସଂଗ୍ରହକାରିମାନେ ଯେତେବେଳେ ଧୂଆଁଦେଇ ଜଙ୍ଗଲରେ ମହୁ ସଂଗ୍ରହ କରିଥାନ୍ତି, ସେମାନେ ସମସ୍ତେ ହାଣ୍ଡିହାରି ଦେଶୀମଦ ପିଇ ଆସିଥାନ୍ତି । ପ୍ରାଣ ବିକଳରେ ଫେଣା ଛାଡି ଚାଲି ଯାଉଥିବା ମହୁମାଛିମାନେ, ଅନ୍ତତଃ ମନେ ରଖିଥାନ୍ତି ସେଇ ଉତ୍ପୀଡକଙ୍କଠାରୁ ବାହାରୁଥିବା ମଦଗନ୍ଧ । ଯେବେ ଉତ୍ତେଜିତ ହୋଇପଡନ୍ତି, ପୂର୍ବ ଅନୁମାନକ୍ରମେ ମଦୁଆଙ୍କୁ ହିଁ ଆକ୍ରମଣ କରିଥାନ୍ତି ।

ରାସ୍ତାସାରା ଝାଉଁଗଛର ଅଝାଡ ନିରନ୍ଧ୍ର ଜଙ୍ଗଲ । ଆଖପାଖ ତିନିଖଣ୍ଡ ଗାଁ ସୁନପୁର, ଅନନ୍ତରାଏପୁର ଓ ପାତିସୁନାପୁର ଗାଁର ଲୋକେ ଜାଳେଣି ପାଇଁ ଏହା ଉପରେ ନିର୍ଭର କରନ୍ତି । ବିଶେଷ କରି ଝିଅ ଓ ସ୍ତ୍ରୀ ଲୋକମାନେ ମୁଣ୍ଡରେ ବୋଝେବୋଝେ ପତ୍ର ଲଦି ଘରକୁ ଆଣନ୍ତି । ଥରେ ଆଣିଲେ ତିନିଚାରି ଦିନ ପାଇଁ ରୋଷେଇ ଘର କାମ ଉଠିଯାଏ । କାଠ ଡାଙ୍ଗ, ଗ୍ୟାସ, ହିଟର ଦରକାର ପଡେନି । ଜଙ୍ଗଲ ଭିତରେ ଚାଲିଥାଉ, ଦେଖିଲି ଅତ୍ୟନ୍ତ ବିକୃତ ଦିଶୁଥିବା ପାରୁବୁଢୀ ଜଣେ ଝାଉଁପତ୍ର ଗୋଟେଇବାରେ ବ୍ୟସ୍ତ ଥିଲେ । ସେ ନଇଁନଇଁ ଚାଲିଥିଲେ, ତରତର ହୋଇ ମାଟି ଉପରେ ପଡିଥିବା ଛୁଞ୍ଚିପରି ପତ୍ରସବୁକୁ ଅଣ୍ଡାଳ ପକାଉଥିଲେ । ଶାନ୍ତନୁ ଆଚାର୍ଯ୍ୟଙ୍କ "ନରକନ୍ନର" ରେ ବର୍ଣ୍ଣିତ କୋଇଲା ଗୋଟାଉଥିବା ବୁଢୀ ଚରିତ୍ରଟି ମନେ ପଡିଗଲା । ଭୋର୍ ସମୟରେ, କୁହୁଡିଘେରା ରେଳ ଲାଇନ୍ କଡେ ସେଇ

ବୁଢ୍ଢୀ, ଅଖାଟିଏ ଧରି ନଇଁନଇଁ କୋଇଲା ଗୋଟାଉଥାଏ । ଅନ୍ୟ କଏ ଯଦି କୋଇଲା ଗୋଟାଇବାକୁ ଆସୁଥିଲା, ବୁଢ୍ଢୀ ତା ଆଗରେ ଡିଆଁଉକୁଦ କରି ପ୍ରେତିନୀ ପରି ଅଭିନୟ କରୁଥିଲା । ସବୁକଛି ଲାଗୁଥିଲା ଭୟଭୟ । ପ୍ରକୃତିସ୍ଥ ହେଉଥିଲି, ପଦ୍ଧ ଗୋଟାଳ ବୁଢ୍ଢୀ ଆମ ଆଗରେ ସେମିତି କଛି ଉପଦ୍ରବ କରିବନ ତ? କ୍ରମଶଃ ବୁଢ୍ଢୀଟି ମୁଣ୍ଡ ତଳକୁ କରି ଚରୁଗୁଣି ପରି ଲାଗିଲା । ମୁଁ ଦ୍ରୁତ ପଦପାତରେ ଜଙ୍ଗଲ ପାର ହୋଇ ବେଳାଭୂମି ଦିଗେ ଗ୍ଲଲିଗଲି ।

ବେଳାଭୂମିରେ ଝାଉଁଗଣକୁ ପିଠିକରି, ସମୁଦ୍ରଦିଗେ ମୁହଁ କରି ଯୁବତୀ ଜଣେ ବସିଥିଲେ । ମଧ୍ୟେ ମଧ୍ୟେ ଆଙ୍ଗୁଠି ଯୋଗେ ବାଲି ଉପରେ ଗାର ଟାଣୁଥିଲେ । ବୋଧେ ଗୁଣୁଗୁଣୁ ହୋଇ ଗୀତ ବି ଗାଉଥିଲେ, ନିଃସଙ୍ଗତାର ଏଲିଜ୍ । ଯୁବତୀର ଗ୍ଲରିପଟେ ବାଲି କଙ୍କଡା ସବୁ ସାଲୁବାଲୁ ହୋଇ ଦୌଡୁଥିଲେ । ତା ଭିତରେ କେତେ ଥିଲେ ଗାଢ ନାଲିରଙ୍ଗର କଙ୍କଡା । ସେମାନଙ୍କ ନାଁ ପାଟରାଣୀ କଙ୍କଡା ବା ସୁନ୍ଦରୀ କଙ୍କଡା । ଜଳେଶ୍ୱର ନିକଟସ୍ଥ ତଳସାରୀ ବିଚ୍ ଏ ପ୍ରକାରର ନାଲି କଙ୍କଡା ପାଇଁ ବିଶ୍ୱ ବିଖ୍ୟାତ । ଅଦୂରରେ ଘୋଡାନାଲ କଙ୍କଡା (Horse Shoe Crab) ଗୋଟିଏ ମରି ପଡିଥିଲା । ଆଜି ଗ୍ଲନ୍ଦିପୁର ବେଳାଭୂମି ଏ ଜାତିଆ କଙ୍କଡାଙ୍କ ପାଇଁ ବିଶ୍ୱ ପ୍ରସିଦ୍ଧ । ସୁନପୁରରେ ଏହାର ସ୍ଥାନୀୟ ନାମ ହେଲା ପୋଢ ଚଙ୍ଗୁଡି । ଏ ଅଞ୍ଚଳର ନୀଳ ରକ୍ତବାଲା କଙ୍କଡା ଅନ୍ୟ କେଉଁଠି ମଧ୍ୟ ମିଳନ୍ତି ନାହିଁ । ଏଥିରୁ କ୍ୟାନସର ପାଇଁ ଔଷଧ ତିଆରି ହୋଇଥାଏ । ଗଙ୍ଗା ମୁହାଣ ଦିଗେ ଯାତ୍ରା କରୁକରୁ ମୃତ୍ୟୁ ଲଭିଥିବା ଅଲିଭ୍ ରିଡଲେର ବିଶାଳ ଖୋଳଟି ମଧ୍ୟ ଅପାଂକ୍ତେୟ ହୋଇ ପଡିଥିଲା । ସମୁଦ୍ରର ସୁସୁ ଶବ୍ଦ ସତ୍ତ୍ୱେ ଏକ ଅଖଣ୍ଡ ନୀରବତାର ରାଜତ୍ୱ ଗ୍ଲଲିଥିଲା । ମୁଁ ଦ୍ୱନ୍ଦ୍ୱରେ ପଡିତଲି – ଯୁବତୀ ଜଣକ ମଣିଷ ନା ଦେବୀ, ଜଳପରୀ ନା କିନ୍ନରୀ, ସୁନପରୀ ନା ସୁନପୁରର କୌଣସି କୈବର୍ତ୍ତ କନ୍ୟା ! କେତେ ହଜାର ବର୍ଷ ତଳେ ମହାଜ୍ଞାନୀ ବେଦବ୍ୟାସ ମହାଭାରତ ରଚନା କାଳରେ, ସମସ୍ତ ମହାଭାରତୀୟ ନାୟକମାନଙ୍କ ମୂଳ ମାତା ରୂପେ ନିର୍ବାଚିତ କରିଥିଲେ ଜଣେ କୈବର୍ତ୍ତ କନ୍ୟାଙ୍କୁ, ନାମ ଥିଲା ସତ୍ୟବତୀ । ଦେହରୁ ବାହାରୁଥିଲା ମାଛଗନ୍ଧ, ତେଣୁ ଅନ୍ୟନାମ ଥିଲା ମତ୍ସ୍ୟଗନ୍ଧା । ତେବେ ସେ ସମୟରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଆର୍ଯ୍ୟ ଆଦି କେତେ କେତେ ସମ୍ଭ୍ରାନ୍ତ ଘରର କନ୍ୟା ମହଜୁଦ ଥିବାବେଳେ ବେଦବ୍ୟାସ ଯେ କାହିଁକି ଜଣେ କୈବର୍ତ୍ତ କନ୍ୟାଙ୍କୁ ଆଦି ଜନନୀ ରୂପେ ନିର୍ବାଚିତ କରିଥିଲେ - ସେକଥା ମୋ ପାଇଁ ଏଯାବତ୍ ରହସ୍ୟାବୃତ୍ତ ! ଯୁବତୀ ଅଧିକରୁ ଅଧିକ ରହସ୍ୟମୟୀ ଲାଗୁଥିଲେ !

କଛି ବର୍ଷ ତଳେ ସୁନପୁରର ବେଳାଭୂମି ଥିଲା କର୍ମମୁଖର, କାରଣ ଗାଁ ଲୋକ ଡଙ୍ଗା ନେଇ ସମୁଦ୍ରକୁ ଯାଉଥିଲେ । କାବେଲା, କୋଇଲି, କାରା, ଢେଲା, ରଙ୍ଗୁଆ, କାନଗୁର୍ଦା ଆଦି ମାଛ ଧରା ହୋଇ ଏଇ ଉପକୂଳରେ ଶୁଖୁଆ କରା ହେଉଥିଲେ । ଗୁନ୍ଦି, କଣି ମାଛ ଦୂରଦୂରାନ୍ତକୁ ବିକ୍ରି ପାଇଁ ଯାଉଥିଲା । ସାର୍କ, ମଗର, ତିମି ଓ ତୁମ୍ବୁଡା ମାଛର କାତି ବା ପର ସବୁ ସଂଗ୍ରହ କରାଯାଉଥିଲା । ଶାଙ୍କୁଚ ମାଛର ପୂରା ମାଂସ ବିକ୍ରୀ ପାଇଁ ଗ୍ଲଲିଯାଉଥିଲା । ଫଟୋ ବା କାଚ ସଫା ପାଇଁ କାନବାୟା ମାଛର ଉପର ଖୋଳଟି ମଧ ସଂଗ୍ରହ ହେଉଥିଲା । ଜାଳ ଟଣା ହୋଇ ଆସିଲେ ପଲପଲ କାଉ, ଶଙ୍ଖଚିଲ, କେରୁଆ, କଜଳପାତି ଆଦି ପକ୍ଷୀମାନେ ଆକାଶ କମ୍ପାଉଥିଲେ । ଲମ୍ବା ଲମ୍ବା ଡେଣା ମେଲେଇ ଏରା ପକ୍ଷୀମାନେ ଜାଲ ପାଖରୁ ମାଛ ଝାମ୍ପି ନେଉଥିଲେ । ଶାଳ ପକାଇ ଇଲିସି, ମଗର, ଭୁଲୁ ମାଛ ଧରା ଯାଉଥିଲା । ସୁତୀ ପକାଇ ସମୁଦ୍ରରୁ ମାଛ ମାରିବା ପାଇଁ ଜଣେଜଣେ ସାରାଦିନ ବାଲି ଉପରେ ବସି ରହୁଥିଲେ । ଆକୃତିକୁ ନେଇ କେତେ ରକମର ଜାଲ ଯଥା ଗ୍ୟା, କାଦମା, ମରୁଜାଲ, ବଡ ଜାଲ, ଧାଡିଜାଲ, ଆଳବି ଜାଲ ଇତ୍ୟାଦି । ଆଜି ସବୁକଛି ନୀରବ ହୋଇଯାଇଛି । ଯେବଠୁ ସୁନପୁର ଗାଁର ଲୋକଙ୍କ ପ୍ରବୃତ୍ତି ବଦଳଯାଇଛି, ବୃତ୍ତି ବି ବଦଳଯାଇଛି । ଏଇ କାମ ଅନ୍ୟ ନୋଳଆ ଗାଁରେ ଏବେ ବି ଗ୍ଲଲିଛି । କତୁ ସୁନପୁର ଲୋକେ ମାଛ ଧରିବା ଅପେକ୍ଷା ମଧସ୍ଥି ସାଜି ବିକବାକୁ ପସନ୍ଦ କ୍ରୁଛନ୍ତି ।

ଆମ ଅଜାଣତରେ ପାତିସୁନାପୁର ଦିଗେ ଆମର ବେଳାଭୂମି ପଦଯାତ୍ରା ଆରମ୍ଭ ହୋଇ ସାରିଥିଲା । ବାଲି ଉପରେ ଜାଲ ପରି ଦିଶୁଥିବା ଲତାଟିଏ ପଡିଥିଲା । ବନ୍ଧୁ ପାଟିକଲେ – "ଆରେ ଏଇଟା ତ ଇନ୍ଦ୍ରଜାଲ! ବଜାରକୁ ଗ୍ଲଲିଗଲେ ୟାର ଦାମ୍ ବହୁତ ହୋଇଯାଏ ।" ଇନ୍ଦ୍ରଜାଲ, ସମୁଦ୍ର ତଳେ ବଢୁଥିବା ଗୋଟିଏ ଲତା । ତାକୁ ନେଇ ପୁଣି ନୋଳଆମାନଙ୍କ ଅନେକ କଥା ।

ପଶ୍ଚିମ ଓଡିଶାରେ "ବଣାଲହ" ଲତା ଉପରେ ଗୋଡ ପଡିଗଲେ ପଥିକ କୁଆଡେ ରାସ୍ତା ହୁଡିଯାଏ ବୋଲି ପ୍ରବାଦ ଅଛି । ହୁଡିଯାଏ ମାନେ ପଥିକ ଭୁଲିଯାଏ ସେ କୋଉଠୁ ଆସିଥିଲା, କୁଆଡେ ପୁଣି ଯାଉଛି । ନୋଳଆ ମାନଙ୍କ ଆତଯାତର ବିସ୍ତୀର୍ଣ୍ଣ ପ୍ରାନ୍ତର ହେଲା ନୀଳସମୁଦ୍ର । ନୋଳଆ ଯେବେ ଏଠାରୁ ପଗ୍ଷଶ ମାଇଲ ଦୂରକୁ ଗ୍ଲଲିଯାଏ, ନା ଦିଶେ ଝାଉଁବଣ, ନା ଦିଶେ ଗୋପାଳପୁରର ବତୀଘର । ରାତିରେ ତାରା ଦେଖି, ଦିନରେ ସୂର୍ଯ୍ୟ ବା ପବନର ଗତି ଦେଖି ନୋଳଆ ଘରମୁହାଁ ଆସିଥାଏ । ଅଗ୍ଲନକ ନୋଳଆର ଜାଲରେ ଯଦି

ପଡିଯାଏ ଇନ୍ଦ୍ରଜାଲ ଲତା, ତେବେ ନୋଳଆ ବି ମଝି ସମୁଦ୍ରରେ ବାଟ ହୁଡିଯାଏ। କିନ୍ତୁ ଆଶାର ସମ୍ଭାବନା ମଧ୍ୟ ଥାଏ। ଯଦି ଭୁଆସୁଣୀ ମାଛ (ଡଲଫିନ୍) ଦେଖାଯାଏ, ତେବେ ନୋଳଆ ପୁଣି ବାଟ ପାଇଯାଏ। କେବେକେବେ ଭୁଆସୁଣୀ ମାଛ ଆଗରେ ଆଗରେ ପହଁରି ନୋଳଆଙ୍କୁ ଘରମୁହାଁ ବାଟ ଦେଖେଇଦିଏ।

ଦୀର୍ଘ ସାତଶହ କିଲୋମିଟର ବ୍ୟାପି ଓଡିଶାରେ ସମୁଦ୍ର ଉପକୂଳରେ, ସୁନପୁର ଭଳି ରହିଥିବା ଅନେକ କୈବର୍ତ୍ତ ଗାଁରେ ଭରି ରହିଛି ଏମିତି ଅନେକ କୈବର୍ତ୍ତ କାହାଣୀ, କିମ୍ବଦନ୍ତୀ, ଲୋକଗୀତ ଓ ପରମ୍ପରା। ଆମ ଓଡିଶାର କୌଣସି ବରପୁତ୍ର ସେସବୁକୁ ସଂଗ୍ରହ କରିବାରେ, ପରିବେଷଣ କରିବାରେ ମନ ଦେଇନାହାନ୍ତି। ଦେଇଥିଲେ ଓଡିଆ ସାହିତ୍ୟ ମୁଖ୍ୟତଃ ସମୁଦ୍ରଧର୍ମୀ ହୋଇଥାନ୍ତା।

"ସୀମାହୀନ ଦରିଆ, ସାଥୀହୀନ ଦୁନିଆ, ଜୀବନର ତରୀ ଯାଏ ଭାସିରେ....
ଆଶା ଅସୁମାରି, ସାଗର ଲହରୀ, ବାଲୁକା ଶେଜରେ ଯାଏ ଭାଙ୍ଗିରେ..... ॥"

ଏଇଟି ସମ୍ଭବତଃ ସମୁଦ୍ରକୁ ନେଇ ଲେଖାଯାଇଥିବା ଓଡିଆରେ ସବୁଠୁ ସୁନ୍ଦର ଗୀତି କବିତା। "ବତୀଘର" ସିନେମାରେ ପରିବେଷିତ ହୋଇଥିବା ଏହି ଗୀତଟିକୁ ଲେଖିଥିଲେ ଜଣେ କଠୋର ହୃଦୟୀ ପୋଲିସ ଅଫିସର। ଗୋପାଳପୁରର କୌଣସି ଡାକବଙ୍ଗଳାରେ ରହିଥିବା ବେଳେ, ଝରକା ପଟୁ ଉଭୟ ସମୁଦ୍ର ଓ ବତୀଘରକୁ ଦେଖୁଦେଖୁ ଏହି ଗୀତଟି ଲେଖିଥିଲେ। ସେଦିନ ଗୁଲୁଗୁଲୁ ମୁଁ ପୂରା ଗୀତଟିକୁ ଆବୃତ୍ତି କରି ପକାଇଲି। କହାତି ବେସୁରା କଣ୍ଠ ସତ୍ତ୍ୱେ, ମୁଁ ସେଦିନ ମୁକ୍ତ ଓ ଏକାତ୍ମ ଅନୁଭବ କରୁଥିଲି।

କିଛି ବାଟରେ ଦେଖିଲୁ ଲମ୍ବା ଲମ୍ବା ବାଉଁଶରେ ଲାଲରଙ୍ଗର କିଛି ବାନା ଲାଗିଥିଲା ଏବଂ କାଠ ଗଣ୍ଡିଟିଏ ଦେବତା ଭାବେ ପୂଜିତ ହେଉଥିଲା। ବେଳ ଅବେଳରେ ଏଠାରେ ବୋଦା ମରାଯାଏ। ବୋଦା ରକ୍ତରେ କାଠଗଣ୍ଡି ଦିଶୁଥିଲା ଈଷତ୍ ଲାଲ୍। ଇଏ ହେଉଛନ୍ତି ନୋଳଆମାନଙ୍କ ଦେବତା। ଗାଁରେ ବୁଢୀମାନେ ପିଲାମାନଙ୍କୁ ଆକଟ କରି କହନ୍ତି, ସେଇ ଦେବତା ପାଖକୁ ମୋଟେ ଯିବନି। ଦେବତାଙ୍କ ନଜର ପଡିଲେ ଦେହ ଶୁଖିଯିବ, ଦେହ ମାଛକଣ୍ଟା ପରି ହୋଇଯିବ। ଆମେ ସେଇ ଦେବତା କଡ ଦେଇ ଗଲାବେଳେ ଦେଖିଲୁ, ଦୁଇ ପ୍ରେମୀ (ସମ୍ଭବତଃ ଆଖପାଖ କୌଣସି ନୋଳଆ ସଂପ୍ରଦାୟର - ଫୁଲମାଳ ପକାପକି ହୋଇ, ସଦ୍ୟ ବିବାହିତ ହେବାପରେ ସେଠାରେ ଚୁପ୍ ଚାପ୍ ବସିଥିଲେ। କିଛି କ୍ଷଣ ପୂର୍ବରୁ

ସେମାନେ ଥିଲେ ଦୁଇଟି ଅଲଗା ଘର- ପରିଚୟର ପୁଅ ଓ ଝିଅ । ସାରା ପୃଥିବୀ ପାଇଁ ଏଇ କଛି କ୍ଷଣ ଭିତରେ ସେମାନଙ୍କ ପରିଚୟ ସ୍ୱାମୀ ଓ ସ୍ତ୍ରୀ ହୋଇଯାଇଛି । ଆଶ୍ଚର୍ଯ୍ୟ, ଖୁସି ହେବା ପରିବର୍ତ୍ତେ ସେମାନେ ଦିଶୁଥିଲେ ଉଦାସ ଓ ଭୟାର୍ତ୍ତ । କାରଣ, ଏଣିକ ବାସ୍ତବତା ଭୟଙ୍କର ସମୁଦ୍ର ପରି ଗର୍ଜନ କରି ସେମାନଙ୍କୁ ଖାଇବାକୁ ଗୋଡେଇବ । ଏବେ ସେମାନେ ହାତ ଧରାଧରି ହୋଇ ତାକୁ ସାମନା କରିବେ ନା ଭୟରେ ଯେ ଯୁଆଡେ ଦୌଡିବେ, ତାହାହିଁ ଥିଲା ସେମାନଙ୍କ ଆଗରେ ପ୍ରଶ୍ନ ! ବଡ ଅସମାହିତ ସେ ପ୍ରଶ୍ନ ।

ବେଳାଭୂମିରେ ଚାଲିଲା ବେଳେ ଦେଖିଲୁ ଦୀର୍ଘବାଟ ଧରି ଗୋଟିଏ ନିର୍ଦ୍ଦିଷ୍ଟ ପଞ୍ଝା ଚିହ୍ନ ସମୁଦ୍ର ବାଲିରେ ଚାଲିଛି । ସେଇଟା କୁକୁର, ବିରାଡି ବା ଗାଈର ନଥିଲା । ଏପରି ନିର୍ଜନ ଜାଗାରେ ଘୁଷୁରିଟିଏ ବି ଏକୁଟିଆ ଚାଲିବା ଅକାରଣଥିଲା । ପ୍ରକୃତରେ ତାହା ଥିଲା ଗୋଟିଏ ବାରହାର । ଗଲା ମହାବାତ୍ୟା ସମୟରେ କୌଣସି ଏକ ପରିସ୍ଥିତିରେ ଝାଉଁବଣକୁ ଆସି ଯାଇଥିଲେ ଦୁଇଚାରିଟା ବାରହା । ଏବେ ଝାଉଁବଣରେ ରହୁଛନ୍ତି ପଲେ ବାରହା । ନୋଳଆମାନଙ୍କ ପରମ୍ପରାରେ ବାରହା ଶିକାର ନାହିଁ କି ବାରହା ମାଂସର ପ୍ରଚଳନ ନାହିଁ । ତେଣୁ ବାରହାମାନେ ଅଜାଣତରେ ସଂରକ୍ଷିତ ହୋଇଛନ୍ତି । କେବେ କେମିତି ଜନହୀନ ବେଳାଭୂମିରେ ସେମାନଙ୍କୁ ଘୂରିବୁଲିବା ଦେଖାଯାଏ ।

ଶୂନଶାନ୍ ବେଳାଭୂମିରେ ଦେଖିଲୁ ବୁଢାଟିଏ ସମୁଦ୍ରକୁ ସୂତା ଫୋପାଡି ବାଲି ଉପରେ ଚୁପ୍ ଚାପ୍ ବସିଛନ୍ତି । ତାର ନଇଁ ପଡିଥିବା କଳା ମଚମଚ ପିଠି, ଅଧା ଲଙ୍ଗଳା ପରି ଦିଶୁଥିବା ପିଚା ଦୁଇଟି ତାଙ୍କୁ କୌଣସି ଉପନ୍ୟାସର ସର୍ବହରା- କ୍ଳାନ୍ତହୀନ ମଣିଷଟିଏ କରି ତୋଳୁଥିଲା । ମହାକାଳ ପରି ଦିଶୁଥିବା ସମୁଦ୍ର ପାଟିରେ ବୁଢାର ସୂତା ଖଣ୍ଡକ ବହୁଦୂର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଥୋପ ମୁହଁରେ କେଞ୍ଚୁଆ ବା ଛୋଟ ମାଛ ଖଣ୍ଡିଏ ଆମନ୍ତ୍ରଣ ଜଣାଉଥିଲା ବଡ ମାଛକୁ । ଥୋପ ଗିଳବା ମାତ୍ରେ, ବୁଢା ସୂତାଟାଣି, ସମୁଦ୍ର ପାଟିରୁ ଗୋଟିଏ ମାଛ ଟାଣି ଆଣୁଥିଲେ । ଏଥିପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଯାଉଥିଲା । ବୁଢା ଦୂର ଦିଗବଳୟ ଆଡେ ଚାହିଁ କଣ ଭାବୁଥିଲେ?

ବନ୍ଧୁ କହିଲେ, ସେ କୁଆଡେ ଥିଲେ ସାରା ସୁନପୁର ଗାଁ ର ସବୁଠୁ ଦୁର୍ଦ୍ଧର୍ଷ ନୋଳିଆ । ଝଡବତାସ ଭଳି ସବୁଠୁ ଭୟଙ୍କର ସମୟରେ ସେ ସମୁଦ୍ର ଭିତରକୁ ଚାଲି ଯାଉଥିଲେ । ଆଜି ସମୟକ୍ରମେ ତାଙ୍କ ହାତରୁ ଡଙ୍ଗା ଚାଲି ଯାଇଛି, ଜାଲ ଚାଲି ଯାଇଛି, କିନ୍ତୁ ସମୁଦ୍ର ନିଶା ଯେମିତିକୁ ସେମିତି । ଆଜି ଦିନରେ ବୁଢା ହେଉଛନ୍ତି ଗାଁର ଶେଷ ବ୍ୟକ୍ତି, ଯିଏ ସିଧା

ସମୁଦ୍ରରୁ ଏବେ ବି ମାଛ ଧରନ୍ତି । ଯୁବାବସ୍ଥାରେ ଉତ୍ତାଳ ତରଙ୍ଗମାନଙ୍କୁ ଅତିକ୍ରମ କରି ସେ ବିକ୍ଷୁବ୍ଧ ସମୁଦ୍ରକୁ ଯୁଦ୍ଧ ପାଇଁ ଆହ୍ୱାନ କରୁଥିଲେ । ଆଜି ଆଉ ସେ ଜିତିପାରୁନାହାନ୍ତି ସତ, କିନ୍ତୁ ସମୁଦ୍ର ବି ତ ତାଙ୍କୁ ଜିତି ପାରିନି । ଏକ ଅମୀମାଂସିତ ଯୁଦ୍ଧରେ ମଣିଷ ପୁଣି ହାରେ କେବେ ! ମହାଶକ୍ତିଶାଳୀ ପ୍ରକୃତି ସାମନାରେ ଅସହାୟ ମଣିଷର କ୍ଲାନ୍ତିହୀନ ସଂଘର୍ଷର ରୂପକଳ୍ପ ଥିଲେ ସେ ବୁଢା ଧୀବର ଓ ତାଙ୍କର ସରୁ ସୂତା ଖଣ୍ଡକ । ବୁଢାଙ୍କୁ ଦେଖିଲେ – "ଦି ଓଲ୍ଡ ମ୍ୟାନ୍ ଏଣ୍ଡ୍ ଦି ସି" ଉପନ୍ୟାସରେ ବର୍ଣ୍ଣିତ ବୃଦ୍ଧ ଧୀବରର କଥା ମନେ ପଡୁଥିଲା । ଲେଖକ ହେମିଙ୍ଗୱେଙ୍କ ଭାଷାରେ ସେ ମରି ଯାଉଥିଲା, ଥକି ଯାଉଥିଲା ଅଥଚ ହାରି ଯାଉନଥିଲା । ଥରେ ଉପନ୍ୟାସର ବୁଢା ଧୀବର ସାଣ୍ଟିଆଗୋ ବନଶୀରେ ପଡିଥିବା ମାଛକୁ ଲକ୍ଷ୍ୟ କରି କହୁଥିଲା – ମାଛରେ, ମୁଁ ତତେ ଖୁବ୍ ଭଲପାଏ, ଖୁବ୍ ଖାତିର୍ ମଧ୍ୟ କରେ । କିନ୍ତୁ ଆଜି ଦିନଟା ଶେଷ ହେବା ପୂର୍ବରୁ ତତେ ମାରି ଖତମ୍ କରିଦେବି ।

ଦୂର୍ଭାଗ୍ୟ, କ୍ୟୁବାର ସେଇ ଲୋକପ୍ରିୟ କଥାକାର, ଅର୍ନେଷ୍ଟ ହେମିଂୱେ, ଜୀବନର ଅପରାହ୍ନରେ, ଅବସାଦ ଓ ଅସୁସ୍ଥତାକ୍ରମେ ନିଜକୁ ନିଜେ ହତ୍ୟା କରିଥିଲେ । ସୁନପୁରର ବୁଢା ଧୀବର କିନ୍ତୁ ହେମିଂୱେଙ୍କ ଚରିତ୍ର ସାଣ୍ଟିଆଗୋ ପରି ଥିଲେ ଅପରାଜିତ ।

ଧୀରେ ଧୀରେ ଆମେ ପାଡିସୁନାପୁର ନାମକ ନୋଳିଆ ଗାଁ ରେ ପ୍ରବେଶ କରୁଥିଲୁ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

## ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ ୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ଦୋଷୀ କିଏ



ପ୍ରକାଶ ଚନ୍ଦ୍ର ପଣ୍ଡା

ସମାଜର ଏହି ଅଧୋଗତି ପାଇଁ
କାହାକୁ କରିବା ଦାୟୀ
ସଭିଏଁ ସଭିଁଙ୍କୁ ଦୋଷାରୋପ କଲେ
ଦୋଷୀ ତ ନଥିବେ କେହି ।
ଦଳେ ବସିଲେଣି ଗଣ ଧାରଣାରେ
ରାଜପଥ ପରେ ଯାଇ
ଆଉ ଦଳେ ପଦଯାତ୍ରାରେ ବାହାରି
କମ୍ପନ୍ତି ମାଇକ ନେଇ ।
କୁହାମୁଣ୍ଡେ ସବୁ ଦୋଷ ଝାଡ଼ି ଏଠି
ଆଗରେ ଆଗୁଆ ହୋଇ
ଭକୁଆ ସାଜନ୍ତି ସାଧାରଣ ଜନ
ଦୋଷୀ କିଏ ଏଠି ଭାଇ ।
କୁଜି ନେତା ଏଠି ଦଣ୍ଡିକରୀ ସାଜି
ଫୁକୁରୁ ଫୁକୁରୁ ହୋଇ
ବଡ ପାଟି କରି ଡିଣ୍ଡିମ ବଜାଇ
ସୁରାପାନେ ଗଳା ଧୋଇ ।

ଆମେ ସବୁ ସାଧୁ ଅସାଧୁତା ଛାଡି
ସଭିଏଁ ଏକାଠି ହୋଇ
ପ୍ରତିବାଦ କରି ଟାୟାର ଜାଳବା
ଏହି ସରକାର ପାଇଁ ।
ସମାଜର ଏହି ଅଧୋଗତି ପାଇଁ
କିଏ ସେ ହୋଇବ ଦାୟୀ
ସଭିଏଁ ସଭିଙ୍କୁ ଦୋଷାରୋପ କଲେ
ଦୋଷୀତ ନୋହିବେ କେହି ।
ସମାଜ ଏଭଳ ବଦଳ ଯାଇଛି
ଆଗପରି ଆଉ ନାହିଁ
ହନ୍ତସନ୍ତ ହୋଇ ଗରୀବ ଜନତା
ମୁଣ୍ଡପାତି ଯାଏ ସହି ।

ସମାଜର ଏହି ଅଧୋଗତି ପାଇଁ
କିଏ ସେ ଏଠି ଦାୟୀ ॥

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଅମୂଲ୍ୟ ସମ୍ପଦ- 'ପ୍ରେମ'



ସସ୍ମିତା ସାହୁ

ପ୍ରେମ ସମର୍ପଣ ପ୍ରେମ ଅବଦାନ
ପ୍ରେମ ଜୀବନର ସୃଷ୍ଟି,
ପ୍ରେମ ସମାଧାନ ପ୍ରେମ ସନ୍ତୁଳନ
ପ୍ରେମ ହିଁ ଦିଏ ସନ୍ତୁଷ୍ଟି ॥
ପ୍ରେମ ସର୍ବଶ୍ରେଷ୍ଠ ପ୍ରେମ ହିଁ ନିକୃଷ୍ଟ
ପ୍ରେମ ଜୀବନର ପାଠ,
ପ୍ରେମ ସର୍ବୋତ୍ତମ ପ୍ରେମ ହିଁ ନିଷ୍କାମ
ପ୍ରେମ ପବିତ୍ରର ତୁଠ ॥
ପ୍ରେମ ଶାଶ୍ୱତ ପ୍ରେମ ଚିରନ୍ତନ
ପ୍ରେମ କ୍ଷମା ପ୍ରେମ ଦୟା,
ପ୍ରେମ ସହଯୋଗ ପ୍ରେମ ହିଁ ସାହାଯ୍ୟ
ପ୍ରେମ ହିଁ ଆଶ୍ରୟ ଛାୟା ॥
ପ୍ରେମ ଅନୁଭବ ପ୍ରେମ ବୈଭବ
ପ୍ରେମ ଅଟେ ଆକର୍ଷଣ,
ପ୍ରେମ ବିତରଣ ପ୍ରେମ ଆଚରଣ
ପ୍ରେମ ଅଟେ ଆଲୋଡନ ॥
ପ୍ରେମ ଅଟେ ଶକ୍ତି ପ୍ରେମ ଅଟେ ଭକ୍ତି
ପ୍ରେମ ଅଟେ ପୁଣି ଶାନ୍ତି,
ପ୍ରେମ ଅଟେ କଳା ପ୍ରେମ ଅଟେ ବିଦ୍ୟା
ପ୍ରେମ ହିଁ ମଧୁର ଗୀତି ॥

ପ୍ରେମ ଅଟେ ଖୁସି ପ୍ରେମ ହିଁ ଆନନ୍ଦ
ପ୍ରେମ ଅଟେ ଅନ୍ତରଙ୍ଗ,
ପ୍ରେମ ଅଟେ ମୈତ୍ରୀ ପ୍ରେମ ହିଁ କରୁଣା
ପ୍ରେମ ଅଟେ ସପ୍ତରଙ୍ଗ ॥
ପ୍ରେମ ହିଁ ପବିତ୍ର ପ୍ରେମ ହିଁ ଚରିତ୍ର
ପ୍ରେମ ଅଟେ ମହାଧନ,
ପ୍ରେମ ଅଟେ ଦୀକ୍ଷା ପ୍ରେମ ହିଁ ପରୀକ୍ଷା
ପ୍ରେମ ଅଟେ ଉପାର୍ଜନ ॥
ପ୍ରେମ ଅମରତ୍ୱ ପ୍ରେମ ଗୁରୁତ୍ୱ
ପ୍ରେମ ଅଟେ  ଉପାସନା,
ପ୍ରେମ ଅଟେ ପୂଜା ପ୍ରେମ ହିଁ ପ୍ରସାଦ
ପ୍ରେମ ଅଟେ ଆରାଧନା ॥
ପ୍ରେମ ହିଁ ଅସୀମ ପ୍ରେମ ହିଁ ଅନନ୍ତ
ପ୍ରେମ ଅଟେ ଭଗବାନ,
ପ୍ରେମ ହିଁ ଅନାଦି ପ୍ରେମ ଅସରନ୍ତି
ପ୍ରେମ ଅଟେ ମୂଳଧନ ॥
ପ୍ରେମ ମୂଲ୍ୟବାନ ପ୍ରେମ ଗୀତାଞ୍ଜଳି
ପ୍ରେମ ଅଟେ ପ୍ରତିଶ୍ରୁତ,
ପ୍ରେମ ହିଁ ଭାବନା ପ୍ରେମ ହିଁ ଶାନ୍ତ୍ୱନା
ପ୍ରେମ ଅଟେ ଏକ କୀର୍ତ୍ତି ॥

ପ୍ରେମ ହିଁ ବିଶ୍ୱାସ ପ୍ରେମ ହିଁ ସାହସ
ପ୍ରେମ ଅଟେ ଶୀତଳତା,
ପ୍ରେମ ଅଟେ ତ୍ୟାଗ ପ୍ରେମ ହିଁ ତପସ୍ୟା
ପ୍ରେମ ସହନଶୀଳତା ॥
ପ୍ରେମ ପୁରସ୍କାର ପ୍ରେମ ଆବିଷ୍କାର
ପ୍ରେମ ଅଟେ ଉଦାରତା,
ପ୍ରେମ ଅଟେ ଦାନ ପ୍ରେମ ହିଁ ସମ୍ମାନ
ପ୍ରେମ ଅଟେ ମହାନତା ॥
ପ୍ରେମ ଆଶୀର୍ବାଦ ପ୍ରେମ ଅନ୍ତର୍ଶ୍ବଦ
ପ୍ରେମ ହିଁ ଅଟେ ଏକତା,
ପ୍ରେମ ହିଁ କଲ୍ୟାଣ ତୃତୀୟ ନୟନ
ପ୍ରେମ ଅଟେ ନୀରବତା ॥
ପ୍ରେମ ନମ୍ସ୍କାର ଆଦର ସତ୍କାର
ପ୍ରେମ ଆଲୋକ ର ପଥ,
ପ୍ରେମ ଶିଶୁ ହସ ପ୍ରେମ ଫୁଲ ବାସ
ପ୍ରେମ ହିଁ ଜୀବନ ରଥ ॥
ପ୍ରେମ ସୁବିଗ୍ଯ୍ର ପ୍ରେମ ହିଁ ପ୍ରତିଜ୍ଞା
ପ୍ରେମ ଅଟେ ମୂଲ୍ୟବୋଧ,
ପ୍ରେମ ହିଁ ସଂସ୍କର ପ୍ରେମ ହିଁ ସ୍ୱାକ୍ଷର
ପ୍ରେମ ଅଟେ ହୃଦବୋଧ ॥
ପ୍ରେମ ବିନା ଏଠି ବଂଚବାଟା ବୃଥା
ପ୍ରେମ ଅଟେ ଅନୁଭୂତି,
ପ୍ରେମ ଯିଏ କେବେ ନଜେ କରିନାହିଁ
ହସ୍ଲଛି ଶ୍ରେଷ୍ଠ ସ୍ମୃତି ॥

ନାଶିକ, ମହାରାଷ୍ଟ୍ର

# ପେଟର୍ କାଜେ ତୋ



ଜ୍ୟୋତିର୍ବିଦିତ୍ୟ ପୁଝାରୀ

କେନ୍ ଆରୁ ବରନୀ ଦିଛେ କେଁ !
ତଥାପି
ମୁଡେ ମଠିଆ ବୁହି ଖଣ୍ଡାର୍ ଧାରେ ଗ୍ଚଲି
ପଶେକ୍ ପଶେକ୍ ସପନ କାନପନତେ
ଠୁଲଉଛେ ଢୋଲ୍ ବଜାର୍ ତାଲେ ।

କହେମି ବେଲେ ହଜାର କଥାନୀ ଅଛେ
ହେଲେ କଲଁକର୍ ପଛଫାଲେ
ନୂଆଁ ଫୁଲର ମହକକେ ଦୁନଆ
ବାରିପାରବା ବଲି ଚମର୍‌ପରିଛେ ।

ଖର୍‌ର୍ ଟାନ୍, ବରଷାର୍ ଭୁରକୁଟି
ଜାଡର୍ କଁପକେ ଗ୍ଚଖି ମୁଡାହିରେ
ଦମ୍ ଖମ୍ ଠାଡ୍ ହେଇ
"ଛାଡ୍ ଦେଃ ! " ବାକ୍ୟଥି
ଦରଦ ହଜେଇ ଦେବାରଟା ।

କଟକଟୁଛେ ଡଙ୍ଗର୍
ସେଠାନୁ ମକଡଦମ୍ ର ହେଁଟାଲ୍ ଶୁନ
ତୁମୁନ୍ ଗୁମୁନ୍ ଜୁର୍ ଜୀବନ୍
ଝରନର୍ ମୁହଁ ହେଇ ନରଦୁଛନ୍ ।
ସଁସାର୍ ହାଟେ ଗ୍ଚହନୀ ଡାବୁ ଧରି
ଦିଆ ନଆ, ଘିନା ବିକା ସବୁ
ପେଟର୍ କାଜେ ତୋ ।

କୁଲିଗାଁ, ବଡମହେଶ୍ୱର,
ଖଡିଆଳ, ନୂଆପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢ଼ିସାରିବାପରେ ନିଜର ମତାମତ ଦିଅନ୍ତୁ ।

# କ୍ଷୁଦ୍ରଗପ- 'ସୁଦର୍ଶନ ବାବା'



ବିନୟ ମହାପାତ୍ର

( କାହାଣୀଟି ସମ୍ପୂର୍ଣ୍ଣ କାଲ୍ପନକ ବଷୟ ବସ୍ତୁ ଉପରେ ପର୍ଯ୍ୟବେଶିତ । ଯଦି କାହା ସହିତ କାହାର କିଛି ସାମଜସ୍ୟ ଉପଲବ୍ଧ ହୁଏ ତେବେ ଦୟାକରି ତୁଳନା କରିବେ ନାହିଁ ।)

ଗାଆଁ ଏ ମୁଣ୍ଡରେ ଯେମିତି ଏଇ ମେଲଣ ପଡିଆ ପାଖ ବରଗଛଟା କୋଉ ଯୁଗରୁ ଏଇଠି ଏମିତି ଠିଆ ହୋଇଛି, ସେମିତି ଗାଆଁ ସେ ମୁଣ୍ଡରେ ସେଇ ପଦୁଅଁ ପୋଖରୀଟା । ତାଆରି ହୁଡାକୁ ଲାଗି ମେଘନାଥ ପାଚେରୀ, ଆଉ ପାଚେରୀ ଆରପଟେ ନଡିଆ ବଗିଚ୍ଛାଟା ଏବଂ ତାଆରି ଭିତରେ ମଝା ମଝି ସୁଦର୍ଶନ ବାବାଙ୍କ ଆଶ୍ରମ । ବାହାରେ ଖୁବ୍ ବଡ ଭାରି ଗୋଟେ ଲୁହାର ଗେଟ୍ । କିଛି ଖାସ ପର୍ବଦିନ ଯେପରିକି ପ୍ରଭୁଙ୍କ ଆବିର୍ଭାବ ଦିନ ( ଜନ୍ମଦିନ) , ପ୍ରଭୁଙ୍କ ସିଦ୍ଧି ଦିନ, ଏକାଦଶୀ, ମାସାନ୍ତ ପୂର୍ଣ୍ଣିମୀ, ଆଦି ଛାଡିଦେଲେ ଅନ୍ୟ ଦିନ ମାନଙ୍କରେ ଚବିଶ ଘଣ୍ଟା ବନ୍ଦ ରହେ, ବଡ ଗେଟ୍ ର ମଝିମଝି ଆଉ ଗୋଟେ ଛୋଟିଆ ଗେଟ, ସେଇଟା କେବଳ ଖୋଲାହୁଏ କିଏ ଗଲା ଆସିଲା ବେଳେ । ମାଟିଆ ପେଣ୍ଟ କମିଜ ପିନ୍ଧା ଦରୁଆନ ଦି'ଜଣ ସବୁ ବେଳେ ସେଇଠି ଥାଆନ୍ତି । ସେ ନ ଚାହିଁଲେ କେହି ବାହାରକୁ କି ଭିତରକୁ ଯା'ଆସ କରି ପାରିବେନ ।

ଗେଟ ଭିତରକୁ ପଶିଗଲେ ଡାହାଣ ପଟେ ବିରାଟ ଗୋଟେ ମନ୍ଦିର, ଭକ୍ତମାନେ ସେଇ ମନ୍ଦିରକୁ ଲୀଳାମୟ ମନ୍ଦିର ବୋଲି କହନ୍ତି । ମନ୍ଦିରରେ ଆଉ କେହି ନୁହେଁ ସ୍ୱୟଂ ପ୍ରଭୁ ସୁଦର୍ଶନ ବାବା ଅବସ୍ଥାନ କରନ୍ତି । ମନ୍ଦିରର ଉତ୍ତର ଦ୍ୱାର ଦେଇ ବାବା ଯିବା ଆସିବା କରନ୍ତି । ମନ୍ଦିର ଭିତରେ ପ୍ରବେଶ ପାଇଁ ସମସ୍ତଙ୍କୁ ଅନୁମତି ମିଳେ ନାହିଁ । କିଛି ଖାସ

ଲୋକେ ଏବଂ ଏକ ନିର୍ଦ୍ଦିଷ୍ଟ ରକମ କିମ୍ବା ତା'ଠାରୁ ଅଧିକ ପ୍ରଣାମୀ ଧନ ଜମା କରିବାର ଦଶରୁ ପନ୍ଦର ଦିନ ଭିତରେ ମନ୍ଦିରର ପୂର୍ବଦ୍ୱାର, ଯେଉଁଟାକୁ ମୁଖଶାଳା କହୁଛନ୍ତି, ସେ ବାଟ ଦେଇ ମନ୍ଦିର ପ୍ରବେଶ କରିବାର ପାଳି ପଡେ ଓ ସିଂହାସନରେ ବିଜେ ପ୍ରଭୁ ସୁଦର୍ଶନଙ୍କର ଦର୍ଶନ ସମ୍ଭବ ହୋଇଥାଏ । ସେଥିପାଇଁ ଅନେକ ଭକ୍ତ ପ୍ରଣାମୀ ଜମାକରି ନିଜ ପାଳି ପାଇଁ ଅପେକ୍ଷାରେ ଅଛନ୍ତି । ବାକି ସାଧାରଣ ଭକ୍ତମାନଙ୍କ ପାଇଁ ପ୍ରଭୁ ସପ୍ତାହରେ ତିନି ଦିନ ଦର୍ଶନୀ ମଣ୍ଡପ ଯେଉଁଟା ମୁଖ୍ୟ ଗେଟର ବାମରେ ଥିବା କଦମ୍ବ ଗଛର ପଛପଟେ ବିରାଟ ଗୋଟିଏ ହଲ ତା ଭିତରେ ଥିବା ପେଣ୍ଡାଲରେ ଲାଗିଥିବା ଝୁଲାରେ ବସି ଦର୍ଶନ ଦିଅନ୍ତି । ସେଠାରେ ଥିବା ଆରାମ ଦାୟକ ସିଂହାସନରେ ବସି ପ୍ରବଚନ ଦିଅନ୍ତି । ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଧର୍ମଶାଳାର ବନ୍ଦୋବସ୍ତ ମଧ୍ୟ ଆଶ୍ରମ ଭିତରେ ରହିଛି । ଧର୍ମଶାଳାରେ ଅଲଗା ଅଲଗା ପ୍ରକାରର କୋଠରୀ ଅଛି, ସେଥିପାଇଁ ଅଲଗା ଅଲଗା ରେଟର ଭଡା ଦେବାକୁ ହୁଏ । ଯେପରି ବଡ ବଡ ହୋଟେଲରେ ମିଳେ ।

ଲୀଳାମୟ ମନ୍ଦିର ଏକ ଭବ୍ୟ ମନ୍ଦିର, ମନ୍ଦିରର ମୁଖଶାଳାର ଚଟାଣ ଧଳା ଶଙ୍ଖ ମଲମଲ ପଥରର ତିଆରି ହୋଇଛି। ଏତେ ଚକଣ ଯେ ଦର୍ପଣ ପରି ମୁହଁ ଦିଶିବ। ଟିକେ ସାବଧାନରେ ନ ଚାଲିଲେ ଗୋଡ ଖସିଯିବ ଯେମିତି । ଭିତରେ କୋଣାର୍କ ମନ୍ଦିର ପରି ପଥରର ନର୍ତ୍ତକୀ ମୂର୍ତ୍ତୀ ସବୁ ଲାଗିଛି। ଯେମତି ସତ ସତକା ଜୀଅନ୍ତା ସୁନ୍ଦର କୁଆରୀ ଝିଅ କେତେଜଣ ହୋଇ ମନ୍ଦିର ଭିତରେ ବୁଲୁଛନ୍ତି । ବାବା କୁହନ୍ତି, କାମ କାମନାର ପରୀକ୍ଷା ଏଇଠି ହୋଇଯାଏ । ଏପରି ଯୁବତୀଙ୍କୁ ଦେଖି ଯଦି ତୁମର ମନ ପୁଣି କାମନାରେ ଫଶିଗଲା ତାହେଲେ ମୁକ୍ତି କିପରି ହେବ ? ମୁଁ ସ୍ୱୟଂ ମୁକ୍ତିଦାତା । ମୁଁ ତୁମର ଉଦ୍ଧାର ପାଇଁ ମାନବ ଶରୀର ଗ୍ରହଣ କରି ପୁଣି ଧରାରେ ଅବତରିଛି । ଏଇଠି ତୁମର ପରୀକ୍ଷା ନେବି ପୁଣି ମୁକ୍ତି ଦେବି । ସଂସାରର ସମସ୍ତ ମୋହ, ମାୟା ଲୋଭ ତ୍ୟାଗ କର, ଧନର ମୋହ ତ୍ୟାଗ କର, ତୁମ ଧନର ଦାତା ମୁଁ ଏବଂ ଗ୍ରହିତା ବି ମୁଁ। ମୋରି ଦତ୍ତ ଧନରେ ଅଂହକାର କରନା, ଗୁରୁଙ୍କ ଶରଣରେ ଆସ, ତୁମର ସମସ୍ତ ଦୁଃଖର ହର୍ତ୍ତା ମୁଁ, ସୁଖର ଦାତା ମୁଁ ।

ମୁଖଶାଳା ପାର କଲ୍ ପରେ ଗରୁଡସ୍ତମ୍ଭ । ମୁଖ୍ୟ ମନ୍ଦିର ଆଡକୁ ମୁହଁକରି ଗରୁଡ ଡେଣା ମେଲେଇ ଆଣ୍ଠେଇବା ଅବସ୍ଥାରେ ବସିଛନ୍ତି, ମୁଖ୍ୟ ମନ୍ଦିରର କବାଟ ନାଆଁ ଶ୍ରୀଦ୍ୱାର । ବଡ ଭାରି କାଠର କବାଟ, ହେଲେ ତା ଉପରେ ପିତଳର ପତି ଲଗାଯାଇଛି । ଦିଶୁଛି ଯେପରି ସୁନାର କବାଟ । ଶ୍ରୀଦ୍ୱାର ଖୋଲିଲେ ମନ୍ଦିର ଭିତରର ଦୃଶ୍ୟ, ସତେବା ଇନ୍ଦ୍ର ମହଲ, ମନ୍ଦିର ନୁହେଁ ତ ଇନ୍ଦ୍ରଦେବଙ୍କ ଦରବାର । କକ୍ଷର ମଝାମଝି ରତ୍ନସିଂହାସନ । ସୁନା ରୁପା ଖଚତ ରତ୍ନ ସିଂହାସନ, କନ୍ତୁ ସିଂହାସନ ଖାଲି । ଏଇ ମନ୍ଦିରରେ ପ୍ରଭୂ ସୁଦର୍ଶନ ବାବା କଛି ଖାସଦିନ ମାନଙ୍କରେ କଛି ଖାସ ଭକ୍ତମାନଙ୍କୁ ଏବଂ ପ୍ରଭୂଙ୍କୁ ପ୍ରଣାମୀ ପଇଠ କରିଥିବା ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବାକ ଭକ୍ତମାନେ ମୂଖଶାଳା ବାହାରେ ଥିବା ପଡିଆରେ ଠିଆ ହୋଇ ପ୍ରଭୂଙ୍କ ଦର୍ଶନ କରନ୍ତି ।

କହିବାକୁ ଗଲେ ଗେଟର ବାମପଟ ଅଞ୍ଚଳଟି ଭକ୍ତମାନଙ୍କ ବ୍ୟବହାର ପାଇଁ । ଯେପରେ ଦର୍ଶନ ମଣ୍ଡପ, ତିନୋଟି ଧର୍ମଶାଳା, ନୋ- ଷ୍ଟାର, ଥ୍ରୀଷ୍ଟାର ଆଉ ଫାଇଭଷ୍ଟାର । ଗ୍ରେଷେଇ ଘର, ଫୁଲ ବଗିଗ୍ଭ, ଭକ୍ତଙ୍କ ପାଇଁ ନତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ କଛି ଦୋକାନ ବଜାର। ଭକ୍ତ ମାନଙ୍କର ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ବାବାଙ୍କର ବଡ ତାଗିଦ୍ । ତେଣୁ ସବୁ ସୁବିଧା ଉଚତ୍ ମୂଲ୍ୟରେ ଉପଲବ୍ଧ । ଆଶ୍ରମରେ ଥିବା ଷ୍ଟଲରେ ବାବାଙ୍କ ଗ୍ଭଳଶା, ବାବାଙ୍କ ସହସ୍ର ନାମ, ବାବାଙ୍କ ବ୍ରତ, ବାବାଙ୍କ ଉପଦେଶାବଳୀ ଆଦି ପୁସ୍ତକ, ବାବାଙ୍କ ପ୍ରବଚନ କ୍ୟାସେଟ ଓ ସିଡି ଛଡା ଆଶ୍ରମର ନଜର ଉତ୍ପାଦ, ବାବାଙ୍କ ଲକେଟ, ବିଭିନ୍ନ ପ୍ରକାର ଓ ଭଙ୍ଗିର ଫଟୋ, କଣ୍ଠମାଳ, ଧ୍ୟାନମାଳୀ, ଧୂପକାଠୀ, ସାବୁନ, ତେଲ, ଟୁଥ୍ ପେଷ୍ଟ, ପ୍ରଶାଧନ ସାମଗ୍ରୀ ଠାରୁ ରମ୍ଭ କରି ମୁଣ୍ଡ ବିନ୍ଧା, ପେଟବଥା ଦେହମୁଣ୍ଡ ବଥା ବାମ୍ ପର୍ଯ୍ୟନ୍ତ ଛୋଟ ବଡ ସବୁ ଗ୍ରେଗ ବଇଗ୍ଭଗ ପାଇଁ ଗ୍ଭମବାଣ ଆୟୁର୍ବେଦ ମେଡିସିନ ଆଶ୍ରମର ବିଶେଷ ଷ୍ଟଲରେ ମିଳେ । ଏ ଗୁଡିକ ବାହାରେ କେଉଁଠି କୌଣସି ଦୋକାନରେ ମିଳେନ । ଦାମ ଟିକେ ଅଧିକ ହେଲେ ଭକ୍ତ ମାନଙ୍କର ପରମ ବିଶ୍ୱାସ ଯେ ଏଇ ଔଷଧ ବ୍ୟବହାର କରି ବଡ ବଡ ଗ୍ରେଗ କଷ୍ଟରୁ ମୁକ୍ତି ପାଇଯିବେ । ହେଲେ କେହି ଜାଣନ୍ତି ନାହିଁ ବାବାଙ୍କର ଏତେ ସବୁ ଔଷଧ ତିଆରି କରିବାପାଇଁ ଫ୍ୟାକ୍ଟ୍ରି କେଉଁଠି ଲାଗିଛି !

ଲୀଳାମୟ ମନ୍ଦିରରେ ସୁଦର୍ଶନ ବାବା ବାସ କରନ୍ତି । ଅଧିକ ସମୟ ବିଶ୍ରାମ ଏବଂ ଶୟନ କକ୍ଷରେ ଅବସ୍ଥାନ କରନ୍ତି । କିଛି ଖାସ ମହିଳା ଭକ୍ତଙ୍କୁ ପ୍ରଭୁ ଦେବଦାସୀ ହେବାର ସୌଭାଗ୍ୟ ଦେଇଛନ୍ତି । ସେମାନେ ପ୍ରଭୁଙ୍କର ଖାସ ଦେହଲଗା, ପ୍ରଭୁଙ୍କ ସେବାଲାଗି ନିୟୋଗରେ ଲାଗି ହୋଇଛନ୍ତି । ସେମାନଙ୍କର ନାମ ସେମିତି ରାଧା ଲଳିତା ବିଶାଖା ଆଦି ଗୋପୀକାଙ୍କ ନାମ ଅନୁଶାରେ ଦିଆଯାଇଛି । ସେମାନଙ୍କ ନାମକରଣ ସ୍ୱୟଂ ପ୍ରଭୁ ସୁଦର୍ଶନ ବାବା କରିଛନ୍ତି । ପ୍ରଭୁଙ୍କ ଶୟନକକ୍ଷ ପୁରୁଷମାନଙ୍କ ପାଇଁ ନିଶିଦ୍ଧ ଅଞ୍ଚଳ । କେବଳ ଦେବଦାସୀ ମାନେ କିମ୍ବା ପ୍ରଭୁଙ୍କ ବିଶେଷ କରୁଣା ଲାଭ କରିଥିବା ଦୁଃଖି ମହିଳା ଭକ୍ତ କିମ୍ବା ବାଞ୍ଝତ୍ୱରୁ ମୁକ୍ତି କାମନା କରୁଥିବା ମହିଳା ଭକ୍ତମାନଙ୍କୁ ବିଶେଷ ପୂଜାଅର୍ଚ୍ଚନା ପାଇଁ ଅନୁମତି ମିଳିଥାଏ । ପ୍ରଭୁଙ୍କ ପ୍ରମୁଖ ଭକ୍ତମାନଙ୍କ ଭିତରେ ଅନେକ ସିନେମା ତାରକା ବଡ ବଡ ରାଜନେତା, ସରକାରୀ ଅଧିକାରୀ, ଶିଳ୍ପପତି ଆଦି ଗଣା ଯାଆନ୍ତି । ପ୍ରଭୁଙ୍କ ମହିମା ଅପରମ୍ପର, ପ୍ରଭୁଙ୍କର ପ୍ରବଚନ, ଗୁଣକୀର୍ତ୍ତନ ଅନେକ ଟିଭି କାର୍ଯ୍ୟକ୍ରମରେ ନିୟମିତ ପ୍ରଦର୍ଶିତ ହେଉଛି ।

ଜଣା ନାହିଁ ଆଜି ବି ଲୋକେ କାହିଁକି ଏମିତି ବାବା ମାତାଙ୍କ ପାଲରେ ପଡି ଯାଆନ୍ତି । ଏଇଟା କଣ ଆମର ଧର୍ମଭୀରୁତା ନା ଆମର ଲୋଭ, ବିନା ପରିଶ୍ରମରେ ବାବାଙ୍କ କୃପା ବଳରେ ବହୁତ କିଛି ପାଇବାର ଲାଳସା ? ଏହାକୁ ଆଧ୍ୟାତ୍ମିକତା ତ କେବେବି କୁହା ଯାଇପାରେନା । ଇଏତ ହାଟ ବଜାରରେ ବାର୍ଗେନ କଲାପରି ଘଟଣା । ନିଜର କାମ ହାସିଲ ପାଇଁ ମନ୍ଦିର ବଦଳେଇ ବଦଳେଇ ବୁଲିବା ପରି ହେଉଛି । କୋଉ ଠାକୁର କି ବାବା କେତେ କମ୍ ପ୍ରସାଦରେ ବହୁତ ବଡ ବରଦାନ ଦେଇଦେବ ତାଙ୍କରି ମନ୍ଦିରରେ କି ଆଶ୍ରମରେ ଶରଣ ନେବା । ଏପରି ମନୋବୃତି ନେଇ ଭକ୍ତି କଲେ ଶେଷରେ ଠକାମୀରେ ହିଁ ପଡିବା ସାର ହୁଏ ।

ଆମ ଗାଆଁର ଏମିତି କେହି ଜଣେ ହେଲେ ବି ବାବାଙ୍କର ଭକ୍ତ ନୁହେଁ । ବାବା ପରା ଏଇ ଗାଆଁର ପୁଅ । ବୁଢାବୁଢା ଲୋକ ସବୁ କହନ୍ତି ବାବାଙ୍କର ପିଲାଦିନ କଥା । ବାବାଙ୍କ ପରିବାର ବିଷୟରେ ଆପଣମାନଙ୍କୁ ଟିକେଏ କହି ରଖେ । ବାବାଙ୍କର ଭାଇ ଭଉଣୀ ମିଶି

ସାତ ଜଣ। ତିନି ଭାଇ, ଚାରି ଭଉଣୀ, ବାବା ହେଉଛନ୍ତି ମାଆ ବାପାଙ୍କର ନମ୍ବର ଦୁଇ ସନ୍ତାନ, ମାନେ ମଝିଆଁ ପୁଅ । ବଡ ଭାଇଙ୍କର ବୟସ ଏବେ ପଞ୍ଚାବନ ବର୍ଷ ଏଇ ମାଘ ପଞ୍ଚମୀକୁ ହେଲା, ସୁଦର୍ଶନ ତାଙ୍କଠାରୁ ଦେଢବର୍ଷ ସାନ । ଏବେ ଭାଇମାନେ ସବୁ ସହରରେ ଚାକରୀ ବାକରୀ କରି ପରିବାର ସହିତ ସହରରେ ରହନ୍ତି । ଭଉଣୀମାନଙ୍କର ବାହାଘର ବାପା ଥାଉ ଥାଉ ଜମିବାଡି ବିକି ସାରି ଦେଇଥିଲେ । ବହୁତ ପୁରୁଣା ନାମକରା ଖାନଦାନୀ ପରିବାର, ରାଜୁଡା ସମୟରେ ପ୍ରଭୂଙ୍କ ଜେଜେବାପା ରାଜାଙ୍କ ପେସ୍କାର ଥିଲେ । ବହୁତ ଜମିବାଡି ଧନ ସମ୍ପତ୍ତି ଠୁଳ କରି ରଖିଥିଲେ । ପ୍ରଭୂଙ୍କର ବାପାଙ୍କ ନାମ ଜନାର୍ଦ୍ଦନ ଦାସ, ସେ ସମୟ ମାଟ୍ରିକ୍ ପାଶ କରିଥିଲେ । ଛଅ ଫୁଟ୍ ର ଗୋରା ତକ୍ ତକ୍ ରାଜ କୁମାର ପରି ଚେହେରା । ମାଆ ବାପାଙ୍କର ଏକୋଇର ବଳା ବିଶିକେଶନ । ମାଟ୍ରିକ ପାଶ୍ ସେତେବେଳେ ସମୟର ବହୁତ ବଡକଥା। କଲେଜ ପଢିବା ପାଇଁ ସୁଦୁର କଲିକତା ଯିବାକୁ ହୋଇ ଥାଆନ୍ତା, ମାଆ ସାଆନ୍ତାଣୀ ମନା କରିଦେଲେ, ପୁଅକୁ ଏତେ ଦୂର ପଢିବା ପାଇଁ ପଠାଇବେ ନାହିଁ । ଜନାର୍ଦ୍ଦନଙ୍କ ବିଷୟରେ ପରେ କେବେ କହିବି ।

ବାବା ଏଇ ଗାଆଁର ପୁଅ। ଜଣାଶୁଣା ଲୋକ ସବୁ କହନ୍ତି ବାବାଙ୍କର ପିଲାଦିନ କଥା, ତାଙ୍କର ବାଲ୍ୟଲୀଳା ଆଉ ମାଙ୍କଡାମୀ କଥା। ( କିନ୍ତୁ ବାବା ଚାଳଶା ଅନୁଶାରେ କହାଣୀ କିଛି ଅନ୍ୟ ପ୍ରକାରରେ, ଯଦି କେଉଁଠି ବାବା ଚାଳଶା ମିଳେ ପଢିନେବେ, ନହେଲେ ପରେ ମୋ ଠାରୁ ପରେ ଶୁଣିବେ, ମୁଁ ଯଦି ଭୁଲିଯାଏ, ତେବେ ମନେ ପକାଇ ଦେବେ) । ବାବା କିଶୋର ଅବସ୍ଥା ପ୍ରାପ୍ତ କରୁ କରୁ, ବାପା, ମାଆ ଭାଇ ଭଉଣୀ ସାଇ ପଡିଶା ଆଦି ଗାଆଁର ଅଧା ଲୋକଙ୍କୁ ଅତିଷ୍ଠ କରି ରଖିଥଲେ । ବାବା ପନ୍ଦର ବର୍ଷର ହେଉ ହେଉ ପୂର୍ଣ୍ଣ ଯୌବନ ପ୍ରାପ୍ତ କରି ସାରିଥିଲେ । ବାବାଙ୍କ ଯୌବନ ଲୀଳା ଏତେ ପ୍ରବଳ ହୋଇଗଲା ଯେ ଦିନେ ମହାନ୍ତି ସାହିର କେଉଁ ଏକ ଝିଅକୁ ଗଧୁଆ ତୁଠରେ ଏକୁଟିଆ ଦେଖି ପ୍ରଣୟ ନିବେଦନ କରି ବସିଲେ ! ଝିଅଟି ବଡ କଷ୍ଟରେ ମୁକୁଳି ଯାଇ ଘରେ ତାର ମାଆ ବାପାଙ୍କ ଆଗରେ ସବୁକଥା ବଖାଣି ବସିଲା । ଘରଲୋକେ ଆସି ଜନାର୍ଦ୍ଦନଙ୍କୁ ସବୁ ବୃତାନ୍ତ ଶୁଣାଇଲେ, ଏସବୁ ଶୁଣି ଜନାର୍ଦ୍ଦନ ବାବୁଙ୍କ ପାରା ପୁରା ମଥାକୁ ଚଢିଗଲା । କୋଉ ଖାନଦାନର ପିଲା, ଏଇ ବୟସରେ ଆଜି ଏମିତି କଲା, ଆଗକୁ ଚାଲି କଣ ନ କରିବ? ବାପା ଅଜାଙ୍କର

କେତେ ନାଆଁ, ଆଜି ସବୁ ମାଟିରେ ମିଶେଇ ଦେଲୁ ! ରାଗ ତମ ତମ ହୋଇ ଉଠେଇ ନେଲେ ବଳଦଙ୍କ ପାଇଁ ସାଇତା କେନ୍ଦୁ ପାଞ୍ଚଣ । ସତେବା ସଇତାନ ତାଙ୍କ ମୁଣ୍ଡରେ ପଶିଛି। ଆରମ୍ଭ କରିଦେଲେ ସୁଦର୍ଶନର ପିଟାଇ, ଗାଈ ଗୋରୁଙ୍କୁ ବି ଏପରି କେହି ପିଟିବେନ । ମାଆ ସାଆନ୍ତାଣି ମଝିରେ ପଶି ଜନାର୍ଦ୍ଦନ ବାବୁଙ୍କୁ ଶାନ୍ତ କଲେ, ସେତେ ବେଳକୁ ତ ପିଟିବା କାର୍ଯ୍ୟକ୍ରମ ପୁରା ହୋଇ ସାରିଥିଲା । ସୁଦର୍ଶନଙ୍କର ଦେହ ସାରା କେନ୍ଦୁ ପାଞ୍ଚଣର ଦାଗ, କେତେ ଜାଗା ଚମଡା ଫାଟି ରକ୍ତ ବୋହୁଥାଏ । ମାଆ ସାଆନ୍ତାଣି ରାତିସାରା ପାଖରେ ବସି କରଞ୍ଜ ତେଲ ଗରମ କରି ଘାଆ ଉପରେ ଲଗେଇ ଦେଲେ । ବାପାଲୋ ଧନଲୋ କହି କେତେ ବୁଝେଇଲେ । ବାପା ଅଜାଙ୍କ ନାଆଁ ଏମିତି ଖରାପ ନକରିବାକୁ କେତେ ବୁଝେଇଲେ ।

ଗୋଟିଏ ଦିନର ବାପାଙ୍କ ଲାଠି ପ୍ରହାରେଣ ସୁଦର୍ଶନ ସିଧା ଧନଞ୍ଜୟ ହୋଇଗଲେ । ଦି' ଦିନ ଗଲା, ଦେହର ଦରଜ ଟିକେ କମିଲା ପରେ ସୁଦର୍ଶନ ଦିନେ ସୁବିଧା ଦେଖି ବାପାଙ୍କ ଟ୍ରେଜେରୀରୁ ହଜାରେ ଟଙ୍କା ଆଉ ମାଆର କଛି ଗହଣା ନେଇ ରାତା ରାତି ଗୃହ ତ୍ୟାଗୀ ହୋଇଗଲେ । ସେ ସମୟରେ ଗାଆଁରେ ଗାଡି ମଟର ସୁବିଧା ନଥିଲା । ସୁଦର୍ଶନ ପାଦରେ ଚାଲି ଚାଲି ତିନଦିନ ପରେ କୋଉ ଗୋଟେ ରେଳ ଷ୍ଟେସନରେ ପହଞ୍ଚିଲେ । ସେଇଠୁ ଯୋଉଁ ଗାଡି ଆଗ ମିଳଲା, ସେଥିରେ ବସିଗଲେ । ପ୍ରଥମ ଥର ରେଳରେ ବସିଥାଏ, ବଡ ମଜା ଲାଗୁଥାଏ, ତିନ ଦିନର ପାଦଚଲାର କ୍ଳାନ୍ତି ଉପରେ ରେଳଗାଡି ଚାଲିଲା ପରେ ଥଣ୍ଡା ଥଣ୍ଡା ସୁଲୁସୁଲିଆ ପବନରେ ଆଖି ବୁଜି ହୋଇଗଲା । ପୁଣି ଦେଖୁ ଦେଖୁ ଶୋଇଗଲେ ନଘୋଡ ନଦରେ । ଜଣାନାହିଁ କେତେ ସମୟ ହେବ, ଟିଟି ସାହବ ଆସି ଟିକଟ ମାଗିଲେ, ସୁଦର୍ଶନ ତ ଜାଣିନ, ରେଳଗାଡିରେ ବସିଲେ ଟିକଟ ବି କଣିବାକୁ ହୁଏ । ବୋକାଟିଏ ପରି ଚାହିଁ ରହିଲା ଟିଟିର ମୁହଁକୁ । ଟିଟି ଟିକେ ହସି ପଚାରିଲେ, କୋଉଠିକୁ ଯିବୁ, ହାପ ଟିକଟ ଲାଗିବ ତୁମର, ସୁଦର୍ଶନ କହିଲା ମୁଁ ଜାଣିନ, ଏଇ ଗାଡି ଯୁଆଡେ ଯାଉଚ ମୁଁ ସେଠିକ ଯିବି। ଟିଟି କହିଲେ ଏ ଗାଡି ଦିଲ୍ଲୀ ଯିବ ଦି'ଦିନ ପରେ ପହଞ୍ଚିବ । ଷାଠିଏ ଟଙ୍କା ଭଡା । ସୁଦର୍ଶନ ଖୁବ୍ ସାବଧାନୀରେ ଏପଟ ସେପଟ ଦେଖି ଲୁଚାଇଥିବା ଜାଗାରୁ ଟଙ୍କା ବାହାର

କରି ଟିଟିକୁ ଦେଇ ଟିକଟ ନେଲେ, ପୁଣି ଶୋଇ ପଡିଲେ ନଘୋଡ ନଦରେ । ରାତିସାରା ଗାଡି ଚାଲିଥାଏ ।

ସକାଳ ହେଲା, ରେଳ ଡବାରେ ଗହଳ ଚହଳ ହେବା ଆରମ୍ଭ ହୋଇଗଲା । ସମସ୍ତେ ପ୍ରାୟ ଉଠି ସାରିଲେଣି । ଗତକାଲି ଷ୍ଟେସନରେ ପହଞ୍ଚି ଯାହା ଦିମୁଠା ଖାଇଥିଲେ, ସେତିକ । ରାତିରେ ସେମିତି ଅଖିଆ ଅପିଆ ଶୋଇ ପଡିଥିଲେ । ଏବେ ଭୋକ ଲାଗିଲାଣି, ହେଲେ ଅଘସା ପାଟିରେ କେମିତି ଖାଇବେ । ଗାଡି ବାଟରେ କେଉଁଠି ରହିବ କ ନାହିଁ ଜଣାନାହିଁ । ପଖରେ ବସିଥିବା ଲୋକେ ଗଣ୍ଠିଲିରୁ ଚୁଡା ମୁଢି ଖୋଲି ଖାଇବା ଆରମ୍ଭ କରିଦେଲେଣି । ଆରପଟ ଡବାରୁ କେତେଜଣ ତାଙ୍କର ବୁଜୁଳ ସଜାଡିବାକୁ ଲାଗିଲେଣି । କଥା ବାର୍ତ୍ତାରୁ ଯାହା ଜଣା ପଡୁଲା, କଛି ସମୟ ପରେ କାନପୁର ଷ୍ଟେସନ ଆସିବ । ସେମାନେ ସେଇଠି ଓହ୍ଲାଇବେ, ଗାଡି କୁଆଡେ ଅଧଘଣ୍ଟାଏ ରହିବ ଷ୍ଟେସନରେ । ସେଇଠି ଦାନ୍ତ କାଠି ବି ମିଳବ, ଖାଇବା ଜିନଷ ବି ଷ୍ଟେସନରେ ମିଳବ ।

କାନପୁର ଷ୍ଟେସନ ଆସିଗଲା । ଝରକା ପାଖରେ ଦାନ୍ତକାଠି ବାଲା ଠିଆ ହୋଇଛି । ତାକୁ ଦାନ୍ତକାଠି କେମିତି ଦେଉଛି ପଚାରିଲେ, ଦାନ୍ତକାଠିବାଲା କହିଲା ଗୋଟେ କଣା ପଇସାରେ ପାଞ୍ଚଟା ଦାନ୍ତକାଠି । ପଇସା ଦିଅ, ଦାନ୍ତକାଠି ନଅ । ସୁଦର୍ଶନ ଅଣ୍ଡାଳ ହେଲେ, କନ୍ତୁ ଏ କଣ, ରାତିରେ କଏ ତାଙ୍କ ଟଙ୍କା ପଇସା ସବୁ ଚୋରିକରି ନେଇ ଯାଇଛି । ଏବେ କଣ କରିବେ? ଗହଣା ଥିବା ଜାଗା ଅଣ୍ଡାଳଲେ, ହଁ, ଗହଣା ସବୁ ତ ଠିକ୍ ଠାକ୍ ଅଛି, ହେଲେ ଟଙ୍କା ପଇସା ସବୁ ଚୋରି ହୋଇଯାଇଛି । ଏବେ କଣ କରିବେ ଭାବୁ ଭାବୁ ସୁଦର୍ଶନ ଗାଡିରୁ ଓହ୍ଲେଇ ପଡିଲା । ଭାବିଲା ଯାହା ହେଉ ଗହଣାତକ ଲୁଚାଇ ରଖିଥିଲେ ବୋଲି ଚୋର ଆଖିରୁ ବଞ୍ଚିଯାଇଛି । ସେ ସବୁକୁ ବିକ ଯାହା ପଇସା ମିଳବ ସେଥିରେ କଛିଦିନ ଚଳଯିବ ତାଙ୍କର । ପଇସା ସରିଗଲେ ଦେଖିବା ଯାହା କରିବାକୁ ହେବ । ଘରଠାରୁ ତ ବହୁତ ଦୂର ଆସି ସାରିଲେଣି, ଦିଲ୍ଲୀରେ ଅବା କୋଉ ମାମୁଁଘର ହେଇଛି ଯେ ଯିବା ଜରୁରୀ ଅଛି । କାନପୁର ଆସି ପହଞ୍ଚିଗଲେ, ଏଇଟା ବଡ କଥା । ଏମିତି ଭାବି ଭାବି ଷ୍ଟେସନ ବାହାରକୁ ଆସିଲେ ।

ଘରଛାଡି, ପ୍ରଦେଶ ଛାଡି ପରଦେଶରେ ଆସି ପହଞ୍ଚି ଗଲେ । ଭାଷା ଅଲଗା ବେଶଭୂଷା ଅଲଗା, ଲୋକଙ୍କ ଲୁଗାପିନ୍ଧା ଅଲଗା । କଣ କରିବେ, ନା ସେ କାହା କଥା ବୁଝି ପାରୁଛନ୍ତି ନା ତାଙ୍କ କଥା କଏ ବୁଝି ପାରୁଛି । ଏମିତି ଗ୍ଲୁଲୁଗ୍ଲୁ ଗୋଟେ ବଣିଆ ଦୋକାନ ଦେଖି ଭିତରକୁ ପଶିଗଲେ । ଗହଣା ବାହାର କରି ଦେଖାଇଲେ, ବଣିଆ ତାଙ୍କ କଥା ବୁଝି ପାରୁ ନଥାଏ, ଏତେ ଗହଣା ଗୋଟେ ଚଉଦ ପନ୍ଦର ବର୍ଷର ପିଲା ପାଖରେ ଦେଖି ଦୋକାନୀର ସନ୍ଦେହ ହେଲା । ଭାବିଲା ଏଇ ପିଲାଟି କେଉଁ ଗ୍ରେର ଗ୍ୟାଙ୍ଗର ହୋଇଥିବ । ତେଣୁ ଚୁପ୍ ଗ୍ଲପ୍ ପୋଲିସକୁ ଖବର ଦେଇଦେଲା । ଟିକଏ ସମୟରେ ପୋଲିସ ଆସି ପହଞ୍ଚିଗଲେ । ସୁଦର୍ଶନକୁ ସିଧା ପୋଲିସ ଥାନା ନେଇଗଲେ । ସେଠାରେ ପଗ୍ଲରିବା ଆରମ୍ଭ କଲେ, ପ୍ରଥମେ ଧୀରସ୍ଥିର ଭାବରେ ପଗ୍ଲରିଲେ, ହେଲେ ସୁଦର୍ଶନ ତାଙ୍କ କଥା ବୁଝି ପାରୁ ନଥାଏ ତଥାପି ଚେଷ୍ଟା କରି ସତକଥା ସବୁ କହି ପକାଇଲା । କିନ୍ତୁ ପୋଲିସ ତା କଥା ବୁଝି ପାରୁ ନଥାନ୍ତି, ତାପରେ ଗୁଡାଏ ପିଟିଲେ ପୁଣି ଜେଲ ପଠେଇଦେଲେ । ଦୁଇ ତିନଟା ତାରିଖ ପରେ କୋର୍ଟ ସୁଦର୍ଶନକୁ ଗୋଟିଏ ବର୍ଷର ଜେଲ ଦଣ୍ଡ ଆଦେଶ ଦେଇଦେଲେ । ସେତେବେଳେ ବଡ ଲୋକଙ୍କ ଜେଲ ଓ ନାବାଳକ ପିଲାଙ୍କ ଅଲଗା ସୁଧାରଗୃହର ବନ୍ଦୋବସ୍ତ ନଥିଲା । ତେଣୁ ତାଙ୍କୁ ବଡ ଲୋକଙ୍କ ପାଇଁ ଥିବା ଜେଲ ପଠାଇ ଦିଆଗଲା ।

ଏଣେ ସୁଦର୍ଶନଙ୍କ ଘରେ କାନ୍ଦ ବୋବାଳ ପଡିଛି, ପୁଅ ଘରଛାଡି ଗ୍ଲଲିଗଲା । ମଲା କ ହଜିଲା କିଛି ଖୋଜ ଖବର ନାହିଁ । ଆଖ ପାଖ ଦଶଖଣ୍ଡ ଗାଆଁରେ ଲୋକ ଲଗାଇ ଖୋଜିଲେ । ବନ୍ଧୁ ବାନ୍ଧବ ଘରକୁ ଖବର ପଠେଇଲେ, ହେଲେ କେଉଁଠାରୁ କିଛି ଖବର ମିଳିଲା ନାହିଁ । ସେ ସମୟରେ ଫୋନ ସୁବିଧା ବି ନଥିଲା ନା ଟିଭି କ ରେଡିଓର ସୁବିଧା ଥିଲା । ଘର ଲୋକେ ସବୁ ପ୍ରକାରର ଚେଷ୍ଟା କରି ଶେଷକୁ କପାଳ ଆଦରି ରହିଲେ ।

ଶୁଣିବା କଥା, ସୁଦର୍ଶନ କୁଆଡେ ଜେଲରେ ଥିଲାବେଳେ କୋଉ ଜଣେ ଭଣ୍ଡ ବାବାଙ୍କ ସହିତ ଗୋଟିଏ ସେଲରେ ରହୁଥିଲେ ଆଉ ଏକା ଦିନରେ ଜେଲରୁ ଖଲାସ ହେଲେ । ଜେଲରୁ ମୁକୁଳି ସୁଦର୍ଶନ ସେଇ ବାବାଙ୍କ ଚେଲା ହୋଇ ତାଙ୍କ ସାଙ୍ଗରେ ତାଙ୍କ ଆଶ୍ରମରେ ଯାଇ ରହିଲେ । ବାବାଜୀ ହେବାର ସବୁ କଳା କୌଶଳ ଦିନ କେଇଟାରେ ଶିଖିଗଲେ ।

ଆଶ୍ରମରେ କୋଡିଏ ବର୍ଷର ରହଣି କଛି କମ୍ କଥାନୁହେଁ । ସୁଦର୍ଶନ ଖୁବ୍ ଶିଘ୍ର ସବୁ ବିଦ୍ୟାରେ ପାରଙ୍ଗମ ହୋଇଗଲେ । ବାବାଙ୍କର ପରମ ଭକ୍ତ ଓ ବାବାଙ୍କ ଉତ୍ତରାଧିକାରୀ ହେବାର ଯୋଗ୍ୟତା ମଧ୍ୟ ପାଇଗଲେ । ସମସ୍ତେ ଜାଣନ୍ତି ବାବାଙ୍କ ପରେ ଆଶ୍ରମର ଅସଲ ଉତ୍ତରାଧିକାରୀ ହେବେ ସୁଦର୍ଶନ । ଦିନ ବିତି ଚାଲିଲା । ଅଚାନକ ଦିନେ ବାବାଙ୍କର ବଡ ସନ୍ଦେହ ଜନକ ଅବସ୍ଥାରେ ହତ୍ୟା ହୋଇଗଲା । ସମସ୍ତେ ଚକିତ, ଏପରି ଏତେ ସାବଧାନୀ ଭିତରେ ବାବାଙ୍କ ହତ୍ୟା କପରି ହେଲା । କେହି ପାଖ ଲୋକ ଏହା କରିଥାଇ ପାରେ ବୋଲି ଫୁସୁର ଫାସର ହେଲେ । କିନ୍ତୁ କାହାର ସାହାସ ନଥାଏ ମୁହଁ ଖୋଲି କାହା ନାଆଁ ନେବାକୁ। ପୋଲିସ ଆସିଲା ଦଶ ପନ୍ଦର ଦିନ ଖୁବ୍ ହୋହଲ୍ଲା ହେଲା । କଣ ହେଲା କେଜାଣି, ସବୁ ପୁଣି ଶାନ୍ତ ହୋଇଗଲା । ଲୋକେ କହନ୍ତି, ପୋଲିସ ପଇସା ଖାଇ କେଶକୁ ଦବେଇ ଦେଲା । ମାସକ ପରେ ଆଶ୍ରମରେ ସୁଦର୍ଶନଙ୍କର ଗୁରୁ ଅଭିଷେକ ପାଇଁ ଆୟୋଜନ ଚାଲିଥାଏ ଏହି ସମୟରେ କେଉଁଠୁ କେଜାଣି ବାବାଙ୍କର ଅସଲ ବଂଶଜ ତାଙ୍କର ପତ୍ନୀ ଓ ପୁତ୍ର ଆସି ଆଶ୍ରମରେ ପହଞ୍ଚି ଗଲେ ଏବଂ ଆଶ୍ରମରେ ନିଜର ଦାବୀ ପେଶ୍ କରିଦେଲେ । ସୁଦର୍ଶନଙ୍କୁ ଲାଗିଲା, ଏତେ ପଚଡାରେ କିଏ ପଡିବ ହୋ । କାଲିକି ବାବାଙ୍କ ହତ୍ୟା କେସ ଫାଇଲ ଯଦି ପୁଣିଥରେ ଖୋଲିଯିବ, କଥା ବିଗିଡିଯିବ । କୋର୍ଟ କଚେରୀ ଚକର କାଟିବା ଅପେକ୍ଷା କିଛି ମଧ୍ୟମ ପନ୍ଥା ଧରିବା ଭଲ । ସେ ଆଶ୍ରମର ଭାଗ ବଣ୍ଟରା କରିଦେଲେ, ନିଜର ଅଧାକୁ ବିକ୍ରିବଟା କରି ଦଶବର୍ଷ ତଳେ କିଛି ବିଶ୍ୱସ୍ଥ ଚେଲାଙ୍କୁ ସାଥିରେ ନେଇ ଏଠାକୁ ଚାଲି ଆସିଲେ ଏବଂ ଗାଆଁରେ ଏଇ ଆଶ୍ରମ ସ୍ଥାପନା କରିଦେଲେ । ସେଇ ଦିନ ଠାରୁ ଏଠାରେ ଧର୍ମ ନାଆଁରେ ନିଜର ଦୋକାନ ଚଲାଉଛନ୍ତି । ହେଲେ ଚୋରଘର କଣ ସବୁବେଳେ ସବୁବେଳେ ଅନ୍ଧାର ରହିବ? ଦିନେ ନା ଦିନେ ତ ପାପର ଘଡା ପୁରିବ, ଦେଖାଯାଉ ସେତେବେଳେ ଭଗବାନ ତାଙ୍କୁ କପରି ଦଣ୍ଡ ଦେଉଛନ୍ତି ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

ବେଦାନ୍ତୀ

# ପ୍ରେମ କଥା



ରାଜଶେଖର ସି. "ଚମା"

କହିବାକୁ ଚାହୁଁଛି ଏକ ଛୋଟ କଥା,
କହିବାକୁ ଚାହୁଁଛି ଏକ ମିଠା କଥା,
କହିବାକୁ ଚାହୁଁଛି ଏକ ପ୍ରେମ କଥା,
କହିବି ଚଞ୍ଚଳଚଉ ର ମଧୁର ବ୍ୟଥା । ୧।

ରୂପେଲି ରଙ୍ଗେଇ ଲାଗୁଛି ଏହି ପୁନେଇ ରାତି,
ତୁମ ଚଞ୍ଚଳନୟନ ଚନ୍ତା ରେ ନିମଗ୍ନ ମୋ ମତିଗତି,
ରଜନୀଗନ୍ଧା ସୁବାସ କଲାଣି ପ୍ରଣୟଗୀତ ପାଇଁ ଗତି,
ସହର୍ଷ ଦିଅ ମୋ ପ୍ରେମ ର ତୁମେ ସୌହାର୍ଦ୍ଦ୍ୟ ସମ୍ମତି । ୨।

କେମିତି କରିବି ମୋ ଅସୀମ ଅନୁରାଗ ର ଅଭିବ୍ୟକ୍ତି,
ଅପାର ଅଶେଷ ତୁମ ପାଇଁ ମୋ ଆସକ୍ତି ଅନୁରକ୍ତି,
ପାଉ ନାହିଁ ଏହି ଅନ୍ତହୀନ ଆର୍ତ୍ତନାଦ ରୁ ବିମୁକ୍ତି,
ଜୀବନ ର ନୂତନ ଅଧ୍ୟାୟ ପାଇଁ ବାଢ଼ିଲାଣି ଇଚ୍ଛାଶକ୍ତି । ୩।

ତୁମେ ହିଁ  ମୋର ପ୍ରିୟସଖି ପ୍ରିୟସଙ୍ଗିନୀ,
କେବେ ହେବ ଯେ ମୋ ଅର୍ଦ୍ଧାଙ୍ଗିନୀ,
ପ୍ରବାହିତ ହେବ ଯେମିତି ପ୍ରେମ ତରଙ୍ଗିନୀ,
ଜୀବନ ରଙ୍ଗୀନ କର ହୋଇ ରଙ୍ଗିନୀ । ୪।

ସଦା ଗୁହୁଁଛି ତୁମ ସହ ଆଳାପ,
ଅତି ମଧୁର ଆମ ପ୍ରତି ମିଳାପ,
ଅନନ୍ତ ଲ୍ଗେ ଆମ ସଂଳାପ,
ପ୍ରସନ୍ନଚତ୍ତ କରେ ଆମ ପ୍ରେମାଳାପ । ୫।

କରିଲ ତୁମେ ଯେ ମୋ ପ୍ରୀତି ର ସାଦର ସ୍ୱୀକାର,
ସାମ୍ପ୍ରାପ୍ତି ହେଲ୍ ନଜ ମାତା- ପିତାଙ୍କ ଠାରୁ ଅଙ୍ଗୀକାର,
ଚକାଆଖି ରଚଲେ ଚତ୍ତସଖ୍ୟ ଚତ୍ତରଞ୍ଜୀ ଚମତ୍କାର,
ପ୍ରେମବନ୍ଧନ ରୁ ପବିତ୍ର- ବନ୍ଧନ ସ୍ୱପ୍ନ ହେଲ୍ ସାକାର । ୬।

chvrajasekhar@gmail.com

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ପରିଚୟ

ଅଜୟ କୁମାର ମହାନ୍ତି

ଖୋଜେ ନିରନ୍ତର
ମୁଁ କିଏ
କଣ ପରିଚୟ ମୋର
କେଉଁଠି ମୋ ଘର ।

ମଧ୍ୟାହ୍ନରେ ଅନ୍ଧାରର ଭିଡ
ଘୁରିଆଡେ କୋଳାହଳ
ମୁଁ କିନ୍ତୁ ନିହାତି ଅକେଲା୍
ଅଚିହ୍ନା ଚେହେରା୍ ନଜର ।

ଅନ୍ଧାରର କଣ  ଠିକଣା
ଶୂନ୍ୟର କି ଥାଏ ସୀମା
ଭୁଗୋଳରେ କି ପରିଚୟ
ନଥିଲେ ଅକ୍ଷାଂଶ ଦ୍ରାଘିମା ।

କେମିତି ଖୋଜିବି କୁହ
ଶିଶୁର ହସ ପରି ସକାଳ
ସୂର୍ଯ୍ୟ ସ୍ନାନ କରା୍ ମଧ୍ୟାହ୍ନ
ଅପସରି ଯାଉଥିବା ଅପରାହ୍ନ ।

ସ୍ମୃତି ସବୁ ମଳା୍ ଜହ୍ନ
ତାରା୍ରେ ଝଲସେ ଅନ୍ଧାର
ଦିଶାହୀନ ମୁଁ  ବାଟବଣା
ଦୃଶ୍ୟ ନୁହେଁ ଧୃବତାରା୍ ।

ଅତିକ୍ରାନ୍ତ ସମୟର ଭାରା୍
ବିସ୍ମୃତ ମୋ ଜୀବନର ସ୍ୱର
ସ୍ୱପ୍ନ ମୋ ଘୈରା୍ ବାଲି
ରାସ୍ତା ଅମୁହାଁ  ଅନ୍ଧାର ।

ଶ୍ରାନ୍ତ କ୍ଲାନ୍ତ ଅବସନ୍ନ
ନିସଙ୍ଗ ମୁଁ ଦିଗହରା୍
କେମିତି ପାରିବି ଖୋଜି
ଲୁପ୍ତ ସରସ୍ୱତୀର ଧାରା୍ ।।

ଇଉନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ,
11,  ହେମନ୍ତ ବସୁ ସରଣୀ, କଲିକତା

# ଦେବୀ କେବେ ଆସିବ



ବିଷ୍ଣୁ ନାରାୟଣ ମହାନନ୍ଦ

ଦେବୀ କେବେ ଆସିବ
ମୋ ସମାଜକୁ ମୋ ପରିବାରକୁ
ଅପେକ୍ଷା କରି କରି
ମୋ ଶାଶୁ ଚାଲିଗଲେଣି
ତଥାପି ଆସିଲନ
ଏବେ ମୋ ବୟସ ବାର୍ଦ୍ଧକ୍ୟରେ।।
କହିଦିଅ ଦେବୀ ମନଖୋଲି
କେବେ ପାଦ ଦେବ
ଏ ଦାରିଦ୍ର୍ୟରେ କାଳାତିପାତ କରୁଥିବା
ଶୂଦ୍ର ଘର ଦ୍ୱାରରେ।।
ଅଭିମାନ କରିଛ କ
ଖୋଲି କ କହି ଦିଅ ଥରେ
ଯଥାସମ୍ଭବ ଆରାଧନା କରେ ତୁମକୁ
କେଉଁଥି ଅଭାବ ରହିଲା ଅବା ଭୁଲରହିଗଲା କହିଦିଅ ଥରେ।।
କରଜ କରିଥିଲି
କିଛି ଚାଷରୁ ପାଇବି ବୋଲି
ହେଲେ ହେଲାନ ବର୍ଷା।।
ଯାହା କିଛି ହେଲା ପେଟ ପାଇଁ ନଅଣ୍ଟ
ମାର୍ଗଶୀରରେ ତମ ଆରାଧନା ପାଇଁ

କଲି ସେଇ ଜମି ଖଣ୍ଡକ ବନ୍ଧକ।।
ମୋ ନାତି ପାଇଁ ମିଳେନ ସିଲଟ
ବହିବସ୍ତାନ, ମିଳେନ ପିନ୍ଧିବାକୁ ଭଲ ଜାମାଟେ।।
ତଥାପି ଖାସ ତମ ପାଇଁ ଦେବୀ
ଭକ୍ତିରେ ଲଗାଏ ଧୂପ ଦୀପ ନୈବେଦ୍ୟ
ପୁଜେ ଦେଇ ଭୋଗ ଧାନ ଚୁଡା ଫଳମୂଳ କଦଳୀ।।
ତୁମେ ଧନଧାନ୍ୟର ଦେବୀ
ତୁମରି ସନ୍ତୁଷ୍ଟ ପାଇଁ
ମୋ ଘରେ ତୁମ ପଦାର୍ପଣ ପାଇଁ
କଇତି କରେ ଆରାଧନା।।
କେବେ ଆସିବ ଦେବି
କହି ଦିଅ ମନ ଖୋଲି
କଇତି କରୁଛି ତୁମ ପୁଜା ଆରାଧନା
ବେଳେ ବେଳେ ଭାବେ
ଏ ନୁହେଁ ତ
ପଣ୍ଡିତ ପୁରୋହିତଙ୍କ
ଗରିବଙ୍କୁ ଶୋଷଣ ଆଉ କଳ୍ପନା।।

ଗମ୍ଭାରୀଗୁଡା, କୋକସରା, କଳାହାଣ୍ଡି

# ଶିଶୁର ବୋଝ-ଶିକ୍ଷା



ନରେନ୍ଦ୍ର ସାହୁ

ଶିଶୁର ସମସ୍ତ ପ୍ରକାର ବିକାଶକୁ ଶିଶୁର ଶିକ୍ଷା କୁହାଯାଏ। ଏ କଥା ଆମ ଜାତିର ପିତା ତଥା ଅଂହିସା ଆନ୍ଦୋଳନର ମୂଖ୍ୟ ପୁରୋଧା ମହାତ୍ମା ଗାନ୍ଧୀଙ୍କର ମୁଖ ନିଃସୃତ ବାଣୀ। ଆଉ ବର୍ତ୍ତମାନର ପରିପ୍ରେକ୍ଷୀରେ ତାହା ମୌଳିକ ସତ୍ତା ହରାଇ ବସିଛି। ଖାଲି ମହାତ୍ମା ଗାନ୍ଧୀ ନୁହଁନ୍ତି ଅନେକ ଶିକ୍ଷାବିତ୍ ଯଥା ଶ୍ରୀ ଅରବିନ୍ଦ, ମଣ୍ଟେସୋରୀ କ ଫ୍ରବେଲ ଏମାନେ ମଧ୍ୟ ଶିକ୍ଷାର ଭିନ୍ନ ଭିନ୍ନ ସଂଜ୍ଞା ଓ ମତ ପୋଷଣ କରିଛନ୍ତି। ଏ ସମସ୍ତଙ୍କର ମତାମତକୁ ଅନୁଶୀଳନ କଲେ ଯାହା ଜଣାଯାଏ, ଶିକ୍ଷାକୁ ଉଦ୍ଦେଶ୍ୟ ହାସଲ ନିମନ୍ତ ବ୍ୟବହାର କରିବା ହେଉଛି ଶିକ୍ଷାର ଦୂରୁପୋଯୋଗ ବ୍ୟବହାର। ଶିକ୍ଷା ଅଧ୍ୟୟନ ନିମନ୍ତେ ଶିଶୁକୁ ତାର ସାମାଜିକ ଜୀବନରୁ ଏକ ସମୟ ନିବନ୍ଧିତ କାର୍ଯ୍ୟଶୈଳୀ ମଧ୍ୟକୁ ଠେଲିଦେଇ ଗଣ୍ଡା ଗଣ୍ଡା ପୁରସ୍କାର କ ପ୍ରମାଣ ପତ୍ର ହାସଲକୁ ମାପକାଠି ରୂପେ ନିଆଯାଇ ପାରିବ ନାହିଁ। ବର୍ତ୍ତମାନ ସମୟରେ ଆମ ରାଜ୍ୟ ତଥା ଦେଶର ଶିକ୍ଷାବସ୍ଥାର ରୂପରେଖକୁ ଅନୁଧ୍ୟାନ କଲେ ଯାହା ଜଣାଯାଏ। ପିଲାଙ୍କ ମଧ୍ୟରେ ପାଠପଢାର ପ୍ରତିଯୋଗିତା ଅପେକ୍ଷା ପିତାମାତା ତଥା ଅଭିଭାବକ ମାନଙ୍କ ମଧ୍ୟରେ ଏ ପ୍ରତିଯୋଗିତା ବେଶୀ। ନିଜ ପିଲାକୁ ପୋଡଶୀ ତଥା ବନ୍ଧୁବାନ୍ଧବୀଙ୍କର ପିଲାଙ୍କ ସହ ତୁଳନା କରି ବାପା ମାଆ ଯେ ପିଲା ମାନଙ୍କୁ ଯୋଉଭଳି ଅତ୍ୟାଚାର କରୁଛନ୍ତି ତାହା ଆଜିକାଲି ସମସ୍ତଙ୍କୁ ଉଣା ଅଧିକ ଜଣା। ଖାଲି ସେତିକ ନୁହେଁ, ତା ପରେ ବି ତାଙ୍କ ମନରେ ସେହି ଶାସନ କମି ନଥାଏ। ତାକୁ ପୁଣି ଟ୍ୟୁସନ ଓ ସ୍କୁଲ ଶିକ୍ଷକ ନିକଟରେ ଅଭିଯୋଗର ପାହାଡଟି ଲଦି ଦିଆଯାଇ ତାକୁ ଆହୁରି ଶିକ୍ଷାର ଚାପରେ ଅଣନିଃଶ୍ୱାସୀ କରି ଦିଆଯାଏ। ପିଲାର ଆବଶ୍ୟକତା ଯେମିତି କିଛି ନାହିଁ, ପିଲାକୁ ଗୋଟିଏ

କଣ୍ଢେଇ ସଜାଇ ଦିଆଯାଏ। ସିଏ କେବଳ ପିତାମାତାଙ୍କର ଇସାର୍‌ରେ ନାଚିବା ବ୍ୟତିରେକ କିଛି ବି କରିପାରେ ନାହିଁ। ଶିଶୁର ମନକୁ ବୁଝିବା, ଶିଶୁର ସୁବିଧା କଣ ଅସୁବିଧା କଣ ଜାଣିବା ପିତାମାତା ବୋଧେ ଭୁଲିଗଲେଣି। ସେମାନଙ୍କର ମତରେ ତାଙ୍କ ପିଲା ଯେମିତି ବି ହେଉ ନିଜ ପଡିଶା ଘରର ପିଲାଠାରୁ ଟିକେ ଅଧିକ ନମ୍ବର ରଖି ସାର୍ଟିଫିକେଟ ଖଣ୍ଡିକ ହାସଲ କରିଦେଲେ କାମ ସରିଲା। ସେହି ତଥାକଥିତ କାମଟି କରିଦେଲେ, ବାପାମାଆଙ୍କର ଛାତି କୁଣ୍ଢେ ମୋଟ ହୋଇଯାଏ। ଆଉ ନ କରିପାରିଲେ ପିଲାକୁ ନାନାଦି ପ୍ରକାର ମାନସିକ ନିର୍ଯ୍ୟାତନା ଦିଆଯାଏ। ଶିକ୍ଷା ହାସଲ ଘୋଡା ଦୌଡ ଭଳି ମନେ କରାଯାଉଅଛି। କେତେକ ପାଠ୍ୟ ପୁସ୍ତକ ବ୍ୟତିରେକ ପିଲାଟି ଆଉ କୌଣସି ସହଶୈକ୍ଷିକ ଶିକ୍ଷା ପାଏନାହିଁ। ଯାହାଫଳରେ ପିଲାର ମନରେ କୌଣସି ନୂତନ ଚିନ୍ତାଧାରା କିମ୍ବା ସୃଜନାତ୍ମକ ଲିଖନର ବିକାଶ ଦୂରର କଥା କୌଣସି ଚିତ୍ର ହସ୍ତଶିଳ୍ପର କଳ୍ପନା ଜନ୍ମିବା କଷ୍ଟକର ହୋଇପଡେ। ଶେଯରୁ ଉଠିବା ଠାରୁ ଶେଯରେ ପଡିବା ପର୍ଯ୍ୟନ୍ତ ଶିଶୁ କେବଳ ଗୋଟିଏ ଚିନ୍ତାଧାରା ଭିତରେ ଥାଏ, ସେଇଟା ହେଲା- ଘରକାମ (ହୋମ୍ ୱାର୍କ)। ଏହି ହୋମ୍ ୱାର୍କ ଆଳରେ ପିଲାଟିକୁ କୌଣସି ମେଳା ମହୋତ୍ସବ ମଧ୍ୟ ବୁଲିଯିବାକୁ ବାରଣ କରାଯାଉଛି। ଏଠାରେ ଗୋଟିଏ କଥା ଚିନ୍ତା କରାଯିବା ଦରକାର ଶିକ୍ଷିବା ପାଇଁ ମେଳା ମହୋତ୍ସବ ତଥା ଯାତ୍ରା ଉତ୍ସବରେ ଯେତିକି ସୁବିଧା ଅଛି, ତାହା କୌଣସି ପାଠ୍ୟ ପୁସ୍ତକରେ ନାହିଁ। କଥା ହେଉଛି- ସେ ସବୁ କ୍ଷେତ୍ରରେ ଆମକୁ ସେଭଳି ସୁଯୋଗ ସୃଷ୍ଟି କରିବାକୁ ପଡିବ। ଶିକ୍ଷାର୍ଥୀର ପାଠ୍ୟପୁସ୍ତକକୁ ବାହାର ଜୀବନ ସହିତ ଯୋଡି ଦିଆଗଲେ ତାର ଶିକ୍ଷଣ ଅଧିକ ଫଳପ୍ରଦ ହେବ। କୋମଳ ମତି ଶିଶୁଟି ଉପରେ ଶିକ୍ଷାର୍ଜନ ନାଆଁରେ ଏମିତି ବହି ବସ୍ତାନୀର ବୋଝ ଲଦି ଦିଆଯାଉଛି, ଯେମିତି ସେ ସୀମାନ୍ତରେ ଯୁଦ୍ଧ ପ୍ରସ୍ତୁତ ଗୋଟିଏ ସୈନିକ ଭଳି ମନେ ହେଉଛି। ତେଣୁ ସଦ୍ୟ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ତରଫରୁ ସାରା ରାଜ୍ୟକୁ ଚିଠି ଲେଖି ଅବଗତ କରାଇ ଦିଆ ଯାଇଛି ଯେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ସ୍କୁଲ ବ୍ୟାଗ ବା ବସ୍ତାନୀର ଓଜନ କିଭଳି ରହିବା ଦରକାର। ସେଥିରେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କ ନିମନ୍ତେ ହୋମ୍ ୱାର୍କ ସଂପୂର୍ଣ୍ଣ ବାରଣ କରାଯାଇଛି ଯାହାକି ଗୋଟିଏ

ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଖାଲି ସେତିକ ନୁହେଁ ଶିକ୍ଷାର୍ଥୀର ବୟସ ତଥା ସ୍ତର ଅନୁସାରେ କେଉଁ କେଉଁ ବିଷୟ ପଢାଯିବ ତାହା ବି ପୁନଃ ନିର୍ଦ୍ଧାରିତ କରି ଦିଆଯାଇଛି।

ସର୍ବୋପରି କହିବାକୁ ଗଲେ ଶିକ୍ଷାର୍ଥୀଙ୍କୁ ବୁଝି ତାର ଆବଶ୍ୟକତା ଅନୁଯାୟୀ ତାର ଶିକ୍ଷାଦାନ ବ୍ୟବସ୍ଥା କଗ୍ଲହଲେ ଶିକ୍ଷାଦାନ ଫଳପ୍ରଦ ହେବା ସହ ତାହା ଦୀର୍ଘସ୍ଥାୟୀ ହୋଇପାରିବ। ଏହା ସହିତ ଶିଶୁକୁ ଶିକ୍ଷା ବୋଝ ଭଳ ଲୋଦି ଦିଆ ନ ଯାଇ ତାହା ତାହାର ଜୀବନର ସମସ୍ତ ସଂକଳ୍ପବଦ୍ଧ ଉଦ୍ଦେଶ୍ୟର ଚରମ ସୋପାନ ବୋଲି ମନେ ନକରି ରାଷ୍ଟ୍ର ନିର୍ମାଣରେ ସହାୟକ ହେବା ପାଇଁ ଉଦ୍ଦିଷ୍ଟ ମନେ କରିବା ଉଚତ। ଯେମିତି ଜନ୍ ଏଫ୍ କେନେଡିଙ୍କ ବାପା ତାଙ୍କୁ କହିଥିଲେ, ପୁଅ ତୁମେ ଯେଉଁ କାମ କରୁଛ କର, କନ୍ତୁ ତାକୁ ମନ ଦେଇ କର ଓ ସେଥିରେ ସଫଳ ହୁଅ। ଠିକ୍ ସେହିପରି ଶିଶୁକୁ ତାର ଇପ୍ସିତ ପଥରେ ଯିବା ପାଇଁ ପ୍ରେରଣା ତଥା ଉତ୍ସାହିତ କଲେ ଶିକ୍ଷା ରୂପକ ବୋଝ ଦାଉରୁ ଲକ୍ଷ ଲକ୍ଷ ଶିଶୁ ନିଜକୁ ମୁକୁଳାଇ ଏକ ଉତ୍ତମ ରାଷ୍ଟ୍ର ଗଠନରେ ବେଶ୍ ସହାୟକ ହୋଇପାରିବେ, ଅନ୍ୟଥା ସେମାନଙ୍କର ଲକ୍ଷ୍ୟଚ୍ୟୁତ ଘଟି ଏହି ସମାଜ ଧ୍ୱଂସ ଆଡକୁ ଅଗ୍ରସର ହେବ।

ସହକାରୀ ଶିକ୍ଷକ
ଉ:ପ୍ରା ବିଦ୍ୟାଳୟ, ଡଭୁର, ଗଂଜାମ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ବେପରୁଆ ବାଆପରି



ବ୍ରଜେଶ ପୂଜାରୀ

ଛୁଇଁ ଦେଉଥିବି ତତେ ସବୁବେଳେ
ବେପରୁଆ ବାଆ ପରି
ହୋଇ ଲୁହ ଧାର ଅଥକେ ତୋହର
ଆଖିରୁ ପଡ଼ିବି ଝରି... ।୧।

ଆଜି  ତୋ ପାଖରେ ସମୟ ନାହିଁ
ମତେ ପଗ୍ଭରିବୁ କହ ତୁ' କାହିଁ
ହଜିଯିବି ଯେବେ ଦୂରେ ବହୁଦୂରେ
ଖୋଜୁଥିବୁ ମନ ମାରି... ।୧।

ଯେତେ ହୋଇଲେ ବି ଅଥୟ ଅଧିର
ପାଇବୁନ ଜମା ଠିକଣା ମୋହର
ସେବେଳେ ଜାଣିବୁ ବିରହ କେନ୍ଦର୍
ସୁର ତୋଳଇ କପରି... ।୨ ।

କୁଶମେଲ, ଝାରସୁଗୁଡ଼ା

# ଅପହଞ୍ଚ ଦୂରତ୍ୱ



ଖଗେଶ୍ୱର ବାଗ

ଷୋଡଶୀ ଆସେ ସେ ଷୋଡଶୀର ମେଳେ  ନତି ଦେଖେ ଥିଲେ ରବି ଚକ୍ରବାଳେ ।।
ନୀଡ ବାହୁଡ଼ନ୍ତି ଯାବତ ବିହଙ୍ଗ  ଦେଖି ବିମୋହିତ ସେ ବାଳା ଶ୍ରୀଅଙ୍ଗ ।।
ପରଶି ପରଶେ ସେ ମନ୍ଦ ସମୀର  ଅଞ୍ଚଳ ଉଡାଇ ଦେଖେ ତନୁ ତା'ର ।।
ଗୋଲାପୀର ଆସ୍ତରଣେ ତା' ଅଧର  ଫୁଟି ଝଟକଇ ପଡି ରବି କର ।।
ମଦଭରି ବେନି ନୟନେ କଜ୍ଜଳ  ସଲାଜେ ଗୃହିଁଲେ ଦିଶଇ ଉଜ୍ଜଳ ।।
ହାତ ଠାରେ କେବେ ଦୂରେ ଥାଇ ବାଳା  କେବେ ଗ୍ରୀବା ତୋଳ ଗୃହେଁ ସେ ଅବଳା ।।
ଘେରି ରହିଥା'ନ୍ତି ସହଚରୀ ଯେତେ  ନକ୍ଷତ୍ରେ ଚନ୍ଦ୍ରମା ଦେଖି ଲାଗେ ସତେ ।।
ପ୍ରମଦା ସେ ଆସେ ପ୍ରମଦାର ପାଶେ  ପ୍ରମଦା ତୀରରେ ଠିଆ ସେ ହରଷେ ।।
ତହୁଁ ଅପଲକେ ଗୃହେଁ ସେ ରୂପସୀ  ଇଙ୍ଗିତ ନୟନେ ମନ୍ଦ ମନ୍ଦ ହସି ।।
ସେ ହସେ କୁସୁମ କେତେ ପାରିଜାତ  ଫୁଟି ଯୁବା ହୃଦ କରଇ ମୋହିତ ।।
ଏକ ଅଭିଳାଷ ଅଦମ୍ୟ ଲାଳସା  ଉଭୟେ ମିଳନ କରେ ଯେ ନରାଶା ।।
ଏକ ଆରେକକୁ ଗୃତକ ପରାଏ ନୀର ତୀରେ ଚଞ୍ଚ ବ୍ୟାକୁଳ କରାଏ ।।
ଥିଲେ ଦ୍ୱିଧା କାୟା ଥିଲେ ଏକ ପାଶେ  ଥିଲେ ଏକ ମନ  ଆରେକ ମାନସେ ।।
ଥିଲେ କ୍ଷୀଣ ଆଶା ତା'କୁ ପାଇବାର  ଅନତି ଦୂରରେ ଥିଲେ ପରସ୍ପର ।।
ନୟନେ ନୟନ ଯାଇ ଫେରିଆସେ  ଫେରି ଆସେ ମନ ଯାଇ ସେ ମାନସେ ।।
ଅଙ୍ଗ ଅଙ୍ଗେ ସେ ତ ଦିବା ସ୍ୱପ୍ନ ପରି  ମିଳନେ ପ୍ରମଦା ଠିଆ ସମ ଗିରି ।।
ମିଳନ ସହଜ ମଣିଲେ କି ହେବ  ଅପହଞ୍ଚ ଦୂରତ୍ୱ ଏ ଅସମ୍ଭବ ।।

ବୁଢ଼ିକୋମନା,  ଜିଲ୍ଲା- ନୂଆପଡା

# କବିର କଳ୍ପନା



କବି ପ୍ରସାଦ

ପ୍ରେମରେ ଆଜି
ମୁଁ ଯାଉଛି ହଜି
ତୁମ ସୋନ୍ଦର୍ଯ୍ୟକୁ ଦେଖି
କେତେ ମନଲୋଭି
ଏ ଗିରି କାନନ
ଅପଲକେ ଦେଖେ ଆଖି ।
ନଦ ନଦୀ ଝର
ସୁଶିତଳ ନୀର
ତୃପ୍ତ କରେ ମୃଦୁବାଆ
ମହମହ ବାସ
କୁସୁମ ସରସ
ଆହ୍ଲାଦିତ ହୁଏ ହିଆ ।

ବିହଙ୍ଗମ ମେଳ
ମଧୁର କଲ୍ଲୋଳ
ପ୍ରାତଃ ସନ୍ଧ୍ୟା ମନୋହର
ମଧୁହାରି ଗଣ
ପୁଷ୍ପେ ବିହରଣ
କବି ପାଇଁ କାବ୍ୟଧାର ।
ଆଜି ମୁଁ କେଜାଣି
ଅଜଣା ର୍ ଇଜେ
ଆସିଛି କ ଅବା ପସି
ଅବା ମୋ କଳ୍ପନା
କରୁଛି ରଚନା
ଏକାନ୍ତ ସମୟେ ବସି ॥

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୧୦- ସହରୀ ଜୀବନ

### ଆଶାର ପ୍ରତ୍ୟାଶା

କେଉଁ ପୁରାଣରେ ପଢିଥିଲି ମୋର ଆଜି ମନେ ପଡୁନ । ମାତ୍ର କଥାଟି ହେଲା "କାହାର ଯଦି ତୁମଠାରୁ କଛି ପ୍ରତ୍ୟାଶା ରହିଛି ତାହା ପୂର୍ଣ୍ଣ କରିବା ଅର୍ଥାତ ତୁମେ ଈଶ୍ୱରଙ୍କୁ ଖୁସି କରି ପାରିବ ।" ଏଇ ବିଷୟକୁ ନେଇ ମୁଁ ଗାଁରେ ଥିବା ବେଳେ ସାଥିମାନଙ୍କ ସହିତ ବହୁତ ଯୁକ୍ତି ତର୍କ ହୁଏ । ଦୁରିଆ ନାନୀ କହେ, "ଯେତେ ସବୁ ବାଜେ କଥା । ଚୋର ତୁମ ଘରୁ ଚୋରି କରିବାର ଆଶା ରଖିଥିବ ଯଦି ତୁ ତାକୁ ଘର ସିନ୍ଦୁକର ଚାବି ଦେଇଦେବୁ? ନବନନା କହେ ମାଙ୍କଡ ତତେ କାମୁଡିବାକୁ ଚାହୁଁଛି ତୁ ଯାଇ ତା ଗାଲ ଆଉଁସି କହିବୁ, "ମାଙ୍କଡ, ଏ ମାଙ୍କଡ, ଏଇ ମୋ ହାତ ନେ, କାମୁଡିବାକୁ ଇଚ୍ଛା କରିଛୁ ପରା!" । ବଡ ବଡ ଛୁଞ୍ଚୀରେ ପେଟରେ ତେରଟା ଇଞ୍ଜେକସନ୍ ତାପରେ ସମୂହ ହସଗୋଳ ।

ଅପମାନତା ହୋଇଥିଲେ ମଧ୍ୟ ମୋ କହିବା କଥାକୁ ଦୃଢ଼ ରଖିବା ପାଇଁ କହେ "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର ।" ଏ ହେଲା ଭାଗବତ ବାଣୀ । ଆମେ ଯଦି ବିଶ୍ୱାସରେ ଚୋରକୁ ଚାବି ଦେବା ସେ ଚୋରୀ କରିବ କି ନାହିଁ କହି ପାରିବିନ, ମାତ୍ର ଭଗବାନ ଆମ ସିନ୍ଦୁକକୁ ଶହେଗୁଣାରେ ଭର୍ତ୍ତି କରିଦେବେ । ଆଉ ଏମିତି ତର୍କ କଲେ ଆମେ ଦିନେ ଦୂରେଇ ଦୂରେଇ ରହିବା ।

ଆଜି ମୁଁ ଯେଉଁ ଆଶା କଥା ଲେଖୁଛି ସେ ହେଲା ପୁରୀ ସେକେଣ୍ଡ ଅଫିସରଙ୍କର ବଡ ଝିଅ ଆଶା । ପୁରୀ ଗାର୍ଲସ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢେ । ଖୁବ୍ ଭଲ ନାଚେ, ହେଲେ ମୋଟୀ ବୋଲି ତା ନାଚ ପସନ୍ଦ କରନ୍ତିନ ।

ଆମେ ଶାରଦା ଦେବୀ ରୋଡର ଛକରେ ରହୁ । ଦୁଇଟା ଘର ଛାଡି ସେମାନେ ରୁହନ୍ତି । ସେଇ ହେଲା ମୋର ଏକମାତ୍ର ଓଡିଆ ସାଙ୍ଗ । ତାକୁ ବଙ୍ଗାଳୀ ଝିଅମାନଙ୍କ ସଙ୍ଗେ ବନ୍ଧୁତା ରଖିବାକୁ ଭଲ ଲାଗେନା, କାହିଁକି ନା ସେମାନେ ତା ନାଚ ବିଷୟରେ ବହୁ ସମାଲୋଚନା କରନ୍ତି, ପରିହାସ କରନ୍ତି ମଧ୍ୟ । ତେଣୁ ଆଶା ସହିତ ମୋର ବନ୍ଧୁତା ନିବିଡ ଥିଲେ ମଧ୍ୟ, ଘନ ଘନ ଦେଖା ହୋଇ ପାରେନା । ( ଯେ ହେତୁ ମୋର ବଙ୍ଗାଳୀ ବନ୍ଧୁ ବେଶୀ)

ଆଶାର ପୂର୍ବ ପୁରୁଷ ମାନଙ୍କ ଗାଁ ଏକ ନିପଟ ମଫସଲରେ ହୋଇଥିଲେ ମଧ୍ୟ ତାର ଜନ୍ମ ସହରରେ । ତେଣୁ 'ପଲ୍ଲୀ' କହିଲେ ତାର କୌତୁହଳ ବଢିଯାଏ । ଆମ ଛାତଟା ଲଣ୍ଡା, ତେଣୁ ବ୍ରଜନନା ( ରୋଷେୟା) ଚବିଶ ଘଣ୍ଟା ଛାତରେ ତାଲା ଲଗାଇ ରଖିଥାଏ । ଯେତେ ଅନୁରୋଧ କଲେ ମଧ୍ୟ କାଟୁ କରେନା ।

ଆଶାର ବାପା ବହୁତ ଭଲ । ମାତ୍ର କାହିଁକି କେଜାଣି ତାଙ୍କୁ ଦେଖିଲେ ମୋର ପିଳେହୀ ପାଣି ହୁଏ । ବଡନନା ତାଙ୍କ ଅଧୀନରେ କିଂବା ଅନ୍ୟ କିଛି କାରଣରୁ, ତାହା ମୁଁ ନିଜେ ମଧ୍ୟ ଜାଣିପାରେନା ।

ଆଶାର ମା ଟିକିଏ ଅନ୍ୟ ଧରଣର । କାହା ସଙ୍ଗେ ବେଶୀ ମିଶନ୍ତିନ । ମାପି ଚୁପି କଥା କୁହନ୍ତି । ଗାଁ କହିଲେ ତାଙ୍କର ନାହି ଡେଇଁବା ଆରମ୍ଭ ହୋଇଯାଏ । ତେଣୁ ତାଙ୍କ ଘର ବହୁ ପାଖରେ ଥିଲେ ମଧ୍ୟ ତାଙ୍କ ଘରକୁ ମୋର ନିୟମିତ ଯିବା ଆସିବା ହୋଇ ପାରେନା । କେବଳ ସେତିକି ନୁହେଁ । ସୁଶୀନାନୀ ତାଙ୍କ ଘରକୁ ଯିବାକୁ ଆଦୌ ପସନ୍ଦ କରେନା । କହେ "ଆମେ ଖୁସି ବାସି କରିବାକୁ ଯିବା, ଏତେ କାୟଦା, କଟକଣା!" ସେ ଆଇ.ଏ.ଏସ୍ ମାଉସୀଙ୍କୁ ମୋର ଦୂରୁ ଜୁହାର ।"

ଆଶା ମତେ ବହୁତ ବୁଝାଏ । ବାପା ଭାରି ସ୍ନେହୀ । ଥରେ ଯାହାକୁ ଦେଖନ୍ତି ତାକୁ କଥାରେ କିଣି ପକାନ୍ତି । ତୁ ମିଛରେ ତାଙ୍କୁ ଭୟ କରୁଛୁ ।

ତଥାପି ମଧ୍ୟ ମୁଁ ତାଙ୍କ ଘରକୁ ଖୋଲା ଖୋଲି ଯିବାକୁ ସାହସ କରେନା । କେବେ କେବେ ଲୁଚ ଲୁଚ ଯାଇ ତାଙ୍କ ଛାତ ଉପରେ ବସୁ, ତାଙ୍କ ଛତଟା ବହୁ ପରିଷ୍କାର । ଦୋତାଲା ଘର। ସମୁଦ୍ର ସେଠାରୁ ଖୁବ୍ ସୁନ୍ଦର ଭାବେ ଦେଖାଯାଏ । ଆଶାର ପଢା ସମୟ ପୂର୍ବରୁ ପଛପଟ ସିଡି ଦେଇ ଫେରି ଆସିଥାଏ ।

ରଜ ଆଉ ଖୁବ୍ କମ୍ ଦିନ ରହିଲା । ମାଉସୀ (ଆଶାର ମା) ଏ ପର୍ବଟିକୁ ଗାଉଁଲୀ ମନେ କରନ୍ତି । ବଙ୍ଗାଳୀ ମାନଙ୍କ ଘରେତ ଏ ପର୍ବ ନାହିଁ । ମୋ ଠାରୁ ଏ ପର୍ବ ବିଷୟରେ ଶୁଣି ଶୁଣି ଆଶା ଖୁବ୍ ଆନନ୍ଦିତା ମନେ ହେଉଥିଲା । ମା ଏଇ ପର୍ବଟିକୁ "ଗାଉଁଲି" ପର୍ବ ରୂପେ ଆଖ୍ୟା ଦେଉଥିବା ହେତୁ ବିଚାରୀ ଆଶାକୁ ୧୪ ବର୍ଷ ବୟସ ହୋଇଥିଲେ ମଧ୍ୟ ୟା ବିଷୟରେ କିଛି ଜ୍ଞାନ ନ ଥିଲା । ହୁଏ ତ ତାକୁ ଖୁସି କରିବାକୁ କିଂବା ନଜର ବଡାଇ ପ୍ରକାଶ କରିବାକୁ ମୁଁ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କଲି । ପାଞ୍ଚଦିନ ଧରି ଆମେ କେମିତି ମଜା କରୁ ସେ କଥା ମଧ୍ୟ କହିଲି । ମୋ ଠାରୁ ଶୁଣିବା ପରେ ବହୁ ଉତ୍ଫୁଲ୍ଲିତା ହେଲେ ମଧ୍ୟ ଉଦାସ ହୋଇ କହିଲା, "ଏଇ ପର୍ବଟା ଅଭିଆଡୀ ଝିଅ ମାନଙ୍କ ପାଇଁ, ଆଉ ବର୍ଷ କେଇଟାରେ ତ ମୁଁ ବାହା ହୋଇ ଯିବି । ରଜପର୍ବର ମଜା ଆଉ ଏ ଜନ୍ମରେ ପାଇ ପାରିବିନି। ତେଣୁ ଦୁହେଁ ମିଶି ସ୍ଥିର କଲୁ ଆମ ଘରେ ରଜପର୍ବ ପାଳନ କରିବୁ । ରଜଘରର ବ୍ୟବସ୍ଥା ହେଇଗଲା । କେବଳ ରଜ ଦୋଳୀ ଛାଡି ଆଉ ସବୁର ଯୋଜନା ହୋଇଗଲା। ମଉସା (ଆଶାର ବାପା) ଆଉ କେତେଜଣ ଓଡିଆ ଝିଅଙ୍କୁ ମଧ୍ୟ କେଉଁଠୁ କେଉଁଠୁ ଆମନ୍ତ୍ରଣ କରି ଆଣିଥିଲେ । ସେଇ ଅବସରରେ ଆମେ ଏକ ରଂଗାରଂଗ କାର୍ଯ୍ୟକ୍ରମର ଆୟୋଜନ କଲୁ । ଖର୍ଚ୍ଚର ବ୍ୟବସ୍ଥା ସବୁ ଆଶାର ବାପା ବହନ କରିଥିଲେ ।

ଆମ ରଙ୍ଗ । ରଙ୍ଗ କାର୍ଯ୍ୟକ୍ରମରେ ଥିଲା ଏକ ନାଟକ । ଫକୀର ମୋହନ ସେନାପତିଙ୍କର କ୍ଷୁଦ୍ର ନାଟକ "ପେଟେଣ୍ଟ୍ ମେଡିସିନ୍" ନାଟକର ଅଭିଜ୍ଞତା ମୋର ଖୁବ୍ ଅଳ୍ପ ଥିଲା । ମୁଁ'ଚନ୍ଦ୍ରକାନ୍ତ' ବାବୁଙ୍କ ଭୂମିକା ପରିବେଷଣ କରିଥିଲି, ଆଉ ଆଶା "ସୁଲୋଚନା", ଆଶାର ସାନ ଭାଇ "ଗୃକର ଟୋକା"। ଆଶାର ପୂର୍ବ ଅନୁଭୂତି ନଥିଲା । ତେଣୁ ନାଟକରେ ସେ ମତେ ଏତେ ଜୋର୍ ରେ ଝାଡୁରେ ପିଟିଥିଲା ଯେ ମାସକ ଯାଏ ମୋ ଦେହର ବଥା ଯାଇ ନଥିଲା ।

# ଦୁଇଟି ସନ୍ଧ୍ୟା

ବଡନନାଙ୍କର ବଦଳ । ପୁରୀ ସହିତ ମୁଁ ଏତେ ନିବିଡ ଭାବେ ଜଡି ଯାଇଥିଲି ଯେ ଉଦାସ ହୋଇ ରହିବା ବ୍ୟତୀତ ଆଉ ମୋର କଛି ଉପାୟ ନ ଥିଲା ।

ମୋ ଅପେକ୍ଷା ଆଶା ବେଶୀ ଉଦାସ ଥିଲା । କହିଲା, ବାପା କହୁଥିଲେ ତୁ ଏବର୍ଷ ସ୍କୁଲରେ ନାମ ଲେଖାଇବୁ । କେତେ ମଜା କରିବା ମନେ ମନେ କଳ୍ପନା କରିନେଇଥିଲି । ମାତ୍ର ସବୁ ଫସର ଫାଟି ଗଲା ।

ତା କଥା ଶୁଣି ଉତ୍ତର ଦେବାକୁ ମୋ ପାଟିରେ ଭାଷା ନ ଥିଲା ।

ଆଜି ସନ୍ଧ୍ୟାରେ ମଉସା ( ଆଶାର ବାପା) ଆମ ଘରକୁ ଆସିଥିଲେ । ଠା ଠା ପକବାନ ତିଆରି କରି ବଡ଼ନନା ପରଶୁ ଥିଲା । ମଉସା ଅନର୍ଗଳ ଭାବେ ବଡନନାଙ୍କର ପ୍ରଶଂସା ଗାଇ ଚାଲିଥିଲେ । ଆନନ୍ଦରେ କୁରୁଳ ଉଠି ଲୁଚ ଲୁଚ କବାଟ ପାଖରେ ତାଙ୍କ କଥା ଶୁଣିବାକୁ କାନେଇଲି । ବହୁଭାଗ କଥାବାର୍ତ୍ତା ଇଂରାଜୀରେ । ତେଣୁ ବୁଝି ପାରୁ ନ ଥିଲି । ବଡ଼ନନା ପକୁଡି ପ୍ଲେଟଟା ନେଇ ଯାଉଥିଲା ଲୋଭ ସମ୍ଭାଳ ପାରିଲିନି । କହି ଉଠିଲି, "ମତେ ଗୋଟେ ଦିଅନା" । ମୋ କଥା ନ ଶୁଣି ବଡ଼ନନା ଭିତରକୁ ଚାଲିଗଲା । ମଉସା ମତେ ଇଶାରାରେ ଡାକଲେ । ମୁହଁ ତଳକୁ କରି ତାଙ୍କ ପାଖକୁ ଲାଗି ଛିଡା ହେଲି । ଚିନ୍ତା କରୁଥିଲି ମଉସା ନିଶ୍ଚୟ ମୋ ହାତରେ ବହୁତ ପକୁଡି ଧରାଇବେ । ମାତ୍ର ସେମିତି କଛି ଘଟିଲାନି । ପଚାରିଲେ "ଆମ କଥାବାର୍ତ୍ତାରୁ କ'ଣ ବୁଝିଲୁ? "

କଛି ନୁହେଁ । ଇଂରାଜୀରେ ଥିଲା । ଖୁବ୍ ଭୟଭୀତା ହୋଇ ଖନେଇ ଖନେଇ କହିଲି ।

ମତେ ଆଉ କଛି ନ କହି ବଡନନାଙ୍କୁ କହିଲେ, ପିଲାଟାର ଗୋଟାଏ ବର୍ଷ ନଷ୍ଟ କରିଦେଲ। ଏଥର ଯେଉଁଠାରେ ଚାକରୀ ଜଏନ୍ କରିବ ତା ନାଁ ସ୍କୁଲରେ ଲେଖାଇଦେବ । ଦରକାର ହେଲେ ଟିଉସନ୍ ମାଷ୍ଟରଟିଏ ମଧ୍ୟ ରଖାଇଦେବ । ଆଜିକାଲି ଦୁନିଆରେ ଝିଅ ପାଠ ନ ପଢିଥିଲେ ଯେତେ ବୁଦ୍ଧିମତୀ, ସର୍ବଗୁଣ ସଂପର୍ଣ୍ଣା ହୋଇଥିଲେ ମଧ୍ୟ ସମାଜରେ ମାଡ ଖାଇଯିବ ।

ଗୁହା ଶେଷ କରି ଦୁହେଁ ହାତ ଧୋଇବାକୁ ଉଠିଗଲେ । ଦଉଡିଯାଇ ହାତରେ ଖଣ୍ଡେ ସଫା ତଉଲିଆ ଧରି ଛିଡା ହୋଇ ରହିଲି ।

ଆମ ଦୁଇ ଭଉଣୀଙ୍କର ପୁରୀ ଛାଡିବା ଦିନ ପାଖେଇ ଆସୁଛି । କାକୋଲିର ବାପା ବଡନନାଙ୍କ ସହ ନନାଙ୍କୁ ରାତ୍ରି ଭୋଜ ପାଇଁ ଆମନ୍ତ୍ରଣ କରିଥିଲେ । କାକୋଲୀକୁ ଦେଖି ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି । ଦୁଇଦିନ ତଳେ ମତେ ଚଠି ଲେଖିଥିଲା । ଆସିବା କଥାତ କଛି ଲେଖି ନ ଥିଲା ।

ଏତେ ଦିନରେ ମୁଁ ତୋର ଏକାଗ୍ରତା ବିଷୟରେ ଜାଣି ପାରିଥିଲି । ତତେ ବଙ୍ଗଳା ଶିଖାଇବା ପାଇଁ ଏଇଟା ମୋର ଗ୍ଲାନ୍ ଥିଲା । ଏମିତି କରିବାକୁ ମା ମତେ ଶିଖାଇଥିଲେ । ଆମେ ତିନି ଭଉଣୀ । ଆମର ଦାଦା କାହିଁ? ଠାକୁମାଙ୍କର ଦେହାନ୍ତ ମୋ ଜନ୍ମ ପୂର୍ବରୁ ହୋଇଛି । ପରେ ପରେ ମାସୀମା ମୋ ସିନ୍ଥାଇ ଆଉ ବଙ୍ଗଳା ଶିଖିବା ବିଷୟରେ ବିସ୍ତାର ଭାବେ ଆଲୋଚନା କରିଥିଲେ ।

ବଂଶୀ କକେଇଙ୍କ ସହ ଆମ ଦୁଇ ଭଉଣୀଙ୍କୁ ଟ୍ରେନ୍ ରେ ବସାଇବାକୁ ବଡନନା ଷ୍ଟେସନ ଆସିଥିଲେ । ଟ୍ରେନ୍ ଛାଡିବା ପୂର୍ବରୁ ମତେ କହିଲେ, ଶୁଣୁଛି ମୋର ପ୍ରଥମ ପୋଷ୍ଟିଂ ଭଦ୍ରକ ହେବ । ସେଇଠି ତୋର ସ୍କୁଲ ପଢା ଆରମ୍ଭ ହେବ । କୃତ୍ୟ କୃତ୍ୟ ହୋଇ ମୁଁ ନନାଙ୍କ ମୁହଁକୁ ଚାହିଁ ରହିଲି।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୁକ୍ତି ଗୁହେଁ



ଶୁଭସ୍ମିତା ବେହେରା

ତୁମେ ଯିବା ପରେପରେ
ସବୁକଛି ଓଲଟପାଲଟ
ମୋ ଖାଇବା ନ ଖାଇବାର
କଛି ବାଛବିଗ୍ଭର ନାହିଁ ଆଜି ।
ତୁମେ ସିନା ବଦଳଗଲ
ମୁଁ କନ୍ତୁ ଠିକ୍ ସେମିତି
ନତି ଭିଜୁଛି ଆଖିର ଶ୍ରାବଣେ
ମରୁଛି ପ୍ରତି କ୍ଷଣେକ୍ଷଣେ ।
ତୁମେ ଗଲ୍ ପରେ ପରେ
ମୁଁ ଢେର୍ ଢେଗିଲିଣି
ବିରହ ଯନ୍ତ୍ରଣା
ନା ଅଛି ସହିବାର ଶକ୍ତି
ନା ଅଛି ଧୈର୍ଯ୍ୟ ।
ତୁମେ ଥରୁଟେ ଆସନ୍ତ କ?
ତୁମ ଜ୍ୱଳନର ବିଷ
ନଜ ହାତରେ ଖୁଆଇ
ଏ ସଂସାରରୁ ଟିକେ ମୁକ୍ତି ଦିଅନ୍ତ ।

ଏବେ ଖାଲି ମୁକ୍ତି ଗୁହେଁ
ହଁ, ମୁଁ ମୁକ୍ତି ଗୁହେଁ
ମୁକ୍ତ ବିହଙ୍ଗ ପରି
ଭସା ବାଦଲ ପରି ।

ଉଦୟନାଥ ଅଟୋନୋମସ କଲେଜ
( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ପରିଚିତର ପ୍ରିୟ ପତ୍ର



ସନ୍ତୋଷ କୁମାର ମହାନ୍ତି

ମୁ ଜାଣେ ତୁମେ ଆଉ ଆସିବନି
କିନ୍ତୁ ଏବେ କାହିଁ
ତୁମେ ବେଶୀ ମନେପଡ଼
ମନେ ପଡେ ଏବେ ସେହିଦିନ
ତୁମ ରାଗ ଆଉ ଅଭିମାନ
ଅପେକ୍ଷାର ଉଦ୍ବେଳନ
ତୁମ ଆଖିର ଲୁହ
ଆଉ ଯେତେ ସବୁ କୋହ ।।
କିଏ ନେଇଗଲା ସେଇ ଅଧିକାର
ତୁମେ ଚାଲିଗଲ କେତେ ଦୂର
ଠିକଣା ବି ମୋ ପାଇଁ ଅଜଣା
ଏବେ ତୁମ ପାଇଁ ମୁଁ ଅପରିଚିତ
ତୁମ ସ୍ମୃତିରେ ମୁଁ ଏବେ ଜଳେ
ଖାଲି ପଢି ତୁମ ପ୍ରିୟ ପତ୍ର ।।
ସବୁ ଲାଗେ ଆଚମ୍ବିତ
ସମୟ କେମିତି ଯୋଡି ଦେଇ
କରିପାରେ ପର
କିଏ ଏଠି ନିଜର
ଆଉ କିଏ ଏଠି ପର ।।

ନବଜୀବନ ସମାଜ, ସଫା, କଟକ- 754022

# ଦାଦନ



ତରଙ୍ଗ ଚଣ୍ଡି

ସଉକ ନାହିଁ.....
ଭିଟାମାଟି ଛାଡିବାର !
ଆଭିଳାଷ ନାହିଁ....
ଗୃକ ଚକ୍ୟ ସହରର !!
ତଡି ଦେଇଛି.....
ମରୁଡିର ଛୁଆଁ !
ଭିଡି ଆଣିଛି.....
ଅଶାନ୍ତ ପେଟର ନଆଁ ।
ମେଣ୍ଟି ସିନା ଗଲ୍.....
ପେଟର ଭେ୍କ !
ଅଧା ରହିଗଲ୍.....
ପିଲ୍ ଛୁଆଙ୍କ ପାଠ ॥
ଓଦା ଆଖିରେ....
ଅନେଇଛି ବିଧବା ବୋଉ !
ସ୍ମୃତିର ସାହାରେ.....
ସହୁଛି ସାହୁକାର ର ଦାଉ ॥
ସବୁ ସହି ଅନେଇଛି
ପୁଅର ଫେରିବା ବାଟକୁ !

ଠଉରି ନେଇଛି.....
ଆସିବ ନିର୍ବାଚନ ବେଳକୁ ॥
ଭେ୍ଟ୍ ଦେବ ସେ.....
ତାର ପ୍ରିୟ ନେତାକୁ !
ଧରେଇଦେବ ଯେ.....
ବ୍ରଏଲର ସଙ୍ଗେ ବୋତଲକୁ ॥
ଓଲୁ ବନେଇବ....
ମିଛି ମିଛିକା ସପନରେ !
ପୋତିଦେବ.....
ମାଳ ମାଳ ପ୍ରତିଶ୍ରୁତି ରେ ॥

ଲିମସେର ବୃନ୍ଦାବାହାଲ,
ସାହିତ୍ୟ ସଂସଦ ଧର୍ମଗଡ

# ପରିଚୟ

ଲିନା ରାଣୀ ଧଳ ମଙ୍ଗରାଜ

ଏକ ଦାମୀ ଗାଡିରୁ ସପିଙ୍ଗମଲ୍ ପାଖରେ ଓହ୍ଲେଇ ଶୀଘ୍ର ଶୀଘ୍ର ଭିତରକୁ ଚାଲିଯାଉଥିଲେ ଅବିନାଶ । ଗୋଟିଏ ବଡ ଚାକରୀ, ଅତ୍ୟାଧୁନିକା ସୁନ୍ଦରୀ ସ୍ତ୍ରୀ ଓ ଲୁପୁନ୍ ଭଳି ଗୁଲଗୁଲିଆ ଛୁଆଟେ ଅବିନାଶର ସୁଖର ପରିସୀମାକୁ ବଢେଇଦିଏ । ସେ ନିଜର ଖୁସିର ଦୁନିଆରେ ଥିଲାବେଳେ ତାକୁ ଅନ୍ୟ ସବୁକିଛି ତୁଚ୍ଛ ଲାଗେ ।

ସାମ୍ନାରୁ ଆସି କୁଣ୍ଢେଇ ପକେଇଲା ସୁଜିତ । କିନ୍ତୁ ସୁଜିତ୍ ର ମଳମୁଣ୍ଡିଆ ରୂପଭେକକୁ ଦେଖି, ଅବିନାଶ ବହୁତ କାମ ଅଛି କହି ଏକପ୍ରକାର ଆଭଏଡ୍ କରି ଚାଲିଗଲେ । ସତରେ କଣ ଜଣଙ୍କର ରୂପଭେକ ଅତି ପ୍ରିୟ ପରିଚିତ ଲୋକପାଇଁ ବି ଆବଶ୍ୟକ ହୋଇପାରେ ।

ଫାଷ୍ଟଫ୍ଲୋରରୁ ପାପାଙ୍କୁ ଅପେକ୍ଷା କରିଥିବା ଲିପୁନ୍ ଦୂରରୁ ଦେଖୁଥିଲା ଏସବୁ । ତାଙ୍କ ସାଙ୍ଗରେ ସୁଜିତକୁ ଦେଖି ଖୁସିରେ ଆଖି ଝଲସିଉଠୁଥିଲା ଲିପୁନର । ଅବିନାଶ ଏହାର କାରଣ ଖୋଜିପାଇବା ଆଗରୁ ଲିପୁନ୍ ର ଆଖି ଖୋଜିପକାଉଥିଲା କିଛି ।

ପାପା ତମେ ସେ ଅଙ୍କଲଙ୍କୁ ଜାଣିଛ? ସେ କଣ ତମର ସାଙ୍ଗେ । ତମେ କାହିଁ ତାଙ୍କୁ ଛାଡିଦେଲ ଯେ, ମୁଁ ତାଙ୍କ ସହିତ ସେଲଫି ନେଇଥାଚି । ମୋ ସାଙ୍ଗମାନଙ୍କୁ ସ୍କୁଲରେ ଦେଖେଇଥାନ୍ତି । ପାପା ତମେ ଜାଣିଛ, ହି ଇଜ୍ ଏ ଗ୍ରେଟ୍ ମ୍ୟାନ୍ ।

ଲାଷ୍ଟ ସଣ୍ଡେ "ସତ୍ୟମେବ ଜୟତେ"ରେ ଅମିର୍ ଖାନ୍ ଙ୍କ ସହିତ ତାଙ୍କର ସାକ୍ଷାତକାର ଦେଇଥିଲା । ତମେ ଜାଣ ପାପା ସେ ଗୋଟିଏ ଚା ଦୋକାନ କରି ୭୫୦ ପିଲାଙ୍କୁ ପାଠ ପଢାନ୍ତି । ୨୫୦ ଅନାଥ ଓ ଗରୀବପିଲାମାନଙ୍କୁ ରଖି ତାଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ସହିତ ସମ୍ପୂର୍ଣ୍ଣ ପାଠପଢାର ବ୍ୟବସ୍ଥା ମଧ୍ୟ କରିଛନ୍ତି ।

ମୋବାଇଲ୍ ଟା ତାଙ୍କ ହାତରୁ ନେଇ ୟୁଟିୟୁବ୍ ଲଗେଇ ଲିପୁନ୍ ଦେଖଉଥିଲା "ସତ୍ୟମେବ ଜୟତେ"ର ଲାଷ୍ଟ ଏପିସୋଡ ।

ଆଜି ପୁଅ ଆଖିରେ ସୁଜିତ ସହିତ ସେଲଫି ନେବାର ଲାଳସା ଦେଖି ତା କଥାସବୁ ମନେପଡିଯାଉଥିଲା । ଏତେ ଅନ୍ତରଙ୍ଗ ଆଉ ଘନିଷ୍ଠ ଥିବା ସୁଜିତ ଯେ ଦିନେ ସବୁ ଅଭାବ ଅନଟନ, ଝଡବର୍ଷା, ବାଆବତାସ ବେଳେ ଗୋଟେ କାଠବେଣ୍ଟର ବଡ ଛତା ଧରିକି ତାଙ୍କ ପାଖରେ ଛିଡା ହୋଇଯାଉଥିଲା । ଆଇ.ଆଇ.ଟି ଦିଲ୍ଲୀରେ ପଢିଲାବେଳେ ଛୁଟିରେ ଯେବେ ଗାଁ କୁ ଆସୁଥିଲା, ତାକୁ କାନ୍ଧରେ ବସେଇ ଘେରାଏ ବୁଲିଆସେ । ଛାତି କୁଣ୍ଢେମୋଟ କରିକି କୁହେ – ଆରେ ସମସ୍ତେ ଶୁଣ, ଇଏ ମୋ ସାଙ୍ଗ, ବଡ ଇଞ୍ଜିନିୟର । ବଡ ହାକିମ ହେବ । ଖୁସି ଯେମିତି ତା କଲିଜା ଚିରି ଆଖିବାଟେ ଲୁହ ହୋଇ ବାହାରିଯାଏ । ସାଙ୍ଗେସାଙ୍ଗେ ନଈରୁ ଜାଲ ପକେଇ ମାଛ ଆଣିବାଠୁ, କରିମ୍ ମିଆଁ ଠୁଁ ପିଓର୍ ଖାସିମାଂସ ଆଣି ସବୁ ସାଙ୍ଗଙ୍କୁ ଡାକି ଭୋଜିକରିକି ଖୁଆଇବା ପର୍ଯ୍ୟନ୍ତ ତା ଗୋଡ ତଳେ ଲାଗୁନଥିବ । ସାଇକେଲ ପଛରେ ବସେଇ ଆମତୋଟାଠୁଁ ବ୍ରାହ୍ମଣସାହି, ପଦୁଅଁ ପୋଖରୀ ଠୁଁ ମଠ, ମଶାଣୀ ଠୁଁ ଜାଗୁଳେଇ ପୀଠ ପର୍ଯ୍ୟନ୍ତ ସବୁଆଡେ ବୁଲେଇ ଆଣେ ।

ପାପା, ପାପା, ତମେ ତାଙ୍କୁ ଚହ୍ନିଛ ନା? ଆମ ଘରକୁ ତାଙ୍କୁ ଇନଭାଇଟ୍ କରନା ଥରେ । ଲିପୁନ୍ ର ଡାକରେ ପ୍ରକୃତିସ୍ଥ ହେଲେ ଅବିନାଶ । ଲିପନ୍ ର ଆଗ୍ରହ ଆଗରେ ଆଜି ତାଙ୍କର ଦାମିକିଆ ପୋଷାକ ସୁଜିତର ମଳମୁଣ୍ଡିଆ ପୋଷାକ ପାଖରେ ଭାରି ମଳିନ ଲାଗୁଥିଲା ।

ମଣିଷର ଯୋଗ୍ୟତା, ପାରିବାପଣିଆ ହିଁ ତାକୁ ପରିଚୟ ପ୍ରଦାନ କରେ । ରୂପଭେକ ନୁହେଁ । ଯେଉଁମାନେ ଦିନେ ଅନାଉ ନଥିବେ, ସେଇମାନେ ଯେ ଥରଟେ କଥା ହେବାପାଇଁ ବ୍ୟାକୁଳ ହୋଇଉଠିବେ ଏକଥାକୁ ଆଜି ଯେମିତି ପ୍ରଥମଥର ପାଇଁ ଉପଲବ୍ଧି କରୁଛନ୍ତି ପ୍ରଶାସନିକ ଅଧିକାରୀ ଅବିନାଶ ।

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ୟୁନିଟ୍ – ୮, ଭୁବନେଶ୍ୱର

# ଆଦିମ ପ୍ରବୃତ୍ତି

ପ୍ରଫୁଲ୍ଲ କୁମାର ନାହାକ

ଅବକ୍ଷୟ ଇତିହାସ ତଳେ
କବର ନେଇଛି ବୁଦ୍ଧଙ୍କ ବାଣୀ
ଦୁଃଖର ବିନାଶ ଘଟଛି ସଂପ୍ରତି
ତ୍ୟାଗ ଅପେକ୍ଷା ପ୍ରାପ୍ତିର ଅଭିଳାଷରେ ପୁଣି ।
ଧର୍ମ ହୋଇଛି ଉପଭୋଗର ମାଧ୍ୟମ
ବିଶ୍ୱାସର ମୁଖାତଳେ ଉଙ୍କିମାରେ
ଉଷ୍ମ ତନୁକୁ ଶୀତଳ କରିବାର
ଆଦିମ ଯୌନାଗ୍ନିର ।
ପ୍ରକୃତିର ତାଡ଼ନା ଆଗେ
ଶୃଙ୍ଖଳା, ଶୀଳ, ସଦାଗ୍ନିର ଅର୍ଥହୀନ
ସଂସାରର ପାର୍ଥିବତା ହିଁ
ମଣ୍ଡଳ, ମୁଦ୍ରା ଓ ମୈଥୁନରେ ଆସନ୍ନ।
ନିବୃତ୍ତି ଅପେକ୍ଷା ପ୍ରବୃତ୍ତିର ଡାକ
ଏକାନ୍ତ ଆଦିମ
କାମନା- ବାସନାର ପରିପୂର୍ଣ୍ଣତାରେ
ଅଛି ମୋକ୍ଷ ତଥା ନିର୍ବାଣର ପୂଣ୍ୟ ।
ଏଣୁ ଆଦିମ ପ୍ରବୃତ୍ତିର ମୋହ
ଅତୀବ ପ୍ରାଚୀନ
ଅନୁକୂଳ ପରିସ୍ଥିତିରେ ହୁଏ
ଏହା ଚିର ନବୀନ ।।

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# ଅଭିମାନନୀ ପ୍ରେମିକା



ଜୟପ୍ରକାଶ ଦୁରିଆ( ରମଣ)

କଳା ବାଦଲର ପରଦାକୁ ଫାଡି
ଉଭାହେଲ ଯେବେ ତୁମେ
ସେଇ ମୁହୁର୍ତ୍ତକୁ ସାଇତି ରଖିଛି
ହୃଦୟର ଉପବନେ ।୧।
ଘନ ଅନ୍ଧକାରେ ଆକାଶ ମଧ୍ଯରେ
ବିଜୁଳିର ଲୁଚକାଳି
ତାରି ଆଲୁଅରେ ପ୍ରଥମେ ଦେଖିଲି
ତୁମ ମୁଖର ବର୍ଣ୍ଣାଳି ।୨।
ମୃଣ୍ମୟୀ ରୂପସୀ ଠିଆ ହେଇଥିଲ
କେଉଁ ଅପସରି ଥିଲ
ପ୍ରଥମ ଦେଖାରେ ମନ କଣିନେଲ
ପ୍ରେମ ଜାଲେ ବାନ୍ଧିଦେଲ ।୩।
ନୟନ ଯୁଗଳ ଓଠର ବ୍ୟାକୁଳ
ମୁଖର ସୌନ୍ଦର୍ଯ୍ୟ ଠାଣି
ଶାରୀରିକ ଭାଷା ଦେଉଥିଲା ବାର୍ତ୍ତା
ତୁମେ ହିଁ ରୂପସୀ ରାଣୀ ।୪।
ତୁମରି ମାୟାରେ ମୋହିନେଲ ମୋତେ
ଛଡେଇ ନେଲ ମୋ ଧ୍ଯାନ
ପାଲଟି ଥିଲା ମୋ ମନ ମରୁଭୂମି
ସୁନ୍ଦର ପୁଷ୍ପ ଉଦ୍ୟାନ ।୫।

ସେଇ ମିଳନରେ ପ୍ରଥମ ଛୁଆଁରେ
ମିଶିଗଲା ଦୁଇମନ
ପ୍ରେମର ବନ୍ଧନେ ବନ୍ଧା ପଡିଗଲୁ
ହସିଲା ଦୁଇଟି ପ୍ରାଣ ।୬ ।
ସମୟ ଅନ୍ତରେ ମଧୁର ଆଳାପ
ଲାଗୁଥିଲା ମିଠାମିଠା
ସେଇ ଘଡିଟିକ ଅଭୂଲା ସ୍ମୃତି ମୋ
ହୃଦୟରେ ହେଲା ଛପା ।୭ ।
କିଛି ସମୟର ବ୍ୟବଧାନେ ତୁମେ
କୁଆଡେ ଗଲ ଉଭେଇ
ଆଉ ଦେଖାନାହିଁ କେବେବି ତୁମର
ଅଭିମାନ କଲ କାହିଁ ।୮ ।
ବିରହ ବେଦନା ସହି ପାରୁନ ମୁଁ
ମନରେ ଲାଗିଛି ନିଆଁ
ସପନରେ କମ୍ବା ବାସ୍ତବରେ ଥରେ
ଦେଖା ଦିଅ ମୋତେ ପ୍ରିୟା ।୯ ।

ନୂଆପଡା, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଚନ୍ଦ ସେ ପ୍ରେମିକାର



ଧିରେନ୍ ବାଗ

ଚନ୍ଦ ସେ ପ୍ରେମିକାର
ଆଙ୍କେ ମୁଁ ନିତି ମନେ
ଉଡିବାକୁ ଶିଖାଇଲ୍ ମୋତେ
ଯିଏ ଗଗନେ ପବନେ ।

ଛୁଆଁଇ ମୋ ବଦନେ
ରବିର ତୀଖ ରଂଗ
ଉଡିଗଲ୍ ସିଏ ପୁଣି
ମୁଁ ଉଡେ ଆକାଶେ ଆଜି
ହୋଇ ଏକ ପତଙ୍ଗ!

ଗଉଡରମା, କୁଳଅଣା, ମୟୂରଭଞ୍ଜ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଏକାମୁଁ



ପ୍ରକାଶ ସାହୁ

ଏହି ଲେଖା ର ଶୀର୍ଷକ ଅତି ରୋମାଞ୍ଚକ । ଏହା କାହାର ନାଁ ହୋଇପାରେ ଅବା କେଉଁ ଏକ ଓଡ଼ିଆ ଶବ୍ଦ ର ପ୍ରତିଶବ୍ଦ। କିନ୍ତୁ ଏହାର ଉତ୍ତର ନକରାତ୍ମକ। ଏକାମୁଁ, କିଏ ନ ଜାଣନ୍ତି ଏହି ଗୃରିଖଣ୍ଡ ମୌଜା ରେ । ସବୁ ଛୋଟ ବଡ ସଭା, ସମିତି ରେ ସଭାପତି ଭାବେ ଏକାମୁଁ ଲୋକଙ୍କ ର ପ୍ରଥମ ପସନ୍ଦ। ସବୁ ସମସ୍ୟା, କଳି, ଝଗଡା ର ସମାଧାନ ତାଙ୍କ ପାଖରେ ରହିଛି। ଏକାମୁଁ କିଏ ? ଯଦି ଏହାର ସନ୍ଧିବିଚ୍ଛେଦ କରିବା ଏକାମୁଁ ଅର୍ଥାତ ଏକ + ମାମୁଁ ।ଏକାମୁଁ ଆମ ଗାଁର ସବୁଠୁ ବୟୋଜ୍ୟେଷ୍ଠ ବ୍ୟକ୍ତି "ଏକ ସାହୁ"। ମୁଁ ସେହି ବୟସ ରୁ ଡାକେ ଏହି ନାମ ରେ ଯେଉଁ ବୟସ ରେ ସମ୍ପର୍କ ର ହିସାବ ଠିକ ଭାବେ ବୁଝି ନ ଥିଲି। ଆଉ ଏବେ ବି ଡାକେ ସେହି ନାମ ରେ । ସେହି ଡାକ ର ପ୍ରତିଧ୍ୱନି ମୋ କର୍ଣ୍ଣ ଯୋଡି କୁ ମଧୁର ଆଭାସେ। ଅଜଣା ଅନୁଭବ ଦେହ ଆଉ ମନ କୁ ଛୁଇଁ ଯାଏ। ସମାଜରେ ଥିବା ସମ୍ପର୍କ ର ମାପ ଫିତା ରେ ଯଦି ମପାଯାଏ ପରିଣାମରେ ସେ ମୋ ଜେଜେବାପା ହେବେ । କଥା କହିବାର ଶୈଳୀ ଆଉ ପରିବେଷଣ ଏପରି ଯେ କେହି ବି କୀଟ ଟେ ଗୁଡ଼ିଆଣି ଜାଲ ରେ ସନ୍ଧି ହେଲା ପରି କିଛି କ୍ଷଣ ପାଇଁ ବାନ୍ଧି ହୋଇ ରହିଯିବେ। ନିଜ କଥା ରେ ସର୍ବଦା କିଛି ଆଧୁନିକ ଶବ୍ଦ ର ପ୍ରୟୋଗ କରିବାରେ ବି ପ୍ରଚେଷ୍ଟା କରନ୍ତି।

ଗାଁ ଠୁ ଦୁରରେ ରହୁଥିବା ଗାଁ ର ପିଲା ଗାଁ କୁ ପୂଜା ପର୍ବ ରେ ଫେରିଲେ ନିହାତୀ ଏକାମୁଁ ଙ୍କୁ ଦେଖା କରନ୍ତି। ହେଲେ ପାଖା ପାଖି ଗୋଟେ ଘଣ୍ଟା ରୁ ଅଧିକା ସାକ୍ଷାତକାର ନିଅନ୍ତି ସେ, ରହୁଥିବା ସ୍ଥାନ ର ଜଳବାୟୁ, ଗୃଲି ଚଳନା, ଦରମା, ସ୍ୱାଥ୍ୟବସ୍ଥା ଏମିତି ଅନେକ କିଛି।

ଏକାମୁଁ ଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା କେହି ସଠିକ ଭାବେ ଜାଣି ନାହାଁନ୍ତି। ମଣିଷ ଦେଖି ବୋଧେ ସେ ନିଜ ଶିକ୍ଷାଗତ ଯୋଗ୍ୟତା ବିଷୟରେ କୁହନ୍ତି। କାହାକୁ କୁହନ୍ତି ଅଷ୍ଟମ ତ କାହାକୁ ମାଟ୍ରିକ ଆଉ କାହାକୁ କୁହନ୍ତି ଏକାଦଶ । ନିଜ ମନ ଭିତରେ କୌଣସି କଥା ରଖିପାରନ୍ତି ନାହିଁ। କୋଣସି ସୂଚନା ପାଇବା ମାତ୍ରେ ସେ ଶିଘ୍ର ପ୍ରଘଟ କରିଦିଅନ୍ତି। ଆଉ ତାଙ୍କ ଦ୍ୱାରା ପ୍ରଘଟିତ ହୋଇଥିବା ବାର୍ତା ର ବେଗ ଏତେ ଅଧିକା ଥାଏ ଯେ ଘଣ୍ଟାଏ କ ଦୁଇ ଘଣ୍ଟା ଭିତରେ ଦଶ ମାଇଲ ଦୁରରେ ଥିବା ପଡୋଶୀ ଗ୍ରାମ କୁ ବ୍ୟାପି ସାରିଥାଏ। ବେଶଭୂଶା କହିଲେ ଆଖି ରେ ଥାଏ ଏକ ପୁରୁଣା ଅତି ଉଚ୍ଚା କ୍ଷମତା ସମ୍ପନ୍ନ ଚଷମା, ହାତରେ ଥାଏ ବାଉଁଶ ରୁ ତିଆରି ତିନ ରୁ ଚାରି ହାତ ଲମ୍ବ ର ବାଡ଼ି। ଧୋତି ଆଉ ପଞ୍ଜାବୀ ତାଙ୍କର ପ୍ରିୟ ପୋଷାକ। ପେଶା ରେ ସେ ଚାଷୀ। ମାତ୍ର ତାଙ୍କ କହିବାର ଢଙ୍ଗ, ଭାବନା କୁ ପ୍ରକାଶ କରିବାର ଶୈଳ ରେ ସେ ଜଣେ ଉଚ୍ଚ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପରି ଲାଗନ୍ତି । ବୟସ ପାଖାପାଖି ଚାରି କୋଡ଼ି ବର୍ଷ ହେବ। ଏବେ ବି ତାଙ୍କ ବାହୁ ରେ ଅପରାକ୍ରମୀ ଶକ୍ତି ଭରି ରହିଛି। ଏବେ ବି ନିଜ ଚାଷଜମି ରେ କାମ କରନ୍ତି। ଗୃହ ପାଳିତ ପଶୁ ଙ୍କ ର ଯତ୍ନ ନିଅନ୍ତି। ତିନି ଝିଅ ଆଉ ଦୁଇ ପୁଅ ର ସେ ବାପା। ସମସ୍ତଙ୍କର ବିବାହ ସରିଛି। ତାଙ୍କର ଜଣେ ପୁଅ ଭାରତୀୟ ସରକାରଙ୍କ ଅଧିନ ରେ ବଡ ହାକିମ ଅଛନ୍ତି।

ଗାଁ ମୁଣ୍ଡରେ ଥିବା ଦଧିବାମନ ମନ୍ଦିର ବେଢା ହେଉଛି ତାଙ୍କ ର ପ୍ରିୟ ସ୍ଥାନ। ଅବଶ୍ୟ ଗାଁ ର ଲୋକେ ଉପର ବେଳା ଆଉ ଅବସର ସମୟରେ ସେ ବେଢା ରେ ଏକାଠି ହୁଅନ୍ତି। ବିଭିନ୍ନ ଘଟଣାର ଅଲୋଚନା, ତର୍କ ବିତର୍କ ଚାଲେ। ରାଜନୀତି, ଖେଳ, ଗାଁ ର ବିଭିନ୍ନ ସମସ୍ୟା କୁ ନେଇ ଚାଲେ ଦୀର୍ଘ ସମୟ ଯାଏ ଏହି ଆଲୋଚନା ଚକ୍ର। ଆଉ ଏହି ତର୍କ ବିତର୍କ ରେ ଯଦି ଏକାମୁଁ ଅଛନ୍ତି ତ ଖଟି ପୁରା ଜମି ଯାଏ। ମୋ ଦେଖିବାରେ ଏକାମୁଁ ଙ୍କୁ କଥା ରେ ଆଜି ଯାଏ କେହି ହରାଇ ପାରିନାହାନ୍ତି। ଅବଶ୍ୟ ନିଜ କଥା କୁ ଠିକ ବୋଲି ପ୍ରମାଣ କରିବା ପାଇଁ କଳାକୁ ଧଳା ଆଉ ଧଳାକୁ କଳା ବି କରିପାରନ୍ତି। ନିଆରା ବ୍ୟକ୍ତିତ୍ୟ ର ମଣିଷ ଟିଏ। ସେ ନାସ୍ତିକ, ସେ ଠାକୁର ଙ୍କୁ ବିଶ୍ୱାସ କରନ୍ତି ନାହିଁ, ସର୍ବଦା ନିଜ କର୍ମ ରେ ବିଶ୍ୱାସ କରନ୍ତି।

ତାଙ୍କ ମତ ରେ ଠାକୁର ଅଛନ୍ତି ମନ ରେ ଦେହ ରେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ନିରର୍ଥକ।

ସେ ମଧ୍ୟ ହାସ୍ୟପ୍ରବାଦୀ ପୁରୁଷ, ଗାଁ ର ଛୋଟ ପିଲା ଆଉ କୁଆଁରି ମାନଙ୍କ ସହିତ ମିଶିବାକୁ, ସେମାନ ଙ୍କ ସହିତ ଖୁସି ହେବାକୁ ଭଲ ପାଆନ୍ତି।

ମୁଁ ତାଙ୍କ ସହିତ ଅନେକ ଥର କଥା ହୋଇଛି ତାଙ୍କ ପିଲା ସମୟ ଆଉ ଏବେ ର ସମୟ ର ଅନ୍ତରରୁ ଖୁବ କୁହନ୍ତି। ତାଙ୍କ କଥା ମୋତେ ମତେ କଡା ଲାଗେ ଯେତେବେଳ ସେ ଆଧୁନକ ପିଲାଙ୍କ ବିପକ୍ଷେ ବହୁତ କଛି କୁହନ୍ତି। ଆଉ ସେହି ପିଲାଙ୍କ ଭିତରେ ମୁଁ ବି ପରୋକ୍ଷ୍ୟରେ ରହିଥାଏ। ପ୍ରକୃତରେ ସେ ଜଣେ ସହୃଦୟ ମଣିଷ ଟିଏ। ଗାଁ ର କୌଣସି ବ୍ୟକ୍ତି ବିଶେଷଙ୍କ ର ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ସେ ତିଳେ ମାତ୍ର ବିଳମ୍ବ ନ କରି ହାଜର ହୋଇଯାଆନ୍ତି । ତାଙ୍କ ପାଖରେ କଛି ଆଶ୍ୱାସନା ନୀଶ୍ଚୟ ଦେଇ ଆସନ୍ତି। ଗାଁ ର କୌଣସି ପିଲା ଭଲ ଚାକରି ପାଇଲେ ଅବା ପରୀକ୍ଷା ରେ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହେଲେ ସେ ନଜର ଖୁସି ବ୍ୟକ୍ତ କରନ୍ତି। ସବୁଆଡେ କୁହନ୍ତି ଆମ ଗାଁ ର ପିଲା ଦେଖ ଦେଶ ପାଇଁ ସୀମା ରେ ଲଢ଼ିବାକୁ ଚାଲିଗଲା ।ଆମ ଗାଁ ରେ ଏତିକ ସଂଖ୍ୟକ ଡାକ୍ତର ଏତିକ ସଂଖ୍ୟକ ଇଂଜିନଅର ଏତିକ ସଂଖ୍ୟକ ସରକାରୀ ଚାକରୀରେ ଆଉ ଆମ ଗାଁ ରେ ଲୋକେ ଏମିତି , ଆମ ଗାଁ ରେ ଏମିତି ପର୍ବ ହୁଏ .....ଏମିତି ଅନେକ କଥା କୁହନ୍ତି।

ମୁଁ ପଞ୍ଚମ ଶ୍ରେଣୀ ଯାଏ ତ ବାହାରେ ରହି ପଢ଼ିଲି । ପୁଣି ଯୁକ୍ତ ଦୁଇ ପଢିବା ସରୁ ସରୁ ବି ଗାଁ ଛାଡି ଦେଇଥିଲି। ମାତ୍ର ଆଠରୁ ଦସ ବର୍ଷ ପାଇଁ ମୋର ସମ୍ପର୍କ ରହିଛି ଗାଁ ସହିତ ଆଉ ଏକାମୁ ଙ୍କ ସହିତ। ତଥାପି ଗାଁ ର ମୋହ ଆଜି ବି ମୋ ହୃଦୟରେ ରହିଛି। ଗାଁ ରେ ବିତି ଥିବା ପିଲାଦିନ ।ଏକାମୁଁ ଙ୍କ ସହିତ ବିତିଥିବା ସମୟ ଆଜ ବି ମୋତେ ଟାଣିନଏ ଗାଁ ଆଡକୁ। ସହର ରେ ମିଳୁଥିବା ଏତେ ସବୁ ସୁବିଧା, ସୁଯୋଗ, ମନୋରଞ୍ଜନ ମନ ହୁଏ ଗାଁ କୁ ଆଉ ନ ଫେରିବାକୁ । କନ୍ତୁ ମୋର ହୃଦୟ ବାଧା ଦିଏ। ଗାଁ ର ସେହି ଏକାମୁଁ ଙ୍କ କଥା

ମନେ ପଡେ । ମନେ ପଡ଼େ ସେହି ଅସୀମ ଧାନ କ୍ଷେତ ମଝି ରେ ଛିଡା ହୋଇ ସଞ୍ଜ ବେଳ ର କୋହଲ୍ ପବନର ସ୍ପର୍ଶ, ପାଖକୁ ଲାଗିଥିବା ପୁରୁଣା ବିରାଟକାୟ ବରଗଛ ରେ ଥିବା ବୁଢ଼ୀ ପିଶାଚ ର କୋକୁଆ ଭୟ । ମନେପଡେ ମଝି ନଦୀଗର୍ଭରୁ ବାଲି ଆଣିବାର ସନ୍ତରଣ ପ୍ରତିଯୋଗିତା। କବାଡି ଖେଳ, ଗୋଟି ଖେଳ, ଦୀପାବଳୀ ର ରାବଣ ପୋଡି ....

ଗାଁ ରେ ବିତି ଥିବା ମୋ ପିଲା ଦିନ ମୋ ମାନସପଟ ରେ ଚିରସ୍ମରଣୀୟ ହୋଇ ରହିଛି। କେବେ ଗାଁ ଗଲେ ଏକାମ୍ବୁଁ ଙ୍କ ସହିତ ଦେଖା ହୁଏ। ମୁଁ ତାଙ୍କ ଆଶୀର୍ବାଦ ନିଏ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା, ଗାଁ ହାଲଚାଲ ବୁଝି ନିଏ। କିନ୍ତୁ ଆଗ ପରି ଆଉ ତାଙ୍କ ମୁହଁ ରେ ଖୁସି ଦେଖିବାକୁ ମିଳେନି। ତାଙ୍କ ଭାଷାର ଆଉ ଚମକ ଆସେନି। ତାଙ୍କ ମତରେ ବଦଳ ସାରିଛି ଏହି ଗାଁ ଆଉ ବଦଳ ସାରିଛି ଏହି ଗାଁ ର ଚାଲିଚଳନ। ବଦଳ ସାରିଛନ୍ତି ଗାଁ ର ଲୋକମାନେ । ଗାଁ ର ଲୋକେ ଏବେ ସହର ମୁହାଁ । ଖାଲି ପଡ଼ିଛି ଗାଁ ର ସରକାରୀ ବିଦ୍ୟାଳୟ। ଚାଷ କାମରେ ଆଉ ଗାଁ ଲୋକଙ୍କର ଇଛା ନାହିଁ। ଗାଁ ରେ ରାଜୁତି କରୁଛି ଏବେ ଅତ୍ୟାଧୁନିକ ସଭ୍ୟତା। ଭାଗବତ ଟୁଙ୍ଗି ଖାଲି ପଡ଼ିଛି। ଘଣ୍ଟା ମୃଦଙ୍ଗ ସେମିତି ପଡି ରହିଛି।

ଏକାମ୍ବୁଁ ଆଜି ନିଜ ବୟସ ର ଅପରାହ୍ନରେ ପହଁଚ ସାରିଛନ୍ତି। ତାଙ୍କ ଦେହରେ ଏବେ ବି ସତବଳ ଅଛି। କିନ୍ତୁ ଏବେ ସେ ଗଭୀର ସ୍ରୋତ ଥିବା ନଦୀ ଧାର ର ଓଦାବାଲି ରେ ଠିଆ ହୋଇଛନ୍ତି । କେତେବେଳେ ବି ସେ ବାଲି ଅତଦା ହୋଇ ନଦୀ ସ୍ରୋତ ରେ ଭାସି ଯାଇପାରେ ଆଉ ଭସାଇ ନେଇପାରେ ନଦୀ ର ଆର ପାରି କୁ ଏକାମ୍ବୁଁ ଙ୍କୁ....

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ତମେ ମୋର ପ୍ରିୟତମ



ଭଗିରଥୀ ଯାନୀ

ତୁମେ ଦୟାମୟ ତୁମେ କୃପାମୟ
ତମେ ମୋର ପ୍ରିୟତମ ।
ଭକ୍ତି ଅବା ପ୍ରେମେ ରାତ୍ର ଅବା ଦିନେ
ଧରୁଅଛି ତବ ନାମ।।୧।।
ମୋର ଭାବନାରେ ମୋର ସମ୍ମୁଖରେ
ତୁମେ ସଦା ଆସୁଥାଅ।
ମନର ଭାବକୁ ତମେ ବୁଝିପାରି
ସର୍ବଦା ନର୍ଦ୍ଦେଶ ଦିଅ।।୨।।
ଏହି ମୋ ମନରେ ଏହି ମୋ ପ୍ରାଣରେ
ଜାଗିଉଠୁ ଭକ୍ତିଭାବ।
ଏହି ଶରୀରରେ ପ୍ରାଣ ଥିବାଯାଏଁ
ତୁମଠାରେ ଥାଉ ଭାବ।।୩।।
ଭକ୍ତି କରିବାକୁ ଶକ୍ତି ଦିଅ ମୋତେ
ହେ ମୋର ପ୍ରିୟ ପରମ।
ତୁମକୁ ପାଇ ମୁଁ ଏହି ଜନମରେ
ସାର୍ଥକ ହେଉ ଜୀବନ।।୪।।

ଜନ୍ମ ଜନ୍ମ ପାଇଁ ତବ ପାଶେ ଥାଉ
ମୋର ମନର ଭାବନା।
ତୁମରି ନାମକୁ ଯିଏବି ଧରିଲେ
ପୂର୍ଣ୍ଣ ହେଉ ତା କଳ୍ପନା।।୫।।
ଜୀବନ ସମର୍ପି ତବ ଶ୍ରୀଚରଣେ
କରୁଛି ମୁହିଁ ବିନତି।
ଅନ୍ତରର ସହ ଘେନ ହେ ଠାକୁର
କୋଟି କୋଟି ମୋ' ପ୍ରଣତି।।୬।।
ମୋ' କରମରେ ମୋ' ଧରମରେ
ପାଶେ ପାଶେ ରହିଥାଅ।
ସଂସାର ମାୟାରୁ କଳୁଷ ପଙ୍କରୁ
ମୁକ୍ତିର ପଥ ଦେଖାଅ।।୭।।

ଗ୍ରାମ/ ଡା.ଘ.- ଦଳପଡା,
ଭାୟା- ଖଜୁରୀ ପଡା, ଜିଲ୍ଲା- କନ୍ଧମାଳ,
ଓଡିଶା, ଭାରତ

# ଭୁଲି ମୁଁ ପାରିବିନାହିଁ



ପ୍ରଶାନ୍ତ କୁମାର ନାଥ

ତୁ ଆଜି ଖୁସିରେ ଦିନ କାଟୁଛୁଲୋ
ଦୁଃଖରେ ବିତେ ମୋ ଦିନ
ଭଲ ପାଇବାର ଅଭିନୟ କରି
ଭାଙ୍ଗିଦେଲୁ କାହିଁ ମନ।
ତୋ ଓଠରେ ସିନା ହସ ଖେଳୁଅଛି
ପଡୁନାହିଁ ମୁହିଁ ମନେ
ହେଲେ ତୋର କଥା ଭାବିନାହିଁମୁହିଁ
ଏମିତି ହୋଇନ ଦିନେ।
ତୋ ଆଖିରେ ସିନା ନୂଆ ସପନଲୋ
ପଛକୁ ଚାହୁଁନୁ ବୁଲି
ହେଲେ ମନେପଡେ ସବୁ ସ୍ମୃତି ମୋର
ପାରୁନାହିଁ ଜମା ଭୁଲି।
ହସିହସି ସିନା କହିଦେଇ ଗଲୁ
ତୋତେ ଭୁଲିଯିବା ପାଇଁ
ଭାବିଲୁନ ଥରେ ତୋତେ ଭୁଲିଯାଇ
କେମିତି ବଞ୍ଚିବି ମୁହିଁ।
ତୋ ପ୍ରେମଟା ସିନା ଛଳନାଥିଲାଲୋ
ଛଳନା ଶିଖିନ ମୁହିଁ
ଯେତିକ ପ୍ରେମଲୋ ଦେଇଅଛୁ ମୋତେ
ତା ସାଥେ ପାରିବି ଜିଇଁ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

ବେଦାନ୍ତୀ

# ପ୍ରଭୁ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଅନନ୍ତ ବେଶରେ ଗ୍ଭଲିଗଲ ବୃକ୍ଷ ଭିତରକୁ ତୁମ୍ଭେ
ସାନଭ୍ଇ ବେଶେ ପୁଣି ଦୃଶ୍ୟମାନ ହୋଇ
କରିଦେଲ ଆଲୋକିତ ବୃକ୍ଷର କୋରଡକୁ ଯେ ତୁମ୍ଭେ
ବୃକ୍ଷର କୋରଡଟି ଆଲୋକରେ ସତେକି ଝଲସିଉଠେ
ସ୍ୱପ୍ନେ ଦେଖିଲ୍ ଯୁବତୀ ସବୁବେଳେ ଡାକେ ସେ ତୁମ୍ଭକୁ ମନେମନେ
ସୂର୍ଯ୍ୟ ଚନ୍ଦ୍ର ରୂପେ ଦେଖାଯାଏ ଯେ ନୟନ ତୁମ୍ଭର
ହୋଇଥାଏ ଗ୍ଭରିଆଡ ଯେ ଅନ୍ଧାର ଆଉ ଅନ୍ଧାର
ମାତ୍ର ବୃକ୍ଷର କୋରଡ ଚକମିକ ହେଇଥାଏ ଦୁଇ ନୟନରେ ତୁମ୍ଭର
ପାଖରେ ଥାଆନ୍ତି ମାତା ଅନ୍ନପୂର୍ଣ୍ଣା ଯେ ତୁମ୍ଭର
ଅଟନ୍ତି ପତ୍ନି ଲକ୍ଷୀ ମାତା ସେ ତୁମ୍ଭର
ଚକା ଆଖି ସାଜି ଆସିଲ ଅଜେ ସପନରେ ତାହାର
ଦେଖି ତୁମ୍ଭକୁ ଭଙ୍ଗିଗଲ୍ ସେଠି ନିଦ ଯେ ତାହାର
ଭଙ୍ଗିଲ୍ ବେଳକୁ ନିଦ ପାଇଲ୍ ନାହିଁ ଆଉ ତୁମ୍ଭକୁ କାଳିଆ
ଧନ୍ୟ ତାର ଜୀବନ, ଧନ୍ୟ ତାର ନୟନ ସାର୍ଥକ ହୋଇଲ୍ ତାହାର ସେ ସପନ
ଦେଖାଦିଅ ଏହିପରି ପୁଣି କାଳିଆ ସାର୍ ସଂସାରକୁ
ହୃଦୟରେ ରଖନ୍ତୁ, ସଭିଁଏ ତୁମ୍ଭର ସେ ରୂପକୁ
କୋରଡକୁ ତୁମ୍ଭେ ଗଲ ଗୋଟିଏ ରୂପରେ
ଉଭ୍ ହୋଇ ଛିଡା ହେଲ ଅନ୍ୟ ଯେ ପ୍ରକାରେ
ଏହା ଥିଲ୍ ସବୁଠୁ ଯେ ବଡ ଉପହାର ତାହାର
ସ୍ୱପନେ ତାହାର ଆସ ପ୍ରଭୁ ଏହିପରି ବାରମ୍ବାର

# ମାତୃଭକ୍ତିର ଅନ୍ୟ ଏକରୂପ



ଆକାଶ କୁମାର ଭୋଳ

ରାମ, ବାବୁ କେବେ ଆସିବ ?

ମା, ଭାଇ ତା କାମରେ ବ୍ୟସ୍ତ । ଛୁଟି ମିଳୁନ । ତୁ ବାରମ୍ବାର ତା କଥା ପଚାରି ମୋ ମୁଣ୍ଡ ଖରାପ କରେନ !

ତୁ ତାକୁ ଖବର ଦେଇଛୁ । ମୁଁ ଆଉ କମ୍ ଦିନ ବଞ୍ଚିବି । ଥରୁଟିଏ ତାକୁ ଦେଖିବାକୁ ଚାହୁଁଛି ରେ ।

ହଁ, କହି ଦେଇଛି । ଆଉ କଛି ! ଏହା କହି ରାମ ମା ବେଡ଼ ପାଖରୁ ଉଠି ଆସିଲା ।

ତା ପତ୍ନୀ ଯିଏ ଘର ବାହର କବାଟ ପାଖରେ ଠିଆ ହୋଇ ସବୁ ବାର୍ତ୍ତାଳାପ ଶୁଣୁଥିଲେ, ସେ କହିବାକୁ ଲାଗିଲା, କନ୍ତୁ ତୁମେ ତ ଭାଇଙ୍କୁ ଖବର ଦେଇନ କ ମାଙ୍କ ଦେହ ବହୁତ ଅସୁସ୍ଥ ତାଙ୍କୁ ଥରୁଟିଏ ଦେଖିବାକୁ ଚାହୁଁଛନ୍ତି । ଯେତେବେଳେ ସେ ଫୋନ କରୁଛନ୍ତି ମା ବିଷୟରେ ପଚାରୁଛନ୍ତି, ତୁମେ କହୁଛ ମା ଠିକ ଅଛି । ସେ ଏବେ ବୁଢ଼ୀ ହେଇଗଲେଣି, ବୃଦ୍ଧା ଅବସ୍ଥାରେ କଛି ନା କଛି ଅସୁସ୍ଥତା ଲାଗି ରହିବ । ମା ମଧ ଠିକ ରେ ଶୁଣି ପାରୁନାହାନ୍ତି । ସେଥିପାଇଁ ଫୋନ ରେ କଥା ହେଇପାରୁନାହାଁନ୍ତି । କଏ ଜାଣେ ତାଙ୍କ ପ୍ରାଣ ଭାଇ ପାଖରେ ଅଟିକ ଅଛି କ କଣ ?

ହଁ, ତୁମ କଥା ଠିକ ହୋଇପାରେ । କନ୍ତୁ ମୁଁ କାଇଁ ଚାହିଁବି ସେ( ଭାଇ ) ଆସୁ ।

କାହିଁକ ନୁହେଁ ? ପତ୍ନୀ ଧୀର କଣ୍ଠରେ ପଚାରିଲେ !

ତୁମର ମନେ ଅଛି ନା, ଯେତେବେଳେ ବାପା ଘରେ ପଡିଲେ, ଆମେ ଭାଇକୁ ଫୋନ କଲେ। ତା ଆଗ ଦିନ ଭାଇ ଫ୍ଲାଇଟ ଧରି ଆସି ହାଜର । ବାପାଙ୍କ ସହିତ ଦି ଦିନ ବିତାଇଲା। ତା କୋଳରେ ମୁଣ୍ଡ ରଖି ବାପା ଶେଷ ନିଶ୍ୱାସ ତ୍ୟାଗ କଲେ । ସେ ଅନ୍ତେଷ୍ଟି କ୍ରିୟା କଲା, ଅନ୍ତିମ ସଂସ୍କାରର ସାରା ପୁଣ୍ୟ ତାକୁ ହିଁ ମିଳିଲା । ସବୁ ବନ୍ଧୁ ବାନ୍ଧବ ତାକୁ ହିଁ ତାରିଫ କଲେ ଆଉ କହିଲେ ତୁ ଆସିଗଲୁ, ତୋ ବାପା ଶାନ୍ତିରେ ମରିପାରିଲା । ତା ଆଶିର୍ବାଦ ସବୁବେଳେ ତୋ ଉପରେ ରହିବ।

ମୁଁ ସାରା ଜୀବନ ତାଙ୍କ ସେବା କଲି, ତାଙ୍କ ସବୁ ଆବଶ୍ୟକତା ପୂରଣ କଲି, ଆଉ ଶେଷ ସମୟକୁ ସମସ୍ତ ଶ୍ରେୟ ମୋର ଆଦରଣୀୟ ଭାଇ ନେଇଗଲା । ମୁଁ ଦ୍ୱିତୀୟ ଥର ପାଇଁ ଏମିତିକା ଭୂଲ କରିବାକୁ ଦେବିନି । ଏହା କହି କ୍ରୋଧର ଅଗ୍ନିରେ ରାମର ମୁହଁ ଲାଲ ହୋଇଯାଇଥିଲା ।

କିନ୍ତୁ, "ମାଙ୍କ ର ଇଚ୍ଛାକୁ ମଧ୍ୟ ଟିକେ ବିଚାର କର" । ପତ୍ନୀ ପତିକୁ ବୁଝାଇବା ପାଇଁ କହିଲେ। ପତ୍ନୀ ତ ଅସୁସ୍ଥ ଶାଶୁର ସେବା କରି ବିରକ୍ତ ହୋଇ ପଡ଼ିଲାଣି, ସେ ଚାହୁଁଥିଲା କି ଯେତେ ଶୀଘ୍ର ମୁକ୍ତି ମିଳିବ ସେତେ ଭଲ । କିନ୍ତୁ ପତି ଜଣକ ତାଙ୍କ କଥା ଶୁଣିବାକୁ ରାଜି ନଥିଲେ ।

ସେ ତ ବୁଢ଼ୀ ହେଇଗଲାଣି, ଯେତେବେଳେ ତା ସମୟ ପୁରା ହେଇଯିବ ସେ ଉପରକୁ ଚାଲିଯିବ । ତୁମେ ଚିନ୍ତା କରିବାର କିଛି ନାହିଁ । ସବୁ ଠିକ ହୋଇଯିବ ସ୍ୱାମୀ କହିଲେ ।

ତା ହେଲେ ତୁମକୁ ମା ଇଚ୍ଛା ଅପେକ୍ଷା ନିଜର ପ୍ରଶଂସାର ଚିନ୍ତା ଅଧିକ । ପତ୍ନୀ ଚିଡି ଚିଡ଼ି ହୋଇ କହିଲେ ।

ହଁ, ଏଥିରେ ଖରାପ କଣ । ସେ ମୋ ପାଖରେ ରହୁଛି । ମୁଁ ତାର ଦେଖାଶୁଣା କରୁଛି । ସେ ମଲା ପରେ ତା ଅନ୍ତିମ ସଂସ୍କାର ମୁଁ କରିବି । ଯଦି ଭାଇ ଆସିଯିବ ବଡ ପୁଅ ହିସାବରେ ସେ ହିଁ ସବୁ କରିବ, ସମସ୍ତଙ୍କ ଆଶିର୍ବାଦ ଆଉ ପ୍ରଶଂସା ନେଇଯିବ । ମୁଁ କଣ ମା'ର ପୁଅ ନୁହେଁ କି ? ଏତିକି କହି ରାମ ପୁଣି ମା ପାଖକୁ ଚାଲିଗଲା ।

ଭ୍ରମରକୋଲ, ରାହାମା, ଜଗତସିଂହପୁର

# ତୁମେ ପାଖେ ଥିଲେ



ପ୍ରକାଶ କୁମାର ଗୃନ୍ଦ

ତୁମେ ପାଖେ ଥିଲେ କୁଆଁରପୂନେଇଁ
ଦୂରେ ଗଲେ ଅମାବ୍ରତି
ତୁମେ ହସିଦେଲେ ଦୁଃଖ ହଜିଯାଏ
ରୁଷିଗଲେ ଲୁହ ସାଥୀ ।

ତୁମେ ପାଖେଥିଲେ ସେ ଗାଆଁର ଜହ୍ନ
ଡାକେ ମତେ ହାତଠାରି
ମେଘ ବଦଳରେ ମହୁ ଝରିପଡେ
ଆକାଶର ଛାତି ଚରି
ତୁମେ ପାଖେ ଥିଲେ ଖରା ଦେଇଯାଏ
ଶୀତଳ ଚନ୍ଦନ ତାତି
ତୁମେ ପାଖେଥିଲେ କୁଆଁରପୂନେଇଁ
ଦୂରେ ଗଲେ ଅମାବ୍ରତି ।।

ତୁମେ ଛୁଇଁଦେଲେ ମାଟି ହୁଏ ସୁନା
ଗୃହିଁଲେ ଆଇନା ଭଙ୍ଗେ
ଆଙ୍କିଦେଲେ କଛି ଅନାବନା ଛବି
ଜିଇଁଥିବା ପରି ଲଗେ
ତୁମେ ପାଖେଥିଲେ ଶାମୁକା କୋଳରେ
ବରଷା ଢାଳଇ ମୋତି
ତୁମେ ପାଖେଥିଲେ କୁଆଁରପୂନେଇଁ
ଦୂରେ ଗଲେ ଅମାବ୍ରତି ।।

ଜୟପୁର ଶାସନ, ପିପିଲି, ପୁରୀ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୁମେ ତ ଅବର୍ଣ୍ଣନୀୟ



ପ୍ରଶାନ୍ତ କୁମାର ପଧାନ

ରୂପସୀ ଜହ୍ନର ଜ୍ୟୋସ୍ନା କ ଗୋ ତୁମେ
ରଜନୀଗନ୍ଧାର ବାସ
ଇନ୍ଦ୍ର ପ୍ରାସାଦର ଉର୍ବଶୀ କ ତୁମେ
ମୁକ୍ତାଝର୍‌ ତୁମ ହସ ||
ଲ୍‌ବଣ୍ୟବତୀଠୁ ଗ୍ଭେରେଇ ଆଣିଛ
କବା ତା'ର ଯଉବନ
କଥାରୁ ଝରୁଛି ସଙ୍ଗୀତ ମୂର୍ଚ୍ଛନା
ଯେମିତିକା ବଂଶୀ ସ୍ୱନ ||
କାଶତଣ୍ଡୀ ଠାରୁ ପାଇଛ କ ତୁମେ
ଗୋର୍‌ ରଙ୍ଗ ଉପହାର
ସଂଗ୍ରହାଳୟରେ ରଖିବି ମୁଁ ତୁମ
ପ୍ରତିମୂର୍ତ୍ତି ମହମର ||
ନାଲି ଓଠ ଧାରେ ଝଲସଇ ହସ
ସତେକ ବିଜୁଳକନ୍ୟା
ଆଖିରୁ ତ ପୁଣି ଝରିଗଲେ ଲୁହ
ପୃଥିବୀରେ ହୁଏ ବନ୍ୟା ||

ଲ୍‌ଗିଥିବ ସତେ ଯୁଗ ତ ସହସ୍ର
ତୁମକୁ ଗଢିବା ପାଇଁ
ସର୍ବଶ୍ରେଷ୍ଠ ସୃଷ୍ଟି ତୁମେ ଅଟ ବୋଧେ
ଏଥିରେ ଦ୍ୱିମତ ନାହିଁ ||
ଚନ୍ଦ୍ରଭ୍‌ଗା କୂଳେ ଚନ୍ଦ୍ରମା କ ତୁମେ
ରୂପ ଯେ ଅତୁଳନୀୟ
ଉପମା ଦେବାକୁ ଭ୍‌ଷାହୀନ ମୁଁ ଯେ
ତୁମେ ତ ଅବର୍ଣ୍ଣନୀୟ ||

ଗ୍ରାମ – ବୁଢେମୁଣ୍ଡା, ଜିଲ୍ଲା - ବରଗଡ

# ସାଧୁଜନ



ହରିହର ତ୍ରିପାଠୀ

ପ୍ରଭାତୁ ଉଠି ସାଧୁଜନ
ପ୍ରଭୁଙ୍କୁ କରନ୍ତି ଯେ ଧ୍ୟାନ
ପ୍ରଭୁଙ୍କ ପାଦେ ରଖି ଚିତ୍ତ
କରନ୍ତି ସାଧୁ ସନ୍ଥ ସତ ।୧ ।

ଧ୍ୟାନେ ଦେଖନ୍ତି ନରହରି
ଏଣୁ ସେ ସାଧୁ ଯାନ୍ତି ତରି
ସେ ସାଧୁଙ୍କର ଯେତେ ଗୁଣ
ଲେଖିଲେ ହେବ ଯେ ପୁରାଣ ।୨ ।

ସେ ସାଧୁ ଜନଙ୍କ ପୟରେ
ଧ୍ୟାନ ତୁ ଦିଅ ନିରନ୍ତରେ
କହଇ ବିପ୍ର ହରିହର
ସାଧୁ ସନ୍ଥଙ୍କ ସେବା କର । ୩ ।

ଦେଖାଇ ଦେବେ ସେ ସୁପଥ
ପଥେ ଦେଖିବୁ ଜଗନ୍ନାଥ
କହୁଛି ସାଧୁ କଥା ମାନ
ଜୀବନ ହୋଇଯିବ ଧନ୍ୟ ।୪ ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

# ମନେପଡ଼େ



ପ୍ରଭାତ ବିଶ୍ୱାଳ

ସେଦିନ ଥାଏ କୁମାର ପୂର୍ଣ୍ଣୀମା । କ୍ଳାନ୍ତ ଅପରାହ୍ନ ର ଅନ୍ତ ଘଟି ସାରିଥାଏ । ସମୟ ପ୍ରାୟ ୫ ଘଟିକା ।

ଧୀରେ ଧୀରେ ସଂଧ୍ୟା ସମୟ ଉପଗତ ହେଉଥାଏ ।

ରାଜା ଏକା ଏକା ନଈକୂଳରେ ବସିଥାଏ । କଳ କଳ ନାଦରେ ନଈ ପାଣି ବହି ଚାଲିଥାଏ । ଦୂର ଝାଉଁବଣରୁ ଶୁଭି ଯାଉଥିବା ଚକ୍ରବାକୀର କରୁଣ ରାଗିଣୀରେ ପରିବେଶଟା ପ୍ରକମ୍ପିତ ହୋଇ ଉଠୁଥାଏ । ପ୍ରକୃତିର ସୋନ୍ଦର୍ଯ୍ୟକୁ ଉପଭୋଗ କରୁଥାଏ । ହେଲେ କାହିଁକି କେଜାଣି ରାଜାର ମନ ସେଦିନ ଭଲ ଲାଗୁନଥାଏ । ଧୀରେ ଧୀରେ ସୂର୍ଯ୍ୟ ଅସ୍ତଗାମୀ ହେବାକୁ ଲାଗିଥାନ୍ତି, ଫଳରେ ଦୂର ଦିଗ୍ ବଳୟଟି ଲୋହିତ କିରଣରେ ଆଛାଦିତ ହେଉଥାଏ । ଦୂର ବନ ବନାନ୍ତରରୁ ପକ୍ଷୀମାନେ ଭିନ୍ନ ଭିନ୍ନ ପ୍ରକାରର କିଚିରି ମିଚିରି ଶବ୍ଦ କରି ଖାଦ୍ୟ ସଂଗ୍ରହ ସାରି ନିଜ ନିଜର ନିଡ ଉପଲକ୍ଷେ ଆଗମନ । ସଂଧ୍ୟା ସମୟ ଉପଗତ ହୋଇଯାଇଥାଏ । ଶରତ ଆକାଶରେ ପୁନେଇଁର ଚାନ୍ଦ ପୂର୍ଣ୍ଣ ଉଦିତ ହୋଇ ତାର ରୂପେଲି କିରଣ ଲାସ୍ୟମୟୀ ଧରଣୀରେ ବିଚ୍ଛୁରୀତ ହେଉଥାଏ । ନଈର ଅମାପ ଜଳରାଶି ଚମକି ଉଠୁଥାଏ । ଠିକ୍ ସେହି ସମୟରେ ରାଜାର ମନର ସାଥୀ 'ନୈନା' କଥା ମନେ ପଡିଥାଏ । କୁମାର ପୂର୍ଣ୍ଣୀମା ଦିନରେ ପ୍ରିୟା କଣ କରୁଥିବ, ମୋ ଭଲପାଇବାକୁ ଭୁଲିଗଲା ବୋଲି ମୋତେ ମନେରଖିଥିବ କି ନାହିଁ । ସାଙ୍ଗସାଥିଙ୍କ ମେଳରେ ଥାଇ ମୋ କଥା ଭାବୁଥିବକି ନାହିଁ । ପୁଣି ମନ ହେଉଥାଏ ଆଜିଦିନରେ ଗୋଟିଏ ଥର ଆଉଥରେ କଥା ହୋଇପଡନ୍ତିକି । ନା ସିଏତ ମୋତେ ଭୁଲିଯାଇଛି, ସିଏ କଣ ମୋ ସାଥିରେ ଆଉ କଥା ହେବକି, ସିଏ ମୋତେ ମନେ ରଖିଥିବ ? ଏପରି ଭିନ୍ନ ଭିନ୍ନ ଭାବନାରେ ରାଜାର ମନ ହଜିଯାଇଥାଏ ।

ସାମାନ୍ୟ ମଣିଷଟେ ମୁଁ ମନେପଡୁଥାଏ ତୁମ କଥା, ଖୋଜିବୁଲେ ଅତୀତକୁ । ଆଖିରେ ଆଖିଏ ସପନ ନେଇ ରାତିର ଆଗମନ ହୁଏ, ତୁମେ ବି ଆସ ସେଇ ସ୍ୱପ୍ନରେ । ହଜିଯାଏ ଯିଏ ଆଉ ମିଳେନା । ହଜିଯାଇଛ ତୁମେ ବହୁ ଦିନରୁ, ମିଳବନ ତମେ ଜାଣେ ମୁଁ । ଏପାରିରେ ମୁଁ ଆଉ ସେପାରିରେ ତୁମେ କାହିଁ କେତେ ଦୂରରେ । ସମୟ ସୁଅରେ ମୁଁ ଭାସି ଯାଇଥାଏ । ମୁଁ ବସି ଭାବୁଥାଏ "ସମୟଟା ମୋ ପାଇଁ କେତେ ନିର୍ଦ୍ଦୟ, ନୀର୍ଭିକ, ନିଷ୍ଠୁର । ସମୟ କିଏ ? କଣ ତାର ରୂପରେଖ ? କେଉଁଠି ତାର ବ୍ୟାପ୍ତି ? କିପରି ତାର ସ୍ଥିତି ? କାହାକୁ କେଉଁ ରୂପରେ ସେ ଭେଟେ ?" ପୁଣି ଭାବେ ସମୟ କାହିଁକି ମୋ ଉପରେ ଅଭିଶାପର ବଜ୍ର ବର୍ଷା କଲା । କାହିଁକି ପୁଣି ଅସରା ଅସରା ଦୁଖ ଆଣି ଦେଲା । ରାଜା ଏପରି ଭାବରେ ସମୟକୁ ଭୁଲ୍ ଦେଉଥାଏ ।

ପୁଣି ରାଜା ଦୁଖର ସାଗରରେ ନାଉରୀ ହୋଇ ହାତରେ କାତଧରି ଏକାକୀ ଚାଲୁଥିବାର ଭାବୁଥାଏ । ଜୀବନ ନଈରେ ଜୁଆର ଆସୁଥାଏ, ଥଳକୂଳ ମିଳୁ ନଥାଏ, ନାଉରୀଟା ଘାଟ ଜଗିଥାଏ ହେଲେ ବେଳ ବୁଡି ଯାଉଥାଏ । ଭିନ୍ନ ଭିନ୍ନ କଥା ଏମିତି ରାଜା ମନରେ ନୈନା କୁ ମନେପକାଇ ଭାବୁଥାଏ ।

ରାଜା ଭାବୁଥାଏ ଆଜି କୁମାର ପୂର୍ଣ୍ଣୀମାରେ ପ୍ରିୟା ମୋର ପୁନେଇଁ ଜହ୍ନକୁ କଳ୍ପନା କରି ତାର ମନ ମଣିଷର ପ୍ରତିବିମ୍ବକୁ ଚାହୁଁଥିବ । ନୂଆ ସାଥିଟିଏ ପାଇଁ ଶୁଭ ମନାସୁଥିବ । ରାଜାକୁ ଲାଗୁଥାଏ ତା ଜୀବନରେ ଆଉ କିଛି ନାହିଁ ବୋଲି, ଖାଲି ଦୁଃଖ ଆଉ ଦୁଃଖ । ଛଟପଟ ହୋଇ ସମୟ ବିତାଇବା କଥା ।

ରାଜା ପୁଣି ବାଇ ଚଢେଇର କଥା ମନେପକାଇ ନିଜମନକୁ ଦୃଢ କରିବ ବୋଲି ଭାବୁଥାଏ । ଅଦିନିଆ ଝଡ ତୋଫାନରେ ଭାଙ୍ଗିଯାଇଥାଏ ସେଇ ବାଇଚଢେଇର ବସା , ହେଲେ ନିରୀହ ଚଢେଇଟି ଜାଣି ନପାରି ତାର ଭାଗ୍ୟକୁ ନିନ୍ଦି ମନରୁ ଆଶା ଛାଡୁ ନଥାଏ ।

ଏପରି ହତଭାଗା ପ୍ରେମିକଟି ବିଭିନ୍ନ କଥା ଭାବୁଥାଏ । ସେତେବେଳକୁ ସମୟ ପ୍ରାୟ ୭ ଘଟିକା । ଶୁନ୍ ଶାନ୍ ହୋଇଯାଇଥାଏ ନଈ ପଠା । ଠିକ୍ ସେହି ସମୟରେ ଛୋଟ ଚଢେଇଟିଏ ଭାବ ବିହ୍ୱଳ ରାଜାର ମୁଣ୍ଡ ଉପରେ ତିନି ଚାରି ଥର ବୋବାଇଲା । ବୋଧହୁଏ ରାଜାକୁ ଜଣାଇ ଦେଲା, ଯା ଫେରିଯା ଘରକୁ ରାତି ହୋଇଗଲାଣି, ଅନ୍ଧାର ମାଡି ଆସିବ, ଏକା ଏକା ବସି କଣ ଆକାଶର ତାରା ଗଣିବୁ । ରାଜା ଚଢେଇକୁ ପଚାରୁଥାଏ କେମିତି ଅଛି

ମୋ 'ନୈନା' ? ଆଜି ଦେଖିଛୁକି ତାକୁ ? କଣ କରୁଥିଲା ସେ ? ସୁନ୍ଦର ଦେଖା ଯାଉଛିକି ନାହିଁ ? ଚଢେଇଟି ତା ଭାଷାରେ ଜଣାଇଲା - ହଁ ଏବେ ଦେଖିଛି । ମୁଁ ତାଙ୍କ ଘର ଦେଇ ଆସିଲା ବେଳେ ସେ ତାର ସାଙ୍ଗ ସାଥୀଙ୍କ ମେଳରେ ପୁନେଇଁ ଜହ୍ନକୁ ହସଖୁସି ମୁଖରେ ବନ୍ଦାପନା କରୁଥିଲା । ପରେ ନିର୍ଦ୍ଦୟ ଚଢେଇଟି ରାଜାକୁ ଘରକୁ ଯିବାପାଇଁ କହି ଚାଲିଗଲା । ପ୍ରିୟାର କଥା ଚଢେଇ ଆସି ରାଜା ଠାରେ କହିଥିବାରୁ ରାଜା ମନରେ ଟିକେ ହସ ଫୁଟିଲା । ତଥାପି ରାଜାର ମନରେ ଉଙ୍କି ମାରୁଥାଏ ନୈନା ମୋ ଭଲପାଇବାକୁ ଭୁଲିଗଲା ବୋଲି ମୋତେ ମନେରଖିଥିବ କି । ରାଜା ତାର ପ୍ରିୟାକୁ ଦେଖିବାକୁ ଟିକେ ମନକଲା । ତାର ମନ ଯମା ରହିଲା ନାହିଁ । ନଈ କୂଳରୁ ରାଜା ଆସିବା ବାଟରେ ତାର ପ୍ରେମିକା ଘର ପଡିଥାଏ । ନଈ ପଠାରୁ ରାଜା ଚାଲି ଆସେ । ଆସିବା ବାଟରେ ଦେଖେ ତାର ପ୍ରିୟା କୁଆଁରୀ ମାନଙ୍କସହ ମିଶି ହସଖୁସିରେ ବସିଥାଏ ।

ତାର ହସ ହସ ମୁହଁ ଦେଖି ରାଜାର ମନ ଖୁସିରେ ବିଭୋର ହୋଇଯାଏ । ପରେ ରାଜା ଘରକୁ ଆସିଥାଏ । ତାର ସାଉଁତି ରଖିଥିବା ପୁରୁଣା ସ୍ମୃତିକୁ ଦେଖି ମନେପକାଏ । ସେ ସମୟ କେତେ ଭଲ ଥିଲା, ବର୍ତ୍ତମାନ କଣ ହେଲା । ଆଶା ଆଶାରେ ହିଁ ରହିଗଲା । ରାଜା ନିଜର ଭାଗ୍ୟକୁ ନିନ୍ଦୁଥାଏ । ପରେ ରାଜା ଶୋଇବାକୁ ଯାଏ ଓ ଅତୀତରେ ନୈନା ସହ ବିତାଇଥିବା ମୂହୁର୍ତକୁ ମନେପକାଇ ଆଖିରୁ ଲୁହ ଗଡାଇ ଦିଏ । ନିଷ୍ପତି ନିଏ ଗାଁରେ ସେ ଆଉ ରହିବ ନାହିଁ, ସକାଳ ହେଲେ କର୍ମମୟ ଜୀବନ ଯାପନ ଆରମ୍ଭ କରି ଗାଁରୁ ବିଦାୟ ନେଇ ବିଦେଶ ଯିବ । ପରେ ତାର ପ୍ରିୟାର ଫଟୋକୁ ଦେଖି ଶୋଇପଡେ।

ଶେଷରେ ରାଜା ମନରେ ନୈନା ପାଇଁ ଅବଶୋଷ ରହିଯାଏ ।

ଭୁହାଲିପାଇ, ରାସୋଲ୍, ଢେଙ୍କାନାଳ

# ମୋ ପରି କିଏ ହେବ



ରୋହିତ୍ ମାଝୀ

ଏଡେ ବକଟେ ପିଲ୍‌ଟି ଦେଖ
ଥରଥର ପାଦ ଥାପି ଆଗକୁ ବଢେ,
ପଡୁଥାଏ ଉଠୁଥାଏ ଥକେ ନାହିଁ କେବେ ସେ ତ
ସନ୍ଧ୍ୟା ହେଲେ ଜହ୍ନ ଦେଖି ହାତଟେକି କଣ କହେ
ତର୍ଜନୀ ଉଠାଇ ଆମକୁ ସେ କହିଦିଏ,
"ଭବିଷ୍ୟ ବିଜ୍ଞାନୀ ମୁଁ ମୋ ପରି ଆଉ ହେବ କିଏ? "
କହେ ପୁଣି ଯିବା ଆସ, ବୁଲି ଆସିବା ଜହ୍ନ ରାଇଜ
ତାରାଫୁଲ ଗୋଟାଇବା ହସି ଖେଳ ମଜିଯିବା
ଏ ଜହ୍ନରୁ ସେ ଜହ୍ନକୁ ଡିଆଁମାରି ଖସିଯିବା ।

ଶିକ୍ଷକ, କୁଳଅଣା, ମୟୁରଭଞ୍ଜ

# ମୋ ପ୍ରେମିକା



ପ୍ରିୟବ୍ରତ କର

ଏକା ଏକା ହେଇ ବାଟ ଚାଲୁଥିଲି
ଜୀବନଟା ଥିଲା ଶୂନ୍ୟ
କେଉଁଠୁ ଆସିଲ ତୁମେ ପ୍ରିୟତମା
ଜୀବନ ମୋ କଲ ଧନ୍ୟ ।
ମୁହଁଟି ତୁମର ଚନ୍ଦ୍ରମା ପରିକା
ଆଖି ତୁମ କଥା କହେ,
ସେ ଆଖି ସହିତ ମୋ ଆଖି ମିଶିଲେ
ହୃଦୟେ ମଳୟ ବହେ ।
କୋଇଲି ପରିକା ସ୍ୱର ଯେ ତୁମର
ରାଜହଂସୀ ପରି ଚାଲି,
ଯେବେଠୁ ମୋ ମନେ ଘରଟେ କରିଛ
ନିଜକୁ ଯାଇଛି ଭୁଲି ।
ଭଲ ସାଙ୍ଗଟିଏ ତୁମେ ନୁହେଁ ମୋର
ଭଲଠାରୁ ଯେ ଅଧିକା,
ଓଠ ମୋର କହେ ତୁମେ ସାଙ୍ଗ ମୋର
ହୃଦୟ କହେ ପ୍ରେମିକା ।
ଭାବିଛି ମୁଁ ଯେବେ କହିଦେବି ଖୋଲି
ତୁମକୁ ମୁଁ ଭଲପାଏ,
ହୃଦୟର କଥା ଆଖି ଦିଏ କହି
ଓଠ ମୋର ତୁନି ରହେ ।

ରାତିରେ ଚାହୁଁଛି ଦିନରେ ଶୋଉଛି
ଦେଖିବି ତୁମ ସପନ,
ତୁମେ ଯଦି ନାହିଁ ମୋ ହୃଦୟେ ପ୍ରିୟା
ଅର୍ଥହୀନ ଏ ଜୀବନ ।
ସପନେ ଆସୁଛ ସପନେ ଯାଉଛ
ଆସୁନାହିଁ କିଆଁ ସତେ,
ମୋତେ ଲାଗେ ତମେ ଭଲ ବି ପାଉଛ
କୁହନାହିଁ କିଆଁ ଓଠେ ।
ଓଠ ଖୋଲି ଥରେ କହିଦିଅ ପ୍ରିୟା
ତୁମେ ମୋତେ ଭଲପାଅ,
ସେ ପର୍ଯ୍ୟନ୍ତ ମୁଁ କରିଲି ଅପେକ୍ଷା
ଇତି ମୁଁ ତୁମର ପ୍ରିୟ ।

ସୋରିଷକୋଠା, ପାଳଶିଆ
ଜିଲ୍ଲା - ମୟୂରଭଞ୍ଜ

# ବଁକ୍



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଗୋଡ ଲମ୍ କେ ଠଟ୍ ବଡ଼
ଦେହେ ଧୋପ୍ ଫର୍ ଫର୍,
ଆଏଁସ୍ ବିସର୍ ଟିକେ ନ ହେଲେ
ନାଇଁ କଟେ ଦିନ ଭର୍ ।
ଢୁଡା ନଲିଆ ବନ୍ କଁଟା
ହରମେସା କର୍ସୁ ଘର,
ଦିନେ ନ ପାଏଲେ ଝୁରି କଁକର୍
ହଇଯାଏସି ଘାଏ ଜର ।
ଧୋପ୍ ଅଛେ ବଲି କେ ଜାନୁଛେ
ଭିତରର୍ ବଇଗୁନ୍,
ନୁନ୍ ନ ଲଗିଥିଲେ ବେକାର ଆଏ
ସୁନ୍ଦର ଦିଶୁ ନ ତୁନ୍ ।
ଧୋପ୍ ପିନ୍ଧଲେ ଧୋପ ଦିସଲେ
ସଭେ କହେସନ୍ ଅଏନ୍,
ଅସଲ୍ ଟାକେ ଚହ୍ନି ନ ପାରନ୍
କେଡେ ଭକୁଆ ଧଏନ୍ ।

ଧୋପ୍ କଲ୍ ଥି କାଣା ଜାନବ
ଦେଖ୍ କରି କାହାର ରଂଗ୍,
ଗୁଲି ଚଲନ୍ ବେଭାର୍ ଦେଖ
କେନ୍ତା ଅଛେ ତାର ଢଂଗ୍ ।
ରଂଗ କେ ଦେଖି ଅଏନ୍ କହୁ
ଆଏଁଖ୍ କେ ଦେଇ ମୁଜି,
କାଣା ଆଏ, କେନ୍ତା ଆଏ,
କହ ସେଟା ବୁଝି ସୁଜି ।
ଭିତରେ କୁଟୁଥିବା ଗେଫଲାଇ
ଉପରେ ରଂଗ୍ ବଁକ୍,
ରଂଗ୍ ଦେଖି ପହଁରି ନାଇଁ ଯ
ଭିତରେ ପୁର୍ ଠକ୍ ।

ପ୍ରଧାନପାଲି, ସମ୍ବଲପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଝର୍ ଫୁଲ



କେଶରୀ ପ୍ରସାଦ ମହାନ୍ତି

ଇଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ସୁନ୍ଦର ହେଉଛି ଫୁଲ। ଫୁଲର ବାସ୍ନା ଯେପରି ମନକୁ ଆନନ୍ଦରେ ଭରିଦିଏ, ଠିକ୍ ସେପରି ତାର ରଙ୍ଗ ମନକୁ ମୋହି ନଏ। ଫୁଲର ଅପରୂପ ସୌନ୍ଦର୍ଯ୍ୟ ଯୋଗୁଁ ସେ ମନୁଷ୍ୟ ମାନଙ୍କର ପ୍ରିୟ ହେବା ସହ ପ୍ରଜାପତି ଭ୍ରମର ମାନଙ୍କର ପ୍ରେମିକା। ସେଥିପାଇଁ ତ କବି, ଲେଖକ, ଗାଳ୍ପିକ ମାନଙ୍କର ଲେଖନୀ ଜୀବନ୍ତ ହୋଇଉଠେ, ପ୍ରକୃତି ରାଣୀର ବକ୍ଷରେ ଫୁଲଟିଏକୁ ଦେଖିଦେଲେ।

ସେଥିପାଇଁ ତ ନାରୀକବି କୁନ୍ତଳା କୁମାରୀ ସାବତଙ୍କ ମତରେ:

"ଫୁଟିଲ୍ ଫୁଲକ ଫୁଟେ ଆଉଥରେ, ଫୁଟେ ସିନା ଫୁଲ କଢି"

ଫୁଲଟିଏ ଫୁଟିବା ଆଗରୁ ତା ମନରେ ଅନେକ ଉତ୍କଣ୍ଠା ଥାଏ। ସେ ଫୁଲ କଣ ଜାଣୁଥାଏ ସେ ମନ୍ଦିରକୁ ଯିବ ନା ମଶାଣିକୁ ନା ତାକୁ କୌଣସି ପ୍ରେମିକ ଉପହାର ଓ ଭଲପାଇବା ର ପ୍ରତିକ ରୂପେ ତା ପ୍ରେମିକାକୁ ଦେବ ।

ସବୁ ଫୁଲ ଅଧରୁ ଗୋଲାପ ଟିକଏ ନଆର୍ ଗୋଲାପର କଣ୍ଟା ଥାଏ ସତ, ମାତ୍ର ସେହି କଣ୍ଟା ତା ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ। ଯେପରି ଚନ୍ଦ୍ରମା ଦେହରେ କଳଙ୍କର ଦାଗ ଥାଇ ମଧ୍ୟ ସେ ଶୀତଳ ଜ୍ୟୋସ୍ନା ବିତରଣ କରେ ।

ଏବେ ଚାଲନ୍ତୁ ସିଧା ଯିବା ମୁଖ୍ୟ ବିଷୟ ବସ୍ତୁକୁ:

ପିଲାଦିନରୁ କାହା ପ୍ରେମରେ ପଡିବେନ ବୋଲି ବାରମ୍ବାର କହିହେଉଥିଲେ ମଧ୍ୟ କେତେବେଳେ ଯେ ଆଶିଷ ଅପର୍ଣ୍ଣାଙ୍କ ପ୍ରେମରେ ପଡିଯାଇଥିଲେ ସେ ନିଜେ ମଧ୍ୟ ଜାଣିପାରି ନଥିଲେ । ଅବଶ୍ୟ ପିଲାବେଳରୁ ପିତାମାତାଙ୍କୁ ହରାଇଛନ୍ତି । ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ ଆଜି ଏତେବଡ କରିଛନ୍ତି । ତେଣୁ ଟିକେଏ ସ୍ନେହ, ଆଦର, ପ୍ରେମର ଆଶାରେ କେତେବେଳେ ଯେ ସେ ପ୍ରେମରେ ପଡିଗଲେ ଜାଣିପାରିଲେ ନାହିଁ । ଅପର୍ଣ୍ଣାଙ୍କୁ ସେ ନିଜଠୁ ଅଧିକ ଭଲପାଆନ୍ତି ଓ ବିଶ୍ୱାସ କରନ୍ତି ସତ, ହେଲେ ନିଜେ ଲଗାଇଥିବା ଗୋଲାପଗଛଠାରୁ କମ୍ ଭଲପାଆନ୍ତି । ଗଛରେ ପ୍ରତ୍ୟେକ ଦିନ ଗୋଟିଏ ଫୁଲ ଫୁଟେ ଓ ସେ ଫୁଲଟିକୁ ଆଶିଷ ପ୍ରତ୍ୟେକ ଦିନ ପାଖ ମନ୍ଦିରରେ ଅର୍ପଣ କରିଥାଏ ଓ ଇଶ୍ୱରଙ୍କ ନିକଟରେ ତାର ଓ ଅପର୍ଣ୍ଣାର ପ୍ରେମର ସାର୍ଥକତା ପାଇଁ ପ୍ରାର୍ଥନା କରେ ।

ଅପର୍ଣ୍ଣାଙ୍କ ପିତାଙ୍କ ସହଯୋଗରେ ସେ ଉଚ୍ଚଶିକ୍ଷିତ ହୋଇଛନ୍ତି । ଏବେ ନୂଆକରି ସେକ୍ରେଟେରିଏଟ୍ ରେ ଚାକିରି କରିଛନ୍ତି । ଅପର୍ଣ୍ଣାଙ୍କ ସହ ସମୟ ବିତାଇ ଦିନଗୁଡିକ ହସଖୁସିରେ କାଟି ଦିଅନ୍ତି ଆଶିଷ ।

ବେଳେବେଳେ ଅପର୍ଣ୍ଣାଙ୍କୁ ଖୁସି କରିବା ଲାଗି କେତେ କଣ କହି ଦିଅନ୍ତି । ଯେପରି "ଅପର୍ଣ୍ଣା ତମେ ଯଦି କହିବ, ଜହ୍ନ ରାଇଜରେ ତମପାଇଁ ଘରଟିଏ ତୋଳି ଦେବି ତ କେତେବେଳେ କହିଦିଅନ୍ତି ଆକାଶର ଚନ୍ଦ୍ରକୁ ଅପର୍ଣ୍ଣାଙ୍କ ମଥାର ଟିକଲି କରି ସଜାଇ ଦେବାକୁ ।" ଏକଥା ଆଶିଷଙ୍କ ଭଡାଘର ଛାତ ଉପରେ ଉଭୟ ବୁଲୁଥିବା ସମୟରେ ଦେଖିବାକୁ ପାଇଲେ ଲାଲ୍ ଗୋଲାପ କଢିଟିଏ ହୋଇଛି । ଏହି ଦୃଶ୍ୟକୁ ଦେଖିସାରିବା ମାତ୍ରେ ଅପର୍ଣ୍ଣା ତତକ୍ଷଣାତ୍ ଆଶିଷକୁ ସେହି ଗୋଲାପଫୁଲଟିକୁ ଉପହାର ରୂପେ ଗ୍ରହଣ କରିବାକୁ ଚାହେଁ ବୋଲି କହିଲା ।

ଆଶିଷ ହଠାତ୍ ଆଶ୍ଚର୍ଯ୍ୟ ହୋଇଯାଇ କହିଲେ, ଏହି ଫୁଲଟିକୁ ତ ମୁଁ ମନ୍ଦିରରେ ପ୍ରତ୍ୟେକ ଦିନ ଦିଏ । ତମକୁ କେମିତି ଦେବି । ଦୟାକରି ଆଉକିଛି ମାଗ ପଛେ ଫୁଲ କଥା କୁହନି ଅପର୍ଣ୍ଣା । ଏକଥା ଶୁଣି ଅପର୍ଣ୍ଣା ତତକ୍ଷଣାତ୍ ରାଗିଯିବାରୁ ଆଶିଷ କହିଲେ "ଠିକ୍ ଅଛି, କାଲି

ତମେ ମନ୍ଦିରରେ ୧୦ଟା ବେଳେ ଥିବ । ରବିବାର ଯୋଗୁ ଅଫିସ୍ ବନ୍ଦ । ମୁଁ ଠାକୁରଙ୍କ ପାଖରେ ଫୁଲଟିକୁ ପୂଜା କରି ତମକୁ ନିଶ୍ଚିତ ଦେବି ।” ଏହି କଥା ଶୁଣିସାରି ଅପର୍ଣ୍ଣା ଠିକ୍ ଅଛି ବୋଲି କହି ଘରକୁ ଚାଲିଗଲେ ।

ପରଦିନ ସକାଳ । ଅପର୍ଣ୍ଣା ମନ୍ଦିରରେ ଅପେକ୍ଷା କରିଥାଏ । ଯେହେତୁ ମନ୍ଦିର ମାତ୍ର ୩୦୦ ମିଟର ଦୂର, ଆଶିଷ ଚାଲିକରି ବାହାରିଥାନ୍ତି ମନ୍ଦିର ଅଭିମୁଖେ । ହାତରେ ଥାଏ ଲାଲ୍ ଗୋଲାପ । ମନରେ ଅନେକ ପ୍ରଶ୍ନ । ଯେଉଁ ଫୁଲକୁ ଈଶ୍ୱରଙ୍କୁ ସମର୍ପଣ କରିବି, ତାକୁ କଭଳ ପୁନଶ୍ଚ ଅପର୍ଣ୍ଣା ହାତରେ ଟେକଦେବି । ଏହି କଥାକୁ ଭାବି ଭାବି ଆଶିଷ ଅନ୍ୟମନସ୍କ ଭାବେ ଚାଲିଥାନ୍ତି । ହଠାତ୍ ଦ୍ରୁତ ଗତିରେ ୧୦ ଚକା ବିଶିଷ୍ଟ ଏକ ଟ୍ରକ ଆସି ତାଙ୍କୁ ଧକ୍କା ଦେଲା ଓ ଫୁଲଟି ତାଙ୍କ ହାତରୁ ଛିଟିକି ପଡିଲା । ଟ୍ରକ ଧକ୍କାରେ ସେଇଠାରେ ହିଁ ଆଶିଷଙ୍କର ବିୟୋଗ ଘଟିଲା । ଆଉ ଛିଟିକି ଯାଇଥିବା ଫୁଲ ଉପରେ ପଛରୁ ଆସୁଥିବା କାରଟିଏ ଚଢିଯାଇ ଫୁଲଟିକୁ ନଷ୍ଟ କରିଦେଲା ।

ସେ ଗୋଲାପ ଫୁଲ ନାଁ କୋଉ ଦେବତାଙ୍କର ପୂଜାରେ ଲାଗିଲା, ନା କୋଉ ପ୍ରେମିକାର ହାତରେ ଶୋଭା ପାଇଲା ନା ମଶାଣିକୁ ମଧ୍ୟ ଯାଇପାରିଲା ନାହିଁ ।

ଝରାଫୁଲ ପରି ଅକାଳରେ ଝାଉଁଳି ପଡିଲା । ଘର ମାଲିକ ଘରଟିକୁ ଅନ୍ୟ ଭଡାଟିଆଙ୍କୁ ଦେଲେ । ଏପରି କେତେ ଭଡାଟିଆ ଗଲେଣି । ସମସ୍ତେ ଗଛରେ ପାଣି ଦିଅନ୍ତି, ଗଛର ଯତ୍ନ ନିଅନ୍ତି, ହେଲେ ଆଜିଯାଏ ଆଉ ସେ ଗଛରେ ଫୁଲଟିଏ ଫୁଟିନାହିଁ ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# କୋଶଲୀ ଭାଷାର ସାମ୍ବିଧାନକ



ଏମ୍. ବିଜୟ କୁମାର

ମାରଯଦା ଲାଗି
ଆସ ସଭେ ଲଢ଼ମା
କୋଶଲବାସୀ
ଜାହାର ହାତେ
ଜେନଟା ହେବା
ପାଟ ବାଛି କରି
ନାଟ କଲ୍ ବାଗୁର
ତନମନଧନ
ଦେଇ ସଭୁ କବାର
କରମା ମିଲିମିସି
ଆସ ସଭେ ଲଢ଼ମା
କୋଶଲ ବାସୀ
ଚରଣ୍ଟ କଲେ ଜାଇ
ସଭୁ ହେବା ପରଛା
ବାହାରେ ମାଇ
ଘରନେ ଏଡ଼ିଁଆ ବଛା
ଜତନ ନାଇ କଲେ
ବନଫୁଲ ହେଇ
ଝଡ଼ି ପଡ଼ି ତଲେ
ହେବା କେଚକେଚ୍ଚ
ଆସରେ ଆସ

ଆସ ସଭେ ଲଢ଼ମା
କୋଶଲ ବାସୀ
ମାଁର ସେନହୋ ମମତା
ଗଲକେ ଭୁଲି
ବୀର ବଲି ମାରୁଛ
ଛୁଚ୍ଚ ଭାଷଣ ଖାଲି
ଇଜତ ମହତକେ
ଢାପି ରଖିଥିସି
ମାଁ କାନ ପନତେ
ମାଏସି କେ ଆଦରି
ମାଁକେ ପର କରି
ମାରମା ଜଦି ଲାତେ
ଆ ସଗୋ ଆସ
ଦେଖବ ଆସ
ବୁଆ କକା ମାଁ ମାଏସି
ପାହାତିଆ ଉଦଲ୍
କୁକୁର୍ ଡ଼ାକଲ୍
ସକାଲ ଆଉଛେ ପାହି
ଚେତି କରି ଉଠ ଦେଖବ
ନୁଆ ସୁରଜ ଉଦବା
ଇ କୋଶଲବାହି ::::

ପୂର୍ବା ଶାସନ, ଉତ୍ତର୍, କୌଶଲ୍ୟ ଗଙ୍ଗା, ଭୁବନେଶ୍ୱର

# ମୋତେ ଭଲ ଲାଗେ ବୋଲି



ରାମ କଲତା

ମୋତେ ଭଲଲାଗେ ବୋଲି
ବେଳେବେଳେ ଯୋଡାବେଣୀ
ବାନ୍ଧେ ସେ ମୁଣ୍ଡରେ.....
କଣ୍ଢେଇ ପରିକା ଲାଗେ ସେତେବେଳେ ସିଏ
ବାରି ହୋଇ ଯାଏ
ଲକ୍ଷେ ଝିଅଙ୍କ ଭିତରେ ॥
ସବୁଠାରୁ ବଡ କଥା ହେଲା
କବିର ପ୍ରେମିକା ସିଏ
ମନ ତ ତା ପାହାଡୀ ନଈ
ସବୁଠାରୁ ବଡ ତା ହୃଦୟ.....
ତା ଆଖିର ଆଇନାରେ ସଦା
ଦିଶୁଥାଏ ପ୍ରତିଛବି ମୋର ॥
ଏବେ ସେ ଶ୍ରାବଣର
ମେଘତଳେ ଲୁଚ ଯାଇଛି
ଅଭିମାନ ବୋଧେ କରିଛି.....
ଜାଣେନା କାହିଁକି ବାହାନା ଏତେ
ଜାଣେ ସେ ମୋତେ ଭଲ ପାଉଛି ॥

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

# କାହା ପାଇଁ ଲେଖିବି



ଶିବାନନ୍ଦ ବନଛୋର

କାହା ପାଇଁ ଲେଖିବି
ମୋ ପ୍ରେମଭରା, ମଧୁଝରା କବିତା ? ? ? ?
ପ୍ରଥମେ ଲେଖୁଥିଲି
ନିଜ ସ୍ୱପ୍ନ ପାଇଁ
ମୋ ସ୍ୱପ୍ନର ନାୟିକା ପାଇଁ
ଆଉ ସେ ନାୟିକା କଏ ଜାଣିଛ କି ? ?
ସେ ତୁମ ବିନା ଆଉ କଏ ବା ହୋଇପାରେ ? ? ? ?

ତୁମେ ହିଁ ସାଜିଥିଲ
ମୋ ଶବ୍ଦର ଗ୍ରନ୍ଥାଘର
ସେଥିରୁ ଗ୍ଲେରେଇ ଆଣିଥିବା କିଛି ଶବ୍ଦରେ
ବୁଣି ଗ୍ଲଲିଥିଲି ମୋ ରଙ୍ଗୀନ ସ୍ୱପ୍ନକୁ
ଆଉ ସେ ରଙ୍ଗୀନ ସ୍ୱପ୍ନ ତୁମେ ହିଁ ଥିଲ
ଯା ପାଇଁ ବିଶ୍ୱକର୍ମା ସାଜି
ଶବ୍ଦରେ ଶବ୍ଦରେ ଗଢୁଥିଲି
ଭିନ୍ନ ଏକ ତାଜମହଲ
ଯେଉଁଠି ପ୍ରେମର ମାର୍ବଲରେ
ସଜାଇ ଥିଲି ପ୍ରତ୍ୟେକ ଅଂଶକୁ
ସେଇଟି ଖାଲି ପ୍ରେମ ହିଁ ପ୍ରେମ ।।

ହେଲେ ଆଜି ତୁମେ କାହିଁ
ମୋ ସ୍ୱପ୍ନ କାହିଁ
ସବୁ ତ ଆକାଶର ଭସା ମେଘ ପରି
ଅଦୃଶ୍ୟର ଲୁଚକାଳି ଖେଳୁଛ
ମୁଁ ବି ଆଉ ମୁଁ ନୁହେଁ
ହଜିଯାଇଛି ମୁଁ ର ସତ୍ତା

ସମୁଦ୍ରର ଗଭୀରତାରେ
ମୋ ସ୍ୱପ୍ନର ତାଜମହଲ
ଆଜି ଚୂରମାର୍ ହୋଇ
ସାଜିଛି ଭଗ୍ନାବଶେଷର ଏକ ସ୍ମୃତିର ସଂକେତ ମାତ୍ର ।।
ମୋ ଚକ୍ଷୁରୁ ଆଜି
ଶୁଷ୍କ ହୋଇ ଉଠିଛି
ଲୋତକର ଧାର୍
ହୃଦୟଟା ପାଲଟି ସାରିଛି ପାଷାଣ
ନା ସେଠି ଘୃଣା ଅଛି ନା ପ୍ରେମ
ଆଜି ସେ ପ୍ରାଣହୀନ ।।

ତ କାହା ପାଇଁ ଲେଖିବି
ମୋ ପ୍ରେମଭରା, ମଧୁଝରା କବିତା ???

ଶକ୍ତି, ଝାରବନ୍ଧ

# ଆସ୍ତିକବାଦ କେତେ ଲାଭଦାୟକ?



ବାଲ୍ମୀକ ନାୟକ

କଥାରେ ଅଛି – ମନ୍ଦ କର୍ମର ପରିଣାମ ମନ୍ଦ "ଫଳ" । ଏହି ପ୍ରବାଦରେ କର୍ମ ଜାଗାରେ ଚିନ୍ତନ ଶବ୍ଦ ବ୍ୟବହାର କଲେ ମଧ୍ୟ ବାକ୍ୟର ସତ୍ୟତା ଉପରେ କୌଣସି ପ୍ରଭେଦ ରହିବ ନାହିଁ। ମନ୍ଦ କର୍ମ ଭଳି ମନ୍ଦ ଚିନ୍ତନର ପରିଣାମ ବି ମନ୍ଦ ଫଳ ହିଁ ଦେଇଥାଏ। ସେଇଥିପାଇଁ ତଥାକଥିତ ଈଶ୍ୱରଙ୍କ ଅବଧାରଣା ବି ଏହିଭଳି ଏକ ମନ୍ଦ ଚିନ୍ତନ, ଯାହାର ଦୁଷ୍ପରିଣାମ ମାନବଜାତି ଆଜି ପର୍ଯ୍ୟନ୍ତ ଭୋଗ କରୁଛି।

ଆମ ଆଖି ଆଗରେ ଥିବା ପ୍ରକୃତି, ପୃଥ୍ୱୀ, ମାନବ ସମାଜ, ଆମର ପରିବାର ଏବଂ ସେମାନଙ୍କ ସୁଖଦୁଃଖ ଭୋଗ ଚଳନ୍ତି ସଂସାରକୁ ଉପେକ୍ଷା କରି, ବିଭିନ୍ନ ଧର୍ମସ୍ଥଳ, ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରକୁ ଯାଇ ଈଶ୍ୱର, ଆଲ୍ଲା, ଗଡ୍, ବାହେଗୁରୁଙ୍କୁ ପାଇବାପାଇଁ ପୂଜା ପ୍ରାର୍ଥନା ଆଦିରେ ବ୍ୟସ୍ତ ରହୁଥିବା ଅଧିକାଂଶ ଲୋକ ସତରେ କଣ ଈଶ୍ୱରଙ୍କୁ ପାଉଛନ୍ତି? ଗଣେଶ ପୂଜା, ଦୁର୍ଗା ପୂଜା, ଠାକୁରାଣୀ ଯାତ୍ରା, ରଥଯାତ୍ରା ଓ ଅନ୍ୟାନ୍ୟ ଅନେକ ପ୍ରକାର ଧର୍ମୀୟ ମେଳାରେ ଅତ୍ୟଧିକ ଧ୍ୱନି ପ୍ରଦୂଷଣ, ବାୟୁ ପ୍ରଦୂଷଣ ଯାତ୍ରା ସମସ୍ୟା ସୃଷ୍ଟି କରି ସ୍ଥାନୀୟ ଲୋକମାନଙ୍କର ଜୀବନକୁ ଅସ୍ତବ୍ୟସ୍ତ କରି ଦେଉଥିବା ଜନସମାଗମକୁ ଦେଖିଲେ ମନରେ ଏକ ଅସହାୟବୋଧ ଜାତ ହେଉଛି। ଲୋକମାନଙ୍କର ନିର୍ବୋଧପଣିଆ ଦେଖି ଦୟା ବି ଆସୁଛି।

ମୁଁ ମନେମନେ ଭାବେ, ଏମିତି ସମ୍ଭବ ହୁଅନ୍ତା – କେହି ମହାପୁରୁଷ ଏହି ଅବୁଝା ଜନତାଙ୍କୁ ବୁଝେଇଦିଅନ୍ତା – ଯେତିକି ମୂଲ୍ୟବାନ ସମୟ ତୁମେ ସବୁ ମିଶି ଏଇଠି ନଷ୍ଟ କରୁଛ, ସେତିକି ସମୟ ଯଦି ସମାଜରୁ ଅଶିକ୍ଷା ଦୂର କରିବା, ରାସ୍ତାଘାଟ ସଫା କରିବା, ସ୍ୱାସ୍ଥ୍ୟରକ୍ଷା ନିୟମ ପାଳନ କରିବା, ଆର୍ଥିକ ଓ ସାମାଜିକ ବିଷମତାକୁ ଦୂର କରିବା ଭଳି

ଗଠନମୂଳକ କାମରେ ବିନିଯୋଗ କରିପାରନ୍ତ, ତେବେ ତୁମର ତଥା ସମାଜର କଳ୍ପନାର ସ୍ୱର୍ଗ ଏଇଠି ହିଁ ଗଠନ ହୋଇପାରନ୍ତା । କବି କହିଛନ୍ତି, - "ସରଗ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର" ।

ଆସ୍ତିକବାଦ ସମାଜର କ୍ଷତି କରୁଛି କହିଲେ, ଅଧିକାଂଶ ବ୍ୟକ୍ତି ବିରୋଧ କରିବେ । କିନ୍ତୁ ଶାନ୍ତ ଓ ମୁକ୍ତ ମନରେ ନିମ୍ନଲିଖିତ କେତୋଟି ତଥ୍ୟ ଉପରେ ଚିନ୍ତାକରି ଦେଖିବାପାଇଁ ଆମେ ବିନୀତ ଅନୁରୋଧ କରୁଛୁ ।

(ଅ) ଆସ୍ତିକବାଦ ଦ୍ୱାରା ଏକ ବଡ କ୍ଷତି ହେଉଛି – ମାନବ ସମ୍ବଳର ଅପଚୟ । ଧର୍ମଗ୍ରନ୍ଥ ଲେଖିବା, ପଢିବା, ବ୍ୟାଖ୍ୟା କରିବା, ଅନୁବାଦ କରିବା, ଅନୁଶୀଳନ କରିବା, ଗବେଷଣା କରିବା ଓ ଲୋକମାନଙ୍କୁ ପ୍ରବଚନ ମାଧ୍ୟମରେ ବୁଝେଇବାପାଇଁ ଯେଉଁ ମୂଲ୍ୟମାନ ମାନବ ସମ୍ବଳ ଖର୍ଚ୍ଚ ହେଉଛି, ତାହା ବଦଳରେ ମଣିଷ ସମାଜକୁ ମିଳୁଛି କଣ?

ଧର୍ମଗୁରୁମାନେ ଧର୍ମଗ୍ରନ୍ଥ ମନ୍ଥନ କରି ଯେଉଁ ଜ୍ଞାନପ୍ରାପ୍ତ କରନ୍ତି, ତାହାସବୁ ପ୍ରବଚନ ରୂପେ ବ୍ୟକ୍ତ କରନ୍ତି । ମୋଟ ଉପରେ ପ୍ରବଚନର ସାର ହେଉଛି, "ମିଥ୍ୟା କୁହନାହିଁ, ଚୋରି, ଡକାୟତି ବେଇମାନୀ, ବ୍ୟଭିଚାର, ଅନାଚାର, ଅତ୍ୟାଚାର କିମ୍ବା ଶୋଷଣ କରନାହିଁ । ଜୀବେ ଦୟା କର । ହିଂସା କର ନାହିଁ । ଶେଷରେ ମହତ୍ତ୍ୱପୂର୍ଣ୍ଣ ପ୍ରଚାର ହେଉଛି "ଧନ ହେଉଛି ମାୟା, ମୋହର ବନ୍ଧନ, ତେଣୁ ତାକୁ ତ୍ୟାଗ କର ।" ଏହି ଶେଷ କଥାକୁ ବିଚାର କରାଯାଉ । ଜଣେ ସାଧାରଣ ଗୃହସ୍ଥ ପରିବାର ପୋଷଣର ନୈତିକ ଦାୟିତ୍ୱ ବହନ କରିଥିବାରୁ ଧନ ରୋଜଗାର କରିବାପାଇଁ କଠିନ ପରିଶ୍ରମ କରିଥାଏ । ତାର ପରିଶ୍ରମର ଫଳସ୍ୱରୂପ ସେ ଅଳ୍ପ କିମ୍ବା ବହୁତ ଧନ ରୋଜଗାର କରିପାରିଥାଏ । ସେ ଯଦି ପ୍ରବଚନବାଚକ ଭଳି ଗୃହତ୍ୟାଗୀ, ପଳାୟନବାଦୀ ସାଧୁ ହୋଇଥାନ୍ତା, ସେ କଣ ଧନ ରୋଜଗାର କରିବାକୁ ଇଚ୍ଛା କରିଥାଆନ୍ତା କି? ହାତରେ ଧନ ନ ଥିଲେ ସେ କଣ ତ୍ୟାଗ କରିଥାନ୍ତା? ଦ୍ୱିତୀୟତଃ, ନିଜ ପରିବାର ପ୍ରତୋପୋଷଣ କରୁଥିବା ଗୃହସ୍ଥପାଇଁ ଯଦି ଧନ ହେଉଛି ମୋହମାୟାର ବନ୍ଧନ, ତେବେ ସଂସାରତ୍ୟାଗୀ ସାଧୁ ଦାନଦକ୍ଷିଣା ଆକାରରେ

ନେଉଥିବା ଧନ କଣ ମୋହମାୟାର ବନ୍ଧନ ନୁହେଁ? ଆଜିର ଯୁଗରେ ତଥାକଥିତ ବାବାମାନଙ୍କର କେତେକେତେ ସଂପତ୍ତି ଠୁଳହୋଇଛି କଏ ବା ନ ଜାଣେ?

କୌଣସି ଗୁରୁ କେବେ ଭକ୍ତମାନଙ୍କୁ ଗ୍ରହ ସଂପର୍କୀୟ, ବୈଷୟିକ ସଂପର୍କୀୟ କମ୍ବା ବିଜ୍ଞାନ ସଂପର୍କୀୟ କମ୍ବା ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ପ୍ରବଚନରେ ଶୁଣାଉଛନ୍ତି କି? ଅମୁକ ଶାସ୍ତ୍ରରେ ମୋଟର ଗାଡି କପରି ତିଆରିହେବ ବୋଲି କହିଛନ୍ତି କି? ଜୀବନରେ ବ୍ୟବହାର୍ଯ୍ୟ କୌଣସି ଗୋଟିଏ ବି ଜିନଷ ଧର୍ମଶାସ୍ତ୍ର ଦ୍ୱାର୍ ଉତ୍ପାଦନ ହୋଇପାରି ନାହିଁ। ଧର୍ମଶାସ୍ତ୍ରରୁ ଯାହାମିଳଛି, ତାହା କେବଳ କୁହକ ଦୁଃସ୍ୱପ୍ନ, ଯାହା କେବେବି ପୂରଣ ହୁଏନାହିଁ। କନ୍ତୁ ପୂରଣ ହେବାର ଗଭୀର ବିଶ୍ୱାସକୁ ନେଇ ଜୀବନର ଶେଷ ନଃଶ୍ୱାସ ତ୍ୟାଗ କରିଥାଏ ଅବୋଧ ମଣିଷ।

(ଖ) ଆସ୍ତିକବାଦ ଦ୍ୱାର୍ ମଣିଷ ସମାଜର ଦ୍ୱିତୀୟ କ୍ଷତି ହେଉଛି, ମଣିଷମାନେ ଆତ୍ମବିଶ୍ୱାସ ହରେଇ ବସୁଛନ୍ତି । ମନରେ ଅନେକ ପ୍ରକାର ଭିତ୍ତିହୀନ ବିଶ୍ୱାସ ସ୍ଥାୟୀ ରୂପେ ଜମା ହୋଇ ରହୁଥିବାରୁ ସ୍ୱଭାବତଃ ମଣିଷ ଭୟାଳୁ ତଥା ଅସହାୟବୋଧ କରିଥାଏ। ରାସ୍ତା ଉପରେ ଲାଲ କନାରେ କଛି ବନ୍ଧାହୋଇ ପୁଡିଆଟିଏ ପଡିଥିବା ଦେଖିଲେ, ଧର୍ମଭୀରୁ ମଣିଷ ଭୟରେ ଛାନଆଁ ହୋଇ ଦୁଇପାଦ ପଛକୁ ଘୁଞ୍ଚିଆସୁଛି। କଳା ବିଲେଇଟିଏ ରାସ୍ତା ପାର କରିଗଲେ ଆଜି ବି ନବେ ପ୍ରତିଶତ ବ୍ୟକ୍ତି ନର୍ଭୟରେ ଆଗେଇ ଯିବାକୁ ସାହସ କରୁନାହାନ୍ତି। ଆସ୍ତିକବାଦ ମଣିଷଠାରୁ କ୍ଷମତା ଓ ପ୍ରତିଭା ଉପରେ ଥିବା ଆତ୍ମବିଶ୍ୱାସକୁ ବି କମ୍ କରିଦେଉଛି। ମଣିଷକୁ ପରୋକ୍ଷଭାବେ ଦୈବୀଶକ୍ତିର ଗୋଲାମ ବନେଇଦେଉଛି।

ବ୍ୟକ୍ତି ନଜକୁ ଅସୁରକ୍ଷିତ ମନେ କରିଥାଏ ଏବଂ ସେ ଅନ୍ୟ ପ୍ରତି ଅଧିକ କ୍ରୁର ବ୍ୟବହାର କରିଥାଏ। ନଜର ଅଧିକାରପାଇଁ ସଂଘର୍ଷ କରୁଥିବା ମହିଳାମାନଙ୍କୁ ପ୍ରତ୍ୟେକ ଦେଶରେ ଡାହାଣୀ, ପିଶାଚୁଣୀ ଆଦି ଆଖ୍ୟା ଦେଇ ଅତ୍ୟାଚାର କରାଯାଏ ଏବଂ ହତ୍ୟା ବି କରାଯାଏ। ନୂତନ ଚନ୍ତାଧାରା ବ୍ୟକ୍ତ କରୁଥିବା ବୁଦ୍ଧିଜୀବୀ, ବୈଜ୍ଞାନକ ଓ ଦାର୍ଶନକମାନଙ୍କୁ ମୌଳବାଦୀମାନେ ଅତୀତରେ ଅତି ନଷ୍ଠୁରଭାବେ ବିଷପାନ କରାଇ କମ୍ବା ଅଗ୍ନିରେ ପୋଡି ହତ୍ୟା କରିଛନ୍ତି।

ପ୍ରାଣୀ ଜଗତରେ ମନୁଷ୍ୟ ଏକ ବିବେକଶୀଳ ପ୍ରାଣୀ । କିନ୍ତୁ ଈଶ୍ୱରଙ୍କ ଉପରେ ଆସ୍ଥା ରଖୁଥିବା ମନୁଷ୍ୟ ନିଜ ବିବେକକୁ ବ୍ୟବହାର କରିପାରେ ନାହିଁ । ଶାରୀରିକ ଓ ମାନସିକ ଭାବେ ସୁସ୍ଥ ତଥା ଶିକ୍ଷିତ ବ୍ୟକ୍ତିର ମନରେ ବି ଭୂତପ୍ରେତକୁ ଡରିବା, ଶୁଭ ଅଶୁଭ ଦିନକୁ ମାନିବା, ବିଷ ଓ ଅମୃତ ବେଳା ଦେଖି କାମ ଆରମ୍ଭ କରିବା ଭଳି ତର୍କହୀନ ବିଶ୍ୱାସ ଜନ୍ମ ନେଇଥାଏ । ଆସ୍ତିକବାଦ ଅପ୍ରାକୃତିକ ଶକ୍ତି ଓ ମନଗଢା କାହାଣୀ ଉପରେ ବିଶ୍ୱାସ କରିବାକୁ ଶିକ୍ଷା ଦେଉଛି । ଏପରି କି ଶିକ୍ଷିତ ବ୍ୟକ୍ତିମାନଙ୍କୁ ବି ଅଜ୍ଞାନଙ୍କ ଭଳି ବ୍ୟବହାର କରିବାକୁ ଶିକ୍ଷା ଦେଉଛି ।

(ଗ) ଆସ୍ତିକବାଦ ଦ୍ୱାରା ଆଉ ଏକ କ୍ଷତି ହେଉଛି, ମନୁଷ୍ୟ ଈଶ୍ୱରଙ୍କ ବାହାନାରେ ନିଜର ଉତ୍ତରଦାୟିତ୍ୱରୁ ମୁକ୍ତି ପାଇଯାଉଛି । ସେ ନିଜେ ଭୁଲ୍ କାମ କରିଥିବା ଯୋଗୁଁ ପରିଣାମ ମନ୍ଦ ହେଲେ, କହିଦିଏ ସବୁକିଛି ଈଶ୍ୱରଙ୍କ ଇଚ୍ଛା, ମୁଁ ଛାର ମଣିଷ କଅଣ ବା କରିପାରିବି? ଏଇ ଗୋଟିଏ ବାକ୍ୟ କହି ସେ ନିଜର କର୍ତ୍ତବ୍ୟ, ଉତ୍ତରଦାୟିତ୍ୱ ଓ ନେଇଥିବା ଭୁଲ୍ ନିର୍ଣ୍ଣୟରୁ ମୁକ୍ତି ପାଇଯାଉଛି । ଅନ୍ୟପକ୍ଷରେ, ସେ ନିଜକୁ ଈଶ୍ୱରଙ୍କ କେବଳ ଆଦେଶ ପାଳନକାରୀ ବିଶ୍ୱସ୍ତ ଭକ୍ତ ରୂପେ ପ୍ରମାଣିତ କରିଦେଉଛି । କିନ୍ତୁ ଏହାଦ୍ୱାରା ତାର ବ୍ୟକ୍ତିତ୍ୱ, ମାନବିକତା, ସମ୍ବେଦନଶୀଳତା ଓ ସାମାଜିକ ପ୍ରତିବଦ୍ଧତା କେତେ ଦୂର କ୍ଷତିଗ୍ରସ୍ତ ହେଉଛି, ସେକଥା ସେ ଅନୁଭବ କରିପାରୁନି । ନିଜ ବିବେକ ଆଗରେ ଦୋଷୀ ହୋଇଥିଲେ ବି ନିଜର ଭୁଲ୍ ପାଇଁ ଅପରାଧବୋଧ ଅନୁଭବ କରୁନାହିଁ ।

ଆସ୍ତିକବାଦକୁ ଗ୍ରହଣ କରିବା ଅତି ସହଜ କାମ । ଏହା ପିଲାଖେଳ ସଦୃଶ୍ୟ । ଏହା ଏକ ପରିବାର ପ୍ରଦତ୍ତ ସଂସ୍କାର ମାତ୍ର । ପ୍ରତ୍ୟେକ ପିଲା ନିଜ ପରିବାର ଲୋକମାନଙ୍କ ବିଶ୍ୱାସ ଅନୁସାରେ ଈଶ୍ୱର, ଆଲ୍ଲା, ଗଡ୍ କିମ୍ବା ଅନ୍ୟ ଦେବତାଙ୍କ ବିଶ୍ୱାସୀ ହୋଇଯାଆନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱକୁ ମାନିବା ପାଇଁ କୌଣସି ବିଶେଷ ବିଦ୍ୟା, ବୁଦ୍ଧି, ଚିନ୍ତନ, ମନନ କିମ୍ବା କର୍ମକୁଶଳତାର ଆବଶ୍ୟକ ନାହିଁ । ପିଲାଟି ନିଜ ବାପା, ମାଆ, ଭାଇ, ଭଉଣୀ ଓ ଗୁରୁଜନଙ୍କ ଦ୍ୱାରା ଈଶ୍ୱରଙ୍କପାଇଁ କରୁଥିବା ପୂଜା, ପ୍ରାର୍ଥନା ଆଦି ଦେଖି ଖୁବ୍ ସହଜରେ ଆସ୍ତିକ ହୋଇଯାଏ ।

ନାସ୍ତିକବାଦ ହେଉଛି ଏକ କଷ୍ଟସାଧ କାମ, କାରଣ ପ୍ରତ୍ୟେକ ନାସ୍ତିକବାଦୀ ମଣିଷ ଗୋଟିଏ ଆସ୍ତିକ ପରିବାରରେ ହିଁ ଜନ୍ମଗ୍ରହଣ କରିଥାଏ । ପିଲାଟିବେଳୁ ତ ମନରେ ଆସ୍ତିକବାଦର ଛାପ ପଡିସାରିଥାଏ । ପିଲାଟି ବଡ ହେବାପରେ ତାର ଉର୍ବର ମସ୍ତିଷ୍କରେ ଯଦି ପ୍ରଶ୍ନ ଉଠିବ, ସେ ଯଦି ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ସଂଦେହ ପ୍ରକଟ କରିବ, ସମାଜରେ ପ୍ରଚଳିତ ପଦ୍ଧତିକୁ ତର୍କସଂଗତଭାବେ ଅନୁଶୀଳନ କରିବ ଏବଂ ଧର୍ମବିଶ୍ୱାସୀ ସମାଜକୁ ଶାସନ କରୁଥିବା ମୌଳବାଦୀ ଗୋଷ୍ଠୀଙ୍କୁ ପ୍ରତିବାଦ କରିବାର ସାହସ ସଞ୍ଚୟ କରିପାରିବ, ତେବେ ହିଁ ସେ ନାସ୍ତିକବାଦକୁ ଗ୍ରହଣ କରିପାରିବ । ଆଜି ପର୍ଯ୍ୟନ୍ତ ପୃଥିବୀରେ ଜନ୍ମ ଗ୍ରହଣ କରିଥିବା ପ୍ରାୟ ସମସ୍ତ ହେତୁବାଦୀମାନଙ୍କର ଜୀବନ ବହୁ ବାଧାବିଘ୍ନ ଦେଇ ଗତି କରୁଛି ।

ଈଶ୍ୱରଙ୍କ ଅବଧାରଣା ସହିତ ସ୍ୱର୍ଗଲୋକ ଓ ନର୍କଲୋକର ଧାରଣା ବି ଯୋଡି ହୋଇରହିଛି । ମୃତ୍ୟୁ ପରେ ଆତ୍ମା ଯାଇ ଏହି ଦୁଇଟି ଲୋକରୁ ଗୋଟିଏରେ ବାସ କରିବା ନିଶ୍ଚିତ ବୋଲି କଳ୍ପନା କରାଯାଏ । ହିନ୍ଦୁମାନଙ୍କର ପରଲୋକର କଳ୍ପନା ବୈଦିକ କାଳର ବାଙ୍ମୟରେ ମିଳେନାହିଁ, କାରଣ ସେତେବେଳର ବୈଦିକ ସଭ୍ୟତା ଆର୍ଯ୍ୟମାନଙ୍କର ଥିଲା । ସେଠାରେ ସ୍ଥଳଭୂମି ପର୍ଯ୍ୟାପ୍ତ ମାତ୍ରାରେ ଥିଲା । ମଣିଷମାନଙ୍କ ପାଇଁ ଖାଦ୍ୟପଦାର୍ଥ ପ୍ରାକୃତିକଭାବେ ପ୍ରଚୁର ମାତ୍ରାରେ ଉପଲବ୍ଧ ଥିଲା । ମଣିଷର ଅନ୍ୟାନ୍ୟ ଅସୁବିଧା କିମ୍ବା ଦୁଃଖ ପାଇଁ ପରଲୋକର ଲମ୍ବା, ଚୌଡା ଦର୍ଶନଶାସ୍ତ୍ର ର ଆବଶ୍ୟକତା ପଡୁନଥିଲା । ବୈଦିକ ଋଷିମାନେ ଯେଉଁ ଦେବତାଙ୍କୁ କଳ୍ପନା କରିଥିଲେ, ସେମାନେ ଥିଲେ ପ୍ରକୃତିର ପ୍ରତୀକ ଶକ୍ତି ଯଥା – ଇନ୍ଦ୍ର ଓ ବରୁଣ ଥିଲେ ଜଳର ପ୍ରତୀକ ।

ପ୍ରକୃତିର ଯେଉଁ ରହସ୍ୟକୁ ବୁଝିପାରୁ ନଥିଲେ, ସେହି ରହସ୍ୟପାଇଁ ଏକ ଦେବତାର କଳ୍ପନା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ନିର୍ଦ୍ଦିଷ୍ଟ ଦେବତାଙ୍କୁ ପୂଜା ଓ ଆରାଧନା କରିବା ଥିଲା ଏକ ସରଳ ପଦ୍ଧତି । ପରବର୍ତ୍ତୀ କାଳରେ ସରଳ ଧର୍ମକୁ ଜଟିଳ କରିଦିଆଗଲା । ଦେବତାଙ୍କୁ ପୂଜା କରିବା ପଦ୍ଧତିରେ ଅନେକ ଜଟିଳ କର୍ମକାଣ୍ଡ ଯୋଡି ଦିଆଗଲା । ମଣିଷର ସାଧାରଣ ଗୃହସ୍ଥ ଜୀବନରେ ବି ଅନେକ ପ୍ରକାର ନିଷିଦ୍ଧ କର୍ମ ଓ ସିଦ୍ଧକର୍ମର ତାଲିକା ଯୋଡି ଦିଆଗଲା । ଧର୍ମଶାସ୍ତ୍ର ଗୁଡିକ ଉପରେ ଏକଚାଟିଆ ଅଧିକାର ରହିଲା କେବଳ ବ୍ରାହ୍ମଣ୍ୟ ବର୍ଗ ଅଧୀନରେ । ରାଜା କିମ୍ବା କ୍ଷତ୍ରୀୟ ବର୍ଗର ଲୋକମାନେ ବି

ନତମସ୍ତକ ହୋଇ ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ଦେଶର ଶାସନ କରୁଥିଲେ । ବାକି ଦୁଇଟି ବର୍ଗର ଲୋକମାନେ ଶୋଷିତ ହେବାକୁ ଲାଗିଲେ । ବୈଶ୍ୟଙ୍କ ଧନ ଓ ଶୂଦ୍ରଙ୍କ ସେବା ଶୋଷଣ କରି ଶାସନ ଗୋଷ୍ଠୀ ଆରାମରେ ରହିଲେ ।

ଉତ୍ତୋଳନ କରିବାପାଇଁ ଋଷି ଚାର୍ବାକ, ଗୌତମ ବୁଦ୍ଧ, ମହାବୀର ଜୈନ ଭଳି ନାସ୍ତିକମାନେ ଜନ୍ମଗ୍ରହଣ କରିଥିଲେ । ସେମାନଙ୍କ ଜୀବନଦର୍ଶନ ତର୍କ ସଂଗତ ହେଲେ ବି ଆସ୍ତିକମାନଙ୍କର ସଂଖ୍ୟା ଗରିଷ୍ଠତା ଯୋଗୁଁ ତା ବିସ୍ତାରଲାଭ କରିପାରିଲା ନାହିଁ । ଶେଷରେ ଧର୍ମ ସୁଧାରକମାନଙ୍କୁ ଗୋଟିଏ ଧର୍ମର ପ୍ରବର୍ତ୍ତକ ହିସାବରେ ପୂଜା ଆରମ୍ଭ ହୋଇଗଲା, ଯଥା: ବୌଦ୍ଧ ଧର୍ମ ଓ ଜୈନ ଧର୍ମ ।

ଈଶ୍ୱର ଏବଂ ପରଲୋକବାଦର ଅବଧାରଣା ମାନବଜାତିପାଇଁ ଏକ କ୍ରୂରତମ ଯଥାର୍ଥ । ଶାସକ ଓ ଶୋଷକ ବର୍ଗର ହିତ ସାଧନ ପାଇଁ ବର୍ଗ ବିଭାଜନ ଏକ ସହଜ ପନ୍ଥା ଥିଲା । ଶାସିତ ଓ ଶୋଷିତ ବର୍ଗର ବିଦ୍ରୋହ ଭାବକୁ ନିୟନ୍ତ୍ରଣ କରିବାପାଇଁ ପୁନର୍ଜନ୍ମ ଓ ପରଲୋକବାଦର ମନଗଢା କାହାଣୀ ଖୁବ୍ ସାହାଯ୍ୟ କଲା ।

ଗୋଟିଏ ଉଦାହରଣ ଦେଖିବା – ଯେତେବେଳେ ଜଣେ ବ୍ୟକ୍ତି ଖାଦ୍ୟ ଅଭାବରୁ ମରିବାକୁ ଯାଉଛି, ସେତିକିବେଳେ ଜଣେ ଲୋକ ଅତ୍ୟଧିକ ଖାଦ୍ୟଖାଇ ରୋଗରେ ପଡିଛି । ପ୍ରଥମ ବ୍ୟକ୍ତିଟି ଏଭଳି ଅବିଚାର ଦେଖି କ୍ରୋଧ ପ୍ରକାଶ କରୁଛି । ସେତିକିବେଳେ ଜଣେ ଧର୍ମଗୁରୁ ଆସି ପ୍ରଥମ ବ୍ୟକ୍ତିଙ୍କୁ ଶାନ୍ତ କରିବା ପଇଁ କହିଲେ, - ଏହା ତ ତୋର ଭାଗ୍ୟର ଲିଖନ ଏବଂ ଈଶ୍ୱରଙ୍କ ଇଚ୍ଛା । ଏହି ସଂସାରରେ ଧନୀ ଓ ଗରିବ ଈଶ୍ୱର ହିଁ ସୃଷ୍ଟି କରିଛନ୍ତି । କିନ୍ତୁ ଗୋଟିଏ କଥା ଜାଣିରଖ, ପରଲୋକରେ ଏହି ସ୍ଥିତି ବଦଳିଯାଏ । ଧନୀ ଲୋକ ନର୍କକୁ ଯାଇ କଷ୍ଟ ଭୋଗ କରିବ କିନ୍ତୁ ତୁ ସ୍ୱର୍ଗକୁ ଯାଇ ଆରାମରେ ରହିବୁ । ତେଣୁ ବର୍ତ୍ତମାନର କଷ୍ଟକୁ ତୁ ସହ୍ୟ କରି ବଞ୍ଚି ରହ । ଏହା ଶୁଣି ଗରିବର ଭୋକ ମରିଯିବ କି?

ଈଶ୍ୱର ଏବଂ ତାଙ୍କର ବିଭିନ୍ନ ଅବତାରମାନଙ୍କୁ ପ୍ରସନ୍ନକରି ଭକ୍ତମାନଙ୍କୁ ସୁଖ ଓ ଶାନ୍ତି ପ୍ରାପ୍ତ କରାଇବାପାଇଁ ପୂଜକ ଗୋଷ୍ଠୀର ଜନ୍ମ ହୋଇଥିଲା । ସେମାନଙ୍କର ଜୀବିକା ଅର୍ଜନ ହେଉଛି ଭକ୍ତମାନଙ୍କଠାରୁ ମିଳୁଥିବା ଦାନ ଓ ଦକ୍ଷିଣା । ସମସ୍ତ ପ୍ରକାର ଧର୍ମୀୟ ଆୟୋଜନ,

କର୍ମକାଣ୍ଡ ଏବଂ ଧର୍ମୀୟ ବ୍ୟାପାର ଈଶ୍ୱର ଅବଧାରଣା ଉପରେ ହିଁ ଆଧାରିତ ହୋଇଛି । ଈଶ୍ୱର ଓ ଭକ୍ତଙ୍କ ମଧ୍ୟରେ ମଧ୍ୟସ୍ଥି କରୁଥିବା ବ୍ରାହ୍ମଣ ବା ପୂଜାରୀ ନାମକ ଗୋଟିଏ ପରଜୀବୀ ବର୍ଗ ସମାଜରେ ରହି ଶୋଷଣ କରୁଛନ୍ତି । ଏହି ମଧ୍ୟସ୍ଥିଙ୍କୁ ଅସ୍ୱୀକାର କଲେ କ୍ଷତି କଅଣ?

ଉପରୋକ୍ତ ଆଲୋଚନାର ଅଭିପ୍ରାୟ ହେଉଛି, ଈଶ୍ୱର କେବଳ ମନୁଷ୍ୟର କଳ୍ପନା ପ୍ରସୂତ ଶକ୍ତି ନୁହେଁ କିମ୍ବା ଈଶ୍ୱର ଆଦିମାନବର ଅବୋଧ ବିଶ୍ୱାସରୁ ଜାତ କୌଣସି ମାୟାବୀ ଚରିତ୍ର ନୁହେଁ। ବରଂ ଏହା ମାନବଜାତିର ଏକ ହାନୀକାରକ ଅବଧାରଣା, ଯାହା ମଣିଷମାନଙ୍କ ମଧ୍ୟରେ ବିଷମତା ସୃଷ୍ଟି କରୁଛି ଏବଂ ଗୋଟିଏ ଧର୍ମ ସଂପ୍ରଦୟର ମଣିଷ ଦ୍ୱାରା ଅନ୍ୟ ଏକ ଧର୍ମ ସଂପ୍ରଦାୟର ମଣିଷମାନଙ୍କୁ ଗୋଲାମ ବନେଇ ରଖିବାକୁ । ଗୋଲାମ ବନେଇବା ସମ୍ଭବ ନହେଲେ ହତ୍ୟା କରି ଦେବାକୁ ନିର୍ଦ୍ଦେଶ ଦେଉଛି ।

ପ୍ରକୃତରେ ଈଶ୍ୱର ମନୁଷ୍ୟ ଦ୍ୱାରା ମନୁଷ୍ୟକୁ ଶୋଷଣ କରିବାପାଇଁ ଅନୁମତି ଦେଉଥିବା ଏକ ବଳିଷ୍ଠ ଏଜେନ୍ସି କହିଲେ ଭୁଲ୍ ହେବନାହିଁ। ଏହା ମାନବୀୟ ସ୍ୱତନ୍ତ୍ରତା, ସମାନତା ଏବଂ ଭାଇଚାରାର ସମ୍ପୂର୍ଣ୍ଣ ପରିପନ୍ଥୀ । ଈଶ୍ୱର ହିଁ ମନୁଷ୍ୟର ଅଜ୍ଞତା ଓ ଅନ୍ଧବିଶ୍ୱାସର ପାଳନକର୍ତ୍ତା । ତେଣୁ ଆସ୍ତିକବାଦ ଆମପାଇଁ ସତରେ କେତେ ଲାଭଦାୟକ ବିଚାର କରିବାର ସମୟ ଆସିଯାଇଛି ।

କେ.ଆର୍. ପୂରମ, ବାଙ୍ଗାଲୋର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ମନ କେ କର ପଏରଛା



ବିନୋଦ ବିଶି

ପାଠ ପଢଲୁ ଗ୍ଭକରି କଲୁ
କମାଲୁ ମୁଠାମୁଠା ପଏସା
ନାକ ଟେକଟେକ ବାଟ ଗ୍ଭଲୁଛୁ
ଦେଖେଇ ହଉଛୁ ପଏରଛା ॥
ଇସ୍ତ୍ରୀ ମର୍ ପ୍ୟାଣ୍ଟ, ସାର୍ଟ ପିନ୍ଧି
ହଉଛୁ କେତେ ସଫା
ନଜ କେ ନଜେ ଭ୍ବୁଛୁ ବାବୁରେ
ମୁଇଁ ସବୁନୁ ଆଚ୍ଛା ॥
ଉପରେ ହେଲେ ଯେତେ ଚକନ୍ ଗ୍ଭକନ୍
ଦେଖଲେ ଯେତେ ସୀସା
ମୁନୁଷ ପନଆଁ ଟିକେ ନାଇଁ ଥିଲେ ବାବୁ
ନାଇଁ ହେଇ ପାରୁ ଆଚ୍ଛା ॥
ଆଚ୍ଛା ହେବାର ଲାଗି ଗ୍ଭହୁଁଛୁ ବଏଲେ
ପହେଲା ତୋର ମନ୍ କେ କର ପଏରଛା
ସସାଂର ସାର୍ ତୋର ଗୁନ୍ ଗାଏବେ
ଗ୍ଭରିଆଡେ ହେବା ତୋର ଚର୍ଚ୍ଚା ॥
ତୋର ମନ୍ କେ କର ପଏରଛା.....

ବିଲାସପୁର, ଦେଓଗାଁ, ବଲାଙ୍ଗିର

# ଶୀତ ପାଇଁ ଗୀତଟିଏ



ଯମେଶ୍ୱର କହଲସିଂହ

ଶିଶିର ଜଳରେ ଚରଣ ପଖାଳି
ମୁରୁକ ମୁରୁକ ହସି
ଗେଣ୍ଡୁର ଗଜରା ଗଭାରେ ସଜେଇ
ଆସେ ଶୀତ ମଦାଳସୀ,
ବାସୁଥାଏ ମହମହ.......
ଗ୍ଭଲିରେ ତାହାର ପଦୁଅଁ ଫୁଟଇ
ଛୁଆଁରେ ଉଲୁସେ ଦିହ ।।

ଶୀତ ମୋ ବୋଉର ଚଉରା ମୂଳରେ
ରଙ୍ଗବେରଙ୍ଗର ଝୋଟି
ଶିଶିର ପଖଳା କଅଁଳ ଦୁବରେ
ଶୀତ ଗାଏ ପ୍ରୀତି ଗୀତି,
ଅଭୁଲା ଶୀତ ପାହାନ୍ତି.......
ଶୀତ ସକାଳର ନରମ ଖରାରେ
ଗରମ ଗ୍ଭ' ମୋ ସାଥୀ ।।

ଛାତିଥରା ଶୀତ ବହଳ ଅନ୍ଧାରେ
ପ୍ରିୟତମା ପାଶେ ଥିଲେ
ଛୁଆଁରେ ଛୁଆଁରେ କାମନାର ନିଆଁ
ଲାଗେ ମନ ଅରଣ୍ୟରେ,
ଏକ ହୁଏ ବେନି ପ୍ରାଣ.......
ଘନ ଆଶ୍ଳେଷେ ଖୋଲି ହୋଇଯାଏ
ଦେହ, ମନ ଆବରଣ ।।

ଲୋକପୁର, ଗଡ଼ମାଣତୀର, ଖୋର୍ଦ୍ଧା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଇଏ ପୁରୁଷଙ୍କ କାହାଣୀ

ଶିଶିର କୁମାର ପଣ୍ଡା

ପର ସ୍ତ୍ରୀ ଲାଗେ ଅପସରୀ ସମ
ନଜରଟା ଭରି ଗନ୍ଧାଏ
ସେଇଥିପାଇଁକି କଥାରେ କଥାରେ
ଜାଣି ଜାଣି ତାକୁ କନ୍ଦାଏ ।
ସିଏ ରାନ୍ଧିଦେଲେ ଶରଧାରେ ବସି
ସୁଆଦ ଲାଗେନା ପାଟିକୁ
ତିନଦିନ ବାସି ଖାଇଦେଇ ଆସେ
ଚେକଦେଇ କାହା ତାଟିକୁ ।
ଏସବୁ ପାରିବା ପଣରେ
ସବୁ କାମସାରି ମୁହଁ ପୋଛିଦେଇ
ବସିଥାଏ ଘର କଣରେ ।
ନଜେ ହେଲେ ହୁଏ ଛତରଖିଆ ମୁଁ
ଘରଣୀ ସାବିତ୍ରୀ ହୋଇବ
ନହେଲେ ଆମର ମରଦ ପଣିଆ
ତାଙ୍କ ପାଦତଳେ ଶୋଇବ ।

ଯୁଗଯୁଗ ପାଇଁ ଇଏତ ଆମର
ପୁରୁଷ ମନର ଭାବନା
ଗୋରୀ କନିଆଁ ମୋ ଭଲ ଲାଗେନାହିଁ
ଭଲ ଲାଗେ କାହା ଶାବନା ।
ଇଏ ପୁରୁଷଙ୍କ କାହାଣୀ
କିଏସେ ତୁଳସୀ, କିଏ ବିଛୁଆତି
କହିଦେବ ତାଙ୍କ ଗୃହାଣୀ ।

କୁଆଁସ, ମେରଦା କାଟିଆ, ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବିଦେଶ ଖବର

'Bahrain Odia Samaj' participated in the Indian Heritage Festival on the 14th December 2018 in Bahrain Exhibition Center as a tribute to Bahrain and India on the occasion of the 47th National Day of Kingdom of Bahrain.

The event was conducted to strengthen the Indo-Bahrain relations and to augment charity funds for Indian Migrant workers.

The program was organised by the Indian Community Relief Fund (ICRF), operating under the aegis of the Embassy of India, Kingdom of Bahrain.

On this grand occasion, Bahrain Odia Samaj members Ms . Arunita Praharaj and Mrs. Papi Rani Dala Behera presented a ramp show and sambalpuri Odia Folk Dance was presented by Arunita, Ankita, Alaka, Papi Rani,Swati, and Anushka. The Bahrain Odia Samaj Stall was managed by the Odia ladies Mrs. Bichitra Mohapatra, Mrs. Sunita Praharaj, Mrs. Sneha Panigrahi , Mrs. Tanima Swain showcasing Odisha's beautiful handloom, silver jewellery along with Arts of Padmashree Sri Sudarshan Pattanaik.

The food and handicrafts stall was also displayed by the members serving many home-made delicacies prepared by Odia ladies like manda pitha, gaja, podopitha, enduri, dahibara and mitha dahi. Many of Odisha's handicrafts and the sand art sculptures of Padmashree Dr. Sudarshan pattanaik were also showcased at the stall.

The Bahrain Odia Samaj stall was graced by the Indian Ambassador, H.E. Shri Alok Kumar Sinha and other ICRF officials. The presentation of handicrafts and delicacies of odisha were highly appreciated by him and he congratulated the Founder of Bahrain Odia Samaj Shri Arun Kumar Praharaj & his executive team consisting of Ramesh Panigrahi, Nrusingha Charan Nayak, Amiya Swain, Debasish Rout, Avinash satpathy, Sidharth Sahu, Sachidanand Ratha and Subas Sahu for their commendable effort .

By the grace of Lord Jagannath, Bahrain Odia Samaj's stall was declared the Best Heritage Stall amongst the 65 stalls set up there.

It was a great privilege for Bahrain Odia Samaj that the amount of contribution received in this event will go to the Indian Community Relief fund to help the Indian Migrant workers working in Bahrain.




Indian Ambassador Shri Alok Kumar Sinha with Founder Chairman of Baharin Odia Samaj Shri Arun Kumar Praharaj and ICRF officials



Founder Shri Arun Kumar Praharaj presenting a book on Padmashree Shri Sudarsan Pattnaik to the Second Secretary of Indian Embassy Shri Prabir Kumar Chowdhry


THE ABODE OF LORD JAGANNATH


BAHRAIN ODIA SAMAJ
Welcomes you to Odisha
THE ABODE OF LORD JAGANNATH

# ପୁସ୍ତକ ପରିଚୟ

## ପୁସ୍ତକ:ଯୋଗ ବିଚାର



ସନାତନ ମହାକୁଡ

ପ୍ରକାଶ କାଳ : ତ୍ରୈମାସିକ

ପ୍ରକାଶକ : ବିବେକାନନ୍ଦ ଯୋଗ ଚିକିତ୍ସା ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱର




ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବିବେକାନନ୍ଦ ଯୋଗ ଚିକିତ୍ସା ଗବେଷଣା ପ୍ରତିଷ୍ଠାନର ତ୍ରୈମାସିକ ପତ୍ରିକା ହେଉଛି ଯୋଗବିଚାର । ଏହା ବର୍ଷରେ ୪ ଥର ଅର୍ଥାତ ଇଂରାଜୀ କାଲେଣ୍ଡରର ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ମାସରେ ପ୍ରକାଶିତ ହୋଇଥାଏ । ଯୋଗ ବିଚାରରେ ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ହୋମିଓପାଥି ( AYUSH) ଚିକିତ୍ସା ଇତ୍ୟାଦି ସହିତ ଆଧ୍ୟାତ୍ମିକତା, ଭାରତୀୟ ସଂସ୍କୃତି ତଥା ଜୀବନ ଯାପନ ଶୈଳୀ ସମ୍ବନ୍ଧୀୟ ସଚେତନତାଧର୍ମୀ ଲେଖା ଓଡିଆ ଓ ଇଂରାଜୀ ଭାଷାରେ ପ୍ରକାଶିତ ହୁଏ । ଯାହାର ବାର୍ଷିକ ଦେୟ ମାତ୍ର ୧୦୦ ( ଏକଶତ ଟଙ୍କା) ରଖାଯାଇଛି । ଯୋଗ ବିଚାର ଏକ ସ୍ୱାସ୍ଥ୍ୟ ପତ୍ରିକା ହୋଇଥିବାରୁ ଏହା ସଚେତନ ପାଠକଙ୍କ ମହଲରେ ଖୁବ୍ ଗ୍ରହଣୀୟ ହେବାର ଆଶା କରାଯାଏ ।

ବେରୁଆଁବାରୀ, ନୟାଗଡ, ଓଡିଶା।
Website: www.sanatanamahakud.in

# ଶିଶୁ ବିଭାଗ



# ଆସ ନୂଆବର୍ଷ



ସତ୍ୟବ୍ରତ ସାହୁ

ଆସ ନୂଆବର୍ଷ ହେ ନୂଆ ଅତିଥି ଓଠରେ ଫୁଟାଇ ହସ,
ତୁମ ପାଇଁ ଦେଖ କେତେ ଆୟୋଜନ ସଭିଙ୍କ ମନ ହରଷ ।୧।
ପାଦ ଧୋଇବାକୁ ସକାଳ କାକର ରହିଛି ପ୍ରସ୍ତୁତ ହୋଇ,
ବଗିଚ୍ଚରେ ଗେଣ୍ଡୁ ଫୁଟାଇଛି ଧର୍ା ତୁମରି ସ୍ୱାଗତ ପାଇଁ ।୨।
କୁନ ପିଲ୍ଠାରୁ ଯୁବକ ଯୁବତୀ ଗ୍ରୀଟିଙ୍ଗସ୍ କଣାରେ ମନ,
ତୁମ ନାମ ନେଇ ପ୍ରିୟ ପରିଜନେ ଜଣାନ୍ତି ଅଭିନନ୍ଦନ ।୩।
ତୁମେ ଆସ ବୋଲି ବଣଭୋଜି ପାଇଁ ଗ୍ଭଲିଅଛି କେତେ ସଜ,
ନୂଆ ବରଷରେ ମନ ହରଷରେ କରିବେ କେତେ ମଉଜ ।୪।
ହେ ନୂଆ ଅତିଥି ମାଗୁଣି ଏତିକ ବୁଝିବ ସଭିଙ୍କ ମନ,
ହରଷ ମନରେ ନଭର ବିଷାଦ ଏଇ ଛୋଟ ନବେଦନ ।୫।
ସାଥେ ଆଣ ତୁମେ ସ୍ନେହ, ପ୍ରେମ, ଶାନ୍ତି, ପ୍ରୀତି, ମମତାର ଝର,
ଭରିଦିଅ ନୂଆ ଆଶା ସମ୍ଭାବନା ପ୍ରତିଟି ହୃଦକନ୍ଦର ।୬।
ନୂଆ କଳପନା, ନୂଆ ଭ୍ବନାରେ ଭରିଉଠୁ ନବପ୍ରାଣ,
ର୍ାଗ, ଦ୍ୱେଷ, ହିଂସା ଲିଭୁ ସବୁ ଚଭୁ ପାଇ ତୁମରି ଦର୍ଶନ ।୭।
ମୈତ୍ରୀ, ପ୍ରଗତିର ବୀଜ ପୋତିଦିଅ ଭରିଦିଅ ଅମୃୟତା,
ତେବେ ସିନା ହେବ ଦୁନଆକୁ ତୁମ ଆସିବାର ସାର୍ଥକତା ।୮।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ସମୟ କରନ ନଷ୍ଟ



ପ୍ରେମଶିଲା ରାଉତ

ଆସରେ ପିଲାଏ କହୁଛି କଥାଟି
ମନ ଦେଇ ସବୁ ଶୁଣ
କଥା ମାନ ତୁମେ ଚଳଲେ ପିଲାଏ
ଭଲ ହେବ ନଷ୍ଟେ ଜାଣ ।
ଜାଣିଛ ପିଲାଏ ସମୟର ମୂଲ
କେତେ ସିଏ ବଳବାନ୍
ସମସ୍ତେ ତା ଠାରେ ହାର ମାନଥାନ୍ତି
ଦିଅନ୍ତି ତାକୁ ସମ୍ମାନ ।
ଗୁଲିଥାଏ ସିଏ ଆଗକୁ ଆଗକୁ
ଶୁଣେ ନାହିଁ କାହା କଥା
ପଛରୁ ଡାକଲେ ଆସେନାହିଁ ଫେରି
କାନ୍ଦି କାନ୍ଦି ପିଟି ମଥା ।
ରହିଯା କହିଲେ ରହେ ନାହିଁ ସେ ତ
ହୁଏ ବେଶି ତରତର
କେବେ ଆସେ ପୁଣି ଗୁଲିଯାଏ କେବେ
କରେ ଆପଣାର ପର ।

ଦେଖି ହୁଏ ନାହିଁ ଛୁଇଁ ହୁଏ ନାହିଁ
ସିଏ ତ ଅଦୃଶ୍ୟ ଛାଇ
ତା'ରି ସାଥୀରେ ପିଲେ ବନ୍ଧୁ ବାନ୍ଧିଲେ
ପାରିବ ସୁଖରେ ରହି ।
ସମୟଟା କେବେ ଅଟକ ଯାଇନ
ଜାଣିଛ କ ପିଲେ ତୁମେ
ସମୟ ନଷ୍ଟ କଲେ ଜୀବନ ନଷ୍ଟ
ମନ ଦିଅ ନଜ କାମେ ।
ସମୟର କର ସଦ୍‌ଉପଯୋଗ
ତା ସାଥେ ତାଳ ମିଶେଇ
ସମୟକୁ ସଦା କରିଥିବ ସାଥି
ତା ସହ ହାତ ମିଳେଇ ।
ଏଭଲି ଚଳଲେ ଭଲ ହେବ ସବୁ
ମଳବ ପିଲେ ସୁଫଳ
ଭବିଷ୍ୟତରେ ନଷ୍ଟୟ ହେବ ଜାଣ
ତୁମ ଜୀବନ ଉଜ୍ଜ୍ୱଳ ।

ଗ୍ରାମ- ବୃନ୍ଦାବାହାଲ, ବ୍ଲକ - ଗୋଲାମୁଣ୍ଡା, ଜିଲ୍ଲା- କଳାହାଣ୍ଡି

# ବଣଭୋଜି



ଚନ୍ଦ୍ର ଶେଖର ଗୋ

ଆସିଲା ନୂଆ ବରଷ
ଆମରି  ମନ ହରଷ
ସାଙ୍ଗ ସାଥି ମିଶିବା
ବଣଭୋଜି କରିବା
ନୂଆ ମନ ନୂଆ ଇଚ୍ଛା
ନୂଆ ବରଷ ଶୁଭେଚ୍ଛା ।।

ଝର୍'ଝର୍ ଝରି ଝରଣା
ଗୀତ ଗାଉଥିବ ଅଜଣା
ଝରଣାର ପାଣି ପିଇବା
ଗହନ କାନନ ବୁଲିବା
ନାନାଜାତି ଗଛଲତା
ଆମ ସହ ହେବେ କଥା ।।

ନଈକୂଳେ ଭୋଜି କରିବା
ପହଁରି ପହଁରି ଗାଧିବା
ଦେଖି ଛୋଟଛୋଟ ମାଛ
ଭାବିବାନି ମନେ ତୁଚ୍ଛ
କହିଦେ ମା ହାତ ହଲେଇ
ମାଛ ଭାଇ କାମୁଡ଼ ନାହିଁ ।।

ବନେ ବୁଲି ବୁଲି ଗାଇବା ଗୀତ
ଆମ ସୁରେ ସୁରେ -
କୋଇଲି ବାଣୀ ଗାଇବ ପୁଣି
ପରାଣୁଁ ଝରିବ ଭାବ ଅମୃତ ।।

ବନେ ବୁଲି ବୁଲି ନାଚବା ମିତ
ଆମ ତାଳେତାଳେ -
ମୟୁର ବାଣୀ ନାଚବ ପୁଣି
ମେଲାଇ ଦେଇ ତା' ସୁନ୍ଦର ପୁଚ୍ଛ ।।

ଆମକୁ ଦେଖି ମାଙ୍କଡ଼ ଦଳ
ଡିଆଁ ମାରିବେ ଡାଳରୁ ଡାଳ
ଆମେ ଖାଇବା ପୁଡ଼ି ପାମ୍ପଡ଼
କଞ୍ଚା ପାଚଲା ଫଳ ମାଙ୍କଡ଼
ଛୁଇଁବାନି ଜମା ଆଇଁଷ
ହେବା ଆମେ ଭଲ ମଣିଷ ।।

ଆସିବ ଯଦି ବାଘ ମାମୁଁ
ଆମେ ଏକାଠି ସଭେଁ ଥିମୁଁ
ଦେଖି ଆମର ଏକତା
ମାମୁଁଙ୍କ ହଜିବ ଚେତା
ଡରି ପଳେଇବ ବଣ ଭିତର
ଆମେ ଲେଉଟିବା ଘର ଆମର ।।

କର୍ଲାଖମାର, ନୂଆପଡ଼ା

# ଛୁକୁଛୁକୁ ରେଳଗାଡ଼ି



ରାଜଶେଖର ସି "ଚମା"

ଛୁକୁଛୁକୁ ଛୁକୁଛୁକୁ କୋଳାହଳ ଧ୍ୱନି କରି ଚାଲୁଅଛି ରେଳଗାଡ଼ି,
ଆସ୍ତେ ଆସ୍ତେ ରେଳନିଳୟ ଚଉତର୍‌ ରେ ଅଟକିଲା ରେଳଗାଡ଼ି,
ରେଳଗାଡ଼ିର ବିଭିନ୍ନ କୋଠରୀ ରେ ଯାତ୍ରୀ ଚଢ଼ିଲେ କରିକି ଧାଡ଼ି,
ସୁସୁରି ଉଦ୍‌ଘୋଷଣା ପରେ ଧୀରେ ଧୀରେ ରେଳପଥ ରେ ଗଡ଼ିଲା ରେଳଗାଡ଼ି । ୧।

କିଛି ସମୟ ପରେ ରେଳଗାଡ଼ି ନେଲା ଯେ ଦ୍ରୁତଗତି,
ଆସନ ପାଇଁ ସହଯାତ୍ରୀଙ୍କୁ କରନ୍ତି କିଏ କିଏ ବିନତି,
ରେଳଗାଡ଼ି ର ଆଗ- ପଛ ଧକ୍କା ର ନ ଥାଏ ବିରତି,
ଝୁଲଣ ର ଝୁଲିବା ଅନୁଭୂତି ରେ ନିଦ ର ହୁଏ ପ୍ରସ୍ତୁତି । ୨।

ରେଳଗାଡ଼ି ନ ଅଟକି ଛାଡ଼ି ଚାଲେ ଗାଆଁ ପରେ ଗାଆଁ,
ଯାହାର ବେଗ ରୁ ପଢ଼ି ହୁଏନି ଜାଣି ହୁଏନି ସମସ୍ତଙ୍କର ନାଆଁ,
ଝରକା ରୁ ତରୁ ନଦୀ ସେତୁ ହ୍ରଦ ପାହାଡ଼ ମନ୍ଦିର ଲାଗନ୍ତି ମନଛୁଆଁ,
ରେଳଯାତ୍ରା ରୁ ଜଣା ପଡ଼େ କେତେ ସୁନ୍ଦର ଏ ବିଶାଳ ଦୁନିଆ । ୩।

ଯାତ୍ରୀମାନେ ଓହ୍ଲାନ୍ତି ନିଜ ନିଜ ରହଣିସ୍ଥାନରେ,
ରେଳଗାଡ଼ି ଅଟକି ଯାଏ ନିଜ ଶେଷ ସ୍ଥାନରେ,
ପୁଣି ବ୍ୟସ୍ତ ହୁଏ ଆଗାମୀ ଯାତ୍ରା ର ବ୍ୟବସ୍ଥାରେ,
ଛୁକୁଛୁକୁ ଛୁକୁଛୁକୁ କୋଳାହଳ ଧ୍ୱନି ଶୁଭେ ସବୁ ଯାତ୍ରାରେ । ୪।

chvrajasekhar@gmail.com

# ଚଗଲ୍ ପାରିଲ୍ ବୁଦ୍ଧି



ପ୍ରଶାନ୍ତ କୁମାର ନାଥ

ଚଗଲ୍ ନାଁଟି ଯେମିତି କାମ ବି ସେମିତି। ଭରି ଦୁଷ୍ଟ ଗୃଲିଲ୍ ଶଗଡରେ ହାତ ମରିଦିଏ। ନଇ ପହଁରେ, ଗଛଚଢ଼େ, ବିଲେଇ, କୁକୁର, ମଙ୍କଡଙ୍କୁ ଟେକାପଥର ଫିଙ୍ଗେ। କାହାର ବଙ୍କୁଲିବାଡ଼ି ଛଡେଇନଏ ତ କାହାର କଛା ଟାଣି ଦିଏ। ଗାଁର ବୁଢ଼ୀମାନଙ୍କୁ ଚଡେଇ ଦୁନଆଁ ଗାଳ ଖାଏ। କାହାର ବହିଖାତା ଚରିଦିଏ ତ କାହାକୁ ଧରି ମାରେ। କେହି ବି ତାକୁ ଭଲ ପାଆନ୍ତିନ। ବାପ ମାଙ୍କ କଥା ମାନେନ। କାହାରି କଥାକୁ ଖାତିର କରେନ।

ଖରବେଳ ସାର୍ ବୁଲିବୁଲି କାହା ବାଡ଼ିରେ ପଶି ଆମ୍ବ, ପିଜୁଳ ଚ୍ଚେରି କରେ। ସ୍କୁଲ ଯାଏନ କ ପାଠ ମଧ ପଢେନ। ସାଙ୍ଗସାଥିମାନେ ତାର କେତେ ପାଠ ପଢିଲେଣି। ଚଗଲ୍‌କୁ କନ୍ତୁ ତାର ନାଁ ମଧ ଲେଖି ଆସେନ। ବାପା ମା ତାର ସବୁବେଳେ ଚନ୍ତାରେ ଥାଆନ୍ତି। ଦୁନଆଁଯାକର କଳ ଆଣି ଘରେ ପୁର୍ଏ। କେତେ ମାରିବେ ଗାଳ ଦେବେ। ବାପା ଥରେ ମାରିଥିଲେ ଯେ ସେ ମଧ ବାପାଙ୍କ ଉପରକୁ ହାତ ଉଠେଇଦେଲ୍। ସେହିଦିନରୁ ତାକୁ ଆଉ କଛି କୁହନ୍ତିନ।

ଦିନେ ଖରବେଳେ ଏକାଏକା ପଡ଼ିଆରେ ବୁଲୁଥାଏ। ଗଛରେ ବସିଥିବା ଦଳେ ମାଙ୍କଡଙ୍କୁ ଟେକାଫିଙ୍ଗିଲ୍। କେଉଁଠିଥିଲ୍ କେଜାଣି ଗେଧ ମାଙ୍କଡଟି (ଅଣ୍ଡିର୍‌ମାଙ୍କଡ଼) ଦାନ୍ତକୁ କାମୁଡି ତାଆଡ଼କୁ ଦୌଡ଼ିଆସିଲ୍। ଚଗଲ୍ ଜୀବନ ବିକଳରେ ଯେତେ ଦୌଡ଼ିଲେ ବି ମାଙ୍କଡ଼ ଛାଡିବାର ଜନ୍ତୁ ନଥିଲ୍। ଚଗଲ୍ ଉପାୟଶୂନ୍ୟ ହୋଇ ତା ଆଗରେ ହାତଯୋଡ଼ି ହାମ୍ବୁଡେଇ

ପଡିଲା । ମାଙ୍କଡଟି କଣ ବୁଝିଲା କେଜାଣି ଢ଼ୋଢ଼ୋ କରି ଦୁଇ ଗୁପୁଡ଼ା ତାର ଗାଲକୁ କସିଦେଲା ଆଉ ଖେଏଁ ଖେଏଁ ହେଇ କଣସବୁ କହିଗଲା । ସତରେ ଯେମିତି ମାଙ୍କଡଟି ତାକୁ କହୁଥିଲା ତୁ କଣ ପାଇଁ ଆମମାନଙ୍କୁ ଟେକାପଥର ଫିଙ୍ଗୁଛୁ। ଆଉଥରେ ଯଦି ଏମିତି କରିଛୁ ତାହେଲେ ତୋତେ ଆଉ ଛାଡିବିନ। ଚଗଲା କାନ୍ଦି ପକେଇଲା । ମାଙ୍କଡଟି ଫେରି ଗ୍ଲିଗଲା । ଚଗଲା କଣ ବୁଝିଲା କେଜାଣି। ଘରକୁ ଆସି ବହୁତ କାନ୍ଦିଲା ।

ଆଉ ସେହିଦିନଠାରୁ ସିଏ ସୁନାପିଲା ହେଇଗଲା । ସବୁଦିନ ସ୍କୁଲ ଗଲା, ପାଠପଢିଲା, ଗୁରୁଜନମାନଙ୍କୁ ସମ୍ମାନକଲା, ସମସ୍ତଙ୍କୁ ସାହାଯ୍ୟକଲା, ଆଉ ସମସ୍ତଙ୍କୁ ବୁଝେଇଲା ଯିବଜନ୍ତୁମାନଙ୍କୁ ଆଘାତ ନଦେବା ପାଇଁ।

ଯେଉଁମାନଙ୍କୁ ହଇରାଣ ହରକତ କରୁଥିଲା ସେମାନଙ୍କୁ ହାତଯୋଡ଼ି କ୍ଷମା ମାଗିଲା । ବାପାଙ୍କର ମଧ ଗୋଡ଼ ଧରି କ୍ଷମାପ୍ରାଥନା କଲା । ଆଉ ସମସ୍ତଙ୍କୁ ବୁଝେଇଲା ଜୀବଜନ୍ତୁ ମାନଙ୍କର ମଧ ଏକ ଜୀବନ ଅଛି ତେଣୁ ତାଙ୍କୁ ଆଘାତ ନଦେବା ପାଇଁ। ସମସ୍ତେ ତାକୁ ଆଦର କଲେ। ସମସ୍ତଙ୍କର ପ୍ରିୟ ହୋଇଗଲା । ଗୁରୁଜନମାନଙ୍କ ଆଶୀର୍ବାଦ ପାଇଲା । ସମସ୍ତେ ଭାବୁଥିଲେ ଯାହାହେଉ ଚଗଲା ନଜରଭୁଲ ବୁଝି ପାରିଛି ଆଉ ସୁନାପିଲା ପାଲଟି ଯାଇଛି ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୧/ ୨୦୧୯ | ଇଂରାଜୀ ନୂତନ ବର୍ଷ ଓ ସନ ୨୦୧୯ ମସିହା ପ୍ରେବେଶ ଓ ସଫଳା ଏକାଦଶୀ |
| ୦୪/ ୦୧/ ୨୦୧୯ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୫/ ୦୧/ ୨୦୧୯ | ଶ୍ରୀମନ୍ଦିରରେ ଓ ଗୃହିଣୀ ବକୁଳ ଲାଗି ଅମାବାସ୍ୟ |
| ୦୬/ ୦୧/ ୨୦୧୯ | ଶରଣ ଆରମ୍ଭ |
| ୧୧/ ୦୧/ ୨୦୧୯ | ଶରଣ ଶେଷ |
| ୧୩/ ୦୧/ ୨୦୧୯ | ନବାଙ୍କ ବେଢ଼ା ଓ ମାସାନ୍ତ |
| ୧୪/ ୦୧/ ୨୦୧୯ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୬/ ୦୧/ ୨୦୧୯ | ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା |
| ୧୭/ ୦୧/ ୨୦୧୯ | ପୁତ୍ରଦା ଏକାଦଶୀ, ଲକ୍ଷ୍ମୀ ନାରାୟଣବ୍ରତ |
| ୨୦/ ୦୧/ ୨୦୧୯ | ଚନ୍ଦ୍ର ପୂଜା |
| ୨୧/ ୦୧/ ୨୦୧୯ | ଦେବାଭିଷେକ ପୂର୍ଣ୍ଣିମା ଓ ପୁଷ୍ୟାଭିଷେକ, ମାଘବ୍ରତ ଆରମ୍ଭ |
| ୨୩/ ୦୧/ ୨୦୧୯ | ନେତାଜୀଙ୍କ ଜୟନ୍ତୀ |
| ୨୬/ ୦୧/ ୨୦୧୯ | ସାଧାରଣତନ୍ତ୍ର ଦିବସ |

## ନୂତନ ବର୍ଷର ଅନେକ ଅନେକ ଶୁଭେଚ୍ଛା

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ପାଣିରେ ପାଣି କେତେ ଯେ ପାଣି
ମାଛ ଚିଙ୍ଗୁଡି ଆଣିବା ଛାଣି...
ଟିକି ହେବ ଭେଜି
ସକାଳୁ କାଲି ଯାହାବି ହେଉ ମଜା କରିବା ଆଜି ।
ବିଜେତା: ଶ୍ରୀ ରୁଦ୍ର ପ୍ରସନ୍ନ ମିଶ୍ର, ନବୀ ମୁମ୍ବାଇ

ବାଳକ ବାଳିକା ନିଶ୍ଚିନ୍ତ ମନରେ ଜଳ- ସ୍ଥଳ ରେ ହୋଇଛନ୍ତି ଏକୀଭୂତ,
ଲାଗୁଛି ଯେ ମାଛ ର ଅନୁସନ୍ଧାନ ରେ ହୋଇଛନ୍ତି ସମସ୍ତେ ସମ୍ମିଳିତ,
ବାଲ୍ୟାବସ୍ଥା ବୟସ ଥାଏ ଯେମିତି ବିରାମବିହୀନ ପରିଶୁଦ୍ଧ ପ୍ରପାତ,
ଚଞ୍ଚଳ ଚଞ୍ଚଳ ଆଗେ ବଢ଼ି ଚାଲେ ନେଇ ବହୁ ଜଣା ଅଜଣା ଆଘାତ ।।

ବିଜେତା: ଶ୍ରୀ ରାଜଶେଖର ସି

ଗାଁ ପୋଖରୀ ରୁ ମାଛ ମାରିଛି
ସାଙ୍ଗମେଳେ ବର୍ଷା ରେ ଭିଜିଛି
ରୋଗରେ ପଡି ଔଷଧ ଖାଇଛି
ସମୟ ସ୍ରୋତ ରେ ବୟସ ହଜିଛି
ପିଲାଦିନ କୁ ଆଜି ମୁଁ ଝୁରୁଛି

ବିଜେତା: ଶ୍ରୀ ପ୍ରକାଶ ସାହୁ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**

ବେଦାନ୍ତୀ